# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୯/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, September 9 / 2018 (ଛୁଟିଦିନ ସହ) | ★★★★★★

୪୪ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**କୌଣସି ହିଟ୍ ଫିଲ୍ମରେ ଅଭିନୟ କରିନାହିଁ: ଟ୍ୱିଙ୍କିଲ**

ମୋର କୌଣସି ଫିଲ୍ମ ହିଟ୍ ହୋଇନାହିଁ। ତେଣୁ ମୋ ଅଭିନୀତ ସବୁ ଫିଲ୍ମକୁ ନିଷିଦ୍ଧ କରିଦେବା ଉଚିତ ବୋଲି ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କିଲ୍ ଖାନ୍ନା ପ୍ରକାଶ କରିଛନ୍ତି। **୦୭**

**୧୯** **ଅଙ୍କୁରଙ୍କ ଶ୍ରେଷ୍ଠ ସଫଳତା**

ଭାରତୀୟ ଶୁଟର ଅଙ୍କୁର ମିତଲ ଆଇଏସ୍ଏସ୍ଏଫ୍ ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ କ୍ୟାରିୟରର ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି।









# ଅପେକ୍ଷାର ଯନ୍ତ୍ରଣା

ନିର୍ମଳ ପଣ୍ଡା
କଟକ ଅଫିସ,୮।୯

## ଏସ୍‌ସିବି ମେଡିକାଲ



- ନିଦାନ ଯୋଜନା: ଘୋଡ଼ା ୬ ଟଙ୍କାକୁ ଦାନା ୯ ଟଙ୍କା
- ଭିତ୍ତିଭୂମି ନ ଥାଇ କାର୍ଯ୍ୟକାରୀ ହେଉଛି ଯୋଜନା
- ରୋଗଠୁ ବଳିପଡ଼ୁଛି ପ୍ରତୀକ୍ଷାର ଦୁର୍ଦ୍ଦଶା

କଟକ ବଡ଼ ଡାକ୍ତରଖାନା ବା ଏସ୍‌ସିବି ମେଡିକାଲକୁ କେବଳ ଓଡ଼ିଶାରୁ ନୁହେଁ, ପଡ଼ୋଶୀ ରାଜ୍ୟରୁ ମଧ୍ୟ ରୋଗୀ ଆସନ୍ତି ଉନ୍ନତ ଚିକିତ୍ସା ପାଇଁ। ହେଲେ ଏହି ବୃହତ୍ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନରେ ରାଜ୍ୟ ସରକାରଙ୍କ କେତେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତାରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ରୋଗୀଙ୍କୁ ଦିନ ଦିନ ଅପେକ୍ଷା କରିବାକୁ ପଡୁଛି। ଫଳରେ ସେମାନଙ୍କ ପାଇଁ ରୋଗ ଯନ୍ତ୍ରଣାଠାରୁ ଅପେକ୍ଷା କରିବାର କଷ୍ଟ ବଳିପଡୁଛି। କାରଣ ସେମାନଙ୍କୁ ଉପଲର ପରୀକ୍ଷା ପାଇଁ ୬ରୁ ୭ ମାସ, କଣ୍ଟ୍ରାଷ୍ଟ ସିଟି ସ୍କାନ ପାଇଁ ୧ ମାସରୁ ୨ ମାସ, ଏମ୍ଆର୍ଆଇ ପାଇଁ ୫ରୁ ୭ ଦିନ, ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି, ଭାଇରାଲ ମାର୍କର, ଏଲ୍ଏଫ୍ଟି, ଆର୍ଏଫ୍ଟି ଭଳି ପରୀକ୍ଷା ପାଇଁ ସପ୍ତାହେ ଅପେକ୍ଷା କରିବାକୁ ପଡୁଛି। ଏହାବାଦ୍ ଡାଏଲିସିସ୍ ଓ ସେରିବ୍ରାଲ୍ ମ୍ୟାଲେରିଆ ପରୀକ୍ଷା ପାଇଁ ଅତି କମ୍‌ରେ ଦରକାର ହେଉଛି ୧୫ରୁ ୨୦ ଦିନ।

୨୦୧୭ ଡିସେମ୍ବର ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ନିଦାନ (ମାଗଣାରେ ରୋଗ ନିରୂପଣ), ସହାୟ (ମାଗଣା ଡାଏଲିସିସ୍), ଆମ କ୍ଲିନିକ (ସହରାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟସେବା) ଭଳି ଜନକଲ୍ୟାଣକାରୀ ସ୍ୱାସ୍ଥ୍ୟ ଯୋଜନା ଘୋଷଣା କରିଥିଲେ। ୨୦୧୮ ଜାନୁୟାରୀ ୧ରୁ ଏହି ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ନିଦାନ ଯୋଜନାରେ ଡିଜିଟାଲ ଏକ୍ସ-ରେ, ସିଟି ସ୍କାନ ଓ ଏମ୍ଆରଆଇ ସହିତ ସମସ୍ତ ପରୀକ୍ଷାକୁ ମାଗଣା କରାଯାଇଥିଲା। ମାତ୍ର ଏବେ ନିଦାନ ଯୋଜନା ରୋଗୀଙ୍କୁ ଯନ୍ତ୍ରଣାଦାୟକ ହୋଇଛି। ଏସ୍‌ସିବି ମେଡିକାଲରେ ରୋଗୀମାନଙ୍କ ପାଇଁ ନିଦାନ ଯୋଜନା ଘୋଡ଼ା ୬ ଟଙ୍କାକୁ ଦାନା ୯ ଟଙ୍କା ଭଳି ପରିସ୍ଥିତି ସୃଷ୍ଟି କରିଛି। କାରଣ ଉପର ଲିଖିତ ପରୀକ୍ଷାଗୁଡ଼ିକ ପାଇଁ ରୋଗୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ମେଡିକାଲର ବିଭିନ୍ନ ବିଭାଗକୁ ରାଜ୍ୟର ଦୂରଦୂରାନ୍ତରୁ ମାଗଣା ଚିକିତ୍ସା ପାଇବା ଆଶାରେ ଆସୁଥିବା ରୋଗୀମାନେ ଏଠାରେ ଯନ୍ତ୍ରଣା ଭୋଗୁଛନ୍ତି। କାରଣ ଯେହେତୁ ସରକାର ପରୀକ୍ଷାଗୁଡ଼ିକୁ ମାଗଣା କରିଛନ୍ତି, ତେଣୁ ଘରୋଇ ପରୀକ୍ଷା କେନ୍ଦ୍ରରେ ଯଦି କୌଣସି ରୋଗୀ ପରୀକ୍ଷା କରି ରିପୋର୍ଟ ଆଣୁଛି ତାହାକୁ ଅଧିକାଂଶ ଡାକ୍ତର ଗ୍ରହଣ କରୁନାହାନ୍ତି। ଅନ୍ୟପଟେ ଥରେ ଚିକିତ୍ସା ପାଇଁ ଆସି ରୋଗୀମାନଙ୍କୁ ଏଠାରେ ପରୀକ୍ଷା ପାଇଁ ଘରଭଡ଼ା କିମ୍ବା ହୋଟେଲ ଭଡ଼ା ନେଇ ରହିବା ଦୁରୂହ ବ୍ୟାପାର।

ଏ ସମ୍ପର୍କରେ ବାଲେଶ୍ୱର ଅଞ୍ଚଳରୁ ନିଜର ସମ୍ପର୍କୀୟ ରୋଗୀଙ୍କୁ ନେଇ ଏସ୍‌ସିବି ମେଡିକାଲ ଆସିଥିବା ବିଜୁ ଦାସ କୁହନ୍ତି, ତାଙ୍କ ସମ୍ପର୍କୀୟଙ୍କ ଗୋଡ଼ ରକ୍ତନଳିରେ ସମସ୍ୟା ଦେଖାଦେଇଛି। ଡାକ୍ତର ରୋଗୀଙ୍କର ଉପଲର୍ ଟେଷ୍ଟ ପାଇଁ ଲେଖିଥିଲେ। ହେଲେ ରେଡିଓଲୋଜି ବିଭାଗରେ ତାଙ୍କୁ ୬ ମାସ ପରେ ଆସିବାକୁ କୁହାଯାଇଛି। ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ରୋଗୀ ମନୋରଞ୍ଜନ ସିଂ କୁହନ୍ତି, ତାଙ୍କର ପେଟରେ କଣ୍ଟ୍ରାଷ୍ଟ ସିଟି ସ୍କାନ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଏଥିପାଇଁ ତାଙ୍କୁ ଅକ୍ଟୋବର ୧୪ ତାରିଖକୁ ଧାର୍ଯ୍ୟ କରାଯାଇଛି। କେବଳ ବିଜୁ କିମ୍ବା ମନୋରଞ୍ଜନ ନୁହନ୍ତି କୋରାପୁଟ, କଳାହାଣ୍ଡି, ମାଲକାନଗିରି ପ୍ରଭୃତି ଜିଲାରୁ ଏସ୍‌ସିବିକୁ ଆସୁଥିବା ରୋଗୀମାନଙ୍କୁ ଏଠାରେ ଏହିଭଳି ଦୀର୍ଘଦିନ ଅପେକ୍ଷା କରିବାକୁ କୁହାଯାଉଛି। ତେଣୁ ସରକାର ଉପରୋକ୍ତ ପରୀକ୍ଷାଗୁଡ଼ିକୁ ମାଗଣା କରି ରୋଗୀମାନଙ୍କୁ ଅଧିକ ହୀନସ୍ତାକୁ ଠେଲି ଦେଇଛନ୍ତି।

ଏହାବାଦ୍ କିଡ୍‌ନୀ ରୋଗୀମାନଙ୍କ ଡାଏଲିସିସ୍ ବ୍ୟବସ୍ଥାକୁ ଦେଖିଲେ ଏହା ଆହୁରି ଅଧିକ ବେଦନାଦାୟକ ହୋଇଛି। ମେଡିକାଲରେ ମୋଟ ୨୦ଟି ଡାଏଲିସିସ୍ ମେଶିନ ରହିଛି। ସେଥିରୁ ୪ଟି ମେଶିନ ଏଚ୍ଆଇଭି ସଂକ୍ରମିତ ରୋଗୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ରହିଛି। ବାକି ରହିଲା ୧୬ଟି ମେଶିନ। ଗୋଟିଏ ମେଶିନରେ ଦିନକୁ ୩ଟି ଡାଏଲିସିସ ☞ପୃଷ୍ଠା-୧୫

# ଚିଲିକା ସିପ୍ଲେନ୍ ପ୍ରକଳ୍ପରେ ପିଏମ୍ଓର ହସ୍ତକ୍ଷେପ



ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୯ (ବ୍ୟୁରୋ) ଚିଲିକାରେ ପ୍ରସ୍ତାବିତ ସିପ୍ଲେନ୍ ପ୍ରକଳ୍ପକୁ ନେଇ ବିବାଦ ଘନେଇ ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଏଥିରେ ହସ୍ତକ୍ଷେପ କରିଛି। ପରିବେଶବିତ୍ ପ୍ରହ୍ଲାଦ କୁମାର ସିଂହଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ପିଏମ୍ଓ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଚିଲିକାରେ ସିପ୍ଲେନ୍ ପ୍ରକଳ୍ପ ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେବା ପରେ ଏହାକୁ ପ୍ରହ୍ଲାଦ ବିରୋଧ କରି ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହା ଉପରେ ପଦକ୍ଷେପ ନେବା ପାଇଁ ପିଏମ୍ଓ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲା। ତଦନୁଯାୟୀ ମନ୍ତ୍ରଣାଳୟ ରାଜ୍ୟ ପରିବେଶ ନିର୍ଦ୍ଦେଶକ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ କରି ଆକ୍ସନ ଟେକେନ୍ ରିପୋର୍ଟ (ଏଟିଆର୍) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଯୁଗ୍ମ ନିର୍ଦ୍ଦେଶକ ଚନ୍ଦନ ସିଂହ କହିଥିଲେ ଯେ, ପ୍ରହ୍ଲାଦଙ୍କ ପକ୍ଷରୁ ଚିଲିକା ହ୍ରଦର ପରିବେଶ ସଂରକ୍ଷଣ ଓ ପରିଚାଳନା ସମ୍ପର୍କରେ ଉଠାଯାଇଥିବା ବିବାଦର ସମାଧାନ କେବଳ ରାଜ୍ୟ ସରକାରଙ୍କ ଏଜେନ୍ସି ☞ପୃଷ୍ଠା-୧୫


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ସୋମବାର ସ୍କୁଲ ଛୁଟି

## ଭାରତ ବନ୍ଦ

- ବ୍ୟାଙ୍କ ସେବା ଜାରି ରହିବ

ଭୁବନେଶ୍ୱର,(ବ୍ୟୁରୋ)/ନୂଆଦିଲ୍ଲୀ,୮।୯

ଆସନ୍ତା ସୋମବାର ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୦ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସ୍କୁଲ ଛୁଟି ଘୋଷଣା କରାଯାଇଛି ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ବ୍ୟାଙ୍କ ସେବା ପ୍ରଭାବିତ ହେବ ନାହିଁ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦୁଇ ଦିନ ବ୍ୟାଙ୍କ ବନ୍ଦ ରହିବା ପରେ ସୋମବାର ସପ୍ତାହର ପ୍ରଥମ କାର୍ଯ୍ୟଦିବସ ହୋଇଥିବାରୁ ଗ୍ରାହକ ଅନେକ ବକେୟା ସମସ୍ୟାର ସମାଧାନ ପାଇଁ ବ୍ୟାଙ୍କକୁ ଆସିବେ। ବନ୍ଦ ହେଲେ ସେମାନେ ଅସୁବିଧାରେ ପଡ଼ିବେ। ଏହାକୁ ଦୃଷ୍ଟିରେ ରଖି ସୋମବାର ବ୍ୟାଙ୍କ ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

# ବୈତରଣୀରେ ବନ୍ୟା

ଭୁବନେଶ୍ୱର,୮।୯(ବ୍ୟୁରୋ)

## ୩ ଜିଲାର ୨୮ ବ୍ଲକ ପ୍ରଭାବିତ



ଯାଜପୁର ଜିଲା ଦଶରଥପୁର ବ୍ଲକର ଏକ ବିଦ୍ୟାଳୟ ପରିସରରେ ବନ୍ୟା ପାଣି।

ଲଘୁଚାପ ବର୍ଷା ଯୋଗୁ ବୈତରଣୀ ନଦୀ ଫୁଲିବାରେ ଲାଗିଛି। ଆଖୁଆପଦାଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ରହିଛି। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ୧୮.୧୦ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ବନ୍ୟା ଜଳ ହ୍ରାସ ପାଉଛି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁଝର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଜିଲାସ୍ତରରେ ଜରୁରିକାଳୀନ କେନ୍ଦ୍ର ଖୋଲାଯାଇଛି। ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଦେଶୀ ଡଙ୍ଗା ଓ ଯନ୍ତ୍ରଚାଳିତ ବୋଟକୁ ପ୍ରସ୍ତୁତ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବହୁମୁଖୀ ଆଶ୍ରୟ ସ୍ଥଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ଓ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ କୁହାଯାଇଛି। ୪ଟି ଜିଲାର ସରକାରୀ କର୍ମଚାରୀମାନଙ୍କ ରବିବାର ଛୁଟିକୁ ବାତିଲ କରାଯାଇଛି। ଗୋ ଖାଦ୍ୟ ମଧ୍ୟ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲାର ବିଞ୍ଝାରପୁର, ଦଶରଥପୁର ଓ କୋରେଇ ବ୍ଲକର ୩୭ଟି ପଞ୍ଚାୟତର ୬୯ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ଯୋଗୁ ୮୩ ହଜାର ୪୭୪ ଲୋକ ପ୍ରଭାବିତ ହୋଇଛନ୍ତି। ୪୦୦୯ ହେକ୍ଟର ଚାଷଜମିରେ ପାଣି ମାଡି ଯାଇଥିବା ବେଳେ ୫୫ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୩୮୬୦ ଜଣ ଲୋକଙ୍କୁ ନିରାପଦ ସ୍ଥାନକୁ ☞ପୃଷ୍ଠା-୧୫

## ଆଜିର ସମ୍ପାଦକୀୟ


ଉପନିବେଶୀୟ ଲିଗାସୀର ଅନ୍ତ


## କିଛି ତଥ୍ୟ

ଚଳିତ ବର୍ଷ ଜୁଲାଇରେ ଚା' ଉତ୍ପାଦନ ୬.୭ ପ୍ରତିଶତ ହ୍ରାସ ପାଇ ୧୫୧.୩୮ ନିୟୁତ କିଲୋଗ୍ରାମ ରହିଛି। ଏହା ଗତବର୍ଷ ସମାନ ସମୟରେ ୧୬୨.୨୮ ନିୟୁତ କିଲୋଗ୍ରାମ ଥିଲା। ଚଳିତ ବର୍ଷ ଜାନୁଆରୀ-ଜୁଲାଇ ଅବଧିରେ ଚା' ରପ୍ତାନୀ ୬.୫% ବୃଦ୍ଧି ପାଇ ୧୩୩.୨୧ ନିୟୁତ କିଲୋଗ୍ରାମରେ ପହଞ୍ଚିଛି। ଯାହା ଗତବର୍ଷ ସମାନ ସମୟରେ ୧୨୪.୯୯ ନିୟୁତ କିଲୋଗ୍ରାମ ଥିଲା।

– ଟି ବୋର୍ଡ ଇଣ୍ଡିଆ


NECC NATIONAL EGG CO-ORDINATION COMMITTEE | 08.09.2018 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 56 | 101 | 111 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 58 | 103 | 113 |

*Conditions Apply

Eggs Retail Price- 44/-Dozen
Issued in the Interest of Consumers


# ଶିଳ୍ପ ଟାଣୁଛି ବିଜୁଳି, ଉପଭୋକ୍ତା ମୁଣ୍ଡରେ ଚଡ଼କ

ଭୁବନେଶ୍ୱର,୮।୯(ବ୍ୟୁରୋ)

- ଶିଳ୍ପ ଉପରେ ୧୦୨୪ କୋଟି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଉପରେ ୩୩୫ କୋଟି ଟଙ୍କା ବକେୟା
- ୨୦୨୫ରେ ଶିଳ୍ପ, କୃଷି, ଘରୋଇ ବ୍ୟବହାର ପାଇଁ ଦରକାର ହେବ ୨୫ ହଜାର ମେଗା ୟୁନିଟ୍



ବିଦ୍ୟୁତ୍ ଟାଣୁଛି ଶିଳ୍ପ ସଂସ୍ଥା । ଘରୋଇ ଉପଭୋକ୍ତାଙ୍କ ମୁଣ୍ଡରେ ପଡୁଛି ଚଡ଼କ। ରାଜ୍ୟର ଅଧାରୁ ଅଧିକ ଶିଳ୍ପ ବିଦ୍ୟୁତ୍ ବିଲ୍ ନିୟମିତ ପଇଠ କରୁନାହାନ୍ତି। ଦୀର୍ଘ ବର୍ଷ ଧରି ବକେୟା ପଡିରହିଲେ ମଧ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀ ତାହା ଆଦାୟ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । ଫଳରେ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ ଜନିତ କ୍ଷତିକୁ କମାଯାଇ ପାରୁ ନାହିଁ। କ୍ଷତି ଭରଣା କରିବାକୁ ଘରୋଇ ଉପଭୋକ୍ତାଙ୍କ ମୁଣ୍ଡରେ ବଣ୍ଟନ କମ୍ପାନୀ ବିଦ୍ୟୁତ୍ ଶୁଳ୍କ ଥୋପିବାକୁ ବାରମ୍ବାର ଚାପ ସୃଷ୍ଟି କରୁଛନ୍ତି। ଏଥିଯୋଗୁ ବିଦ୍ୟୁତ୍ ବୋର୍ଡ ଘରୋଇ ଉପଭୋକ୍ତାଙ୍କୁ ବହନ କରିବାକୁ ପଡୁଛି।

ଶକ୍ତି ବିଭାଗରଠାରୁ ମିଳିଥିବା ସୂଚନା ଅନୁଯାୟୀ ୨୦୦୮ରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ୧୦୨୩ କୋଟି ୧୫ ଲକ୍ଷ ଟଙ୍କା ବକେୟା ପଡିରହିଛି। ସେହିପରି ବିଭିନ୍ନ ବ୍ୟବସାୟିକ ସଂସ୍ଥା ଉପରେ ୧୯୩ କୋଟି ୧୯ ଲକ୍ଷ, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ଉପରେ ୩୩୫ କୋଟି ୧୧ ଲକ୍ଷ ଟଙ୍କା ବକେୟା ପଡି ରହିଛି। କେବଳ ଶିଳ୍ପ ନୁହେଁ, ସରକାରୀ ସଂସ୍ଥା ଓ ପୌର ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ଦୀର୍ଘଦିନ ଧରି ବକେୟା ବିଦ୍ୟୁତ୍ ବିଲ୍ ଗଡୁଛି। ୪ଟି ବଣ୍ଟନ କମ୍ପାନୀ ଅଧୀନରେ ଥିବା ସରକାରୀ କାର୍ଯ୍ୟାଳୟ ଉପରେ ୪୪୨ କୋଟି ୯୩ ଲକ୍ଷ ଟଙ୍କା ବକେୟା ଥିବା ବେଳେ ବିଭିନ୍ନ ପୌର ସଂସ୍ଥା ଉପରେ ୧୬୨ କୋଟି ୫୯ ଲକ୍ଷ ଟଙ୍କା ବକେୟା ରହିଛି। ସେସୁ ଅଧୀନରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପରେ ୧୩୬.୭୮ କୋଟି ଟଙ୍କା ବକେୟା ଥିବା ବେଳେ ପୌରସଂସ୍ଥାଗୁଡ଼ିକ ଉପରେ ୬୧,୧୨ କୋଟି, ୱେସ୍‌କୋର ବିଭିନ୍ନ ବିଭାଗ ଉପରେ ୧୦୯.୨୪ କୋଟି ଟଙ୍କା ବକେୟା ଥିବା ବେଳେ ପୌର ସଂସ୍ଥା ଗୁଡ଼ିକ ଉପରେ ୩୨.୦୬ କୋଟି, ନେସ୍‌କୋର ବିଭିନ୍ନ ବିଭାଗ ଉପରେ ୧୦୨.୬୫ କୋଟି ଟଙ୍କା ବକେୟା ଥିବା ବେଳେ ପୌର ସଂସ୍ଥା ଉପରେ ରହିଛି ୪୯.୮୫ କୋଟି । ସେହିପରି ସାଉଥ୍‌କୋର ସରକାରୀ କାର୍ଯ୍ୟାଳୟ ଉପରେ ୯୪.୩୬ କୋଟି ଟଙ୍କା ଥିବା ବେଳେ ପୌର ସଂସ୍ଥାଗୁଡ଼ିକ ଉପରେ ୧୯.୫୮ କୋଟି ଟଙ୍କା ବାକି ରହିଛି। ଅନ୍ୟ ପକ୍ଷରେ ବିଦ୍ୟୁତ୍ ବିଲ୍ ଆଦାୟ କରି ପାରୁ ନ ଥିବା ବଣ୍ଟନ କମ୍ପାନୀ ମଧ୍ୟ ଗ୍ରୀଡ୍‌କୋଠାରୁ କ୍ରୟ ବାବଦ ଅର୍ଥ ମଧ୍ୟ ପଇଠ କରି ପାରୁନାହାନ୍ତି। ୪ଟି ବଣ୍ଟନ କମ୍ପାନୀ ଉପରେ ଗ୍ରୀଡ୍‌କୋର ୩୭୩୭.୦୨କୋଟି ଟଙ୍କା ବକେୟା ଦୀର୍ଘବର୍ଷ ହେବ ପଡିରହିଛି।

ଗୋଟିଏ ପଟେ ଶହ ଶହ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ଅନାଦାୟ ଗଡୁଥିବାବେଳେ କେତେକ ଶିଳ୍ପ ସଂସ୍ଥାକୁ ଏକକାଳୀନ ସ୍ଥିରୀକୃତ(ଓଟିଏସ) ମାଧ୍ୟମରେ ସରକାର ବହୁ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ମାଫ୍ କରି ଦେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଓଟିଏସ ଜରିଆରେ ମଧ୍ୟମ ଶିଳ୍ପଗୁଡ଼ିକୁ ୨କୋଟି ୯୨ ଲକ୍ଷ ୧ ହଜାର ୫୪୭ ଟଙ୍କା ବିକେୟା ବିଦ୍ୟୁତ୍ ବିଲ୍ ଛାଡ କରି ଦେଇଛନ୍ତି।

୨୦୨୫ ବେଳକୁ ରାଜ୍ୟରେ ଶିଳ୍ପ ପାଇଁ ୭୯୯୧ ମେଗା ୟୁନିଟ୍ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ପଡିବାକୁ ଥିବା ବେଳେ କୃଷି କ୍ଷେତ୍ର ପାଇଁ ୬୨୨ ଏବଂ ଘରୋଇ କ୍ଷେତ୍ର ପାଇଁ ୧୬,୮୫୨ ମେଗା ୟୁନିଟ୍ ସମେତ ମୋଟ ୨୫,୪୬୫ ମେଗା ୟୁନିଟ ବିଦ୍ୟୁତର ଆବଶ୍ୟକତା ପଡିବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ଏବେ ବି ବିଦ୍ୟୁତ୍ ଭିତ୍ତିଭୂମି ସୁଧୁରିନାହିଁ। ବୈଷୟିକ ଓ ବାଣିଜ୍ୟିକ କ୍ଷତି ୪୨.୨୫ ପ୍ରତିଶତ ରହିଛି। ଜାତୀୟ ହାରଠାରୁ ଏହା ୧୭ ପ୍ରତିଶତ ଅଧିକ। ରାଜ୍ୟରେ ☞ପୃଷ୍ଠା-୧୫

# ୮୦ ଟପିଲା ପେଟ୍ରୋଲ

ନୂଆଦିଲ୍ଲୀ,୮।୯

ଶନିବାର ଦିଲ୍ଲୀରେ ପେଟ୍ରୋଲ ଦର ପ୍ରଥମଥର ଲିଟର ପିଛା ୮୦ ଟଙ୍କା ଟପିଛି। ଶୁକ୍ରବାର ଅପେକ୍ଷା ୩୯ ପଇସା ବଢ଼ି ୮୦.୩୮ଟଙ୍କା ହୋଇଛି। ସେହିପରି ଡିଜେଲ ଦର ୪୪ ପଇସା ବୃଦ୍ଧି ପାଇ ଲିଟର ପିଛା ୭୨.୫୧ଟଙ୍କାରେ ପହଞ୍ଚିଛି। ତେଲକୁ ନେଇ ଉପଭୋକ୍ତା ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ କେନ୍ଦ୍ର ସରକାର ନଭେମ୍ବରରୁ ଲୋକଙ୍କୁ ଆଶ୍ୱସ୍ତି ଦେଇପାରନ୍ତି।

(ସବିଶେଷ ରିପୋର୍ଟ ପୃଷ୍ଠା-୧୭)

## ଆଜିର ମନ୍ତବ୍ୟ

" ବିରୋଧୀଙ୍କ ମହାମେଣ୍ଟ ମିଥ୍ୟାରେ ଗଢ଼ା ଏକ ମରୀଚିକା।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



“ଜନସ୍ୱାର୍ଥ ଆବେଦନ (ପବ୍ଲିକ୍ ଇଣ୍ଟ୍ରେଷ୍ଟ ଲିଟିଗେଶନ୍)ର ଅର୍ଥ ଏବେ ରାଜନୈତିକ ସ୍ୱାର୍ଥ ଆବେଦନ (ପଲିଟିକାଲ୍ ଇଣ୍ଟ୍ରେଷ୍ଟ ଲିଟିଗେଶନ୍)ରେ ପରିଣତ ହୋଇଯାଇଛି। ରାଜନୈତିକ ସ୍ୱାର୍ଥ ପ୍ରାୟୋଜିତ ମାମଲାଗୁଡ଼ିକରେ ଯଦି ଆବେଦନକାରୀଙ୍କ ସପକ୍ଷରେ ରାୟ ନ ଆସେ, ତା'ହେଲେ ଅଦାଲତଙ୍କ ନିନ୍ଦା କରାଯାଉଛି।
-ଜଷ୍ଟିସ ଅରୁଣ ମିଶ୍ର, ସୁପ୍ରିମକୋର୍ଟ ବିଚାରପତି



## ସଂକ୍ଷେପରେ

### ଆମେରିକା କଲ୍ ସେଣ୍ଟର ଠକେଇ ମାମଲା
### ୭ ଭାରତୀୟ, ୫ କମ୍ପାନୀ ଦୋଷୀ

ଶିକାଗୋ,୮।୯(ପି.ଟି.): ବହୁ କୋଟି ଟଙ୍କାର କଲ୍ ସେଣ୍ଟର ଦୁର୍ନୀତି ମାମଲାରେ ଆମେରିକାରେ ୭ ଭାରତୀୟଙ୍କ ସମେତ ୧୫ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫ଟି ଭାରତୀୟ କଲ୍ ସେଣ୍ଟରକୁ ମଧ୍ୟ ଦୋଷୀ ପ୍ରମାଣିତ କରାଯାଇଛି। କଲ୍ ସେଣ୍ଟରଗୁଡ଼ିକ ଗୁଜରାଟର ଅହମ୍ମଦାବାଦ ସହରର ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ୨୦୦୦ରୁ ଅଧିକ ଆମେରିକୀୟ ନାଗରିକଙ୍କୁ ଠକି ସାଢ଼େ ୫ ନିୟୁତ ଡଲାର ଅର୍ଥ ଠକି ନେଇଥିବା ଦେଶର ନ୍ୟାୟ ବିଭାଗ ପକ୍ଷରୁ ଶୁକ୍ରବାର (ଆମେରିକୀୟ ସମୟ) ସୂଚନା ଦିଆଯାଇଛି। ଏହି ଅଭିଯୁକ୍ତମାନେ କଲ୍ ସେଣ୍ଟର ଜରିଆରେ ଲୋକଙ୍କୁ ଫୋନ୍ କରି ନିଜକୁ ଅନ୍ତର୍ଜାତୀୟ ରାଜସ୍ୱ ସେବା କର୍ମଚାରୀ ଦର୍ଶାଇବା ସହ ଲୋକଙ୍କୁ ଋଣ ଲୋଭ ମଧ୍ୟ ଦେଖାଉଥିଲେ। ପରେ ସେମାନେ ପୀଡ଼ିତଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଧମକ ଚମକ ଦେଉଥିଲେ। ଗିରଫଦାରି, ଜେଲକୁ ପଠାଇବା ଏବଂ ଅନ୍ୟାନ୍ୟ ଅର୍ଥଦଣ୍ଡ ଦେବା ନେଇ ମଧ୍ୟ ଲୋକଙ୍କୁ ସେମାନେ ଡରାଉଥିଲେ ବୋଲି ଆମେରିକୀୟ ଆଟର୍ନି ବିୟଙ୍ଗ ଜେ. ପାକ୍ ସୂଚନା ଦେଇଛନ୍ତି। ଏହି ମାମଲାରେ ୭ ଜଣଙ୍କୁ ଗୁରୁବାର ଆମେରିକାରୁ ଗିରଫ କରାଯାଇଛି।

### ସମଲିଙ୍ଗୀ ବିବାହକୁ ବିରୋଧ କରିପାରେ କେନ୍ଦ୍ର



ନୂଆଦିଲ୍ଲୀ,୮।୯: ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟ ଲିଙ୍ଗୀ, ତୃତୀୟ ଲିଙ୍ଗୀ ଓ ଅପ୍ରାକୃତିକ ସମ୍ପର୍କ ରକ୍ଷାକାରୀ (ଏଲ୍‌ଜିବିଟିକ୍ୟୁ)ଙ୍କ ଯୌନ ସମ୍ପର୍କକୁ ଅପରାଧ ଦର୍ଶାଉଥିବା ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୩୭୭କୁ ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠ ଚଳିତ ସପ୍ତାହରେ ଅବୈଧ ଦର୍ଶାଇବା ସହ ସେମାନଙ୍କ ପାଇଁ ସମାନତା ଲାଗି ଯୁକ୍ତି ବାଢ଼ିଥିଲେ। ଦଫା ୩୭୭ ଅପରାଧମୁକ୍ତ ହେବା ପରେ ସମାନତା ଅଧିକାର ଲଢ଼େଇର ଆଗାମୀ ପଦକ୍ଷେପ ସମଲିଙ୍ଗୀ ବିବାହ, ପୈତୃକ ସମ୍ପତ୍ତିରେ ଭାଗ, ବୀମାରେ ଅଂଶୀଦାର ହେବା ଆଦି ଅନେକ ପ୍ରସଙ୍ଗ ବୋଲି ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ସଦସ୍ୟମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ସମଲିଙ୍ଗୀ ବିବାହକୁ ବିରୋଧ କରିବା ଲାଗି ଯୋଜନା କରୁଥିବା ଜଣାପଡ଼ିଛି। ଦଫା ୩୭୭ ଉପରେ ନିଷ୍ପତ୍ତି ନେବା ଲାଗି କେନ୍ଦ୍ର ସୁପ୍ରିମକୋର୍ଟଙ୍କ ହାତରେ ଛାଡ଼ି ଦେଇଥିଲେ। କିନ୍ତୁ ସମଲିଙ୍ଗୀ ବିବାହ ନେଇ ଯଦି ଆବେଦନ ହୁଏ, ତେବେ କେନ୍ଦ୍ର ଏହାକୁ ବିରୋଧ କରିପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ■ ଜମ୍ମୁ-କଶ୍ମୀର ସୁରକ୍ଷାବଳର ଭିନ୍ନ ରଣକୌଶଳ
# ଟେକାମାଡ଼କାରୀ ବେଶରେ ପୋଲିସ

ଶ୍ରୀନଗର, ୮।୯



■ଛଦ୍ମବେଶରେ ବିକ୍ଷୋଭକାରୀଙ୍କ ସହ ସାମିଲ
■୪ ଟେକାମାଡ଼କାରୀଙ୍କୁ କଲେ ଗିରଫ
■ନିମିଷକେ ୧୦୦ ବିକ୍ଷୋଭକାରୀଙ୍କ ଛତ୍ରଭଙ୍ଗ
■୮ ବର୍ଷ ପରେ ସମାନ କୌଶଳ ପ୍ରୟୋଗ

ପାକିସ୍ତାନୀ ଆତଙ୍କବାଦୀଙ୍କ ଇଙ୍ଗିତରେ ଚାଲୁଥିବା ଜମ୍ମୁ-କଶ୍ମୀରର ବିଚ୍ଛିନ୍ନତାବାଦୀମାନେ ସ୍ଥାନୀୟ ଯୁବକଙ୍କୁ କିଛିଟା ଟଙ୍କା ଦେଇ ହାତମୁଠାରେ ରଖିଛନ୍ତି। ଇଚ୍ଛା ମୁତାବକ ସେମାନଙ୍କୁ ଅସ୍ତ୍ର ଭଳି ବ୍ୟବହାର କରୁଛନ୍ତି ଏବଂ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ କରାଉଛନ୍ତି। ଏହା ପୋଲିସ ଏବଂ ସେନା ଯବାନଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସାଜିଛି। ସୁରକ୍ଷାବଳ ଯେତେ କାର୍ଯ୍ୟାନୁଷ୍ଠାନ ନେଲେ ସୁଦ୍ଧା ଟେକାମାଡ଼କାରୀଙ୍କ ଖାତିର ନାହିଁ। ତେଣୁ ସେମାନଙ୍କୁ କାବୁ କରିବା ପାଇଁ ଜମ୍ମୁ-କଶ୍ମୀର ପୋଲିସ ୮ ବର୍ଷ ପୁରୁଣା କୌଶଳକୁ ପୁଣି ଆପଣାଇଛି। ଏବେ ସୁରକ୍ଷାକର୍ମୀମାନେ ଟେକାମାଡ଼କାରୀଙ୍କ ଭଳି ବେଶ ଧରି ସେମାନଙ୍କ ଗୋଷ୍ଠୀ ଭିତରକୁ ଯାଇ ଗିରଫ କରୁଛନ୍ତି। ଏହି ଉପାୟରେ ଶ୍ରୀନଗରରୁ ଶୁକ୍ରବାର ୪ ଜଣ ଟେକାମାଡ଼କାରୀ ପୋଲିସ କବ୍‌ଜାକୁ ଆସିଛନ୍ତି।

ଶ୍ରୀନଗରସ୍ଥିତ ଜାମା ମସ୍‌ଜିଦରେ ଶୁକ୍ରବାର ସ୍ୱତନ୍ତ୍ର ପ୍ରାର୍ଥନା ଶେଷହେବା ପରେ ସ୍ଥାନୀୟ ଯୁବକମାନେ ହଠାତ୍ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ ଆରମ୍ଭ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସେମାନଙ୍କ ମଧ୍ୟରେ କେତେଜଣ ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କୁ ଆକ୍ରମଣ କରିଥିଲେ। ଏହାପରେ ସେଠାରେ ଯାହା ଘଟିଲା, ଉପସ୍ଥିତ ଲୋକଙ୍କୁ ଚକିତ କରିପକାଇଥିଲା। ଟେକାମାଡ଼କାରୀଙ୍କ ମଧ୍ୟରେ ଛଦ୍ମବେଶରେ ଥିଲେ ପୋଲିସ କର୍ମଚାରୀ ଏବଂ ସେମାନେ ୪ ଜଣଙ୍କୁ ଗିରଫ କରିଥିଲେ। ଗିରଫ ହୋଇଥିବା ଯୁବକମାନେ ମଧ୍ୟ ହଠାତ୍ କିଛି ବୁଝିପାରିଲେ ନାହିଁ। ଛଦ୍ମବେଶୀ ପୋଲିସ କର୍ମଚାରୀ ସେମାନଙ୍କୁ ଥାନାକୁ ନେବା ଲାଗି ଗାଡ଼ିରେ ବସାଇବା ପରେ ଚିତ୍ର ସ୍ପଷ୍ଟ ହୋଇଯାଇଥିଲା। ଏହି ଉପାୟ ଏତେଦୂର ଫଳପ୍ରଦ ହେଲା ଯେ, କିଛି ସମୟ ମଧ୍ୟରେ ଉକ୍ତ ସ୍ଥାନରୁ ବିକ୍ଷୋଭକାରୀମାନେ ଛତ୍ରଭଙ୍ଗ ଦେଇ ଚାଲିଗଲେ। ଜମ୍ମୁ-କଶ୍ମୀର ପୋଲିସର ଏହି ରଣକୌଶଳକୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି।

ବିକ୍ଷୋଭକାରୀଙ୍କୁ ହଟାଇବା ଲାଗି ଛଦ୍ମବେଶୀ ପୋଲିସ ଖେଳନା ବନ୍ଧୁକ ବ୍ୟବହାର କରିଥିଲା ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରସାର ହୋଇଛି। କିନ୍ତୁ ଏହାକୁ ଖଣ୍ଡନ କରିଛି ଜମ୍ମୁ-କଶ୍ମୀର ପୋଲିସ। ଗିରଫ ଟେକାମାଡ଼କାରୀଙ୍କ ମଧ୍ୟରୁ ଜଣଙ୍କ ପାଖରୁ ଏକ ଖେଳନା ବନ୍ଧୁକ ଜବତ ହୋଇଥିବା ପୋଲିସ କହିଛି। ୨୦୧୦ରେ ଏହି ରାଜ୍ୟରେ ପୋଲିସ ସମାନ ପନ୍ଥା ଆପଣାଇଥିଲା। ଭିଡ଼ ଭିତରେ ରହି ଟେକାମାଡ଼ କରୁଥିବା ଲୋକଙ୍କୁ ଚିହ୍ନଟ ଓ ଗିରଫ କରିବା ଲାଗି ପୋଲିସର ସ୍ୱତନ୍ତ୍ର ଟିମ୍ ଟେକାମାଡ଼କାରୀଙ୍କ ବେଶ ଧରୁଥିଲେ। ଦୁଇବର୍ଷ ପୂର୍ବେ ଇସ୍ରାଏଲ୍‌ର ପ୍ରତିରକ୍ଷା ବଳ ମଧ୍ୟ ସମାନ ରଣକୌଶଳ ପ୍ରୟୋଗ କରିଥିଲା। ଇସ୍ରାଏଲୀ ପୋଲିସ ଛଦ୍ମବେଶ ଧରି ପାଲେଷ୍ଟାଇନ୍ ଟେକାମାଡ଼କାରୀଙ୍କ ମଧ୍ୟରେ ସାମିଲ ହେବା ପରେ ସେମାନଙ୍କୁ ଗିରଫ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

### କଶ୍ମୀରୀ ଆଇଏସ୍ ଆତଙ୍କବାଦୀ ଟଳିଲେ

ଶ୍ରୀନଗର, ୮।୯(ପି.ଟି.): ଜମ୍ମୁ-କଶ୍ମୀରର ଗ୍ରୀଷ୍ମ ରାଜଧାନୀ ଶ୍ରୀନଗରର ହଜରତ୍‌ବଲ ଅଞ୍ଚଳରେ ଅଜଣା ବନ୍ଧୁକଧାରୀଙ୍କ ଆକ୍ରମଣରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସେ ହେଉଛନ୍ତି ଅୱନ୍ତିପୋରା ନିବାସୀ ଅସିଫ୍ ନାଜିର ଦର। ଜମ୍ମୁ-କଶ୍ମୀରରେ ସକ୍ରିୟ ଥିବା ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍-ଜେକେ) ସଙ୍ଗଠନରେ ସେ ସଦସ୍ୟ ଥିଲେ। ୨୦୧୭ ଜାନୁୟାରୀରେ ପ୍ରଥମେ ଦର୍ ହିଜବୁଲ ମୁଜାହିଦ୍ଦିନ୍‌ରେ ଯୋଗଦେଇଥିଲେ। ସେହିପରି ଶନିବାର ଅପରାହ୍ନରେ ବାରମୁଲ୍ଲା ଜିଲ୍ଲା ଅନ୍ତର୍ଗତ ସୋପୋର୍ ସହରର ବୋମାଇ ଅଞ୍ଚଳରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ମୃତକଙ୍କ ନାମ ହାକିମ୍-ଉଲ୍-ରହମାନ୍ ସୁଲ୍‌ତାନୀ। ସୟଦ ଅଲି ଶାହ ଗିଲାନୀଙ୍କ ନେତୃତ୍ୱାଧୀନ ହୁରିୟାତ୍ ସଙ୍ଗଠନର ସେ ସଦସ୍ୟ ଥିଲେ। ନିକଟରେ ସୁଲ୍‌ତାନୀ ଜେଲ୍‌ରୁ ମୁକୁଳିଥିଲେ ବୋଲି ସୂଚନା ମିଳିଛି।

### ଲଶ୍କର ଆତଙ୍କବାଦୀ ନିହତ

ଶ୍ରୀନଗର, ୮।୯(ପି.ଟି.): ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ପୋଲିସ ଏନ୍‌କାଉଣ୍ଟରରେ ଜଣେ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳିମାଡ଼ରେ ଜଣେ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଥିବା ଶନିବାର ସୂଚନା ମିଳିଛି। ଶୁକ୍ରବାର ରାତିରେ ଆଚାବଲ ଅଞ୍ଚଳରେ ଏକ ପୋଲିସ ଟିମ୍ ଚେକ୍‌ପୋଷ୍ଟରେ ଥିଲାବେଳେ ଆତଙ୍କବାଦୀମାନେ ସେମାନଙ୍କ ଉପରକୁ ଆକ୍ରମଣ କରିଥିଲେ। ଯବାନମାନେ ଏହାର କଡ଼ା ଜବାବ ଦେଇଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ୍ କିଛି ସମୟ ଗୁଳି ବିନିମୟ ହୋଇଥିଲା। ବୁଲେଟ ମାଡ଼ରେ ଜଣେ ଲଶ୍କର ଆତଙ୍କବାଦୀ ଟଳିପଡ଼ିଥିଲେ। ତାଙ୍କ ପାଖରୁ ଅସ୍ତ୍ର ଜବତ ହୋଇଛି। ନିହତ ଆତଙ୍କବାଦୀ ବିଲାଲ ଅହମଦ କୁଲ୍‌ଗାମ୍ ଜିଲାର ତନ୍ତ୍ରୟପୋରା ୟରିପୋରା ନିବାସୀ ବୋଲି ଜଣାପଡ଼ିଛି।

## ■ ଭାଜପା କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି
# ୨୦୧୯ରେ ନେତୃତ୍ୱ ନେବେ ଶାହ

ନୂଆଦିଲ୍ଲୀ,୮।୯(ଆଇଏଏନ୍‌ଏସ୍)



■୨୦୧୪ରୁ ଅଧିକ ଆସନରେ ବିଜୟୀ ହେବ ଦଳ
■ଆମେ ଦେଶ ଗଢ଼ୁଛୁ, କଂଗ୍ରେସ ଭାଙ୍ଗୁଛି

ପରିବର୍ତ୍ତନ ହେବେନାହିଁ ଭାରତୀୟ ଜନତା ପାର୍ଟି (ଭାଜପା)ର ମଙ୍ଗୁଆଳ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଆଉ ଏକ ପାଳି ଦାୟିତ୍ୱ ତୁଲାଇବେ ଅମିତ ଶାହ। ତାଙ୍କ ସଭାପତିତ୍ୱ ଜାରି ରଖିବା ଲାଗି ଦଳର ସାଙ୍ଗଠନିକ ନିର୍ବାଚନକୁ ରଦ୍ଦ କରି ଦିଆଯାଇଛି। ୨୦୧୯ରେ ଗୈରିକ ଦଳ ଶାହଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବ ବୋଲି ନୂଆଦିଲ୍ଲୀଠାରେ ଶନିବାର ଆରମ୍ଭ ହୋଇଥିବା ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପଶ୍ଚିମବଙ୍ଗ ଭାଜପା ମୁଖ୍ୟ ଦିଲୀପ ଘୋଷ କହିଛନ୍ତି, ଦଳର ସାଙ୍ଗଠନିକ ନିର୍ବାଚନ ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ବର୍ତ୍ତମାନ ଯଦି ଏହି ନିର୍ବାଚନ କରାଯାଏ, ତା'ହେଲେ ଦଳର ନେତା ଓ କର୍ମୀ ଏଥିରେ ବ୍ୟସ୍ତ ହୋଇପଡ଼ିବେ। ସାଙ୍ଗଠନିକ ନିର୍ବାଚନକୁ ଧ୍ୟାନ ଦେବା ପରିବର୍ତ୍ତେ ୨୦୧୯ ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଣୁ ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରି ଦିଆଯାଇଛି।

ପ୍ରକାଶ ଯେ, ଶାହଙ୍କ ୩ ବର୍ଷିଆ କାର୍ଯ୍ୟକାଳ ଜାନୁୟାରୀ ୨୦୧୯ରେ ଶେଷ ହେବାକୁ ଯାଉଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟ୍‌ରେ ତତ୍କାଳୀନ ସଭାପତି ରାଜନାଥ ସିଂ ସାମିଲ ହେବା ପରେ ତାଙ୍କ ସ୍ଥାନରେ ଅମିତ ଶାହ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଜାନୁୟାରୀ ୨୦୧୬ରେ ସେ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଭାଜପା ସମ୍ବିଧାନ ଅନୁଯାୟୀ ଜଣେ ବ୍ୟକ୍ତି ମାତ୍ର ଦୁଇଥର ପୂର୍ଣ୍ଣକାଳୀନ ଭାବେ ଦଳର ନେତୃତ୍ୱ ନେଇପାରିବେ। ଏଭଳି ସ୍ଥିତିରେ ଶାହ ଆଉ ଥରେ ସଭାପତି ହୋଇପାରିବେ।

ବୈଠକରେ ଦଳର ରାଜ୍ୟ ସଭାପତି ଏବଂ ପଦାଧିକାରୀଙ୍କୁ ଉଦ୍‌ବୋଧନ ଦେଇ ଶାହ 'ଅଜୟ ଭାଜପା' ସ୍ଲୋଗାନ୍ ଦେବା ସହ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ପୁଣିଥରେ ଦଳ ସଂଖ୍ୟାଗରିଷ୍ଠତା ସହ ବିଜୟୀ ହେବ ଏବଂ ଏଥିଲାଗି ଦଳର ନେତାକର୍ମୀଙ୍କୁ କଠିନ ପରିଶ୍ରମ କରିବା ଲାଗି ଶାହ ମନ୍ତ୍ରଣା ଦେଇଛନ୍ତି। ଦଳ ୨୦୧୪ରୁ ମଧ୍ୟ ଅଧିକ ଆସନ ହାସଲ କରି ଇତିହାସ ।ରଚିବ ବୋଲି କହିଛନ୍ତି। ଏହି ଅବସରରେ 'ଅଜୟ ଭାଜପା' ସ୍ଲୋଗାନ୍ ପ୍ରସ୍ତାବ ଉପରେ ମୋହର ଲଗାଯାଇଥିଲା। ସେହିପରି ଭାଜପା ଦେଶ ନିର୍ମାଣ (ମେକିଂ ଇଣ୍ଡିଆ) କରୁଥିବାବେଳେ କଂଗ୍ରେସ ଦେଶ ଭାଙ୍ଗୁଛି (ବ୍ରେକିଂ ଇଣ୍ଡିଆ) ବୋଲି ଶାହ ଅଭିଯୋଗ ଆଣିଛନ୍ତି।

## ଇଜିପ୍ଟରେ ୭୫ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ

କାଏରୋ,୮।୯

୨୦୧୩ ଆନ୍ଦୋଳନ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଇଜିପ୍ଟରେ ଶନିବାର ୭୫ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ହୋଇଥିବାବେଳେ ଅନ୍ୟ ୪୭ ଜଣଙ୍କୁ ଆଜୀବନ କାରାଦଣ୍ଡ ହୋଇଛି। ଦଣ୍ଡ ପାଇଥିବା ଲୋକଙ୍କ ମଧ୍ୟରେ ଦେଶର ନିଷିଦ୍ଧ ଘୋଷିତ ଚରମପନ୍ଥୀ ଇସ୍‌ଲାମିକ୍ ସଙ୍ଗଠନ ମୁସ୍‌ଲିମ୍ ବ୍ରଦର୍‌ହୁଡ୍‌ର ଅନେକ ସଦସ୍ୟ ଅଛନ୍ତି। ସମସ୍ତଙ୍କ ବିରୋଧରେ ହତ୍ୟାଠାରୁ ଆରମ୍ଭକରି ସାଧାରଣ ସମ୍ପତ୍ତି ନଷ୍ଟ ଭଳି ଅଭିଯୋଗ ହୋଇଛି। ଆଜୀବନ ଜେଲ ଦଣ୍ଡ ପାଇଥିବା ଦୋଷୀଙ୍କ ମଧ୍ୟରେ ବ୍ରଦରହୁଡ୍‌ର ମୁଖ୍ୟ ମହମ୍ମଦ ବଦି ମଧ୍ୟ ଅଛନ୍ତି।

## ଅନାଥ ଆଶ୍ରମରୁ ୧୯ ପିଲା ଉଦ୍ଧାର

ଜମ୍ମୁ, ୮।୯(ପି.ଟି.)

ଜମ୍ମୁ-କଶ୍ମୀରର କଠୁଆ ଜିଲାରେ ଥିବା ଏକ ଅଣପଞ୍ଜୀକୃତ ଅନାଥ ଆଶ୍ରମରେ ପିଲାଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ଓ ପୋଲିସର ଚଢ଼ାଉ ପରେ ସେଠାରୁ ୮ ଝିଅଙ୍କ ସମେତ ୧୯ ପିଲାଙ୍କୁ ଉଦ୍ଧାର କରାଯାଇଥିବା ଶନିବାର ସୂଚନା ମିଳିଛି। କେରଳର ଜଣେ ପାଦ୍ରୀ ଏକ ଏନ୍‌ଜିଓ ସହଭାଗିତାରେ ଉକ୍ତ ଅନାଥ ଆଶ୍ରମର ପରିଚାଳନା କରୁଥିଲେ। ତାଙ୍କ ନାମ ଆଣ୍ଟୋନୀ ଥୋମାସ୍। ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା (ପୋକ୍‌ସୋ) ଦେବା ଲାଗି ଉଦ୍ଦିଷ୍ଟ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଥୋମାସ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। କିନ୍ତୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଉକ୍ତ ଅନାଥ ଆଶ୍ରମରେ ୨୧ ପିଲା ରହୁଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ନିଜ ଗାଁକୁ ଯାଇଥିବାବେଳେ ଏହି ଚଢ଼ାଉ ହୋଇଥିଲା। ଉଦ୍ଧାର ପରେ ୧୯ ପିଲାଙ୍କୁ ଏକ ସରକାରୀ ବାଳ ଆଶ୍ରମକୁ ପଠାଇଦିଆଯାଇଛି। ଆଶ୍ରମ ସମ୍ପର୍କରେ ତଥ୍ୟ ହାସଲ ଲାଗି ପୋଲିସ ସେମାନଙ୍କୁ ପଚରାଉଚରା ଚଳାଇଛି। ପିଲାମାନଙ୍କର ଡାକ୍ତରୀମାଇନା ମଧ୍ୟ ହୋଇଛି। ଚଢ଼ାଉ ବେଳେ ପୋଲିସ ଆବଶ୍ୟକ କାଗଜପତ୍ର ମାଗିବାରୁ ଥୋମାସ୍ ସେସବୁ ଦେଇପାରି ନ ଥିଲେ। ଏଥିରୁ ଜଣାପଡ଼ିଛି ଯେ, ସେ ବିନା ପଞ୍ଜୀକରଣରେ ଆଶ୍ରମ ଚଳାଇଥିଲେ।

## ନାଗପୁରରେ 'ସ୍କ୍ରବ୍ ଟାଇଫସ୍' ନେଲାଣି ୧୫ ଜୀବନ

ମୁମ୍ବାଇ,୮।୯

ମହାରାଷ୍ଟ୍ରର ନାଗପୁରଠାରେ ଡେଙ୍ଗୁ ପରେ 'ସ୍କ୍ରବ୍ ଟାଇଫସ୍' ନାମକ ଆଉ ଏକ ମାରାତ୍ମକ ଭୂତାଣୁ ଆତଙ୍କ ଖେଳାଇଛି। 'ସ୍କ୍ରବ୍ ଟାଇଫସ୍' ରୋଗରେ ଆକ୍ରାନ୍ତ ହୋଇ ସପ୍ତାହେ ମଧ୍ୟରେ ୧୫ ଜଣ ପ୍ରାଣ ହରାଇଛନ୍ତି। ୯୦ ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ନାଗପୁର ମେଡିକାଲ କଲେଜ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। 'ସ୍କ୍ରବ୍ ଟାଇଫସ୍'କୁ 'ବୁଶ୍ ଟାଇଫସ୍' ବୋଲି ମଧ୍ୟ କୁହାଯାଏ ଏବଂ ଏହା 'ଓରିଏଣ୍ଟିଆ ଟୁଟୁଗାମୁଷୀ' ଭୂତାଣୁ ଦ୍ୱାରା ସୃଷ୍ଟି ହୋଇଥାଏ।

## ନେପାଳରେ ହେଲିକପ୍ଟର ଦୁର୍ଘଟଣା: ୬ ମୃତ

କାଠମାଣ୍ଡୁ,୮।୯(ପି.ଟି.)



ନେପାଳରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଶନିବାର ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ପାଇଲଟଙ୍କ ସହ ୭ ଜଣ ଯାତ୍ରା କରୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳା ବର୍ତ୍ତିଯାଇଛନ୍ତି। ଯାତ୍ରୀଙ୍କୁ ନେଇ କାଠମାଣ୍ଡୁରୁ ସକାଳେ ହେଲିକପ୍ଟର ଉଡାଣ ଆରମ୍ଭ କରିଥିଲା। ସକାଳ ୮ ଟା ୧୦ ମିନିଟ୍‌ରେ ଏହା ନୌକୋଟ୍ ଜିଲାରେ ଥିବା ଏକ ଜଙ୍ଗଲ ଦେଇ ଯାତ୍ରା କରୁଥିବା ବେଳେ କାଠମାଣ୍ଡୁ ଟାୱାରଠାରୁ ରେଡିଓ ସିଗ୍‌ନାଲ୍ ହରାଇଥିଲା। ସେଠାରୁ ଅଳ୍ପ ବାଟ ଗଲା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏହା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ତେବେ ହେଲିକପ୍ଟରରେ ନିଆଁ ଲାଗି ନ ଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ନେପାଳ ସେନା ହେଲିକପ୍ଟର ଯୋଗେ ସେଠାରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି।

## ■ ଶିକାଗୋ ବିଶ୍ୱ ହିନ୍ଦୁ କଂଗ୍ରେସ
# ଭାଗବତଙ୍କ ଏକତା ଆହ୍ୱାନ

ଶିକାଗୋ/ନୂଆଦିଲ୍ଲୀ,୮।୯(ପି.ଟି.)




■ସମ୍ମିଳନୀକୁ ବିରୋଧ
■ସିଂହ-କୁକୁର ମନ୍ତବ୍ୟ ପାଇଁ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ ଓୱାଇସିଙ୍କ ଟାର୍ଗେଟ୍

କାହା ଉପରେ ପ୍ରଭୁତ୍ୱ ଜାହିର କରିବା ହିନ୍ଦୁଙ୍କ ଅଭିଳାଷ ନ ଥାଏ। ମିଳିମିଶି କାର୍ଯ୍ୟ କଲେ ହିନ୍ଦୁ ସମାଜ ସମୃଦ୍ଧ ହେବ। ମାନବିକତାର ହିତ ପାଇଁ ଏକାଠି କାମ କରିବାକୁ ଶିକାଗୋଠାରେ ଅନୁଷ୍ଠିତ ବିଶ୍ୱ ହିନ୍ଦୁ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ମୁଖ୍ୟ ମୋହନ ଭାଗବତ ଆହ୍ୱାନ ଦେଇଛନ୍ତି। ସମଗ୍ର ବିଶ୍ୱକୁ ଗୋଟିଏ ଟିମ୍‌ରେ ପରିଣତ କରିବାର ଏକମାତ୍ର ସୂତ୍ର ହେଲା ଅହଂକାରକୁ ନିୟନ୍ତ୍ରଣ ଏବଂ ସାଧାରଣ ସହମତିକୁ ଗ୍ରହଣ କରିବାର କଳାକୁ ଆପଣାଇବାକୁ ହେବ ବୋଲି ଭାଗବତ କହିଛନ୍ତି।

ସେ କହିଛନ୍ତି, ଏକୁଟିଆ ସିଂହକୁ ଜଙ୍ଗଲୀ କୁକୁର ଆକ୍ରମଣ କରିଥାନ୍ତି। ଏହା ଭୁଲିବା ଉଚିତ ନୁହେଁ। ଏକ ସମାଜ ଭାବେ କାର୍ଯ୍ୟ କଲେ ହିନ୍ଦୁ ସମ୍ପ୍ରଦାୟ ସମୃଦ୍ଧ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ସଂସ୍କୃତ ସ୍ଲୋଗାନ୍ 'ସୁମନ୍ତ୍ରିତେ ସୁବିକ୍ରାନ୍ତେ' (ମିଳିତ ଭାବ ଅନେକ କିଛି ହାସଲ କରାଯାଇପାରେ) ବିଷୟରେ ଆଲୋକପାତ କରିଛନ୍ତି।

ହିନ୍ଦୁ ସମ୍ମିଳନୀକୁ ଶିକାଗୋରେ ବିରୋଧର ସମ୍ମୁଖୀନ ମଧ୍ୟ ହେବାକୁ ପଡ଼ିଛି। ଭାରତ ସରକାରଙ୍କ ଧର୍ମୀୟ ସଂଖ୍ୟାଲଘୁ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ ଆଣି ଆନ୍ଦୋଳନକାରୀଙ୍କ ଏକ ଗୋଷ୍ଠୀ ସମ୍ମିଳନୀରେ ବାଧା ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ। ଘଟଣା ପରେ କାର୍ଯ୍ୟକ୍ରମସ୍ଥଳ ଏବଂ ଅତିଥିମାନେ ରହୁଥିବା ହୋଟେଲଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

ସେପଟେ ସିଂହ ଏବଂ କୁକୁର ମନ୍ତବ୍ୟକୁ ନେଇ ଭାଗବତଙ୍କୁ ଟାର୍ଗେଟ୍ କରିଛନ୍ତି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱାଇସି। ଭାଗବତ କାହାକୁ ସିଂହ ଏବଂ କାହାକୁ କୁକୁର ବିବେଚନା କରୁଛନ୍ତି ତାହା ସ୍ପଷ୍ଟ କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ଓୱାଇସି ଆର୍‌ଏସ୍‌ଏସ୍ ଦେଶର ସମ୍ବିଧାନକୁ କେବେ ବିଶ୍ୱାସ କରେନାହିଁ ଏବୋଲି ଅଭିଯୋଗ ଆଣିବା ସହ ଲୋକଙ୍କୁ ହୀନ ଦୃଷ୍ଟିରେ ଦେଖିବା ନେଇ ବିଚିତ୍ର ବିଚାରଧାରାକୁ ସେ ସମାଲୋଚନା କରିଛନ୍ତି।

## ■ ଧାରା ୩୫-କ: ପକ୍ଷ ସ୍ପଷ୍ଟ କରୁନି କେନ୍ଦ୍ର
# ଫାରୁକ୍‌ଙ୍କ ନିର୍ବାଚନ ବର୍ଜନ ଧମକ

ଶ୍ରୀନଗର, ୮।୯(ପି.ଟି.)

ଲୋକ ସଭା, ବିଧାନସଭା ନିର୍ବାଚନରେ ସାମିଲ ହେବନି ଏନ୍‌ସି



ଜମ୍ମୁ-କଶ୍ମୀରବାସୀଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରୁଥିବା ଧାରା ୩୫-କ ମାମଲା ଉପରେ ସୁପ୍ରିମକୋର୍ଟରେ ଫଇସଲା ହୋଇନାହିଁ। ଏ ପ୍ରସଙ୍ଗରେ କେନ୍ଦ୍ର ସରକାର ପକ୍ଷ ସ୍ପଷ୍ଟ କରୁ ନ ଥିବାରୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନ ବର୍ଜନ କରିବାକୁ ଧମକ ଦେବା ପରେ ଏବେ ବିଧାନସଭା ଓ ୨୦୧୯ ଲୋକ ସଭା ନିର୍ବାଚନରେ ମଧ୍ୟ ତାଙ୍କ ଦଳ ମଇଦାନକୁ ଓହ୍ଲାଇବ ନାହିଁ ବୋଲି ଫାରୁକ୍ ଚେତାବନୀ ଦେଇଛନ୍ତି। ସେହିପରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ସମର୍ଥନରେ ସେ ବାହାରିପଡ଼ିଛନ୍ତି। ଇମ୍ରାନ୍‌ଙ୍କ ନେତୃତ୍ୱରେ ଭାରତ-ପାକ୍ ସମ୍ପର୍କରେ ସୁଧାର ଆସିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବାପା ତଥା ଏନ୍‌ସି ପ୍ରତିଷ୍ଠାତା ଶେଖ୍ ମହମ୍ମଦ ଅବ୍‌ଦୁଲ୍ଲାଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଫାରୁକ୍ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେ କହିଛନ୍ତି ଯେ, ଧାରା ୩୫-କ ମାମଲାରେ କେନ୍ଦ୍ର ନିଜର ମତ ସ୍ପଷ୍ଟ ନ କଲେ ସେ କିଭଳି ଦଳୀୟ କର୍ମୀଙ୍କୁ ଭୋଟ ଦେବାକୁ କହିବେ। ଯଦି କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର କ୍ଷମତାକୁ ଦୁର୍ବଳ କରିବା କଥା ଚିନ୍ତା କରୁଥିବେ ତା'ହେଲେ ସେ ଭିନ୍ନ ରାସ୍ତା ଆପଣାଇବେ। ତାଙ୍କ ଦଳ କୌଣସି ନିର୍ବାଚନରେ ସାମିଲ ହେବ ନାହିଁ। ବିଧାନସଭା ଓ ସାଧାରଣ ନିର୍ବାଚନ ମଧ୍ୟ ବର୍ଜନ କରିବେ ବୋଲି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଧମକ ଦେଇଛନ୍ତି। ଏନ୍‌ସି ଅଧ୍ୟକ୍ଷ ଆହୁରି କହିଛନ୍ତି, ରାଜ୍ୟବାସୀଙ୍କୁ ପ୍ରଥମେ କେନ୍ଦ୍ର ସରକାର ନ୍ୟାୟ ପ୍ରଦାନ କରନ୍ତୁ ଏବଂ ରାଜ୍ୟର ସ୍ୱତନ୍ତ୍ର କ୍ଷମତା ବଜାୟ ରଖନ୍ତୁ। ଗୋଟିଏ ପଟେ ଏଠାରେ ନିର୍ବାଚନ କରିବାକୁ କେନ୍ଦ୍ର ଚାହୁଁଥିବାବେଳେ ଅନ୍ୟପଟେ ଧାରା ୩୫-କ ଏବଂ ଧାରା ୩୭୦ ଉଚ୍ଛେଦ କରିବାକୁ ଆଗ୍ରହୀ। ଏହା ଜମ୍ମୁ-କଶ୍ମୀର ପାଇଁ ଥିବା ସ୍ୱତନ୍ତ୍ର ସମ୍ବିଧାନ ଉପରେ ଆକ୍ରମଣ ସଦୃଶ। ଏହି ଅବସରରେ ଫାରୁକ୍ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଜମ୍ମୁ-କଶ୍ମୀର ପାଇଁ ପୃଥକ୍ ସମ୍ବିଧାନ ଅସମୀଚୀନ ବୋଲି ଡୋଭାଲ କହିଥିଲେ। ଆସନ୍ତା ସପ୍ତାହରେ ଜମ୍ମୁ-କଶ୍ମୀରରେ ପଞ୍ଚାୟତ ଏବଂ ପୌର ନିର୍ବାଚନ ହେବ। ରାଜ୍ୟର ଦୁଇ ପ୍ରମୁଖ ଦଳ ଏନ୍‌ସି ଏବଂ ପିଡିପି ଏହାକୁ ବର୍ଜନ କରିବେ ବୋଲି ଘୋଷଣା କରିସାରିଛନ୍ତି। ପଞ୍ଚାୟତ ଏବଂ ପୌର ନିର୍ବାଚନରେ ତାଙ୍କ ଦଳ ସାମିଲ ହେବ ନାହିଁ ବୋଲି ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି ସ୍ପଷ୍ଟ କରିସାରିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ତାମିଲନାଡୁର ତିରୁଭାନ୍ନମଲାଇରେ ଶନିବାର ଚାଷୀଙ୍କ ଏକ ବୈଠକରେ ଯୋଗଦେବାକୁ ଯାଇ ଗିରଫ ହୋଇଛନ୍ତି ସ୍ୱରାଜ ଇଣ୍ଡିଆ ପାର୍ଟି ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବ। ତାଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଦୁଇ ଚାଷୀ ନେତା ମଧ୍ୟ ଗିରଫ ହୋଇଛନ୍ତି ବୋଲି ଯୋଗେନ୍ଦ୍ର ଟୁଇଟ୍ କରିଛନ୍ତି ।









# ବଳପୂର୍ବକ ଚାନ୍ଦା ଆଦାୟ କଲେ ଗିରଫ

- ରାଜରାସ୍ତାରେ ମଗାଯାଇ ପାରିବନି ଚାନ୍ଦା
- ସମସ୍ତ ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

କଟକ ଅଫିସ, ୮।୯

ଏଣିକି ଆଉ ଚଳିବନି ବଳପୂର୍ବକ ଚାନ୍ଦା ଆଦାୟ। ମନଇଚ୍ଛା ରାସ୍ତାରେ ଗାଡିମୋଟର ଅଟକାଇ ଚାନ୍ଦା ଆଦାୟ ବି ବନ୍ଦ। ଏମିତି କଟକଣା ଜାରି କରିଛି ଓଡ଼ିଶା ପୋଲିସ। ବଳପୂର୍ବକ ଚାନ୍ଦା ଆଦାୟକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଶନିବାର ରାଜ୍ୟର ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଗିରଫ କରିବାକୁ ମଧ୍ୟ କୁହାଯାଇଛି।

ବିଭିନ୍ନ ପୂଜା, ପର୍ବ ଓ ଉତ୍ସବ ସମୟରେ ବଳପୂର୍ବକ ଚାନ୍ଦା ଆଦାୟ କରାଯାଉଛି। ସହରଠାରୁ ଗାଁ ପର୍ଯ୍ୟନ୍ତ ରାଜରାସ୍ତାରେ ଗାଡିମୋଟର ଅଟକାଇ ଚାନ୍ଦା ନିଆଯାଉଛି। ବିଶେଷକରି ଜାତୀୟ ରାଜପଥ, ରାଜ୍ୟ ରାଜପଥ ଅବରୋଧ କରି ପୂଜା କମିଟିଗୁଡିକ ପକ୍ଷରୁ ନିୟମିତ ଚାନ୍ଦା ଆଦାୟ ହେଉଛି। ପୁଣି ଚାନ୍ଦା ନାଁରେ ମଧ ବର୍ଷସାରା ବଟି ଆଦାୟ କରାଯାଉଥିବା ନଜିର ରହିଛି। ଏହାକୁ ନେଇ ଅନେକ ସମୟରେ ରାଜ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଡିଜିପି ଶର୍ମା କେତେକ କଟକଣା ଜାରି କରିଛନ୍ତି। ରାସ୍ତାରେ ପୋଲିସ ପାଟ୍ରୋଲିଂ କଡାକଡି କରାଯିବା ସହ ସ୍ଥାନୀୟ ବସ୍‌ଷ୍ଟାଣ୍ଡ, ମାର୍କେଟ, ବସ୍ ଷ୍ଟପ ଆଦି ଜନଗହଳିପୂର୍ଣ୍ଣ ସ୍ଥାନ ଉପରେ ନଜର ରଖାଯିବ। ଯଦି କୌଣସି ବ୍ୟକ୍ତି ପୂଜା ଚାନ୍ଦା ନାଁରେ ବଳପୂର୍ବକ ଟଙ୍କା ଆଦାୟ କରୁଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରାଯିବ। ସେମାନଙ୍କ ବିରୋଧରେ ଆଇପିସି ଦଫା ୩୮୪, ୩୮୬, ୩୮୭, ୩୯୨, ୩୯୪, ୩୯୫ରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ରହିଛି। ଏ ସଂକ୍ରାନ୍ତରେ ଥାନାଧିକାରୀମାନେ ସାଧାରଣ ଲୋକଙ୍କ ସହ ଯୋଗାଯୋଗ ରଖିବେ। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏସ୍‌ପି ଓ ଡିସିପିଙ୍କୁ ମଧ ଜଣାଇବେ। ବିଶେଷକରି ଦୋକାନୀ, ଟ୍ରକ ଓ ବସ୍ ମାଲିକ, ଶପିଂ ମଲ୍ କର୍ତ୍ତୃପକ୍ଷଙ୍କଠାରୁ ଅଧିକ ପରିମାଣରେ ପୂଜା ଚାନ୍ଦା ଆଦାୟ କରାଯାଏ। ତେଣୁ ଉକ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ସହ ପୋଲିସ ଆଲୋଚନା କରି ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଥାନାଧିକାରୀମାନେ ଠିକ୍ ଭାବେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ତାହାର ତଦାରଖ କରିବାକୁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଶର୍ମା।

# ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

- ୪୧ ପଏଣ୍ଟରୁ ୫୦ ହଜାର ହେକ୍ଟର ଜମିରେ ମିଳିବ ସୁବିଧା
- ବର୍ତ୍ତମାନ ସୁଦ୍ଧା ୭ ଲକ୍ଷ ହେକ୍ଟର ଜମି ଜଳସେଚିତ

ଭୁବନେଶ୍ୱର,୮।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଉକ୍ତ ପ୍ରକଳ୍ପର ୪୧ଟି ପଏଣ୍ଟରୁ ୫୦ହଜାର ହେକ୍ଟରରୁ ଅଧିକ ଜମିରେ ଜଳସେଚନ ସୁବିଧା ମିଳିପାରିବ। ଏ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୃଷିର ବିକାଶ ପାଇଁ ଜଳସେଚନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ୨୦୧୯ ସୁଦ୍ଧା ଅଧିକ ୧୦,୦୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ୭ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଜଳସେଚନ ସୁବିଧା କରାଯାଇଛି। ରାଜ୍ୟରେ ଥିବା ଉଚ୍ଚ ଜମି ଉପରେ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ବହୁତ ଲୋକପ୍ରିୟ ହୋଇପାରିଛି। ଅଧିକରୁ ଅଧିକ ଚାଷୀ ଯେପରି ଏହି ସୁବିଧା ପାଇବେ, ସେଥିପ୍ରତି ସରକାର ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ କେବଳ ଜଳସେଚନର ଉନ୍ନତି ପାଇଁ ଆଗାମୀ ୫ ବର୍ଷରେ ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଉପସ୍ଥିତ ରହିଥିଲେ। ସେ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଜଳସେଚନ ପାଇଁ ରାଜ୍ୟ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପାଳନ କରିବା ଦିଗରେ ଉଦ୍ୟମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ବଲାଙ୍ଗୀର ଜିଲାରେ ଯେପରି ଅଧିକ ଜମିରେ ଜଳସେଚନ ହୋଇପାରିବ, ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ନରସିଂହ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ପ୍ରକାଶ ଯେ, ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୩ ଜିଲାରେ ୧୯୯ଟି ଯୋଜନା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ୨,୮୬,୦୦୦ ହେକ୍ଟର ଚାଷଜମିରେ ଜଳସେଚନର ଲକ୍ଷ୍ୟ ରଖାଯାଇଛି। ସେହିପରି ଶନିବାର ଉଦ୍‌ଘାଟିତ ହୋଇଥିବା ୪୧ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୯ ଜିଲାର ୫୦,୦୨୨ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିଛି। ଏହି ଜିଲାଗୁଡିକ ହେଉଛି ଗଜପତି, କଳାହାଣ୍ଡି, ନବରଙ୍ଗପୁର, ବରଗଡ, ବଲାଙ୍ଗୀର, ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ ଓ ସୁବର୍ଣ୍ଣପୁର। ୨୦୧୯ ମାର୍ଚ୍ଚ ସୁଦ୍ଧା ଅତିରିକ୍ତ ୮୦ଟି ପ୍ରକଳ୍ପ ଦ୍ୱାରା ୧୦,୦୦୦ ହେକ୍ଟର ଜମିରେ ଜଳସେଚନର ସୁବିଧା ହୋଇପାରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ସମ୍ବନ୍ଧରେ ତଥ୍ୟ ସମ୍ବଳିତ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ଏବଂ ବୃହତ ଉଠାଜଳସେଚନ ପ୍ରକଳ୍ପର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧.୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସମେତ ମନ୍ତ୍ରୀ ପରିଷଦର ଅନ୍ୟାନ୍ୟ ସଦସ୍ୟ ଓ ପ୍ରଶାସନିକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ପାଟିରେ ତାସ୍ ପୂରାଇ ମନୋଜଙ୍କ ପୁଣି ବିଶ୍ୱରେକର୍ଡ

ବ୍ରହ୍ମପୁର ଅଫିସ,୮।୯

ଗଞ୍ଜାମ ଜିଲା ଭାବରଡା ଗ୍ରାମର ଯୁବକ ମନୋଜ ମହାରଣା ପୁଣି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ପାଟିରେ ୧ ମିନିଟ୍ ପର୍ଯ୍ୟନ୍ତ ୨୬୫ ତାସ୍ ରଖି ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରିଛନ୍ତି। ଶନିବାର ଅପରାହ୍ନରେ ରେକର୍ଡ ସେକ୍ଟରର ୱେବ୍‌ସାଇଟରେ ତାଙ୍କ ନାମ ସ୍ଥାନିତ ହୋଇଥିବା ମନୋଜ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଟାଭଲ ଡୁରଡିକ ସ୍ଲୋଭାକିଆ ୨୫୪ ତାସ୍ ପାଟିରେ ରଖି ୨୦୧୭ ନଭେମ୍ବର ୧୨ରେ ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା। ମନୋଜ ୨୦୧୮ ଜାନୁୟାରୀ ୨୬ରେ ୨୬୫ କାର୍ଡକୁ ଏକ ମିନିଟ ରଖି ତାଙ୍କ ରେକର୍ଡ ଭାଙ୍ଗିବା ସହ ବୁକ ଅଫ ୱାଲ୍ଡ ରେକର୍ଡକୁ ପଠେଇଥିଲେ । ଏହି ରେକର୍ଡକୁ ମିଶାଇ ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡ୍ସରେ ମନୋଜ ୧୧ ରେକର୍ଡ ସୃଷ୍ଟି କରିଛନ୍ତି । ଏହା ବ୍ୟତୀତ ପୂର୍ବରୁ ୨୧ ଜଳନ୍ତା କ୍ୟାଣ୍ଡଲକୁ ଧରି ପାଟିରେ ୩୦ ସେକେଣ୍ଡ ରଖି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ଏବଂ ପାଟିରେ ୪୫୯ ଷ୍ଟ୍ରକୁ ପୂରାଇ ଗିନିଜ ବୁକ ଅଫ ୱାଲ୍ଡ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରିଛନ୍ତି।


ପାଟିରେ ତାସ୍‌କାର୍ଡ ରଖି ମନୋଜ କୌଶଳ ପ୍ରଦର୍ଶନ କରୁଛନ୍ତି।





## ନେସନାଲ୍ ସାମ୍ପଲ ସର୍ଭେ ଅଫିସ୍

ସାଂଖ୍ୟିକୀ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ,
ଭାରତ ସରକାର

**ଆସନ୍ତୁ, ଏନ୍.ଏସ୍.ଏସ୍.ଓ ର ସର୍ବେକ୍ଷଣରେ ଭାଗ ନିଅନ୍ତୁ ତଥା ଦେଶର ବିକାଶରେ ସହଯୋଗ କରନ୍ତୁ**

ଏନ୍.ଏସ୍.ଏସ୍.ଓ (NSSO) ଦ୍ୱାରା ଯୋଜନା ଏବଂ ନୀତି ନିର୍ଦ୍ଧାରଣ ପାଇଁ ସୂଚନା ଏକତ୍ର କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମାଜାର୍ଥିକ ବିଷୟ ଉପରେ ଦେଶବ୍ୟାପୀ ସର୍ବେକ୍ଷଣ କରାଯାଉଛି। 01 ଜୁଲାଇ, 2018 ଠାରୁ 31 ଡିସେମ୍ବର, 2018 ପର୍ଯ୍ୟନ୍ତ, ଏହାର ବର୍ତ୍ତମାନ ଚାଲିଥିବା ସର୍ବେକ୍ଷଣ ମାଧ୍ୟମରେ ଚୟନିତ (ବଛା ବଛା) ପରିବାରଠାରୁ ନିମ୍ନ ବିଷୟରେ ସୂଚନା ଏକତ୍ର କରାଯିବ :

(୧) ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସର୍ବେକ୍ଷଣ
(୨) ପାନୀୟ ଜଳ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ବିଜ୍ଞାନ ଏବଂ ଆବାସିକ ସ୍ଥିତି

ଏନ.ଏସ୍.ଏସ୍.ଓ ଅଧିକାରୀ ସୂଚନା ପ୍ରାପ୍ତି ସକାଶେ ଚୟନିତ ପରିବାର ଗୁଡ଼ିକ ସହିତ ସମ୍ପର୍କ କରିବେ। ଏହି ଅଧିକାରୀ ମାନଙ୍କୁ ସହଯୋଗ କରି ସମ୍ପୂର୍ଣ୍ଣ ଏବଂ ସଠିକ୍ ସୂଚନା ଉପଲବ୍ଧ କରାନ୍ତୁ ତଥା ଦେଶର ବିକାଶରେ ଯୋଗଦାନ ଦିଅନ୍ତୁ।

**ପରିବାର ଦ୍ୱାରା ଦିଆ ଯାଇଥିବା ସୂଚନା ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖାଯିବ।**

ଅଧିକ ସୂଚନା ପାଇଁ ଦୟାକରି ସଂପର୍କ କରନ୍ତୁ

| ମୁଖ୍ୟାଳୟ | କ୍ଷେତ୍ରୀୟ କାର୍ଯ୍ୟାଳୟ |
|---|---|
| ଜାତୀୟ ନମୂନା ସର୍ବେକ୍ଷଣ କାର୍ଯ୍ୟାଳୟ<br>ପୂର୍ବଖଣ୍ଡ-୬, ତଳ- ୪-୭,<br>ରାମକୃଷ୍ଣ ପୁରମ, ନୂଆଦିଲ୍ଲୀ-୧୧୦୦୬୬<br>ଦୂରଭାଷ- ୦୧୧-୨୬୧୭୨୮୩୬<br>ୱେବ୍‌ସାଇଟ୍ - www.mospi.nic.in | ଜାତୀୟ ନମୂନା ସର୍ବେକ୍ଷଣ କାର୍ଯ୍ୟାଳୟ<br>କମର୍ସିଆଲ କମ୍ପ୍ଲେକ୍ସ, ପ୍ରଥମ ମହଲା, ଆର୍ଯ୍ୟ ବିହାର,<br>ଭୁବନେଶ୍ୱର-୭୫୧୦୧୩, ଓଡ଼ିଶା<br>ଦୂରଭାଷ : ୦୬୭୪-୨୫୬୭୪୨୦, ୨୫୬୭୭୦୫, ୨୫୪୪୮୪୩<br>ଇ-ମେଲ- ro.bbs-fod@nic.in |









ଯୁଦ୍ଧଗ୍ରସ୍ତ ସିରିଆ ଗସ୍ତ ବାତିଲ କରିଛନ୍ତି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଆସନ୍ତା ସପ୍ତାହରେ ସେ ଏହି ରାଷ୍ଟ୍ର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେଠାକାର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସୁଷମା ନିଷ୍ପତ୍ତି ବଦଳାଇ ଦେଇଛନ୍ତି। ବର୍ତ୍ତମାନ ସେ ଏହି ରାଷ୍ଟ୍ରକୁ ଗସ୍ତ କରିବେ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ରବୀଶ୍ କୁମାର କହିଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆଦି
ପରିବାରବର୍ଗ



ସିତୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଆ ଯବାନ ଚମ୍ପେଶ୍ୱର ଶହୀଦ

ରେଢ଼ାଖୋଲ,୮।୯(ଡି.ଏନ.ଏ.)

ମଣିପୁରର ମ୍ୟାନ୍ମାର୍ ସୀମାନ୍ତବର୍ତ୍ତୀ ଚାନ୍ଦେଲ ଜିଲା ଜୌପି ଅଞ୍ଚଳରେ ଉଗ୍ରବାଦୀ ସଙ୍ଗଠନ ପିଏଲଏ ସହ ଲଢ଼େଇରେ ଆସାମ ରାଇଫଲ୍ସର ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ଧଉରାଖମଣ ଗ୍ରାମର ଚମ୍ପେଶ୍ୱର ମହାକୁଡ। ଶୁକ୍ରବାର ସକାଳେ କୋମ୍ବିଂ ବେଳେ ଘଟିଥିବା ଏହି ଘଟଣା ସମ୍ପର୍କରେ ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କୁ ଆସାମ ରାଇଫଲ୍ସ ପକ୍ଷରୁ ଅବଗତ କରାଯାଇଛି।

## ସଂକ୍ଷେପରେ

### ଧରିତ୍ରୀ ଖବରଦାତାଙ୍କ ପରଲୋକ



କୁମୁଦ ଚନ୍ଦ୍ର ନାଏକ

ଭବାନୀପାଟଣା/ ଜୁନାଗଡ଼, ୮।୯(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ 'ଧରିତ୍ରୀ' ଖବରଦାତା କୁମୁଦ ଚନ୍ଦ୍ର ନାଏକ(୪୮)ଙ୍କ ଶନିବାର ସକାଳେ କିଡ୍ନୀ ଜନିତ ରୋଗରେ ପରଲୋକ ହୋଇଯାଇଛି। ଗତ ୨ ଦିନ ହେବ ତାଙ୍କୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି। ଗତ ୪ ତାରିଖରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ବୁର୍ଲା ଅଣାଯାଇଥିଲା। ଏହି ଖବର ପାଇବା ପରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୋକ ପ୍ରକାଶ କରିଛନ୍ତି।

**୩୪ତମ ଆଇଏଟିଓ ବାର୍ଷିକ ସମ୍ମିଳନୀ**

### ଓଡ଼ିଶା ପର୍ଯ୍ୟଟନକୁ ଶ୍ରେଷ୍ଠ ବୁଥ୍, ଉପସ୍ଥାପନା, ବ୍ରୋଶର ପୁରସ୍କାର

ଭୁବନେଶ୍ୱର, ୮।୯(ବ୍ୟୁରୋ): ବିଶାଖାପାଟଣାରେ ଆୟୋଜିତ ୩୪ତମ ଇଣ୍ଡିଆନ୍ ଆସୋସିଏଶନ୍ ଅଫ୍ ଟୁର୍ ଅପରେଟର୍ସ(ଆଇଏଟିଓ)ର ବାର୍ଷିକ ସମ୍ମିଳନୀରେ ଓଡ଼ିଶା ପର୍ଯ୍ୟଟନକୁ ଶ୍ରେଷ୍ଠ ବୁଥ୍, ଉପସ୍ଥାପନା ଓ ବ୍ରୋଶର ପୁରସ୍କାର ମିଳିଛି। '୨୦୨୦ ସୁଦ୍ଧା ୨କୋଟି ବିଦେଶୀ ପର୍ଯ୍ୟଟକ' ଶୀର୍ଷକ ଥିମ୍ ଉପରେ ପର୍ଯ୍ୟବସିତ ଏହି ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ହୋଇଥିବା ଷ୍ଟଲ୍‌କୁ ଆଇଏଟିଓର ପ୍ରତିନିଧିମାନେ ପରିଦର୍ଶନ କରି ଓଡ଼ିଶାର ଲୋକପ୍ରିୟତାକୁ ଅଭିବର୍ଦ୍ଧନ କରିବାରେ ବିଭାଗର ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ। ଓଡ଼ିଶା ପର୍ଯ୍ୟଟନର ଅଭିଯାନ 'ଓଡ଼ିଶା ବାଏ ମର୍ନିଂ, ହକି ବାଏ ଇଭିନିଂ' ବ୍ରାଣ୍ଡକୁ ମଧ୍ୟ ସେଠାରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପରିଚାଳନା ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ଅଭିବୃଦ୍ଧିକୁ ନେଇ ଏକ ଉପସ୍ଥାପନା କରିଥିଲେ।

# ୧୭ କଲେଜ ହରାଇଛନ୍ତି ସ୍ୱୟଂଶାସିତ ମାନ୍ୟତା

## ବାଣୀବିହାର ଅଧୀନ ୯, ସମ୍ବଲପୁର ବିଶ୍ୱବିଦ୍ୟାଳୟର ୪ କଲେଜ ରହିଛି

ଭୁବନେଶ୍ୱର, ୮।୯(ବ୍ୟୁରୋ)

ରାଜ୍ୟରେ ଥିବା ସ୍ୱୟଂଶାସିତ କଲେଜଗୁଡ଼ିକ ଭିତରୁ ୧୭ କଲେଜ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ଏସବୁ କଲେଜ ୟୁଜିସି ପାଖରେ ସ୍ୱୟଂଶାସିତ ମାନ୍ୟତା ନବୀକରଣ ପାଇଁ ସାନି ଆବେଦନ କରି ନ ଥିବାରୁ ୟୁଜିସି ସ୍ୱୟଂଶାସିତ ମାନ୍ୟତା କାଟି ଦେଇଛି।

ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର) ଅଧୀନରେ ଥିବା ଢେଙ୍କାନାଳ କଲେଜ ୨୦୧୩ରେ ସ୍ୱୟଂଶାସିତ ମାନ୍ୟତା ହରାଇଥିବାବେଳେ ସରକାରୀ କଲେଜ ଅନୁଗୋଳ ୨୦୧୨ରେ, କେ.ବି.ଡି.ଏ.ଭି କଲେଜ ନିରାକାରପୁର ୨୦୧୬ରେ, ନରସିଂହ ଚୌଧୁରୀ କଲେଜ ଯାଜପୁର ୨୦୧୩ରେ, ନିମାପଡ଼ା କଲେଜ ୨୦୧୭ରେ, ରମାଦେବୀ ମହିଳା କଲେଜ ଭୁବନେଶ୍ୱର ୨୦୧୩ରେ, ସାମନ୍ତ ଚନ୍ଦ୍ରଶେଖର କଲେଜ ପୁରୀ ୨୦୧୩ରେ, ତାଳଚେର କଲେଜ ୨୦୧୬ରେ ଏବଂ ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିକଟକ ୨୦୧୫ରେ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଡିଏଭି କଲେଜ ଟିଟିଲାଗଡ ୨୦୧୫ରେ, ସରକାରୀ କଲେଜ ରାଉରକେଲା ୨୦୧୪ରେ, ନୀଳଶୈଳ କଲେଜ ନୀଳାଦ୍ରିବିହାର ରାଉରକେଲା ୨୦୧୬ରେ, ରାଜେନ୍ଦ୍ର କଲେଜ ବଲାଙ୍ଗୀର ୨୦୧୫ରେ ସ୍ୱୟଂଶାସିତ ମାନ୍ୟତା ହରାଇଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଧରଣୀଧର କଲେଜ କେନ୍ଦୁଝରର ୨୦୧୦ରେ ସ୍ୱୟଂଶାସିତ ମାନ୍ୟତା କଟିଛି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱରର ସ୍ୱୟଂଶାସିତ ମାନ୍ୟତା ୨୦୧୫ରେ କଟିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସରକାରୀ କଲେଜ ଫୁଲବାଣୀ ୨୦୧୭ରେ ଏବଂ ଏସ.ବି.ଆର. ସରକାରୀ ମହିଳା କଲେଜ ବ୍ରହ୍ମପୁର ୨୦୧୨ରେ ସ୍ୱୟଂଶାସିତ ମାନ୍ୟତା ହରାଇଛି ବୋଲି ୟୁଜିସିଙ୍କ ୱେବସାଇଟ୍‌ରେ ଦର୍ଶାଯାଇଛି। ଏପର୍ଯ୍ୟନ୍ତ ୟୁଜିସିଙ୍କ ସର୍ତ୍ତାବଳୀ ପୂରଣ କରି ଉକ୍ତ କଲେଜଗୁଡ଼ିକ ସ୍ୱୟଂଶାସିତ ମାନ୍ୟତା ପାଇଁ ୟୁଜିସିଙ୍କ ପାଖରେ ପୁନର୍ବାର ଆବେଦନ କରିନାହାନ୍ତି।

ଗୋଟିଏ କଲେଜ ସ୍ୱୟଂଶାସିତ ମାନ୍ୟତା ପାଇବା ମାତ୍ରେ ୟୁଜିସି ସେହି କଲେଜର ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ମଞ୍ଜୁର କରିଥାନ୍ତି। ଏହି ଅର୍ଥକୁ କଲେଜ କର୍ତ୍ତୃପକ୍ଷ କଲେଜର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରିଥାନ୍ତି। ପରେ ସେହି କଲେଜକୁ ନାକ୍ ଟିମ୍ ଅନୁଧ୍ୟାନରେ ଆସି ଗ୍ରେଡ୍ ପ୍ରଦାନ କରିଥାନ୍ତି। ୟୁଜିସି ପ୍ରଦାନ କରିଥିବା ଟଙ୍କାରେ କ'ଣ କାର୍ଯ୍ୟ କରାଯାଇଛି ସେ ନେଇ କଲେଜକୁ ରିପୋର୍ଟ ମାଗିଥାନ୍ତି। ଜଣେ ପ୍ରଫେସର ନାମ ଗୋପନ ରଖି କହିଛନ୍ତି, ସ୍ୱୟଂଶାସିତ ମାନ୍ୟତା ୫ବର୍ଷ ପାଇଁ ମିଳିଥାଏ। ସମୟ ଅବଧି ସରିବା ପୂର୍ବରୁ କଲେଜ ଅଧ୍ୟକ୍ଷ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥାନ୍ତି। ଆବେଦନ କରିବା ପୂର୍ବରୁ ୟୁଜିସିର ସର୍ତ୍ତାବଳୀ ପୂରଣ କରିଥିବା ଦରକାର। ଆବେଦନ କରିବା ପରେ ୟୁଜିସିର ଏକ କମିଟି ଆସି କଲେଜକୁ ଅନୁଧ୍ୟାନ କରି ସ୍ୱୟଂଶାସିତ ମାନ୍ୟତା ନବୀକରଣ କରିଥାନ୍ତି। ଯେଉଁସବୁ କଲେଜରୁ ସ୍ୱୟଂଶାସିତ ମାନ୍ୟତା କଟିଛି ସେହି କଲେଜଗୁଡ଼ିକ ୟୁଜିସି ସର୍ତ୍ତାବଳୀ ପୂରଣ କରିପାରି ନ ଥିବେ। ଫଳରେ ପୁନର୍ବାର ନବୀକରଣ ପାଇଁ ଆବେଦନ କରି ପାରିନାହାନ୍ତି। ଏଥିପାଇଁ ସେହି କଲେଜ ଅଧ୍ୟକ୍ଷ, ସହବନ୍ଧିତ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗକୁ ଦାୟୀ କରାଯାଇପାରିବ। ମାନ୍ୟତା ଅବଧି ସରିବା ପୂର୍ବରୁ କଲେଜଗୁଡ଼ିକ ନବୀକରଣ ଆବେଦନ କଲେ କି ନାହିଁ ତାହା ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ଅନୁଧ୍ୟାନ କରିବା ନିୟମ ରହିଛି। କିନ୍ତୁ ବିଭାଗ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କଲେଜଗୁଡ଼ିକୁ କିପରି ତାଗିଦ କରିନାହାନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି ବୋଲି ସମ୍ପୃକ୍ତ ପ୍ରଫେସର କହିଛନ୍ତି।

■ ଗ୍ଲୋବାଲ ମୋବିଲିଟି ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ

# ସ୍ୱଚ୍ଛ, ସବୁଜ ଇନ୍ଧନ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ

ନୂଆଦିଲ୍ଲୀ,୮।୯

ବିଶ୍ୱ ଏବେ ସ୍ୱଚ୍ଛ ଓ ଶସ୍ତା ଯାତ୍ରା ପ୍ରତି ଆକର୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସ୍ୱଚ୍ଛ ଏବଂ ସବୁଜ ଇନ୍ଧନ ପ୍ରଚଳନ ଉପରେ ଜୋର୍ ଦେବ ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କହିଛନ୍ତି। ଏଠାରେ ଗ୍ଲୋବାଲ ମୋବିଲିଟି ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଏବେକାର ଯୁବପିଢ଼ି ନିଜ ପାଇଁ କାର୍ କିଣିବା ପରିବର୍ତ୍ତେ ଯାତ୍ରାର ବିକଳ୍ପ ବାଛୁଛନ୍ତି। ଏଦିଗରେ ଦିଲ୍ଲୀ ମେଟ୍ରୋ ଟ୍ରେନକୁ ଉଦାହରଣ ଭାବେ ନିଆଯାଇପାରେ। ଶସ୍ତା ଇଲେକ୍ଟ୍ରିକ ଯାନ ପ୍ରଚଳନ ଦ୍ୱାରା ଅଶୋଧିତ ତୈଳ ଉପରେ ଭାରତର ଆତ୍ମନିର୍ଭରଶୀଳତା ଅନେକାଂଶରେ ହ୍ରାସ ପାଇବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଦୀର୍ଘମିଆଦି ସୂତ୍ରରେ ସ୍ୱଚ୍ଛ ଇନ୍ଧନ ଦେଶ ପାଇଁ ଲାଭଜନକ ହେବ ବୋଲି ସରକାର ବିଚାର କରୁଛନ୍ତି। ବାୟୁ ପ୍ରଦୂଷଣ କରୁଥିବା ଅଧିକାଂଶ ଦେଶ ମଧ୍ୟରେ ଭାରତ ନ ଥିଲେ ହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଓପି୨୧ରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରାଯିବ। ଜାତୀୟ ବାୟୋଫୁଏଲ ଓ ଗୋବର ଧନ ଯୋଜନାରୁ ଦେଶରେ ଅଙ୍ଗାରକାମ୍ଳ ନିର୍ଗତ ପରିମାଣ ଅନେକାଂଶରେ କମିବ ବୋଲି ସେ ଉଲ୍ଲେଖ କରିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଚାରା, ଓମ୍‌ଫେଡ ପରେ ସମବାୟ ବାଣ

■ ଅଣଚାଷୀ ଋଣ ପାଉଛନ୍ତି: ଦାମ

■ ନିର୍ଦ୍ଦିଷ୍ଟ ଭାବେ କହିଲେ, ତଦନ୍ତ କରାଇବି: ସୂର୍ଯ୍ୟ

■ ଦାମବାବୁଙ୍କ ଅଭିଯୋଗ ଭିତ୍ତିହୀନ: ତୁଷାରକାନ୍ତି

■ ରେଜିଷ୍ଟ୍ରାର ବିବୃତି ରଖିବା ଦୁର୍ଭାଗ୍ୟଜନକ: ଭାଜପା



ଡା. ଦାମୋଦର ରାଉତ

ଭୁବନେଶ୍ୱର,୮।୯(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ଡାକ୍ତର ଦାମୋଦର ରାଉତ ସମବାୟ ଦୁର୍ନୀତି ନେଇ ମୁହଁ ଖୋଲିଛନ୍ତି। ଶନିବାର ଦାମ କହିଛନ୍ତି ଯେ, ସେ ମନ୍ତ୍ରୀ ଥିବା ସମୟରେ ସମବାୟ ବିଭାଗରେ ଦୁର୍ନୀତିର ସୂଚନା ପାଇଥିଲେ। ଏହାର ତଦନ୍ତ ପାଇଁ ସେ ତତ୍କାଳୀନ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ। ହେଲେ ଏହି ନିର୍ଦ୍ଦେଶ ସେ ସମୟରେ ପାଳନ କରାଯାଇ ନ ଥିଲା। ଚାରା କିଣା ଏବଂ ଓମ୍‌ଫେଡ୍ ମିଲ୍କ ପାଉଚ ଦୁର୍ନୀତି ପରେ ସମବାୟ ଦୁର୍ନୀତି ନେଇ ଦାମଙ୍କ ଏହି ବିସ୍ଫୋରକ ବୟାନ ରାଜ୍ୟ ରାଜନୀତିକୁ ସରଗରମ କରିଛି।

ଦାମ କହିଛନ୍ତି ଯେ, ସେ ସମବାୟ ମନ୍ତ୍ରୀ ହେବା ଆଗରୁ ହୋଇଥିବା ଦୁର୍ନୀତି ବିରୋଧରେ ଭିଜିଲାନ୍ସ ତଦନ୍ତ କରାଇଥିଲେ। ସେ ସମୟରେ ରାଜ୍ୟ ସମବାୟ ସଂଘର ସଭାପତି ଥିବା ଜନୈକ ବ୍ୟକ୍ତି ଓ ଅନ୍ୟାନ୍ୟ କର୍ମଚାରୀ ଗିରଫ ହୋଇଥିଲେ। ହେଲେ ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ତତ୍କାଳୀନ ସମବାୟ ବ୍ୟାଙ୍କ୍ ଏମ୍‌ଡି ତୁଷାରକାନ୍ତି ପଣ୍ଡା ହାଇକୋର୍ଟରୁ ଅର୍ଡର ଆଣିଥିଲେ। ଫଳରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ହେଲେ ସେ ଦୋଷମୁକ୍ତ ହୋଇ ନ ଥିଲେ। ଏ ସମ୍ପର୍କରେ ତାଙ୍କଠାରୁ ଅଜାଣତରେ ଦସ୍ତଖତ ନିଆଯାଇଥିବା ଦାମ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜ୍ୟରେ ସମବାୟ ବ୍ୟାଙ୍କ୍‌ରେ ୭୦୦ରୁ ୮୦୦ କୋଟି ଟଙ୍କାର ଅନିୟମିତତା ହୋଇଛି। ସମବାୟ ଆଇନ ଧାରା-୬୫ ଦ୍ୱାରା ତାହାର ତଦନ୍ତ କରାଗଲେ ସତ୍ୟାସତ୍ୟ ଜଣାପଡିଥାନ୍ତା। ଯେତିକି ଋଣ ଦିଆଯାଇଛି, ତାହାର ୬୦ ପ୍ରତିଶତ ଅଣଚାଷୀ ନେଇଥିବା ଦାମୋଦର କହିଛନ୍ତି।

ଦାମ ସମବାୟ ବିଭାଗ ସମ୍ପର୍କିତ ଆଣିଥିବା ଅଭିଯୋଗକୁ ତତ୍କାଳୀନ ରେଜିଷ୍ଟ୍ରାର ତୁଷାରକାନ୍ତି ପଣ୍ଡା ଭିତ୍ତିହୀନ ବୋଲି କହି ଖଣ୍ଡନ କରିଛନ୍ତି। ସମବାୟ ମନ୍ତ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଭାବେ ଦାମବାବୁ ତଥ୍ୟ ଦିଅନ୍ତୁ। ପ୍ରମାଣ ମିଳିଲେ ତାହାର ତଦନ୍ତ ନିର୍ଦ୍ଦେଶ ଦିଆଯିବ।

ଅପରପକ୍ଷରେ ଦାମଙ୍କ ଅଭିଯୋଗକୁ ଭିତ୍ତିକରି ରାଜ୍ୟ ସରକାରଙ୍କୁ ଭାଜପା ସମାଲୋଚନା କରିଛି। ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ତତ୍କାଳୀନ ସମବାୟ ରେଜିଷ୍ଟ୍ରାର ପଣ୍ଡା ବ୍ୟାପକ ଦୁର୍ନୀତିରେ ଲିପ୍ତ ଅଛନ୍ତି। ମୁଖ୍ୟ ଶାସନ ସଚିବ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ବି ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଏମିତିକି ନିକଟରେ ଆସିଥିବା ୩୫ କୋଟି ଟଙ୍କାର କମ୍ପ୍ୟୁଟର କିଣା ଦୁର୍ନୀତିର ଘଣ୍ଟ ଘୋଡାଯାଇଛି। ଅବସର ପରେ ତୁଷାରକାନ୍ତିଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଗଣମାଧ୍ୟମରେ ସରକାର ସ୍ୱଷ୍ଟୋକ୍ତି ନ ରଖି ତୁଷାରକାନ୍ତି ମନ୍ତବ୍ୟ ରଖିବା ଦୁର୍ଭାଗ୍ୟଜନକ ବୋଲି ସମୀର କହିଛନ୍ତି।

■ ଘରେ ପଶି ମାଡ଼ ମାରିବା ଘଟଣା

# ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କୁ ଧରିବାକୁ ୨ଟିମ୍

ଫୁଲବାଣୀ ଅଫିସ, ୮।୯

କନ୍ଧମାଳ ଜିଲା ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଓ ତାଙ୍କ ସହଯୋଗୀ ରିଙ୍କୁ ସାହୁ ଗତ ୨ ତାରିଖ ବିଳମ୍ବିତ ରାତିରେ ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଘରେ ପଶି ତାଙ୍କୁ ଏବଂ ତାଙ୍କ ମା'ଙ୍କୁ ମାଡ ମାରିଥିଲେ। ଏ ନେଇ ଯୁବତୀ ଜଣକ ଗତ ୩ ତାରିଖରେ ଏତଲା ଦେଇଥିଲେ। ପୋଲିସ ଦେବେନ୍ଦ୍ର ଏବଂ ରିଙ୍କୁଙ୍କ ନାମରେ ନଂ. ୫୩/୧୮ରେ ମାମଲା ରୁଜୁ କରିଥିଲା। ସେବେଠାରୁ କହଁର ଓ ରିଙ୍କୁ ଫେରାର ଅଛନ୍ତି।

ଦେବେନ୍ଦ୍ରଙ୍କୁ ଗିରଫ କରିବା ପାଇଁ ୨ଟି ସ୍ୱେଶାଲ ପୋଲିସ ଟିମ୍ ଗଠିତ ହୋଇଛି। ଏଥିସହ ଭିଡିଓ ଭାଇରାଲ ଘଟଣାରେ ଦେବେନ୍ଦ୍ରଙ୍କ ବାନ୍ଧବୀଙ୍କୁ ଏହି ମାମଲାରେ ଛନ୍ଦା ଯାଇଛି। ଘଟଣାରେ ୩ ଜଣଙ୍କୁ ଗିରଫ କରାଯିବା ପାଇଁ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ସିଂ ଆହୁରି କହିଛନ୍ତି, ଗତ ୩ ତାରିଖରେ ଜନୈକା ଯୁବତୀ ସଦର ଥାନାରେ ଦେବେନ୍ଦ୍ରଙ୍କ ନାମରେ ଏତଲା ଦେଇଥିଲେ। ଏଥିରେ ତାଙ୍କୁ ଓ ମାଙ୍କୁ ଦେବେନ୍ଦ୍ର ମାଡ ମାରି ଆକ୍ରମଣ କରିଥିବା ଦର୍ଶାଇଥିଲେ। ସମ୍ପୃକ୍ତ ଯୁବତୀ ତାଙ୍କ ବୟାନରେ ଦେବେନ୍ଦ୍ରଙ୍କ ବାନ୍ଧବୀ ଭିଡିଓ ଭାଇରାଲ କରିଥିଲେ ବୋଲି କହିଥିଲେ। ଏହି ଘଟଣାକୁ ନେଇ ବାନ୍ଧବୀଙ୍କୁ ସେହି ମାମଲାରେ ୬୭(ଏ) ଆଇଟି ଆକ୍ଟରେ ଯୋଡା ଯାଇଛି। ଏହି ଭିଡଓ ଭାଇରାଲ ହୋଇଥିବାକୁ ଆମେ ଯାଞ୍ଚ କରିବା ପାଇଁ ଆଇଟି ବିଭାଗର ସହାୟତା ନେଇଛୁ ଏବଂ ଯେଉଁ ସୋସିଆଲ ମିଡିଆରେ ଏହା ପ୍ରଚାର କରାଯାଉଛି, ତାକୁ ବନ୍ଦ କରିବା ପାଇଁ ଚିଠି କରିଛୁ। ଏହାର ତଦନ୍ତ ଦାୟିତ୍ୱ ଜିଲା ଡିସିଆରବି(ଡିଷ୍ଟ୍ରିକ୍ଟ କ୍ରାଇମ ରେକର୍ଡ ବ୍ୟୁରୋ) ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ତିୱାରୀଙ୍କୁ ଦିଆଯାଇଛି। ଘଟଣାକୁ ପୋଲିସ ଗୁରୁତର ସହ ନେଇଛି। ଦେବେନ୍ଦ୍ରଙ୍କ ସମେତ ଅନ୍ୟମାନଙ୍କ ଫୋନ ବନ୍ଦ ଥିବାରୁ ସେମାନଙ୍କୁ ଠାବ କରାଯାଇ ପାରିନାହିଁ। ଯାହା ବି ହେଉ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ଓ ସଦର ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି, ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ।

# ବିଳମ୍ବିତ ହେବ କଂଗ୍ରେସର ପ୍ରାର୍ଥୀ ଘୋଷଣା



ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ଆସନ୍ତା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷଣା ବିଳମ୍ବିତ ହେବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ଘୋଷଣା ଚଳିତ ମାସ ୧୪, ୧୫ କିମ୍ବା ୨୦ରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବର୍ତ୍ତମାନ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ୧୪ ପରେ ତାଙ୍କର ମଧ୍ୟପ୍ରଦେଶ ଗସ୍ତ ରହିଛି। ସେଠାରୁ ଫେରିବା ପରେ ଓଡ଼ିଶା ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ନିରଞ୍ଜନ କହିଛନ୍ତି।

## ଭାରତ ବନ୍ଦ ପାଇଁ ପ୍ରସ୍ତୁତି

ସେହିପରି ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର ଭାରତ ବନ୍ଦକୁ ସାରା ରାଜ୍ୟରେ ସଫଳ କରିବା ପାଇଁ କଂଗ୍ରେସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଏନେଇ ଶନିବାର ଜିଲା କଂଗ୍ରେସ ସଭାପତି ଏବଂ ଅନ୍ୟାନ୍ୟ ରାଜ୍ୟସ୍ତରୀୟ ପଦାଧିକାରୀଙ୍କ ସହ କଂଗ୍ରେସ ଭବନରେ ଆଲୋଚନା ହୋଇଛି। ନିରଞ୍ଜନ କହିଛନ୍ତି ଯେ, ୧୦ ତାରିଖ ସକାଳ ୬ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଦଳ ପକ୍ଷରୁ ପ୍ରତିବାଦ ଓ ବନ୍ଦ କରାଯିବ। ପ୍ରତିବାଦକୁ ଶାନ୍ତିପୂର୍ଣ୍ଣ କରାଯିବାକୁ ଯଥାସମ୍ଭବ ଚେଷ୍ଟା କରାଯିବ। ବନ୍ଦ ବେଳେ ଆମ୍ବୁଲାନ୍ସ, ମେଡିସିନ୍ ଦୋକାନ, ମିଲ୍କ ଭ୍ୟାନ୍ ଏବଂ ପରୀକ୍ଷାର୍ଥୀଙ୍କୁ କୌଣସି ପ୍ରକାର ବାରଣ କରାଯିବ ନାହିଁ। ମିଳିଥିବା ସୂଚନାନୁଯାୟୀ ରାଜଧାନୀରେ ପିସିସି ସଭାପତିଙ୍କ ସମେତ ଅନ୍ୟ ତୁଙ୍ଗ ନେତା ଉପସ୍ଥିତ ରହିବେ। ଜିଲାସ୍ତରରେ ଜିଲା କଂଗ୍ରେସ ସଭାପତିମାନେ ବନ୍ଦ ପାଳନ କରିବେ। ସବୁ ଜିଲାରେ ଛାତ୍ର, ଯୁବ ଏବଂ ମହିଳା କଂଗ୍ରେସର କର୍ମକର୍ତ୍ତାମାନଙ୍କ ଦ୍ୱାରା ଶୋଭାଯାତ୍ରା କରାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭାଗ୍ୟକର୍ମାଧିପତି ତୃତୀୟସ୍ଥାନକୁ ଦେଖୁଥିବାରୁ ଆପଣ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପକୃତ ହେବେ। ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ ଓ ପାଇବେ ମଧ୍ୟ। ଗୃହ, ଭୂମି, ଗାଡ଼ି, ମୋଟର କିଣାବିକାକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ମଙ୍ଗଳଙ୍କ ଦୃଷ୍ଟିରେ ଚନ୍ଦ୍ର ହେତୁ ପ୍ରତ୍ୟେକ କାର୍ଯ୍ୟ କ୍ରମଶଃ ସମସ୍ୟାବହୁଳ ହୋଇ ପଡ଼ିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ଅର୍ଥାଭାବ ପରିଲକ୍ଷିତ ହୋଇପାରେ।

**ମିଥୁନ** ତୃତୀୟରେ ରବି ସହ ରାଶ୍ୟାଧିପ ଓ ଚନ୍ଦ୍ର ରହିଥିବାରୁ ଆଜିର କାମରେ ଆପଣଙ୍କୁ ପଡ଼ୋଶୀ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତ ହୋଇପାରନ୍ତି।

**କର୍କଟ** ପାରସ୍ପରିକ ବୁଝାମଣା କ୍ରମେ ପାରିବାରିକ ପରିସ୍ଥିତି ଏକ ପ୍ରକାର ଭଲ ରହିବ। କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଆପଣଙ୍କୁ ସାହାଯ୍ୟ ମିଳିବ। ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ।

**ସିଂହ** ଚନ୍ଦ୍ର ସହ ବୁଧଙ୍କ ସଂଯୋଗରୁ ପୂର୍ବରୁ ଅଟକି ରହିଥିବା ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ତରବରିଆ ଯାତ୍ରା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା** ଦ୍ୱନ୍ଦ୍ୱରେ ପଡ଼ି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ବହୁ ବିଳମ୍ବରେ ଓ କଷ୍ଟର ସହ ପାଇବେ। ବନ୍ଧୁଙ୍କ ପାଖରେ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇପାରିବ। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ତିନୋଟିଗ୍ରହ ଏକାଦଶ ସ୍ଥାନରେ ରହିଥିବାରୁ ସମସ୍ୟାର ସମାଧନ କରିବା ପାଇଁ ଉଦ୍ୟମ କରି ସଫଳ ହେବେ। ମଧ୍ୟାହ୍ନରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯାଇପାରେ। ବ୍ୟବସାୟରେ ଆଜି ବିଶେଷ ଲାଭ ନ ହେଲେ ମଧ୍ୟ କ୍ଷତି ହେବ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା** ସାମାଜିକ ସ୍ତରରେ ବନ୍ଧୁମାନଙ୍କ ସ୍ନେହ,ଶ୍ରଦ୍ଧା ଓ ଆଦରରେ ହୃଦୟ ବିଗଳିତ ହୋଇପଡ଼ିବ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ। ଶତ୍ରୁ କବଳରୁ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ।

**ଧନୁ** କର୍ମକ୍ଷେତ୍ରର ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ସାମାଜିକ ସ୍ତରରେ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ ନିଜ ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ଶିଳ୍ପ, ବ୍ୟବସାୟରେ ଲାଭ ନିଶ୍ଚିତ ମିଳିବ। ଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କାମ କ୍ଷେତ୍ରରେ ସଫଳତା ପାଇପାରିବେ।

**ମକର** ଆଲୋଚନା ପରିସରରେ ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବ। କୌଶଳ ପ୍ରୟୋଗକରି ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟାଇବେ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରି ନ ପାରନ୍ତି।

**କୁମ୍ଭ** ସାମାନ୍ୟ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି। ଯାତ୍ରା, ବ୍ୟବସାୟ ତଥା ପରିବହନ ପାଇଁ ଦିନଟି ଭଲ ରହିବ।

**ମୀନ** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ସହକର୍ମୀଙ୍କ କୌଣସି ଖାମଖିଆଲି କାମ ହେତୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ସପ୍ତପୁରୀ ଅମାବାସ୍ୟା ରବିବାର, ଶ୍ରୀମନ୍ଦିରରେ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ଅମାବାସ୍ୟାର ନିଶାପାଳନ, ଖୁଦୁରୁକୁଣୀ ଓଷା ଦ୍ୱିତୀୟ ପାଳି, ସେପ୍ଟେମ୍ବର ୯ ତାରିଖ, ରାଶି ନକ୍ଷତ୍ର-ସକାଳ, ଘ୮।୩୧ମି. ପରେ ମଘା/ସିଂହ,ମେଷ ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ। ଦିବା ଘ୬।୫୩ମି. ମଧ୍ୟେ ଘ୪।୫୭ମି. ଗତେ, ଘ୬।୧୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୩୦ମି. ଗତେ ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୯ମି. ଗତେ ଘ୫।୫୨ମି. ମଧ୍ୟେ ରାହୁକାଳ।



> ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆର୍‌ସି) ତାଲିକାରୁ କୌଣସି ଭାରତୀୟଙ୍କୁ ବାଦ୍ ଦିଆଯିବ ନାହିଁ। ତେବେ କିଏ ଭାରତୀୟ ଏବଂ କେଉଁମାନେ ବିଦେଶୀ, ତାହା ଜାଣିବା ନିହାତି ଆବଶ୍ୟକ।
> – ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ ଜଳସ୍ତର ୬୨୫.୫୮ ଫୁଟ
## ୧୦ ଗେଟରୁ ଜଳ ନିଷ୍କାସନ

ସମ୍ବଲପୁର,୮।୯(ବ୍ୟୁରୋ) : ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୯ ହଜାର ୭୮୮ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ହୀରାକୁଦ ଡ୍ୟାମର ଜଳସ୍ତର ଶନିବାର ରାତି ୯ଟା ସୁଦ୍ଧା ୬୨୫. ୫୮ ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ୧୦ଟି ସ୍ଲୁଇସ୍ ଗେଟ ଖୋଲାଯାଇଛି। ଡ୍ୟାମ ବାମପାର୍ଶ୍ୱର ୬ ଓ ଡାହାଣ ପାର୍ଶ୍ୱର ୪ ସ୍ଲୁଇସ୍ ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୦ ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧମରେ ୨, ୦୭, ୮୩ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ଗତ ୨୪ ଘଣ୍ଟା ମଧରେ ସମ୍ବଲପୁର ଜିଲାରେ ୫୮.୧ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ବିଷାକ୍ତ ଖାଦ୍ୟ ଖାଇ ଜଣେ ମୃତ

ନୂଆଗାଁ, ୮।୯(ଡି.ଏନ.ଏ) ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବଡ଼ଯୋଜଦା ପଞ୍ଚାୟତର କଦଲକା ଗ୍ରାମର ଆସିଆନ ମୁଣ୍ଡା (୫୧) କୌଣସି ବିଷାକ୍ତ ଖାଦ୍ୟଖାଇ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଛନ୍ତି। ବିଷାକ୍ତ ଖାଦ୍ୟଖାଇ ବୁଧବାର ଅସୁସ୍ଥ ହୋଇପଡିବାରୁ ତାଙ୍କୁ ରାଉରକେଲାସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଖବରପାଇ ବିଶ୍ରା ଥାନା ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁ ଆଇଜିଏଚ୍‌ରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ବିଶ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୦।୧୮) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

## ଅପହୃତା କଲେଜ ଛାତ୍ରୀ ଉଦ୍ଧାର: ଅଭିଯୁକ୍ତ ଅଟକ

ତିହିଡ଼ି,୮।୯(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତ ଅଞ୍ଚଳର ଅପହୃତା କଲେଜ ଛାତ୍ରୀଙ୍କୁ ଯାଜପୁର ଟାଉନରୁ ପୋଲିସ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ସମୀର ଜେନାଙ୍କୁ ଭଦ୍ରକରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କ ଘର ଭଦ୍ରକ ଏରେଇଁ ଗ୍ରାମରେ ବୋଲି ଜଣାପଡ଼ିଛି। ଉଦ୍ଧାର ଛାତ୍ରୀଙ୍କୁ ଶନିବାର ଭଦ୍ରକ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ଭଦ୍ରକସ୍ଥିତ ଆସିୟାନାରେ ରଖାଯିବାକୁ ନିର୍ଦ୍ଦେଶ ହୋଇଛି। ଅଭିଯୁକ୍ତ ସମୀରଙ୍କୁ ତିହିଡ଼ି ଥାନାରେ ଅଟକ ରଖାଯାଇଛି। ଛାତ୍ରୀ ଜଣଙ୍କ ଗତ ଜୁଲାଇ ୧୨ରେ କଲେଜକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମା' ୧୯ ତାରିଖରେ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ସମୀର ତାଙ୍କ ଝିଅକୁ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସମୀରଙ୍କ ସ୍ତ୍ରୀଙ୍କ ଏତଲାକ୍ରମେ ସମୀରଙ୍କ ନାଁରେ ଏକ ନିର୍ଯାତନା ମାମଲାରୁଜୁ ହୋଇଛି।

## ମାଓବାଦୀ କମାଣ୍ଡର ଗିରଫ

ଶିଓହର,୮।୯(ପି.ଟି.): ବିହାରର ଶିଓହର ଏବଂ ମୁଜାଫରପୁର ସୀମା ନିକଟରୁ ଶନିବାର ଜଣେ ମାଓବାଦୀ କମାଣ୍ଡର ଗିରଫ ହୋଇଛନ୍ତି। ତାଙ୍କ ନାମ ଲାଲବାବୁ ସାହନୀ ଓରଫ୍ ଭାସ୍କର। ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏବଂ ଜିଲା ପୋଲିସର ମିଳିତ ଉଦ୍ୟମରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ନାମରେ ୨୪ଟି ମାମଲା ରହିଛି ବୋଲି ଏସ୍‌ପି ସନ୍ତୋଷ କୁମାର ସୂଚନା ଦେଇଛନ୍ତି। ଇଷ୍ଟ ଚମ୍ପାରନ୍ ଜିଲା ନିବାସୀ ସାହନୀ ମାଓବାଦୀଙ୍କ ଜୋନାଲ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଗିରଫ ଏକ ବଡ ସଫଳତା ବୋଲି ପୋଲିସ କହିଛି।



ଭୁବନେଶ୍ୱର ଜୟଦେବବିହାରଠାରେ ଶନିବାର ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା ଏବଂ ଅନ୍ୟମାନେ।

### ■ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ
## ବିଏଏମ୍‌ଏସ୍‌ରେ ୬୦ ସିଟ୍ ପାଇଁ ଅନୁମତି

ବଲାଙ୍ଗୀର ଅଫିସ, ୮।୯

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ୨୦୧୮–୧୯ ଶିକ୍ଷାବର୍ଷରେ ଅଣ୍ଡର ଗ୍ରାଜୁଏସନ୍ (ବିଏଏମ୍‌ଏସ୍) ବିଭାଗରେ ସିଟ୍ ସଂଖ୍ୟା ୩୦ରୁ ୬୦କୁ ବୃଦ୍ଧି କରିବା ଏବଂ ପିଜି ବିଭାଗରେ ନୂଆ କୋର୍ସ ଆୟୁର୍ବେଦ ସଂହିତା ଏବଂ ସିଦ୍ଧାନ୍ତ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ପତ୍ର ମିଳିଛି। ଭାରତୀୟ ଚିକିତ୍ସା କେନ୍ଦ୍ରୀୟ ପରିଷଦ (ସିସିଆଇଏମ୍)ର ସୁପାରିଶକୁ ଭିତ୍ତିକରି ଆୟୁଷ ମନ୍ତ୍ରଣାଳୟ ଏହି ଅନୁମତି ଦେଇଥିବା ଉଲ୍ଲେଖ କରାଯାଇଛି। ଏହି କଲେଜରେ ପୂର୍ବରୁ ବିଏଏମ୍‌ଏସ୍ ବିଭାଗରେ ୩୦ଟି ସିଟ୍‌କୁ ଅନୁମତି ମିଳିଥିଲା।

### ଆୟୁର୍ବେଦ ସଂହିତାରେ ପିଜି ଖୋଲିବ

୨୦୧୬–୧୭ ଶିକ୍ଷାବର୍ଷ ପାଇଁ ଏହି କଲେଜରେ ପିଜି ବିଭାଗ ଖୋଲାଯିବା ନେଇ ସରକାର ଓ ବିଶ୍ୱବିଦ୍ୟାଳୟ ତରଫରୁ ମଞ୍ଜୁରୀ ମିଳିଥିଲା। ଫଳରେ ପିଜି ବିଭାଗରେ ରୋଗନିଦାନ ଏବଂ ବିକ୍ରିତି ବିଜ୍ଞାନ କୋର୍ସ ଆରମ୍ଭ ହୋଇଥିଲା। ଚଳିତବର୍ଷ ପିଜି ବିଭାଗରେ ଆଉ ଏକ ନୂଆ କୋର୍ସ ଆୟୁର୍ବେଦ ସଂହିତା ଏବଂ ସିଦ୍ଧାନ୍ତ ପାଠ୍ୟକ୍ରମ ଆରମ୍ଭ ହେବ।

ସୂଚନାଥାଉକି, ଗତ ଜୁନ୍ ମାସରେ ସିସିଆଇଏମ୍ ଟିମ୍ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ପରିଦର୍ଶନରେ ଆସି କଲେଜର ଭିତ୍ତିଭୂମି, ଅଧ୍ୟୟନ ଓ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଉପରେ ବିସ୍ତୃତ ରିପୋର୍ଟ ଆୟୁଷ ମନ୍ତ୍ରଣାଳୟକୁ ପଠାଇଥିଲେ। ଉକ୍ତ ରିପୋର୍ଟରେ ଏହି କଲେଜରେ ଅଣ୍ଡର ଗ୍ରାଜୁଏସନ୍ ବିଭାଗର ୩୦ ସିଟ୍ ଏବଂ ପିଜି ବିଭାଗର ରୋଗନିଦାନ ଏବଂ ବିକ୍ରିତି ବିଜ୍ଞାନକୁ ମଞ୍ଜୁରୀ ଦେଇଥିଲେ।

ଅଣ୍ଡର ଗ୍ରାଜୁଏଟ୍ ବିଭାଗରେ ସିଟ୍ ସଂଖ୍ୟା ୬୦କୁ ବୃଦ୍ଧି ପାଇବା ପରେ ଏବେ କଲେଜରେ ଶ୍ରେଣୀ କୋଠରି ଆବଶ୍ୟକ ପଡିବ। ୨୦୧୮–୧୯ ଶିକ୍ଷାବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ଅସୁବିଧା ନଥିଲେ ମଧ ଆଗକୁ ଅତିରିକ୍ତ ଶ୍ରେଣୀ କଠୋରୀ, ପ୍ରାକ୍ଟିକାଲ ସୁବିଧା, ଅଡିଟୋରିୟମର ଆବଶ୍ୟକତା ରହିଛି।

### ■ ଗାଡ଼ି ନେବାବେଳେ ଘର ସମ୍ମୁଖ ଡ୍ରେନ ଦବିଗଲା
## ଟ୍ରକ ମାଲିକ, ଡ୍ରାଇଭର ମୁହଁକୁ ଚିଲି ସ୍ପ୍ରେ କଲେ ଅଧ୍ୟାପକ

ଭୁବନେଶ୍ୱର,୮।୯(ବ୍ୟୁରୋ)

ଏକ ଟ୍ରକ୍ ଯାଉଥିବା ସମୟରେ ଜଣେ ଅଧ୍ୟାପକଙ୍କ ଘର ଆଗରେ ଥିବା ଡ୍ରେନ୍ ଦବି ଯାଇଥିଲା। ଏହାକୁ କେନ୍ଦ୍ର କରି ଗଣ୍ଡଗୋଳ ବେଳେ ଅଧ୍ୟାପକ ଜଣକ ଟ୍ରକ ମାଲିକ ଓ ଡ୍ରାଇଭରଙ୍କ ମୁହଁକୁ ଚିଲି ସ୍ପ୍ରେ କରିଥିଲେ। ଏହି ଘଟଣା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାରରେ ଘଟିଥିଲା। ଏହାକୁ ନେଇ ଟ୍ରକ୍ ଆସୋସିଏଶନ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଆଇପିସି ଦଫା ୨୯୪, ୫୦୬, ୩୨୪, ୩୨୬ରେ ମାମଲା ନଂ.୪୩୯/୧୮ ରୁଜୁ କରି ଅଭିଯୁକ୍ତ ଅଧ୍ୟାପକଙ୍କୁ ଥାନାରେ ଅଟକ ରଖିଛି। ରବିବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କେ.ପି ମିଶ୍ର କହିଛନ୍ତି।

ଅଭିଯୋଗ ଅନୁସାରେ, ଟ୍ରକ୍ ମାଲିକ ନୟାଗଡ଼ ଜିଲା ଖଣ୍ଡପଡାର ଦଣ୍ଡଧର ବେହେରା ଓ ତାଙ୍କ ଡ୍ରାଇଭର ମାଲ୍ ନେବାକୁ ସତ୍ୟବିହାରକୁ ଆସିଥିଲେ। ମାଲ୍ ନେଇ ଫେରିବା ସମୟରେ ସମ୍ପୃକ୍ତ ଅଧ୍ୟାପକଙ୍କ ଘର ଆଗରେ ଥିବା ଡ୍ରେନ୍‌ଟି ଦବିଯିବାରୁ ଟ୍ରକ୍‌ଟି ଅଟକି ରହିଥିଲା। ଟ୍ରକ୍ ମାଲିକ କ୍ରେନ୍ ଆଣି ଗାଡିକୁ ଉଠାଇବା ସମୟରେ ଅଧ୍ୟାପକ ଜଣକ ତାଙ୍କ ସହ ଝଗଡା କରିଥିଲେ। ଏହା କ୍ରମଶଃ ଗଣ୍ଡଗୋଳର ରୂପ ନେଇଥିଲା। ଶେଷରେ ଉତ୍କ୍ଷିପ୍ତ ହୋଇ ଅଧ୍ୟାପକ ଜଣକ ଘରୁ ଏକ ଚିଲି ସ୍ପ୍ରେ ଆଣି ଦୁଇ ଜଣଙ୍କ ମୁହଁକୁ ସ୍ପ୍ରେ କରିଥିଲେ। ଏହି ସ୍ପ୍ରେରେ ସେମାନଙ୍କ ଆଖିରେ ଭୀଷଣ ଯନ୍ତ୍ରଣା ହୋଇଥିଲା। ଉଭୟଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

**ନୋଟିସ**

ଏତଦ୍ୱାରା ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ସୂଚିତ କରାଯାଉଛି ଯେ **ଶ୍ରୀ ବିଜୟ କୁମାର ଶର୍ମା,** ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.୨୫୭୬, ରଥ ରୋଡ୍, ଓଲ୍ଡ ଟାଉନ୍, ଜିଲ୍ଲା: ଭୁବନେଶ୍ୱର, ଓଡ଼ିଶା– ୭୫୧୦୦୨ ଏବଂ ସ୍ଥାୟୀ ଠିକଣା: ପୋଷ୍ଟ– କଣ୍ଟିତାଡ଼, ରାଞ୍ଚି, ଝାଡ଼ଖଣ୍ଡଙ୍କୁ ଦୁରାଚାର ଏବଂ ଠକାମି ଦୋଷାରୋପରେ ତା୧୩।୦୮।୨୦୧୮ରିଖଠାରୁ ବହିଷ୍କାର କରାଯାଇଛି। ସେ ଆମ ସହିତ ଆଉ ଜଡ଼ିତ ନାହାନ୍ତି। ତେଣୁ ଦୟାକରି ତାଙ୍କ ସହ କୌଣସି ବ୍ୟବସାୟ ନେଣଦେଣ ନିଜ ଦାୟିତ୍ୱରେ କରନ୍ତୁ।

**ପାରସ ଲୁବ୍ରିକାଣ୍ଟ୍ସ ଲିମିଟେଡ୍**
**ଦିଲ୍ଲୀ**

**ନୋଟିସ**

ଏତଦ୍ୱାରା ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ସୂଚିତ କରାଯାଉଛି ଯେ ତା୧୨।୦୮।୨୦୧୮ରିଖରେ ଇସ୍ତଫା ଦେଇଥିବା **ଶ୍ରୀ ଜ୍ୟୋତି ପ୍ରକାଶ ସେନାପତି,** ବାସିନ୍ଦା: କାଜିପାଟଣା, ପୋଷ୍ଟ: ଉତ୍ତମପୁରା, ଜିଲ୍ଲା: କଟକ, ଓଡ଼ିଶା–୭୫୩୦୧୧ଙ୍କ ଉପରେ ଆମର ଟ.୨୧,୨୩୦.୦୦ ବାକି ଅଛି। ତାଙ୍କୁ କମ୍ପାନୀରେ ସମଗ୍ର ବକେୟା ରାଶି ପୈଠ କରିବା ଏବଂ କାଗଜପତ୍ର ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେ ଆମ ସହିତ ଆଉ ଜଡ଼ିତ ନାହାନ୍ତି । ତେଣୁ ଦୟାକରି ତାଙ୍କ ସହ କୌଣସି ବ୍ୟବସାୟ ନେଣଦେଣ ନିଜ ଦାୟିତ୍ୱରେ କରନ୍ତୁ।

**ପାରସ ଲୁବ୍ରିକାଣ୍ଟ୍ସ ଲିମିଟେଡ୍**
**ଦିଲ୍ଲୀ**

## କୂଳ ଖାଉଛି ମହାନଦୀ

ଗଣିଆ,୮।୯(ଡି.ଏନ୍.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ ଦେଇ ପ୍ରବାହିତ ହେଉଥିବା ମହାନଦୀ କୂଳ ଖାଇବାରେ ଲାଗିଛି। ବର୍ଷାଦିନେ ନଦୀରେ ବନ୍ୟାଜଳ ଆସିବା ଦ୍ୱାରା କୂଳରୁ ମାଟି ଅତଡ଼ା ଖସି ନଦୀ ଗର୍ଭରେ ଲୀନ ହେଉଛି। ଫଳରେ ନଦୀକୂଳିଆ ଅଞ୍ଚଳରେ ଥିବା ଶହ ଶହ ଏକର ଚାଷ ଜମି କ୍ଷୟ ହେବାରେ ଲାଗିଛି। ପ୍ରତିବର୍ଷ ବର୍ଷାଦିନେ ୪ରୁ ୫ଫୁଟ ଓସାରରେ ନଦୀକୂଳ ଖାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ବିଶେଷକରି ଚଳିତବର୍ଷ ମହାନଦୀରେ ଲଗାତର ବନ୍ୟା ଜଳ ପ୍ରବାହିତ ହେବା

### ମାଳବନ୍ଧ ନିର୍ମାଣ ସହ ପଥର ପ୍ୟାକିଂ ଦାବି

ଦ୍ୱାରା ବ୍ଲକର ମହାନଦୀ ଓ ବୃତ୍ତଙ୍ଗ ନଦୀର ମିଶ୍ରଣ ସ୍ଥଳ (ମୁହାଣ)ଠାରୁ ବଡମୂଳ ପର୍ଯ୍ୟନ୍ତ ମାଟି ଅତଡ଼ା ଖସି କୂଳ ଖାଇଥିବା ଦେଖିବାକୁ ମିଳିଛି। ନଦୀକୂଳରେ ଥିବା ବହୁ ପୁରାତନ ଫାଶି, ନିମ୍ବ, ବର, ଆମ୍ବ, କୋଚିଲା ଆଦି ଗଛଗୁଡ଼ିକ ଉପୁଡି ନଦୀରେ ଭାସିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ବୃତ୍ତଙ୍ଗ ମୁହାଣ ନିକଟରେ ଥିବା ଜଗନ୍ନାଥ ବନପ୍ରକଳ୍ପ ଫାଶି ପ୍ଲାଣ୍ଟେସନ ମଧ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଅନ୍ୟପକ୍ଷେ ମହାନଦୀ କୂଳରେ ଥିବା ଗଛଲତା ଲୋପ ପାଇଯିବା ଦ୍ୱାରା ନଦୀରେ ଅଳ୍ପ ବନ୍ୟା ଜଳ ଆସିଲେ ମଧ ଏହା ଗଭୀର ଚାଷ ଜମିରେ ମାଡିଯାଉଛି। ଫଳରେ ନଦୀକୂଳିଆ ଚାଷୀମାନଙ୍କୁ ଧାନଫସଲରେ ବ୍ୟାପକ କ୍ଷତି ସହିବାକୁ ପଡୁଛି। ନଦୀକୂଳରୁ ମୃତ୍ତିକା ସଂରକ୍ଷଣ ଦିଗରେ ମାଳବନ୍ଧ କିମ୍ବା ପଥରପ୍ୟାକିଂ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇପାରିନାହିଁ। ପ୍ରକାଶଯୋଗ୍ୟ ମହାନଦୀର ଚିରସ୍ରୋତା ଗୁଣକୁ ଅକ୍ଷୁର୍ଣ୍ଣ ରଖିବା ସହ ନଦୀ କୂଳର ମୃତ୍ତିକା ସଂରକ୍ଷଣ ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସବୁଜ ମହାନଦୀ ମିଶନ ଗଠନ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ନଦୀ କୂଳରେ ମାଳବନ୍ଧ କିମ୍ବା ପଥର ପ୍ୟାକିଂ କରା ନ ଗଲେ ସବୁଜ ମହାନଦୀ ମିଶନ ଯୋଜନାରେ ନଦୀକୂଳରେ ଲାଗୁଥିବା ଶହଶହ ଗଛ ନଦୀଗର୍ଭରେ ଲୀନ ହୋଇଯିବା ସମ୍ଭାବନା ରହିଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗଣିଆ ବ୍ଲକର ବଡ଼ମୂଳଠାରୁ ପାଣ୍ଡରୋସିଂହା ପଡୁରିଆ ପର୍ଯ୍ୟନ୍ତ ମହାନଦୀ ଅବବାହିକାରେ ମାଳବନ୍ଧ ନିର୍ମାଣ ସହିତ ପଥରପ୍ୟାକିଂ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି।



ଛାମୁଣ୍ଡିଆ ନାଗଡ଼ାରେ ମହାନଦୀ କୂଳରେ ଅତଡ଼ା ଖସିଛି।













ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।

–ଶ୍ରୀଅରବିନ୍ଦ



# ଉପନିବେଶୀୟ ଲିଗାସୀର ଅନ୍ତ



ଆକାର ପଟେଲ

୧୯୫୦ ଦଶକରେ ବ୍ରିଟିଶ୍ ବୈଜ୍ଞାନିକ ଆଲାନ ଟୁରିଙ୍ଗ୍ ଗୋଟିଏ ଜିନିଷର ବିକାଶ କରିଥିଲେ, ଯାହାକୁ କୁହାଯାଏ ଟୁରିଙ୍ଗ୍ ଟେଷ୍ଟ। ଏହି ଟେଷ୍ଟରୁ ଗୋଟିଏ କମ୍ପ୍ୟୁଟରର ବୌଦ୍ଧିକ ବ୍ୟବହାରଗତ ଦକ୍ଷତା କେତେ ତାହା ଜଣାପଡ଼େ। ଏହି ପରୀକ୍ଷାରେ ଜଣେ ମଣିଷ ଓ ଏକ କମ୍ପ୍ୟୁଟରର ମେସେଜିଂ ଆପ୍ ମଧ୍ୟରେ ଟେକ୍ସଟ୍ ମେସେଜ୍ ଆଦାନପ୍ରଦାନ ଚାଲିବ। ଯଦି ଏହାକୁ ଦେଖି ଆଉ ଜଣେ ବାର୍ତ୍ତାଳାପ କରୁଥିବା ଦୁଇଜଣଙ୍କ ମଧ୍ୟରୁ କିଏ ମଣିଷ ଓ କିଏ ମେଶିନ୍ କହି ନ ପାରିବ, ତେବେ କମ୍ପ୍ୟୁଟରଟି ପରୀକ୍ଷାରେ ପାସ୍ କରିଗଲା ବୋଲି କୁହାଯିବ। କମ୍ପ୍ୟୁଟରର ବୁଦ୍ଧିମତ୍ତା କ୍ଷେତ୍ରରେ ଆମେ ଅବଶ୍ୟ ସେହି ସ୍ତରରେ ପହଞ୍ଚିସାରିଲୁଣି। କିନ୍ତୁ ତାହା ଦେଖିବାକୁ ଟୁରିଙ୍ଗ୍ ଏବେ ନାହାନ୍ତି। ୧୯୫୪ ମସିହାରେ ୪୧ ବର୍ଷ ବୟସରେ ସେ ଆତ୍ମହତ୍ୟା କରିଥିଲେ। ସମଲିଙ୍ଗୀ ସମ୍ପର୍କ ରଖିବା ଅଭିଯୋଗରେ ବ୍ରିଟେନ୍‌ରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଦଣ୍ଡସ୍ୱରୂପ ରାସାୟନିକ ଔଷଧ ପ୍ରୟୋଗ କରି ତାଙ୍କୁ ନପୁଂସକ କରିଦିଆଯାଇଥିଲା। ଉକ୍ତ ଅପରାଧ ପାଇଁ ଜେଲ ଦଣ୍ଡର ବିକଳ୍ପ ସ୍ୱରୂପ ସେତେବେଳେ ଏହି ଦଣ୍ଡ ଦିଆଯାଉଥିଲା। ଏହାର ଦୁଇବର୍ଷ ପରେ ସେ ଆତ୍ମହତ୍ୟା କରିଥିଲେ। ତା'ର ପ୍ରାୟ ୧୦୦ ବର୍ଷ ପୂର୍ବରୁ ବିଶିଷ୍ଟ ଇଂଲିଶ ଲେଖକ ଓସ୍କାର ୱାଇଲ୍ଡ ମଧ୍ୟ ସମାନ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଦୁଇବର୍ଷ ଜେଲ୍ ଦଣ୍ଡ ଦିଆଯାଇଥିଲା। ଯେଉଁ ବିଚାରପତି ରାୟ ଶୁଣାଇଥିଲେ, ସେ କହିଥିଲେ, ''ତୁମ ପରି ଯେଉଁମାନେ ଏପରି କାର୍ଯ୍ୟ କରନ୍ତି, ସେମାନଙ୍କର ଲାଜଶରମ ବୋଲି କିଛି ନ ଥାଏ। ଏଭଳି ନିନ୍ଦନୀୟ କାର୍ଯ୍ୟ କରୁଥିବା ଲୋକକୁ ଦୁଇବର୍ଷ ସଶ୍ରମ କାରାଦଣ୍ଡ ଦିଆଯିବା ଉଚିତ।'' କୋର୍ଟରେ ଉପସ୍ଥିତ ଥିବା ଲୋକମାନେ 'ଲଜ୍ଜା' 'ଲଜ୍ଜା' ବୋଲି ପାଟି କରିଥିଲେ। ସେତେବେଳେ ୱାଇଲ୍ଡ କିଛି କହିବାକୁ ଚାହିଁଲେ ବି କୋର୍ଟକୁ ମୁଲ୍‌ତବୀ କରିଦିଆଯାଇଥିଲା ଓ ତାଙ୍କୁ ଜେଲ୍‌କୁ ନିଆଯାଇଥିଲା।

୧୯୬୭ ମସିହାରେ ବ୍ରିଟିଶ୍ ପାର୍ଲାମେଣ୍ଟରେ ଯୌନ ଅପରାଧ ଆଇନ ନାମରେ ଏକ ନୂଆ ଆଇନ ଆସିଲା। ଏଥିରେ ବୟସ୍କ ପୁରୁଷଙ୍କ ମଧ୍ୟରେ ସହମତିଭିତ୍ତିକ ସମଲିଙ୍ଗୀ ଯୌନ ସମ୍ପର୍କକୁ ସ୍ୱୀକୃତି ଦିଆଯାଇଥିଲା। ଚଳିତ ସପ୍ତାହରେ ଆମ ସୁପ୍ରିମ୍‌କୋର୍ଟ ମଧ୍ୟ ତାହା ହିଁ କରିଛନ୍ତି। ଏହାପରେ ବ୍ରିଟିଶ୍ ଖବରକାଗଜ ଗାର୍ଡିଆନ୍‌ରେ ପଲ୍ ବ୍ରାଉନ୍‌ସେ ନାମକ ଜଣେ ପାଠକ ଲେଖିଛନ୍ତି, ''ଏଥି ସହ ଭାରତରେ ଆଜିଯାଏ ବଳବତ୍ତର ଥିବା ଏକ ବିଷାକ୍ତ ଉପନିବେଶୀୟ ଲିଗାସୀର ଅନ୍ତ ଘଟିଲା। ଭାରତ ୭୧ ବର୍ଷ ହେଲା ସ୍ୱାଧୀନ ହେଲାଣି। ଯଦି ଉକ୍ତ ଆଇନ ଭାରତୀୟ ସଂସ୍କୃତିର ବିରୋଧୀ ହୋଇଥାନ୍ତା ଏବଂ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଲଦି ଦିଆଯାଇଥାନ୍ତା, ତେବେ କେଉଁ କାଳୁ ଏହାର ଅନ୍ତ ଘଟିସାରନ୍ତାଣି।'' ବ୍ରାଉନ୍‌ସେ ଅନେକ ଦୃଷ୍ଟାନ୍ତ ଦେଇ ଲେଖିଛନ୍ତି ଯେ, ଧାରା ୩୭୭ ବ୍ରିଟିଶ୍ ଅମଳରୁ ଚାଲିଆସିଥିଲା। ତେଣୁ ଏଥିପାଇଁ ଭାରତୀୟମାନେ ଦାୟୀ ନୁହନ୍ତି। ତେବେ ସ୍ୱାଧୀନତାର ୭ ଦଶନ୍ଧି ପରେ ଯାଇ ଭାରତୀୟମାନେ ଏହି ଆଇନରେ ସଂଶୋଧନ କରିବାକୁ ଚାହିଁଲେ।

ଆମେ ମଧ୍ୟ ଏହା ଲଜ୍ଜାଜନକ ବୋଲି ସ୍ୱୀକାର କରିବା ଉଚିତ। ଆଉ ଗୋଟିଏ କଥା ଯାହା ଅନେକଙ୍କ ନଜରକୁ ଆସିନାହିଁ, ତାହା ହେଉଛି ଆଇନର ଉକ୍ତ ଧାରାକୁ ଏକ କୋର୍ଟ ଦ୍ୱାରା ରଦ୍ଦ କରିଦିଆଯାଇଛି, ଗଣତାନ୍ତ୍ରିକ ପ୍ରକ୍ରିୟାରେ ତାହା କରାଯାଇ ନାହିଁ, ଯେମିତି ବ୍ରିଟେନ୍‌ରେ କରାଯାଇଥିଲା। ଅଧିକ ଭଲ ହୋଇଥାନ୍ତା, ଯଦି ଅଧିକାଂଶ ସଭ୍ୟ ଦେଶରେ ବାତିଲ କରାଯାଇଥିବା ଉକ୍ତ ଆଇନକୁ ଖଣ୍ଡପୀଠର ପାଞ୍ଚଜଣ ବିଚାରପତିଙ୍କ ବଦଳରେ ଗଣତାନ୍ତ୍ରିକ ରାଜନୀତି ଜରିଆରେ ଅନ୍ତ ଘଟାଯାଇଥାନ୍ତା।

ମୁଁ ଦୁଇଜଣ ରାଜନେତାଙ୍କୁ ଜାଣିଛି, ଯେଉଁମାନେ ସମଲିଙ୍ଗୀ ଯୌନ ସମ୍ପର୍କକୁ ଅପରାଧ ବିବେଚନା କରାଯାଉଥିବା ଉକ୍ତ ଆଇନ ବିରୋଧରେ ପାର୍ଲାମେଣ୍ଟରେ ସ୍ୱର ଉତ୍ତୋଳନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଜୁ ଜନତା ଦଳର ଏମ୍‌ପି ତଥାଗତ ସତପଥୀ ଏବଂ ଆଉ ଜଣେ ହେଉଛନ୍ତି କଂଗ୍ରେସର ଶଶୀ ଥରୁର। ତେବେ ଥରୁର ଯେତେବେଳେ ଏ ପ୍ରସଙ୍ଗ ଉଠାଇଥିଲେ, ସେତେବେଳେ କଂଗ୍ରେସ ଦଳର ଅଧିକାଂଶ ଏମ୍‌ପିଙ୍କଠାରୁ ସେ ସମର୍ଥନ ହାସଲ କରିବାକୁ ସମର୍ଥ ହୋଇ ନ ଥିଲେ।

ଭାରତର ସମ୍ବିଧାନ ସମସ୍ତଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ମତପ୍ରକାଶ, ବିଶ୍ୱାସ ଓ ପୂଜା କରିବାର ସ୍ୱାଧୀନତା ଏବଂ ସମାନତାର ଅଧିକାର ଦେଇଛି। କିନ୍ତୁ ସମାଜର ଗୋଟିଏ ବର୍ଗକୁ ଉକ୍ତ ସମଲିଙ୍ଗୀ ବିରୋଧୀ ଆଇନ ଦ୍ୱାରା ତାଙ୍କ ଅଧିକାରରୁ ବଞ୍ଚିତ କରାଯାଉଥିଲା। ସେମାନଙ୍କୁ ନିଜର ରୁଚି ଓ ବିଶ୍ୱାସ ଅନୁଯାୟୀ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ମିଳୁ ନ ଥିଲା। ସମାଜ ଓ ଆଇନ ଭୟରେ ନିଜ ମନର କଥା ସେମାନେ ପ୍ରକାଶ କରିପାରୁ ନ ଥିଲେ। ତେବେ ଆମେ ଖୁସି ହେବା କଥା ଯେ, ଶେଷରେ ଆମେ ଉକ୍ତ ସ୍ୱାଧୀନତା ପୂର୍ବର ଉପନିବେଶୀୟ ଆଇନ ହାତରୁ ନିଷ୍କୃତି ପାଇଛେ।

Email: aakar.patel@gmail.com

# ନାମ ନୁହେଁ, କାମ ବଡ଼



ପ୍ରକାଶ ତ୍ରିପାଠୀ

ପୋର୍ଟିକୋରେ କାରଟିଏ ଲାଗିଲା। ଡ୍ରାଇଭର ବାବୁ ଗାଡ଼ିରୁ ଓହ୍ଲାଇ ତରତର ହୋଇ ଦୌଡ଼ିଆସିଲେ କାରର ପଛ ସିଟ୍‌କୁ ଓ ଡୋର୍ ଖୋଲି ଠିଆହେଲେ। ଏଥର କାର୍ ଭିତରୁ ଓହ୍ଲାଇଲେ ଜଣେ ବିଶିଷ୍ଟ ବ୍ୟକ୍ତି। ଏଭଳି ଦୃଶ୍ୟ ବହୁବର୍ଷ ପୂର୍ବେ ଟିଭିରେ ଦେଖିବାବେଳେ ମନରେ ପ୍ରଶ୍ନ ଉଠୁଥିଲା, ପଛରେ ବସିଥିବା ବ୍ୟକ୍ତିଜଣକ କ'ଣ ଡୋର୍‌ଟିକୁ ନିଜେ ଖୋଲି ବାହାରକୁ ଆସିପାରିବେ ନାହିଁ? ଏମିତି କିଛି କାମ ଥାଏ ଯାହା କରିବା ପାଇଁ ଅନେକ ଲୋକ କୁଣ୍ଠା ପ୍ରକାଶ କରିଥାନ୍ତି। ନିଜ ମନରେ ହୀନମନ୍ୟତା ସୃଷ୍ଟିହୁଏ ଯେ, ମୁଁ ଏତେ ପାଠ ପଢ଼ିଛି। ଏତେବଡ଼ ପଦବୀରେ ଅଛି, ମୁଁ ଏଇ ଛୋଟିଆ କାମ କରିବି! ଏ କାମ କଲେ ମୋର ମାନସମ୍ମାନ ହାନି ହୋଇଯିବନି? ଆମେ ଭୁଲିଯାଉ ଯେ, କୌଣସି କାମ ଛୋଟ ବା ବଡ଼ ନୁହେଁ। ପ୍ରତ୍ୟେକ କାମର ଏକ ସ୍ୱାତନ୍ତ୍ର୍ୟ ତଥା ମୂଲ୍ୟ ରହିଥାଏ। ଗୋଟିଏ କାର୍ଯ୍ୟାଳୟର ସର୍ବୋଚ୍ଚ ପଦବୀର ଯେତିକି ଗୁରୁତ୍ୱ ଥାଏ, ସର୍ବନିମ୍ନ ପଦବୀର ମଧ୍ୟ ତଦନୁରୂପ ମହତ୍ତ୍ୱ ଥାଏ। କାରଣ ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ସହଭାଗିତାରେ ସମ୍ପନ୍ନ ହୋଇଥାଏ। ତେଣୁ ପ୍ରତ୍ୟେକ ପଦପଦବୀରେ ଥିବା କର୍ମଚାରୀଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନର ଆବଶ୍ୟକତା ରହିଛି। ଧରାଯାଉ କାର୍ଯ୍ୟାଳୟକୁ ଟାଇପିଷ୍ଟଟିଏ ଅସୁସ୍ଥତା ଯୋଗୁ ଆସିପାରି ନାହିଁ ଓ ସେହିଦିନ ଜରୁରୀ ଚିଠିଟିଏ ପଠାଇବାର ଆବଶ୍ୟକତା ରହିଛି।

ତେବେ ଟାଇପିଷ୍ଟ କାର୍ଯ୍ୟରେ ଯୋଗଦେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନା ଅନ୍ୟ କେହି ଟାଇପ୍ ଜାଣିଥିବା କର୍ମଚାରୀଟିଏ ଚିଠିଟିକୁ ଟାଇପ୍ କରିଦେବ? ଯଦି ଅନ୍ୟ କେହି କର୍ମଚାରୀ ବା ଅଧିକାରୀ ନିଜେ ଚିଠିଟିକୁ ଟାଇପ୍ କରିଦିଅନ୍ତି ତେବେ ଏଥିରେ ଅସୁବିଧା କ'ଣ? ସେହିପରି କୌଣସି ଜରୁରୀ କାର୍ଯ୍ୟ ଯୋଗୁ ସୁଇପର ଦୁଇ ତିନିଦିନ ପାଇଁ ଅଫିସ ଆସିପାରିଲେନି, ସୁଇପର ଆସିବେ ନାହିଁ ବୋଲି ଅଫିସ ଘର ଅଳିଆ, ଆବର୍ଜନା ହୋଇ ପଡ଼ିରହିବ ନା ପ୍ରତ୍ୟେକ କର୍ମଚାରୀ ନିଜ ନିଜ କୋଠରିକୁ ଓଳାଇ ପରିଷ୍କାର କରିବେ? ଦିନେ ଦୁଇଦିନ ଅଫିସ ଘରକୁ ଅନ୍ୟ କର୍ମଚାରୀମାନେ ଓଳାଇଦେଲେ କ'ଣ ସେମାନଙ୍କର ମାନ-ସମ୍ମାନ କ୍ଷୁଣ୍ଣ ହୋଇଯିବ? ସେମାନେ ବି ଆମରି ଭଳି ମଣିଷ, ଯେଉଁମାନେ ସେ କାମ କରୁଛନ୍ତି। ସେମାନଙ୍କ ଅନୁପସ୍ଥିତିରେ ସେମାନଙ୍କର କାର୍ଯ୍ୟ କରିଦେଲେ ସମ୍ମାନହାନି ହେବନାହିଁ ବରଂ ବଢ଼ିବ। ଯେକୌଣସି କାମ ହେଉ, ଯଦି ତାକୁ ନିଷ୍ଠା ଓ ଦାୟିତ୍ୱର ସହ କରାଯାଏ ତେବେ ସେହି କାମ ମଣିଷକୁ ଶ୍ରେଷ୍ଠତା ପ୍ରଦାନ କରିଥାଏ। କାମ ପ୍ରତି ସମ୍ମାନବୋଧ ସଂକ୍ରାନ୍ତରେ ନିକଟରେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଦୁଇଟି ଘଟଣାକୁ ଏଠାରେ ଉଲ୍ଲେଖ କରୁଛୁ।

୨୦୧୬ ଅକ୍ଟୋବର ୩୧ ତାରିଖ। ଝାଡ଼ଖଣ୍ଡର ରାଜରାପାରେ ଅବସ୍ଥିତ ସେଣ୍ଟ୍ରାଲ କୋଲଫିଲ୍ଡ ଲିମିଟେଡରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ (ସୁଇପର) ସୁମିତ୍ରା ଦେବୀ ଏହିଦିନ ତାଙ୍କ କାର୍ଯ୍ୟରୁ ଅବସର ନେଲେ। ଜଣେ କର୍ମଚାରୀ ସେବାନିବୃତ୍ତ ହେବା ବା ଅବସର ଗ୍ରହଣ କରିବା ଏକ ଚିରାଚରିତ ଘଟଣା। ମାତ୍ର ସୁମିତ୍ରା ଦେବୀଙ୍କର ଅବସର ଦିନଟି ବହୁଚର୍ଚ୍ଚିତ ହୋଇଥିଲା ସେତିକିବେଳେ, ଯେତେବେଳେ କି ବିଦାୟକାଳୀନ ସଭାଗୃହରେ ପହଞ୍ଚିଥିଲେ ତାଙ୍କର ତିନିପୁଅ। ବଡ଼ପୁଅ ବୀରେନ୍ଦ୍ର କୁମାର (ରେଲ୍‌ୱେ ଇଞ୍ଜିନିୟର), ମଝିଆଁ ପୁଅ ଧୀରେନ୍ଦ୍ର କୁମାର (ଡାକ୍ତର) ଓ ସାନପୁଅ ମହେନ୍ଦ୍ର କୁମାର (ଜିଲାପାଳ, ସିୱାନ, ବିହାର) ସଭାଗୃହରେ ପହଞ୍ଚି ଯେତେବେଳେ ମାଆ ସୁମିତ୍ରା ଦେବୀଙ୍କ ପାଦସ୍ପର୍ଶ କଲେ, ସେ ନିଜକୁ ରୋକି ନ ପାରି କାନ୍ଦି ପକାଇଲେ। ଝାଡୁଦାର କାର୍ଯ୍ୟ କରି ସେ ଯେଉଁ ସ୍ୱଳ୍ପ ଦରମା ପାଉଥିଲେ, ସେଥିରେ ଅତି ଦୁଃଖକଷ୍ଟ ସହି ତିନିପୁଅଙ୍କୁ ପାଠ ପଢ଼ାଇ ସମାଜରେ ପ୍ରତିଷ୍ଠିତ କରାଇପାରିଥିଲେ। ତିନିପୁଅ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେବା ପରେ ତାଙ୍କ ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇଲା ସତ, ହେଲେ ନିଜ କର୍ତ୍ତବ୍ୟ ପ୍ରତି ସୁମିତ୍ରା ଦେବୀ କେବେ ବି ବିମୁଖତା ପ୍ରଦର୍ଶନ କରିନାହାନ୍ତି। ୬୦ ବର୍ଷ ବୟସ ପର୍ଯ୍ୟନ୍ତ ରାମଗଡ଼ ସହରର ବିଭିନ୍ନ ଗଳିରେ ସେ ଅନ୍ୟ ସୁଇପର ସହକର୍ମୀଙ୍କ ସହିତ କାର୍ଯ୍ୟ କରିଚାଲିଥିଲେ। ବନ୍ଧୁ-ବାନ୍ଧବ ଓ ଚିହ୍ନାଜଣାଙ୍କ ମଧ୍ୟରୁ ଅନେକେ ତାଙ୍କୁ ପ୍ରବର୍ତ୍ତାଇଛନ୍ତି ଯେ, ଜଣେ ଆଇଏଏସ୍ ଅଫିସରଙ୍କ ମା' ସୁଇପର କାମ କରିବା ଶୋଭନୀୟ ନୁହେଁ। ତିନିପୁଅ ଉଚ୍ଚ ପଦପଦବୀରେ ଅଧିଷ୍ଠିତ। ଟଙ୍କା-ପଇସାର ଅଭାବ ନାହିଁ। ଏପରିସ୍ଥଳେ ଝାଡୁଦାର କାର୍ଯ୍ୟ କରିବାର କ'ଣ ଆବଶ୍ୟକତା ଅଛି ବୋଲି ଅନେକେ ତାଙ୍କୁ ପ୍ରଶ୍ନ କରିଛନ୍ତି। ସୁଇପର ଚାକିରି ତାଙ୍କ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଓ ଈଶ୍ୱରଙ୍କ ଆଶୀର୍ବାଦକୁ ସେ କେବେ ବି ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ ବୋଲି ଉତ୍ତର ଦିଅନ୍ତି ସୁମିତ୍ରା ଦେବୀ। ଯେଉଁ କାମ କରି ସେ ନିଜ ତିନିପୁଅଙ୍କୁ ପ୍ରତିଷ୍ଠିତ କରାଇପାରିଲେ, ସେ କାମ କେମିତି ଛୋଟ କାମ ହୋଇପାରେ ଓ ତାକୁ କିପରି ସେ ପରିତ୍ୟାଗ କରିପାରିବେ? ମାଆଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ ତିନିପୁଅ ଓ ଉଦାହରଣ ସୃଷ୍ଟି କରିଥିଲେ ଯେ ସମାଜରେ ଯେ କୌଣସି କାମ ଛୋଟ ନୁହେଁ।

ପ୍ରତ୍ୟେକ କାମକୁ ସମ୍ମାନ ପ୍ରଦର୍ଶନ କରିବା ନେଇ ସମ୍ପ୍ରତି ଚର୍ଚ୍ଚାରେ ଅଛନ୍ତି ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ମାର୍କ ରୁଟ୍। ଗତ ଜୁନ୍ ୬ ତାରିଖ ପୂର୍ବାହ୍ଣର ଘଟଣା, ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇ ପ୍ରଧାନମନ୍ତ୍ରୀ ରୁଟ୍‌ଙ୍କୁ ପ୍ରଶଂସାରେ ପୋତି ପକାଇଛି। ତରତର ହୋଇ ସେଦିନ ପାର୍ଲାମେଣ୍ଟର ନିଜ ଚାମ୍ବରକୁ ଯାଉଥିଲେ ପ୍ରଧାନମନ୍ତ୍ରୀ ରୁଟ୍। ବାମ ହାତରେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଡାହାଣ ହାତରେ କଫି କପ୍। କଫି ପିଇ ପିଇ ଜଣେ ଅଧିକାରୀଙ୍କ ସହ ନିଜ ଚାମ୍ବର ଭିତରକୁ ପ୍ରବେଶ କରୁଥିଲା ବେଳେ ଗ୍ଲାସ୍ ଡୋର୍‌ରେ ହଠାତ୍ ହାତବାଜି କଫି କପ୍‌ଟି ତଳେ ପଡ଼ିଗଲା ଓ କଫିତକ ଢାଳି ହୋଇଗଲା ଚଟାଣରେ। ତୁରନ୍ତ କାଗଜପତ୍ରଗୁଡ଼ିକୁ ପାଖରେ ଠିଆ ହୋଇଥିବା ଅଧିକାରୀଙ୍କୁ ଧରାଇଦେଇ ଚଟାଣ ପୋଛିବାରେ ଲାଗିପଡ଼ିଲେ ପ୍ରଧାନମନ୍ତ୍ରୀ। ନିକଟରେ ଥିବା ଏକ ମଗ୍ ସାହାଯ୍ୟରେ ସଫା କରିବା ସହ ଚଟାଣରେ ସୃଷ୍ଟି ହୋଇଯାଇଥିବା କିଛି ଗାଢ଼ ଦାଗକୁ ନିଜ ରୁମାଲରେ ପୋଛି ପକାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏତାଦୃଶ କାର୍ଯ୍ୟ ଦେଖି ହତ୍‌ବଡ଼େଇ ଯାଇଥିଲେ ପାର୍ଲାମେଣ୍ଟ ଭବନର ଅଧିକାରୀବୃନ୍ଦ। ଖବରପାଇ ଦୌଡ଼ାଦୌଡ଼ି ହୋଇ ପହଞ୍ଚିଯାଇଥିଲେ କିଛି ସଫେଇ କର୍ମଚାରୀ। ମାତ୍ର ହସି ହସି ଚଟାଣ ସଫାରେ ଲାଗିପଡ଼ିଥିଲେ ପ୍ରଧାନମନ୍ତ୍ରୀ ଓ ବାରଣ କରିଥିଲେ ସେମାନଙ୍କୁ ବ୍ୟସ୍ତ ହେବାକୁ। ପରେ ଉପସ୍ଥିତ ଅଧିକାରୀ ଓ ସଫେଇ କର୍ମଚାରୀମାନେ ତାଳିମାରି ପ୍ରଧାନମନ୍ତ୍ରୀଙ୍କୁ ବଧାଇ ଜଣାଇଥିଲେ।

ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ରୁଟ୍ ହୁଅନ୍ତୁ କି ଛତିଶଗଡ଼ର ସୁଇପର ସୁମିତ୍ରା ଦେବୀ ହୁଅନ୍ତୁ, ଉଭୟେ ସମାଜକୁ ଗୋଟିଏ ଭଲ ବାର୍ତ୍ତା ଦେଇଛନ୍ତି ଯେ, କୌଣସି କାମ ଛୋଟ ନୁହେଁ, ବ୍ୟକ୍ତି ନିଜ ନାମ ପାଇଁ ନୁହେଁ, କାମ ପାଇଁ ପ୍ରତିଷ୍ଠା ଅର୍ଜନ କରିଥାଏ। ଥରେ ଭାବନ୍ତୁ, ଯଦି କୃଷକଟିଏ ମାଟି, ପାଣି, ପବନ, ଖରା, ବର୍ଷା, ଶୀତକୁ ଖାତିର ନ କରି କୃଷି ଉତ୍ପାଦନ କରୁ ନ ଥାନ୍ତା, ଷ୍ଟେଶନ ବା ବସଷ୍ଟାଣ୍ଡରେ କୁଲିମାନେ ସେବା ପ୍ରଦାନ କରୁ ନ ଥାନ୍ତେ, କ୍ଷୀରବାଲା ଗୁହାଳରେ ଗାଈ ରଖି ସେମାନଙ୍କ ଲାଳନପାଳନ ପୂର୍ବକ ଆମ ଦୁଆରମୁହଁରେ କ୍ଷୀର ନ ପହଞ୍ଚାଉଥାନ୍ତା, ସୁଇପରମାନେ ଦୈନିକ ସହରର ରାସ୍ତା ଉପରୁ ଅଳିଆ ଆବର୍ଜନା ଉଠାଉ ନ ଥାନ୍ତେ, କାମବାଲୀମାନେ ଆମ୍ଭମାନଙ୍କ ଘରକୁ ଆସି ପାଇଟି ନ କରୁଥାନ୍ତେ, ମୂଲିଆ ମଜୁରିଆମାନେ ଦୈନିକ ଆମ ପାଇଁ କାମ କରୁ ନ ଥାନ୍ତେ, ତେବେ ଆମର ଜୀବନଯାପନ ପ୍ରଣାଳୀ କିପରି ହେଉଥାନ୍ତା? ଆଜିର ଦିନପରି ସବୁ କିଛି ସହଜ ସୁନ୍ଦର ହୋଇପାରିଥାନ୍ତା କି? ଉତ୍ତର ହେବ ନା। ଆମ ଜୀବନର ପ୍ରତିଟି ଆବଶ୍ୟକତା କେଉଁ କୋଟିପତି ପୂରଣ କରୁନାହାନ୍ତି। ଦୁନିଆକୁ ସରସ, ସୁନ୍ଦର, ପରିଷ୍କାର ଓ ପରିଚ୍ଛନ୍ନ କରିଥାନ୍ତି ସେହିମାନେ, ଯେଉଁମାନଙ୍କୁ ଆମେ କହିଥାଉ ତଳସ୍ତରର ମଣିଷ। ତଥାକଥିତ ଉପରସ୍ତରର ଲୋକଙ୍କ ପ୍ରତି ଆମେ ଯେପରି ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିଥାଉ, ସେପରି ଆଚରଣ ଆମେ ସେହି ତଳସ୍ତରର ଲୋକମାନଙ୍କ ପ୍ରତି କରି ନ ଥାଉ। ତାମିଲ ଅଭିନେତା ରଜନୀକାନ୍ତ ସୁପରଷ୍ଟାର ହେବା ପୂର୍ବରୁ ଜଣେ ବସ୍ କଣ୍ଡକ୍ଟର ଥିଲେ। ଏବେ ବି ଟିକିଏ ଅବସର ସମୟ ପାଇଲେ ସେ ତାଙ୍କ ପୂର୍ବର ସେ କଣ୍ଡକ୍ଟର ବନ୍ଧୁମାନଙ୍କୁ ଭେଟିବାକୁ ବାହାରିପଡ଼ନ୍ତି। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ୍ ଛୋଟ ବେଳେ ଖବରକାଗଜ ହକର କାମ କରୁଥିଲେ। ପ୍ରକୃତି କୌଣସି କାର୍ଯ୍ୟରେ ଫରକ ଦେଖେ ନାହିଁ। ତା' ପାଇଁ ପ୍ରତ୍ୟେକ ମଣିଷ ସମାନ। ସେଥିପାଇଁ ତ ପ୍ରତ୍ୟେକ ମଣିଷ ପ୍ରକୃତି ପାଇଁ ଜଣେ ଜଣେ ସେଲିବ୍ରିଟି। ଏବେ ଆସନ୍ତୁ ନାମକୁ ନୁହେଁ, କାମକୁ ସମ୍ମାନ ଦେବା।

ମୋ-୯୪୩୭୨୩୨୪୬୩, ଇମେଲ-
prakas.tripathy09@gmail.com

# କୃତବିଦ୍ୟ ଚିକିତ୍ସକ

ବ୍ୟକ୍ତିତ୍ୱ



ଡା. ବସନ୍ତ କୁମାର ମିଶ୍ର

ଭାରତରେ ଡାକ୍ତରୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ବି.ସି. ରାୟ ଜାତୀୟ ସମ୍ମାନକୁ ସର୍ବଶ୍ରେଷ୍ଠ ପୁରସ୍କାର ଭାବେ ବିବେଚନା କରାଯାଉଛି। ବିଶିଷ୍ଟ ଡାକ୍ତର ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ନାମରେ ଏହି ପୁରସ୍କାର ଭାରତୀୟ ଭେଷଜ ପରିଷଦ (ଏମ୍‌ସିଆଇ) ଦ୍ୱାରା ୧୯୭୬ରୁ ପ୍ରଦାନ କରାଯାଇଆସୁଛି। ୨୦୧୮ ମସିହା ଲାଗି ମୁମ୍ବାଇସ୍ଥିତ ପ୍ରସିଦ୍ଧ ସ୍ନାୟୁଶଲ୍ୟ ବିଶେଷଜ୍ଞ ବସନ୍ତ କୁମାର ମିଶ୍ରଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ୨୦୧୯ ଜୁଲାଇ ୧ ଡାକ୍ତର ଦିବସରେ ତାଙ୍କୁ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ। ଡାକ୍ତରୀ ସେବାକୁ ଅନବଦ୍ୟ ଅବଦାନ ଦେଇଥିବା ଏହି ଓଡ଼ିଆ ବ୍ୟକ୍ତି ବି.ସି. ରାୟ ସମ୍ମାନ ପାଇବା ଲାଗି ମନୋନୀତ ହୋଇଥିବାରୁ ତାଙ୍କ ବିଷୟରେ ଜାଣିବା ଲାଗି ସମସ୍ତେ ଆଗ୍ରହ ରଖିବା ସ୍ୱାଭାବିକ।

ବସନ୍ତଙ୍କ ଜନ୍ମସ୍ଥାନ ଭୁବନେଶ୍ୱର। ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ର ଓ ବାସନ୍ତୀ ମିଶ୍ରଙ୍କ ସୁପୁତ୍ର ବସନ୍ତଙ୍କ ସ୍କୁଲ ଶିକ୍ଷା ରାଜଧାନୀରେ ହୋଇଥିଲା। ସମ୍ବଲପୁରସ୍ଥିତ ଭିଏସ୍‌ଏସ୍ ମେଡିକାଲ କଲେଜରୁ ୧୯୭୫ରେ ଏମ୍‌ବିବିଏସ୍ ଡିଗ୍ରୀ ଅର୍ଜନ କରିଥିଲେ। ସେହିବର୍ଷ ସେ ବିଶ୍ୱବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ୍ ହେବା ସହ ୪ଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ସେ ୧୯୮୦ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଜେନେରାଲ ସର୍ଜରୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୩ରେ ସମ୍ମାନଜନକ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରୁ ନ୍ୟୁରୋସର୍ଜରୀରେ ଉଚ୍ଚଶିକ୍ଷା ଲାଭ କରି ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ। ଡାକ୍ତରୀ ପାଠ ପଢୁଥିବା ବେଳେ ଫାଇଜର୍ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ ଆୱାର୍ଡ ଏବଂ ବ୍ରିଟେନର ଏଡିନ୍‌ବର୍ଗ ୟୁନିଭର୍ସିଟିରୁ କମନ୍‌ୱେଲ୍‌ଥ ମେଡିକାଲ ସ୍କଲାର ସମ୍ମାନ ପାଇଥିଲେ। ବସନ୍ତ ସ୍ନାୟୁଶଲ୍ୟ କ୍ଷେତ୍ରରେ ବାରମ୍ବାର ଗବେଷଣା ଓ ପରୀକ୍ଷାନିରୀକ୍ଷା କରି ରୋଗୀଙ୍କୁ କିଭଳି ଉନ୍ନତ ଧରଣର ଚିକିତ୍ସା ମିଳିପାରିବ ସେଥିଲାଗି ଅହରହ କାର୍ଯ୍ୟ କରିଚାଲିଛନ୍ତି। ସେଥିପାଇଁ ଏହି କ୍ଷେତ୍ରରେ ଅଗ୍ରଣୀ ଡାକ୍ତର ହେବାରେ ତାଙ୍କ କାର୍ଯ୍ୟକୁ ସବୁଆଡୁ ପ୍ରଶଂସା କରାଯାଉଛି। ସେ ୧୯୯୫ରୁ ମୁମ୍ବାଇସ୍ଥିତ ପି.ଡି. ହିନ୍ଦୁଜା ହସ୍ପିଟାଲର ନ୍ୟୁରୋସର୍ଜରୀ ଆଣ୍ଡ୍ ଗାମା ନାଇଫ୍ ରେଡିଓସର୍ଜରୀ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏହା ପୂର୍ବରୁ ତ୍ରିଭେନ୍ଦ୍ରମ୍‌ସ୍ଥିତ ଶ୍ରୀ ଚିତ୍ରାତିରୁନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ୍ ଟେକ୍‌ନୋଲଜି (ଏସ୍‌ସିଟିଆଇଏମ୍‌ଏସ୍‌ଟି)ର ନ୍ୟୁରୋସର୍ଜରୀ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ତେବେ ଗାମା ନାଇଫ୍ ଟେକ୍‌ନୋଲଜି ପ୍ରୟୋଗ କରି ଚିକିତ୍ସା କ୍ଷେତ୍ରରେ ଭାରତରେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ତେଣୁ ଏହି ଟେକ୍‌ନୋଲଜି ମାଧ୍ୟମରେ ରୋଗ ଭଲ କରିବା କ୍ଷେତ୍ରରେ ପି.ଡି. ହିନ୍ଦୁଜା ହସ୍ପିଟାଲ ଦକ୍ଷିଣ ଏସିଆରେ ନାମ କମାଇବା ସହ ବସନ୍ତଙ୍କୁ ଦକ୍ଷିଣ ଏସିଆରେ ପ୍ରଥମ ଗାମା ନାଇଫ୍ ରେଡିଓସର୍ଜରୀ ବିଶେଷଜ୍ଞର ମାନ୍ୟତା ଦେଇଛି। କେବଳ ସେତିକି ନୁହେଁ, କମ୍ପ୍ୟୁଟର ଗାଇଡେଡ୍ ଆନ୍ୟୁରିଜିମ୍ ସର୍ଜରୀ ଦିଗରେ ବିଶ୍ୱର ପ୍ରଥମ ଡାକ୍ତର ଭାବେ ତାଙ୍କ ନାମ ଗଣାଯାଉଛି।

ଆଧୁନିକ ଓ ଉନ୍ନତ ଚିକିତ୍ସା ପଦ୍ଧତି ମାଧ୍ୟମରେ କିଭଳି ରୋଗୀଙ୍କ କଲ୍ୟାଣ କରାଯାଇପାରିବ ସେହି ଦିଗରେ ବସନ୍ତ କାର୍ଯ୍ୟ କରି ଆସୁଛନ୍ତି। ଦେଶବିଦେଶର ବିଭିନ୍ନ ମେଡିକାଲ ଜର୍ନାଲରେ ତାଙ୍କ ଲେଖା ପ୍ରକାଶ ପାଇ ଉଚ୍ଚପ୍ରଶଂସିତ ହୋଇଛି। ବି.ସି. ରାୟ ନ୍ୟାଶନାଲ ସମ୍ମାନ ଲାଗି ଯୋଗ୍ୟ ବିବେଚିତ ହେବା ପୂର୍ବରୁ ସେ ବହୁ ପୁରସ୍କାରର ଅଧିକାରୀ ହୋଇପାରିଛନ୍ତି। ପାରିବାରିକ ଜୀବନ କହିଲେ ସ୍ତ୍ରୀ ସସ୍ମିତା ମିଶ୍ର ଏବଂ ଦୁଇପୁଅ ସାର୍ଥକ ଓ ସିଦ୍ଧାର୍ଥଙ୍କୁ ନେଇ ତାଙ୍କ ସଂସାର। ସାର୍ଥକ ଆମେରିକାରେ ମାନସିକ ରୋଗ ବିଶେଷଜ୍ଞ ଥିବା ବେଳେ ସିଦ୍ଧାର୍ଥ ଲଣ୍ଡନଠାରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କାର୍ଯ୍ୟ କରୁଛନ୍ତି।

–ଜିତେନ୍ଦ୍ର

## ଏଇ ଭାରତରେ

ସାଟେଲାଇଟ୍ ନିର୍ମାଣ ପାଇଁ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ଖୁସି ଖବର ଆଣିଛି ଇଣ୍ଡିଆନ୍ ଟେକ୍ନୋଲୋଜି କଂଗ୍ରେସ ଆସୋସିଏଶନ୍ (ଆଇଟିସିଏ)। ଏଥିପାଇଁ ସାରା ଭାରତରୁ ୭୫ଜଣ ଶିଶୁଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରାଯିବ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନାନୋ ସାଟେଲାଇଟ୍ ମହାକାଶକୁ ଛଡାଯିବ। ଏଗୁଡ଼ିକ ପୃଥିବୀର କକ୍ଷପଥରେ ରହି ପୃଥିବୀକୁ ପରିକ୍ରମା କରିବେ। ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ନାନୋ ସାଟେଲାଇଟ୍ ଲଞ୍ଚ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏ ପର୍ଯ୍ୟନ୍ତ ୯୫୦ ଛାତ୍ରଙ୍କ ଦ୍ୱାରା ନିର୍ମିତ ନାନୋ ସାଟେଲାଇଟ୍ ମହାକାଶକୁ ଛଡାଯାଇଥିବା ବେଳେ ଏମାନଙ୍କ ମଧ୍ୟରେ ଭାରତୀୟ ଛାତ୍ରଙ୍କ ସଂଖ୍ୟା ମାତ୍ର ୯। ଅନ୍ୟ ଦେଶର ଛାତ୍ରମାନଙ୍କ ସହିତ ଏକତ୍ର କାର୍ଯ୍ୟକରିବା ପାଇଁ ଭାରତୀୟ ଛାତ୍ରଙ୍କ ନିମନ୍ତେ ଏକ ସୁଯୋଗ ସୃଷ୍ଟି ହୋଇପାରିଛି। ଆଇଟିସିଏ ଏଥିପାଇଁ ଇସ୍ରାଏଲ୍ ସରକାରଙ୍କ ସହିତ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଛି। ଉକ୍ତ ପ୍ରକଳ୍ପ ପାଇଁ ଏ ପର୍ଯ୍ୟନ୍ତ ୩୦ଟି ଆବେଦନ ପହଞ୍ଚିଲାଣି। ଏଥିପାଇଁ କଲେଜ ଛାତ୍ର ଏବଂ ବ୍ୟକ୍ତିବିଶେଷ ସିଧାସଳଖ ଆବେଦନ କରିପାରିବେ। ଏଥିରେ ସହାୟତା ଯୋଗାଇ ଦେବାକୁ ଅନ୍ୟ କେତେକ ରାଷ୍ଟ୍ର ସହିତ ମଧ୍ୟ ବୁଝାମଣା ହୋଇଛି। ଛାତ୍ରୀଛାତ୍ରଙ୍କ ଉଦ୍ଭାବନକୁ ବିଚାରକୁ ନେଇ ଏଥିପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯିବ ବୋଲି ଆଇଟିସିଏ ସଭାପତି ଏଲ୍.ଭି. ମୁରଲିକ୍ରିଷ୍ଣ ରେଡ୍ଡୀ ପ୍ରକାଶ କରିଛନ୍ତି। ବାସ୍ତବରେ ଆଇଟିସିଏର ଏହି ଉଦ୍ୟମ ଯୁବ ବୈଜ୍ଞାନିକଙ୍କୁ ନୂତନ ଗବେଷଣା ଦିଗରେ ଉତ୍ସାହିତ କରିବ।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୩

- ୟୁନିଟା ବିଦ୍ରୋହୀଙ୍କ ସେଲ ମାଡରେ ଆଙ୍ଗୋଲାର କୁଇଟୋ ସହରରେ ୩୫ ଜଣ ଶିଶୁଙ୍କର ପ୍ରାଣହାନି।
- ବ୍ୟାଙ୍କିଙ୍ଗ୍ ଓ ପାରମ୍ପରିକ ଔଷଧପତ୍ର ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ ରକ୍ଷା ପାଇଁ ଚାଇନା ଓ ଭାରତ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ

## ଚିରନ୍ତନୀ

ରଙ୍ଗର ଢେଉ ନାଚେ    ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର    ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ    ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ।

(ଜୀବନ-ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | E | | | | 7 | | | 3 | 8 | C | 6 | |
| D | | 0 | | | | 9 | | | E | | | | 3 | |
| 9 | | 2 | | | 5 | 3 | | | 1 | | 7 | E | | |
| | | 8 | | B | D | | 4 | C | | 0 | | 5 | | |
| | 3 | | 4 | | | | B | | A | | | | 2 | |
| | 4 | | 5 | | | | | 0 | | | | | 7 | |
| 7 | | | | 9 | | | | D | | | | B | | 5 |
| E | | | 6 | | | 7 | | | | | | | A | 0 |
| | 2 | 3 | | | 0 | | 6 | | | 4 | | | 8 | D |
| | | | | | 7 | | 8 | | | | 6 | 4 | | |
| | 9 | E | A | | | C | 3 | 7 | | | | 2 | | |
| 5 | | B | | | | | | | | | | | | C |
| | | D | 2 | | C | | 0 | | | | | | | |
| 0 | | 1 | | 4 | | | | 2 | 5 | | | 6 | | |
| | | | | | | | D | 9 | 6 | | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 2 | D | 5 | 8 | A | 3 | 0 | 4 | 9 | 7 | B | C | 1 | E |
| 0 | 5 | E | C | 1 | B | 7 | D | 8 | 3 | 6 | A | 4 | 9 | 2 |
| 3 | 1 | 9 | 0 | 4 | 6 | B | 2 | 5 | E | D | C | A | 7 | 8 |
| 4 | B | A | 2 | 7 | 3 | E | C | 9 | 5 | 8 | 1 | 6 | 0 | D |
| C | 8 | 7 | D | E | 9 | A | 6 | 1 | 2 | 4 | 0 | 3 | B | 5 |
| 9 | 3 | 4 | 7 | 5 | E | 6 | B | A | 1 | 0 | 2 | 8 | D | C |
| B | 6 | 0 | 8 | 2 | D | C | 1 | 7 | A | 5 | E | 9 | 3 | 4 |
| E | D | 2 | B | A | C | 8 | 5 | 0 | 4 | 3 | 9 | 1 | 6 | 7 |
| 8 | C | 1 | 9 | 6 | 0 | 4 | E | 3 | 7 | B | D | 5 | 2 | A |
| 7 | A | 5 | 4 | 3 | 1 | 2 | 9 | D | 6 | C | 8 | B | E | 0 |
| 1 | E | 8 | 3 | D | 7 | 0 | 4 | B | C | A | 6 | 2 | 5 | 9 |
| 5 | 7 | C | 6 | B | 2 | 9 | 8 | E | 0 | 1 | 4 | D | A | 3 |
| A | 9 | 6 | 1 | 0 | 4 | 5 | 3 | C | D | 2 | 7 | E | 8 | B |
| D | 4 | 3 | A | 9 | 8 | 1 | 7 | 2 | B | E | 5 | 0 | C | 6 |
| 2 | 0 | B | E | C | 5 | D | A | 6 | 8 | 9 | 3 | 7 | 4 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିକମା ସାଂସଦଙ୍କୁ ଟିକଟ ନ ମିଳୁ

ମହାଶୟ,

ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ, ଷୋଡ଼ଶ ଲୋକ ସଭାକୁ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୩୦ ପ୍ରତିଶତ ସାଂସଦଙ୍କ ପ୍ରଦର୍ଶନ ଅତି ଦୁର୍ବଳ। ସେମାନଙ୍କ ମଧ୍ୟରୁ ଅନେକେ କୌଣସି ବିତର୍କରେ ଭାଗ ନେଇନାହାନ୍ତି କିମ୍ବା ପ୍ରଶ୍ନ ପଚାରି ନାହାନ୍ତି। ଅନେକଙ୍କ ଉପସ୍ଥାନ ମଧ୍ୟ ଅତି ନୈରାଶ୍ୟଜନକ। ଏମାନେ ଯେଉଁ ଦଳର ହୁଅନ୍ତୁ ନା କାହିଁକି, ୨୦୧୯ ନିର୍ବାଚନରେ ଏମାନଙ୍କୁ ଲଢ଼ିବା ପାଇଁ ଟିକଟ ନ ମିଳିବା ଉଚିତ। ଏହା କରା ନ ଗଲେ ଏମାନଙ୍କ ଦୁର୍ବଳ ପ୍ରଦର୍ଶନ ଆଗାମୀ ନିର୍ବାଚନରେ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ବାଡ଼ ଯଦି ଫସଲ ଖାଏ

ପୋଲିସର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି ସମାଜକୁ ସୁରକ୍ଷା ଦେବା। କିନ୍ତୁ ବାଡ଼ ଯଦି ଫସଲ ଖାଏ କହିବା କାହାକୁ? ଅନ୍ୟକୁ ସୁରକ୍ଷା ଦେଉଥିବା ପୋଲିସ ଭାଇମାନେ ଯଦି ନିଜେ ଗୁଣ୍ଡାମି, ଲୁଟ୍‌ତରାଜ କରିବେ ଏବଂ ଲୋକମାନଙ୍କ ପ୍ରତି ଅଶୋଭନୀୟ ଆଚରଣ ଦେଖାଇବେ, ତେବେ ସାଧାରଣ ଜନତା ଶାନ୍ତିରେ ରହିବେ କିପରି? ଅଧିକାଂଶ ସମୟରେ ପୋଲିସର ଗୁଣ୍ଡାଗିରି, ହାଜତ ଭିତରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରି ଗିରଫ ବ୍ୟକ୍ତିଙ୍କୁ ମାରିଦେବା, ଚୋର ଓ ଗୁଣ୍ଡାଙ୍କ ସହ ସାଲିସ କରିବା ଅତୀବ ନିନ୍ଦନୀୟ। କିଛି ଅସଦାଚାରୀ ପୋଲିସଙ୍କ ଯୋଗୁ ସମସ୍ତ ପୋଲିସ ବିଭାଗ ଘୃଣିତ ହେଉଛି। ନିକଟରେ ମହାକାଳପଡ଼ା ପୋଲିସ ଆସାମୀଙ୍କ ମଳଦ୍ୱାରରେ ରୋଲବାଡ଼ି ଭର୍ତ୍ତିକରି ମାରିଦେବା ଏବଂ ବରଗଡ଼ ସହରରେ ରାତିରେ ଭ୍ରାମ୍ୟମାଣ ପୋଲିସ ବନ୍ଧୁମାନେ ଜନୈକ ବ୍ୟବସାୟୀଙ୍କଠାରୁ ସାଢ଼େ ଚାରିଲକ୍ଷ ଟଙ୍କା ଲୁଟ୍ କରି କାର୍ଯ୍ୟରୁ ନିଲମ୍ବିତ ହେବା ଘଟଣା ସମଗ୍ର ପୋଲିସ ବିଭାଗ ପ୍ରତି କଳଙ୍କ।

କାଶୀନାଥ ଦାସ, ଖଣ୍ଡପଡ଼ା ଗଡ଼, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ସମାଜ ବିବାହ ବ୍ୟବସ୍ଥାକୁ ଏପରି ଗଢ଼ିଛି ଯେଉଁଠି ମହିଳାଙ୍କୁ ଦୁର୍ବଳ ଲିଙ୍ଗ ଭାବରେ ବିବେଚନା କରାଯାଉଛି।

-ଅଭିନେତ୍ରୀ କଲ୍‌କୀ କୋଏଚଲିନ୍



# ସତ୍ୟାର୍ଥୀଙ୍କ ଉପରେ ଡକ୍ୟୁମେଣ୍ଟାରି

**ନ୍ୟୁୟର୍କ:** ଆମେରିକାର ଭିଡିଓ-ଶେୟାରିଂ ୱେବ୍‌ସାଇଟ୍ ୟୁଟ୍ୟୁବ୍ ନୋବେଲ୍ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାମାଜିକ କର୍ମୀ କୈଳାସ ସତ୍ୟାର୍ଥୀଙ୍କ କାର୍ଯ୍ୟ ଉପରେ ପ୍ରସ୍ତୁତ ଡକ୍ୟୁମେଣ୍ଟାରି(ପ୍ରାମାଣିକ ଚିତ୍ର) ପ୍ରସାରଣ ପାଇଁ ଗ୍ରହଣ କରିଛି। ଏହାଦ୍ୱାରା ଶିଶୁ ଶ୍ରମିକ ପ୍ରଥା ବିଲୋପ ଲାଗି ସତ୍ୟାର୍ଥୀ ଯେଉଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି ସେ ସମ୍ପର୍କରେ ବିଶ୍ୱବାସୀ ଅବଗତ ହୋଇପାରିବେ। 'ଦି ପ୍ରାଇସ୍ ଅଫ୍ ଫ୍ରି' ଶୀର୍ଷକ ଏହି ଡକ୍ୟୁମେଣ୍ଟାରି ଅମେରିକାର ଫିଲ୍ମ ଆଣ୍ଡ ଟେଲିଭିଜନ୍ ପର୍ସନାଲିଟି ଡାଭିସ୍ ଗୁଗେନ୍‌ହାଇମ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଡେରେକ ଡୋନିନ୍। ଉକ୍ତ ଚଳଚ୍ଚିତ୍ରରେ ବିଶିଷ୍ଟ ସମାଜସେବୀ ସତ୍ୟାର୍ଥୀ ଏବଂ ତାଙ୍କ ସାଥୀ ଓ ସମର୍ଥକ ଯେଭଳି ଗୋପନୀୟ ଚଢ଼ାଉ କରି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି ତାହା ପ୍ରଦର୍ଶିତ ହୋଇଛି। ଫିଲ୍ମ କମ୍ପାନୀ ପାର୍ଟିସିପାଣ୍ଟ ମିଡିଆ



ଆଣ୍ଡ କନକୋର୍ଡିଆ ଷ୍ଟୁଡିଓ ଏହାର ସହ-ପ୍ରଯୋଜନା କରିବା ସହିତ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଇଛି। ପାର୍ଟିସିପାଣ୍ଟ ମିଡିଆର ଡିଜିଟାଲ୍ ଡିଭିଜନ୍ ତଥା ୟୁଟ୍ୟୁବ୍ ଚ୍ୟାନେଲ୍ ସୋୟୁଲପାନକେକ୍‌ରେ ୯୦ ମିନିଟ୍ ଅବଧିର ଏହି ପ୍ରାମାଣିକ ଚଳଚ୍ଚିତ୍ର ନଭେମ୍ବର ୨୭ରେ ପ୍ରସାରିତ ହେବ। ୨୦୧୮ ସନ୍‌ଡ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଉକ୍ତ ଡକ୍ୟୁମେଣ୍ଟାରିର ପରୀକ୍ଷାମୂଳକ ପ୍ରସାରଣ ହୋଇଥିଲା। ଏହା ସେଠାରେ ୟୁଏସ୍ ଡକ୍ୟୁମେଣ୍ଟାରି ଗ୍ରାଣ୍ଡ ଜୁରି ପୁରସ୍କାର ଲାଭ କରିଛି। ଶିଶୁ ଶ୍ରମିକ ପ୍ରଥା ବିଲୋପ ପାଇଁ ସତ୍ୟାର୍ଥୀ ଓ ତାଙ୍କ ଟିମ୍‌ର ମିଶନ୍ ଯେଭଳି ଉଦ୍ୟମ କରିଛନ୍ତି ଏହାଦ୍ୱାରା ଶିଶୁଙ୍କ ସୁନ୍ଦର ଭବିଷ୍ୟତ ଗଢ଼ାଯାଇ ପାରିବ ବୋଲି ୟୁଟ୍ୟୁବ୍ ପକ୍ଷରୁ କୁହାଯାଇଛି। କୈଳାସ ସତ୍ୟାର୍ଥୀଙ୍କ ସ୍ୱର ପରିବର୍ଦ୍ଧନ କରିବା ପାଇଁ ଦି ପ୍ରାଇସ୍ ଅଫ୍ ଫ୍ରି ଏକ ସୁଯୋଗ ସୃଷ୍ଟି କରିଛି ଏବଂ ଏହାଦ୍ୱାରା ଶିଶୁ ଶ୍ରମିକ ସମସ୍ୟା ଦୂର ପାଇଁ ପ୍ରୟାସ ତ୍ୱରାନ୍ୱିତ ହୋଇପାରିବ।

## ଇତିହାସର ଆଇନାରେ — ସେପ୍ଟେମ୍ବର ୯ର ପ୍ରମୁଖ ଘଟଣା

୨୦୧୫ ସେପ୍ଟେମ୍ବର ୯ରେ ବ୍ରିଟେନ ମହାରାଣୀ ଏଲିଜାବେଥ୍-୨ୟ ଦୀର୍ଘସ୍ଥାୟୀ ଶାସନକର୍ତ୍ତା ପାଲଟିଥିଲେ।

୧୯୯୧ ସେପ୍ଟେମ୍ବର ୯ ରେ ସୋଭିଏଟ୍ ୟୁନିୟନ ଠାରୁ ତାଜିକିସ୍ତାନ ସ୍ୱାଧୀନ ହୋଇଥିଲା।

भारतीय विज्ञान शिक्षा एवं अनुसंधान संस्थान बरहमपुर
**Indian Institute of Science Education and Research Berhampur**
Established by the Ministry of HRD, Govt. of India

**Vacancy Notice**

Applicants are invited to attend **Screening Test** followed by **Walk-in- Interview** on **September 17, 2018 at 0930 hrs** for the posts of **Project Lab Associate (01) No.** in the **Department of Physics and Project Cook (01) No.** on outsourcing basis through work contract assigned to M/s G A Digital Web Word Pvt Ltd for deployment at IISER Berhampur. For more details please visit: http://www.iiserbpr.ac.in/index.php?category=pages&pid=temp-positions

| Post | No. of Posts | Essential Qualifications | Experience | Consolidated Pay |
|---|---|---|---|---|
| Project Lab Associate | One (01) | M.Sc. In Physics or equivalent | 01 (one) year relevant experience | ₹25080/-P.M. |
| Project Cook | One (01) | +2 in any discipline | 01 (one) year experience especially in educational institution | ₹20520/-P.M. |

IISER Berhampur

# ଜାତିସଂଘ ଆଣିବ ଦିୱାଲି ଷ୍ଟାମ୍ପ୍




**ଜାତିସଂଘ:** ଜାତିସଂଘ ପୋଷ୍ଟାଲ ଏଜେନ୍ସି ଆସନ୍ତା ମାସ ୧୯ରେ ଏକ ସ୍ୱତନ୍ତ୍ର ଦିୱାଲି ଷ୍ଟାମ୍ପ୍ ଜାରି କରିବ। ଭାରତର ଏକ ପ୍ରମୁଖ ଉତ୍ସବ ଦିୱାଲି ଅବସରରେ ଏହି ସ୍ମାରକୀ ଡାକଟିକେଟ ଉନ୍ମୋଚିତ ହେବ। ଏ ସଂପର୍କରେ ଜାତିସଂଘ ପକ୍ଷରୁ କୁହାଯାଇଛି, ଦିୱାଲୀକୁ ଦୀପାବଳୀ କୁହାଯାଏ। ଏହା ଆଲୋକର ପର୍ବ। ଉଭୟ ଆଲୋକ ଏବଂ ଆନନ୍ଦର ଏହି ଉତ୍ସବ ଭାରତ ସମେତ ସମଗ୍ର ବିଶ୍ୱରେ ବିଭିନ୍ନ ଧର୍ମବିଶ୍ୱାସୀର ଲୋକେ ପାଳନ କରିଥାଆନ୍ତି। ତେଣୁ ଜନସାଧାରଣଙ୍କ ଧର୍ମୀୟ ଭାବନାକୁ ସ୍ୱାଗତ ଜଣାଇ ଏହା ଜାରି କରାଯାଉଛି। ଉକ୍ତ ଷ୍ଟାମ୍ପ୍ ପୃଷ୍ଠଭୂମିରେ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟ ଭବନ ମୁଦ୍ରିତ ହେବା ସହିତ 'ହାପି ଦିୱାଲି' ବାର୍ତ୍ତା ଉଲ୍ଲେଖ ରହିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଆମ୍ବାସାଡର ସୟଦ ଆକବରୁଦ୍ଦିନ୍ ଏହି ଘୋଷଣାକୁ ସ୍ୱାଗତ କରିବା ସହିତ ଟୁଇଟ୍ କରିଛନ୍ତି। ଆସନ୍ତା ମାସରେ ଦିୱାଲି ପାଇଁ ଏକ ସୁନ୍ଦର ଉପହାର ଆସୁଛି ବୋଲି ସେ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି।

# ମୋ ଫିଲ୍ମ ନିଷିଦ୍ଧ ହେଉ

**ମୁମ୍ବାଇ:** ଏକଦା ହିନ୍ଦୀ ଫିଲ୍ମ ଶିଳ୍ପରେ ଅଭିନେତ୍ରୀର ମାନ୍ୟତା ବଜାୟ ରଖିଥିଲେ ଟ୍ୱିଙ୍କିଲ୍ ଖାନ୍ନା। ବର୍ତ୍ତମାନ ସେ ଲେଖିକା ତଥା ପ୍ରଯୋଜିକା। ସେ ଯେଉଁସବୁ ଫିଲ୍ମରେ ଅଭିନୟ କରିଛନ୍ତି ସେ ସବୁକୁ ବ୍ୟାନ୍ (ନିଷିଦ୍ଧ) କରିଦିଆଯିବା ଉଚିତ। ଫଳରେ କେହି ଏହାକୁ ଦେଖିପାରିବେ ନାହିଁ ବୋଲି ଟ୍ୱିଙ୍କିଲ୍ ପ୍ରକାଶ କରିଛନ୍ତି। ଟ୍ୱିଙ୍କିଲ୍ ତାଙ୍କର ପୁସ୍ତକ 'ପାଇଜାମାସ୍ ଆର୍ ଫରଗିଭିଙ୍ଗ୍' ଲଞ୍ଚ୍ ବେଳେ ଏହା ପ୍ରକାଶ କରିଛନ୍ତି। ଟ୍ୱିଙ୍କିଲ୍ ୧୯୯୫ରେ ପ୍ରଥମ କରି 'ବରସାତ୍'ରେ ଅଭିନୟର ପାଦ ଥାପିଥିଲେ। ଏହାପରେ ସେ କ୍ରମାଗତ 'ଇତିହାସ', 'ଜୁଲ୍ମି' ଏବଂ 'ମେଲା' ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। କିନ୍ତୁ ତାଙ୍କର ସବୁ ଫିଲ୍ମ ଫ୍ଲପ୍ ହୋଇଯାଇଛି। ସେ ୨୦୦୧ରେ ଅଭିନେତା ଅକ୍ଷୟ କୁମାରଙ୍କୁ ବିବାହ କରିବା ପରେ ଅଭିନୟ ଛାଡି ଦେଇଥିଲେ। ତାଙ୍କୁ ପ୍ରଶ୍ନ କରାଯାଇଥିଲା, ଆପଣଙ୍କ କେଉଁ ଫିଲ୍ମ ରିମେକ୍ ହେବା ଆବଶ୍ୟକ ବୋଲି ଭାବୁଛନ୍ତି। ସେ ପରିହାସ ଛଳରେ କହିଥିଲେ, ବାସ୍ତବରେ ମୋର କୌଣସି ଫିଲ୍ମ ହିଟ୍ ହୋଇନାହିଁ। ତେଣୁ ମୁଁ ଭାବୁଛି, 'ମୋର ସବୁ ଫିଲ୍ମକୁ ବ୍ୟାନ୍ କରିଦେବା ଉଚିତ। ଫଳରେ କୌଣସି ଦର୍ଶକ ଏହାକୁ ଦେଖିପାରିବେ ନାହିଁ।'



ଟ୍ୱିଙ୍କିଲ୍ ଖାନ୍ନା

# ପ୍ଲୁଟୋ ଭୁଲ୍‌ବଶତଃ ଗ୍ରହ ମାନ୍ୟତା ହରାଇଥିଲା

**ନ୍ୟୁୟର୍କ**

୨୦୦୬ରେ ପ୍ଲୁଟୋ ଭୁଲ୍ ବଶତଃ ଗ୍ରହ ମାନ୍ୟତା ହରାଇଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି।



ଓରିଆଣ୍ଡୋସ୍ଥିତ ସେଣ୍ଟ୍ରାଲ ଫ୍ଲୋରିଡା ୟୁନିଭର୍ସିଟିର ବୈଜ୍ଞାନିକ ଫିଲିପ୍ ମେଜରଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ପକ୍ଷରୁ କୁହାଯାଇଛି, ପ୍ଲୁଟୋକୁ ଯେଉଁ କାରଣ ପାଇଁ ଗ୍ରହ ମାନ୍ୟତାରୁ ବାଦ୍ ଦିଆଯାଇଥିଲା ତାହାର କୌଣସି ଭିତ୍ତିଭୂମି ନ ଥିଲା। ୨୦୦୬ରେ ଇଣ୍ଟରନ୍ୟାଶନାଲ୍ ଆଷ୍ଟ୍ରୋନୋମିକାଲ୍ ୟୁନିୟନ୍ (ଆଇଏୟୁ) ଦର୍ଶାଇଥିଲା ଯେ, କୌଣସି ମହାକାଶୀୟ ବସ୍ତୁକୁ ଗ୍ରହ କହିବାକୁ ହେଲେ ଏହା ନିଜର କକ୍ଷପଥରେ 'ସ୍ପଷ୍ଟ ଦୃଶ୍ୟମାନ' ହେବା ଆବଶ୍ୟକ। ଆଇଏୟୁର ସଂଜ୍ଞା ଅନୁଯାୟୀ, କୌଣସି ମହାକାଶ ଗବେଷଣା ସଂସ୍ଥା ପ୍ଲୁଟୋକୁ ଗବେଷଣା ପାଇଁ ବ୍ୟବହାର କରୁ ନ ଥିବା ଦୃଷ୍ଟିରୁ ଏହା ଗ୍ରହ ପଦବାଚ୍ୟ ହେବା ଉଚିତ ନୁହେଁ।





ଜିଏସ୍‌ଟି କାଉନ୍‌ସିଲ, ୨୧ ଜୁଲାଇ, ୨୦୧୮ ଦିନ ଅନୁଷ୍ଠିତ ଏହାର ୨୮ତମ ବୈଠକରେ କ୍ଷୁଦ୍ର ଟିକସଦାତାଙ୍କ ହିତ ପାଇଁ ଜିଏସ୍‌ଟି ଆଇନରେ କେତେକ ପରିବର୍ତ୍ତନ ଆଣିବାର ସୁପାରିସ କରିଛନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଲା:-

କମ୍ପୋଜିଶନ୍ ସ୍କିମ୍‌ର ବିକଳ୍ପ ବାଛିବା ପାଇଁ ସର୍ବୋଚ୍ଚ ସୀମାକୁ ₹୧ କୋଟିରୁ ₹୧.୫ କୋଟିକୁ ବୃଦ୍ଧି କରାଯିବ।

କମ୍ପୋଜିଶନ୍ ବିକ୍ରେତାଙ୍କୁ ପୂର୍ବବର୍ତ୍ତୀ ଆର୍ଥିକବର୍ଷର କାରବାରର ୧୦%ରୁ ଅଧିକ ହୋଇ ନ ଥିବା ମୂଲ୍ୟ କିମ୍ବା ₹୫ ଲକ୍ଷ, ଯାହା ଅଧିକ ହେଉଥିବ, ପର୍ଯ୍ୟନ୍ତ ସେବା (ରେଷ୍ଟୋରାଁ ସେବାକୁ ଛାଡ଼ି) ଯୋଗାଇବା ପାଇଁ ଅନୁମତି ଦିଆଯିବ।

ଜିଏସ୍‌ଟି କାଉନ୍‌ସିଲର ସୁପାରିସ ଅନୁଯାୟୀ ପଞ୍ଜୀକୃତ ବ୍ୟକ୍ତିମାନଙ୍କ ନିର୍ଦ୍ଦିଷ୍ଟ ଅଧିସୂଚିତ ବର୍ଗ ମାମଲାରେ ଅଣପଞ୍ଜୀକୃତ ଯୋଗାଣକାରୀଙ୍କଠାରୁ ପ୍ରାପ୍ତ କେବଳ ବିନିର୍ଦ୍ଦିଷ୍ଟ ସାମଗ୍ରୀ କିମ୍ବା ସେବା ଅଥବା ଉଭୟର ଯୋଗାଣ ଉପରେ ଜିଏସ୍‌ଟି ଶୁଳ୍କ, ରିଭର୍ସ ଚାର୍ଜ ମେକାନିଜିମ୍ ଆଧାରରେ ଲାଗୁ ହେବ।

ଆସାମ, ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ମେଘାଳୟ, ସିକିମ୍ ଏବଂ ଉତ୍ତରାଖଣ୍ଡରେ ପଞ୍ଜୀକରଣ ପାଇଁ ଜିଏସ୍‌ଟିରେ ଛାଡ଼ର ସୀମାକୁ ₹୧୦ ଲକ୍ଷରୁ ₹୨୦ ଲକ୍ଷକୁ ବୃଦ୍ଧି କରାଯିବ।

ପଞ୍ଜୀକରଣ ରଦ୍ଦ ହେବା ପ୍ରକ୍ରିୟା ଅବଧିରେ ପଞ୍ଜୀକରଣ ଅସ୍ଥାୟୀ ରୂପେ ନିଲମ୍ବିତ ରହିବ, ଏହାଦ୍ୱାରା ଟିକସଦାତାଙ୍କୁ ଏହି ଅବଧି ମଧ୍ୟରେ ନିୟମ ପାଳନର ଦାୟିତ୍ୱରୁ ଉପଶମ ମିଳିବ।

ଇନ୍‌ପୁଟ ଓ ପୁଞ୍ଜିଗତ ମାଲ୍ (କ୍ୟାପିଟାଲ ଗୁଡ୍‌ସ) ଯାହା ଜବ୍ ୱାର୍କ ପାଇଁ ପଠାଯାଇଥାଏ, ତାହାକୁ ଫେରସ୍ତ ଆଣିବାର ସମୟସୀମାକୁ ବୃଦ୍ଧି କରାଯାଇ ଯଥାକ୍ରମେ ଏକ ଏବଂ ଦୁଇବର୍ଷ ପର୍ଯ୍ୟନ୍ତ କରିବାର ଅଧିକାର ଆୟୁକ୍ତଙ୍କୁ ପ୍ରଦାନ କରାଯିବ।

ସରଳୀକୃତ ଜିଏସ୍‌ଟି ରିଟର୍ନ: ନିଜ ୨୮ତମ ବୈଠକରେ ଜିଏସ୍‌ଟି କାଉନ୍‌ସିଲ ନୂଆ ସରଳୀକୃତ ରିଟର୍ନ ଫର୍ମାଟ୍‌କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। କ୍ଷୁଦ୍ର ଟିକସଦାତାଙ୍କୁ ଏହାଦ୍ୱାରା ନିମ୍ନଲିଖିତ ଲାଭ ମିଳିବ:-

- ଜିଏସ୍‌ଟି କାଉନ୍‌ସିଲ ଦ୍ୱାରା, ₹୫ କୋଟିରୁ କମ୍ କାରବାରଧାରୀ କ୍ଷୁଦ୍ର ଟିକସଦାତାଙ୍କୁ ତ୍ରୈମାସିକ ଆଧାରରେ ରିଟର୍ନ ଫାଇଲ୍ କରିବାର ବୈକଳ୍ପିକ ସୁବିଧା ଅନୁମୋଦିତ କରାଯାଇଛି। ଏହି ତ୍ରୈମାସିକ ରିଟର୍ନ ମୁଖ୍ୟ ରିଟର୍ନ ଭଳି ସମାନ ଧରଣର ହେବ, ଯେଉଁଥିରେ ଟିକସ ପୈଠ ମାସିକ ହେବ। କିନ୍ତୁ ଦୁଇ ପ୍ରକାରର ପଞ୍ଜୀକୃତ ବ୍ୟକ୍ତି, ଅର୍ଥାତ୍ କ୍ଷୁଦ୍ର ବ୍ୟବସାୟୀ, ଯେଉଁମାନେ କେବଳ ବି୨ସି କିମ୍ବା ବି୨ବି + ବି୨ସି ଯୋଗାଣ କରିଥାନ୍ତି, ସେମାନଙ୍କ ପାଇଁ 'ସହଜ' ଏବଂ 'ସୁଗମ' ନାମକ ସରଳୀକୃତ ରିଟର୍ନ ଡିଜାଇନ୍ କରାଯାଇଛି, ଯେଉଁଥିରେ ନିୟମିତ ରିଟର୍ନ ତୁଳନାରେ କମ୍ ବିବରଣୀ ଦେବାକୁ ହେବ।
- ଶୂନ୍ୟ ରିଟର୍ନ (କୌଣସି କ୍ରୟ କିମ୍ବା ବିକ୍ରୟ ହୋଇ ନ ଥିଲେ) ଫାଇଲ୍ କରୁଥିବା ବ୍ୟକ୍ତିଙ୍କୁ ଏସ୍‌ଏମ୍‌ଏସ୍ ପଠାଇ ରିଟର୍ନ ଫାଇଲ୍ କରିବାର ସୁବିଧା ଦିଆଯିବ।
- ଯୋଗାଣ ପ୍ରେରଣ ଏବଂ ପ୍ରାପ୍ତିର ପ୍ରକୃତି ଅନୁରୂପ ଟିକସଦାତାଙ୍କୁ ନିଜ ପ୍ରୋଫାଇଲ୍ ତିଆରି କରିବାର ସୁବିଧା ରହିବ। ସୂଚନାର କ୍ଷେତ୍ର ଯାହା ଟିକସଦାତାଙ୍କୁ ପ୍ରଦର୍ଶିତ ହେବ ଏବଂ ଯାହାକୁ ରିଟର୍ନରେ ପୂରଣ କରାଯିବାର ଆବଶ୍ୟକତା ଥିବ, ତାହା ତାଙ୍କ ପ୍ରୋଫାଇଲ ଉପରେ ନିର୍ଭର କରିବ।
- ବିକ୍ରେତା ଇନ୍‌ଭଏସ୍‌କୁ ନିରନ୍ତର ଭାବେ ଅପ୍‌ଲୋଡ୍ କରିପାରିବେ ଏବଂ ପ୍ରାପ୍ତକ ତାହାକୁ ନିରନ୍ତର ଭାବେ ଦେଖିପାରିବେ ଓ ଲକ୍ କରିପାରିବେ ଏବଂ ଏହି ଆଧାରରେ ପ୍ରାପ୍ତକ ଇନ୍‌ପୁଟ ଟିକସ କ୍ରେଡିଟ୍ ପ୍ରାପ୍ତ କରିପାରିବେ। ବିକ୍ରେତାଙ୍କ ଦ୍ୱାରା ଇନ୍‌ଭଏସ୍ ଅପ୍‌ଲୋଡ୍ କରାଯିବା ଏବଂ ପ୍ରାପ୍ତକଙ୍କ ଦ୍ୱାରା ସ୍ୱୀକାର କରାଯିବାର ଏହି ପ୍ରକ୍ରିୟା ଦ୍ୱାରା ରିଟର୍ନର ଏକ ବୃହତ୍ ଭାଗ ସ୍ୱତଃ ଫାଇଲ୍ ହେବା ସୁନିଶ୍ଚିତ ହୋଇଯିବ।
- ନୂଆ ରିଟର୍ନ ଡିଜାଇନ୍‌ରେ ଇନ୍‌ଭଏସ୍ ଏବଂ ରିଟର୍ନରେ ଫାଇଲ୍ କରାଯାଇଥିବା ଅନ୍ୟାନ୍ୟ ବିବରଣୀରେ ସଂଶୋଧନର ସୁବିଧା ପ୍ରଦାନ କରାଯାଇଛି। ଏହି ସଂଶୋଧନ, ଏକ ରିଟର୍ନ, ଯାହାକୁ ସଂଶୋଧନ ରିଟର୍ନ (ଆମେଣ୍ଡମେଣ୍ଟ ରିଟର୍ନ) କୁହାଯିବ, ତାହାକୁ ଫାଇଲ୍ କରି କରାଯାଇପାରିବ। 'ସଂଶୋଧନ ରିଟର୍ନ' ସହିତ ଟିକସ ପୈଠ ପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯିବ ଯାହାଦ୍ୱାରା ସୁଧ ଉତ୍ତରଦାୟିତାରୁ ରକ୍ଷାରେ ସହାୟତା ମିଳିପାରିବ।

ପାଖାପାଖି ୯୩ ପ୍ରତିଶତ ଟିକସଦାତାଙ୍କ କାରବାର ₹୫ କୋଟିରୁ କମ୍ ଅଟେ ଏବଂ ସେମାନେ ପ୍ରସ୍ତାବିତ ସରଳୀକରଣ ଦ୍ୱାରା ଅନେକ ମାତ୍ରାରେ ଲାଭାନ୍ୱିତ ହେବେ।

ଉପରୋକ୍ତ ସଂଶୋଧନ ସଂସଦ ଏବଂ ରାଜ୍ୟ ବ୍ୟବସ୍ଥାପକ ସଭା ଏବଂ ବ୍ୟବସ୍ଥାପକ ସଭାଧାରୀ କେନ୍ଦ୍ର ଶାସିତ ଅଞ୍ଚଳ ଦ୍ୱାରା ସମ୍ପର୍କିତ ଜିଏସ୍‌ଟି ଆଇନ୍‌ରେ ଆବଶ୍ୟକ ପରିବର୍ତ୍ତନ ପରେ ଲାଗୁ ହେବ।

**ଜିଏସ୍‌ଟି - ଏକ ଭଲ ଓ ସରଳ ଟିକସ**

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବାଣିଜ୍ୟ କର ବିଭାଗ
www.cbic.gov.in, www.cbec-gst.gov.in

davp15502/13/0030/1819



ରାମ ମନ୍ଦିର ଅଯୋଧ୍ୟାରେ ହିଁ ନିର୍ମାଣ ହେବ। ମନ୍ଦିର ଆମର ଆରାଧ୍ୟ ଏବଂ ଏହାକୁ ନିର୍ମାଣ କରିବା ପାଇଁ ଆମେ ସଂକଳ୍ପବଦ୍ଧ। ସୁପ୍ରିମକୋର୍ଟରେ ମାମଲା ଅଟକି ରହିଥିଲେ ବି ରାୟ ଆମ ସପକ୍ଷରେ ଆସିବ। କାରଣ ସୁପ୍ରିମକୋର୍ଟ ହେଉଛି ଆମର। ନ୍ୟାୟପାଳିକା ଆମର, ବିଧାନସଭା ଏବଂ ଏ ଦେଶ ବି ଆମର।

–ମୁକୁଟ ବିହାରୀ ବର୍ମା, ଉତ୍ତରପ୍ରଦେଶ ମନ୍ତ୍ରୀ

■ଗୋପାଳପୁରରେ ସ୍ଥିତି ପରଖିଲା ଉଦ୍ୟାନ ବିଭାଗ

# ଓଡ଼ିଶାରେ ନାହିଁ ଗେଣ୍ଡାମରା ଔଷଧ

ବନ୍ତଲା, ୮।୯ (ଡି.ଏନ.ଏ)

ଅନୁଗୋଳ ଜିଲା ବନ୍ତଲା ଥାନା ଧୋକୁଟା ପଞ୍ଚାୟତ ଗୋପାଳପୁର ଗ୍ରାମରେ ଗେଣ୍ଡା ମାଡିବା ଓ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହେବା ଘଟଣାରେ ଶନିବାର ଉଦ୍ୟାନ ବିଭାଗ ଅଧିକାରୀ ସେଠାରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଅପରାହ୍ଣରେ ଜିଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସ, ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର (କେବିକେ)ର ବୈଜ୍ଞାନିକ ଭିନିତା ଶତପଥୀ, ସହକାରୀ ବିଭାଗ ଅଫିସର ଅନିଲ କୁମାର ସ୍ୱାଇଁ, କୃଷି ଅଧିଦର୍ଶକ ବାବୁଲା ଦେହୁରୀ ଓ ପ୍ରବୀର କୁମାର ପ୍ରଧାନ ପ୍ରମୁଖ ଗାଁକୁ ଯାଇ ଚାଷୀମାନଙ୍କ ପନିପରିବା ବଗିଚା ବୁଲି ଦେଖିଥିଲେ। ଗେଣ୍ଡା ମାରିବା ପାଇଁ ଓଡ଼ିଶାରେ ଔଷଧ ମିଳୁ ନ ଥିବା ବିଭାଗୀୟ ଅଧିକାରୀ କହିବା ପରେ ଏହା ଚାଷୀଙ୍କ ଚିନ୍ତା ବଢାଇଛି। ତେବେ ଚାଷୀ ପ୍ରାକୃତିକ ଉପାୟରେ ଏହାର ପ୍ରତିକାର କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି।

ଉନ୍ନତ ତଥା ଆଧୁନିକ ଜ୍ଞାନକୌଶଳରେ ଗୋପାଳପୁରବାସୀ ବିଭିନ୍ନ ପ୍ରକାଶ ଚାଷ କରିଥାନ୍ତି। ଏଠାରୁ ପନିପରିବା ଜିଲା ସମେତ ଜିଲା ବାହାରକୁ ମଧ୍ୟ ଯୋଗାଣ ହୋଇଥାଏ। ହେଲେ ଦୀର୍ଘ ୩ ବର୍ଷ ହେଲା ଚାଷ ଜମିରେ



ଉଦ୍ୟାନ ବିଭାଗ ଅଧିକାରୀମାନେ ଗୋପାଳପୁର ଗ୍ରାମକୁ ଯାଇ ଚାଷ ଜମି ବୁଲି ଦେଖୁଛନ୍ତି।

ଲକ୍ଷ ଲକ୍ଷ ଗେଣ୍ଡାଙ୍କ ପ୍ରାଦୁର୍ଭାବ ଯୋଗୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଫଳରେ ଫସଲ କ୍ଷତିଗ୍ରସ୍ତ ହେବା ନେଇ ଚାଷ କରିବାକୁ ସେମାନଙ୍କ ମଧ୍ୟରେ ଆଗ୍ରହ କମିବାରେ ଲାଗିଛି। ସକାଳେ ଓ ସନ୍ଧ୍ୟାରେ ଚାଷୀମାନେ ଗେଣ୍ଡାମରା ଅଭିଯାନ ଚଲାଇଛନ୍ତି। ଦିନକୁ ପ୍ରାୟ ୫ କୁଇଣ୍ଟାଲରୁ ଅଧିକ ଗେଣ୍ଡା ମରାଯାଉଥିଲେ ହେଁ ସଂଖ୍ୟା କମିବାର ନାଁ ଧରୁନି। ପରିସ୍ଥିତି ଏପରି ହୋଇଛି ଯେ, ପାଣି ଜମିଥିବା ସ୍ଥାନ, ଘର, ସ୍କୁଲ, ପାଣି ହାଣ୍ଡି, କାନ୍ଥରେ ଗେଣ୍ଡା ସାଲୁବାଲୁ ହେଉଛନ୍ତି। ଲୋକେ ଖାଲିପାଦରେ ମଧ୍ୟ ବାହାରେ ଚାଲି ପାରୁନାହାନ୍ତି। ଗେଣ୍ଡା ଦାଉରୁ ମୁକ୍ତି ପାଇବାକୁ ଲୋକେ ପ୍ରତିଦିନ ସକାଳେ, ସନ୍ଧ୍ୟାରେ ବସ୍ତାରେ ଗେଣ୍ଡା ସଂଗ୍ରହ କରି ମାରୁଛନ୍ତି। ଗେଣ୍ଡାଗୁଡିକର ଓଜନ ୬ଶହ ଗ୍ରାମ ପର୍ଯ୍ୟନ୍ତ ଥିବା ଚାଷୀମାନେ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏ ନେଇ ଅଧିକାରୀମାନେ ଚାଷୀଙ୍କ ଆଲୋଚନା କରିଥିଲେ। ଅମୃତଭଣ୍ଡା ପତ୍ରକୁ ଚାଷ ଜମିର ଚତୁପାର୍ଶ୍ୱ ହୁଡ଼ାରେ ପକାଇବାକୁ ଅଧିକାରୀମାନେ ଚାଷୀଙ୍କୁ କହିଥିଲେ। ଏହା ଦ୍ୱାରା ଗେଣ୍ଡା ଆକର୍ଷିତ ହୋଇ ଜମିରୁ ବାହାରକୁ ଆସିଥାନ୍ତି। ଗରମ ଲୁଣ ପାଣିରେ ଅଖା ବସ୍ତା ବୁଡାଇ ଗେଣ୍ଡା ଉପରେ ଘୋଡାଇଲେ କିଛି ପରିମାଣରେ ଗେଣ୍ଡା ମରିବେ ବୋଲି ଅଧିକାରୀମାନେ କହିଥିଲେ। ଓଡ଼ିଶାରେ ଏହା ପ୍ରଥମ ଘଟଣା ହୋଇଥିବାବେଳେ ଗେଣ୍ଡା ମାରିବା ପାଇଁ ରାଜ୍ୟରେ ଔଷଧ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆନ୍ଧ୍ରପ୍ରଦେଶ, ଝାଡଖଣ୍ଡ, ବାଙ୍ଗାଲୋର ଆଦି ରାଜ୍ୟରେ ମିଳୁଥିବା କୀଟନାଶକକୁ ଚାଷୀମାନେ କିଣି ସେମାନଙ୍କ ଜମିରେ ବ୍ୟବହାର କରିପାରିବେ। ଉଦ୍ୟାନ ବିଭାଗ ପକ୍ଷରୁ ରାୟପୁରରୁ ୧୦ କେଜି ଔଷଧ ପ୍ରଥମେ କିଣା ଯାଇ ପ୍ରୟୋଗ କରିବା ପରେ ଫଳାଫଳକୁ ଦୃଷ୍ଟିରେ ରଖି ଏହାର ଡିଲରଶିପ୍ ବ୍ୟବସ୍ଥା କରାଯିବ।

■ଘର, ସ୍କୁଲ, ରାସ୍ତାଘାଟରେ ମାଳମାଳ

■ଦିନକୁ ମାରୁଛନ୍ତି ୫ କୁଇଣ୍ଟାଲ

■ପ୍ରାକୃତିକ ଉପଚାର ପାଇଁ ପରାମର୍ଶ

■ସରକାରଙ୍କୁ ଜଣାଇ ପଦକ୍ଷେପ ନିଆଯିବ

## ସଂକ୍ଷେପରେ

### କର୍ଣ୍ଣାଟକରେ ହେବ ବାୟୁସେନାର ଏୟାର ଶୋ



ନୂଆଦିଲ୍ଲୀ,୮।୯(ପି.ଟି.) ଭାରତୀୟ ବାୟୁସେନାର ସବୁଠାରୁ ବଡ ଏୟାର ଶୋ' ଆୟୋଜନ ସ୍ଥଳକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଶେଷ ହୋଇଛି। ଏନେଇ ଶନିବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏରୋ ଇଣ୍ଡିଆ ଏୟାର ଶୋ ୨୦୧୯ ଫେବୃୟାରୀ ୨୦ ରୁ ୨୪ ମଧ୍ୟରେ ବେଙ୍ଗାଲୁରରେ ଆୟୋଜନ କରାଯିବ। ଏହାର ୧୨ତମ ସଂସ୍କରଣ ବେଙ୍ଗାଲୁରର ୟେଲେଙ୍କା ବିମାନ ଘାଟିରେ ୫ ଦିନ ଧରି ଚାଲିବ। ଏଥିରେ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଶିଳ୍ପ ପାଇଁ ଏକ ପ୍ରଦର୍ଶନୀ ସହ ଏୟାର ଶୋ କରାଯିବ। ଏଥିରେ ବିଶ୍ୱସ୍ତରୀୟ ନେତା ଓ ଏରୋସ୍ପେସ୍ ଉଦ୍ୟୋଗର ନିବେଶକମାନେ ଯୋଗ ଦେବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ସ୍ୱାଗତ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରଦର୍ଶନୀକୁ କର୍ଣ୍ଣାଟକ ଓ ଉତ୍ତର ପ୍ରଦେଶ ସରକାର ନିଜ ନିଜ ରାଜ୍ୟରେ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନଙ୍କୁ ପୂର୍ବରୁ ଭେଟିଥିଲେ।

### ଆମେରିକୀୟ ରାପର ମ୍ୟାକ୍ ମିଲେରଙ୍କ ପରଲୋକ



ଲସ୍ ଏଞ୍ଜେଲସ୍, ୮।୯(ପି.ଟି.)ମାତ୍ରାଧିକ ପରିମାଣରେ ମାଦକଦ୍ରବ୍ୟ ସେବନ କରି ଆମେରିକୀୟ ରାପର ମାକ୍ ମିଲରଙ୍କ ଶନିବାର ମୃତ୍ୟୁ ହୋଇଛି। ୨୬ ବର୍ଷୀୟ ମ୍ୟାକ୍‌ଙ୍କ ପ୍ରକୃତ ନାମ ହେଉଛି ମ୍ୟାଲକୋଲମ୍ ଜେମ୍ସ ମାକ୍ରୋମିକ୍। ମାତ୍ର ୧୮ ବର୍ଷ ବୟସରୁ ସେ ଜଣେ ରାପର ଭାବରେ ପ୍ରସିଦ୍ଧି ଲାଭ କରିପାରିଥିଲେ। ଶନିବାର ତାଙ୍କ ଘରୁ ମୃତ ଦେହ ଉଦ୍ଧାର କରାଯାଇଛି ବୋଲି ପରିବାର ଲୋକେ କହିଛନ୍ତି। ୨୦୧୪ ରୁ ମ୍ୟାକ୍ ଡ୍ରଗ୍ସ ସେବନ କରୁଥିବା ଏକଦା ସେ ନିଜେ ସ୍ୱୀକାର କରିଥିଲେ। ଯାହାକି ମ୍ୟାକ ତାଙ୍କର ବାନ୍ଧବୀ ଆରିନା ଗ୍ରାଣ୍ଡେଙ୍କ ସହ ସମ୍ପର୍କ ତୁଟିବାର ଏକ ପ୍ରମୁଖ କାରଣ ରହିଥିଲା।

### ଆଗୁଆ ହେବ ନାହିଁ ରାଷ୍ଟ୍ରପତି ନିର୍ବାଚନ: ସିରିସେନା

କଲମ୍ବୋ,୮।୯(ପି.ଟି.)ଶ୍ରୀଲଙ୍କାରେ ଆଗୁଆ ନିର୍ବାଚନ ହେବନାହିଁ ବୋଲି ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଶନିବାର କହିଛନ୍ତି। ତାଙ୍କ କହିବା ଅନୁସାରେ ୨୦୧୯ ଓ ଜାନୁୟାରୀ ୨୦୨୦ ମଧରେ ନିର୍ବାଚନ ହେବ। ଏପରିକି ନିର୍ଦ୍ଧାରିତ ସମୟର ଗୋଟେ ଦିନ ଆଗୁଆ ମଧ୍ୟ ହୋଇପାରିବନି ବୋଲି ସେ ସ୍ପଷ୍ଟ କରିଛନ୍ତି। ଶ୍ରୀଲଙ୍କା ଗଣମାଧମରେ ଗତ କିଛି ଦିନ ହେବ ଚର୍ଚ୍ଚା ହେଉଛି ଯେ ରାଷ୍ଟ୍ରପତି ନିର୍ବାଚନ ଜାନୁୟାରୀ ଆରମ୍ଭରୁ ହୋଇପାରେ। ଏହି ସମୟରେ ତାଙ୍କର ୪ ବର୍ଷ ପୂରଣ ହୋଇ ୫ ବର୍ଷ ଚାଲୁଥିବାରୁ ହୁଏତ ସେ ଆଗୁଆ ନିର୍ବାଚନ କରିପାରନ୍ତି। କିନ୍ତୁ ସେ ଏସବୁ ଚର୍ଚ୍ଚା ଉପରେ ବିରାମ ଲଗାଇ ଦେଇଛନ୍ତି।

■ବାରମୁଲା ବଳାତ୍କାର ଓ ହତ୍ୟା ମାମଲା

### ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ: ମେହବୁବା

ଶ୍ରୀନଗର,୮।୯(ପି.ଟି.) ବାରମୁଲାରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ନାବାଳିକାଙ୍କୁ ନ୍ୟାୟ ଦେବା ସହ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ପାଇଁ ଶନିବାର ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଦାବି କରିଛନ୍ତି। ମେହବୁବା ବୋନିୟାରରେ ଥିବା ପୀଡିତାଙ୍କ ଘରକୁ ଯାଇ ସେଠାରେ ତାଙ୍କର ପରିବାର ଲୋକଙ୍କୁ ଭେଟିବା ସହ ଦୁଃଖ ପ୍ରକାଶ କରିଥିଲେ। ସେ କହିଛନ୍ତି, ଏହା ଲଜ୍ଜା ଓ ଅପମାନଜନକ ଘଟଣା। ଏହି ମାମଲାକୁ ଅତି ହାଲୁକା ଭାବରେ ନେଉଥିବାରୁ ମେହବୁବା ଜମ୍ମୁ- କଶ୍ମୀର ପୋଲିସକୁ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବାରମୂଳା ଜିଲାରେ ନାବାଳିକାଙ୍କୁ ତାଙ୍କର ସାବତ ଭାଇ ଏବଂ ସାଙ୍ଗମାନେ ବଳାତ୍କାର କରିଥିବା ବେଳେ ସାବତ ମା' ସେମାନଙ୍କ ସହ ମିଶି ନିର୍ମମ ଭାବେ ହତ୍ୟା କରିଥିଲେ।

## ବଳାତ୍କାର ପୀଡ଼ିତାଙ୍କୁ ଗଣିକା କହିଲେ ବିଧାୟକ

କୋଚି,୮।୯

ନନ୍ ବଳାତ୍କାର ଘଟଣାକୁ ନେଇ କେରଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟର ବିଭିନ୍ନ କାଥୋଲିକ୍ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଭଳି ସ୍ଥିତିରେ ରାଜ୍ୟର ଜଣେ ବିଧାୟକ ନନ୍‌ଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି। ରାଜ୍ୟର ସ୍ୱାଧୀନ ବିଧାୟକ ପି.ସି. ଜର୍ଜ ଶନିବାର ବଳାତ୍କାର ପାଇଁ ପୀଡ଼ିତା ନନ୍‌ଙ୍କୁ ହିଁ ଦାୟୀ କରିଛନ୍ତି। ଏପରି କି ତାଙ୍କୁ ଗଣିକା ବୋଲି ସେ ବିବେଚନା କରିଛନ୍ତି। ଜର୍ଜ କହିଛନ୍ତି, ପୀଡ଼ିତା ୧୨ ଥର ବଳାତ୍କାର ପରେ କିଛି ଆପତ୍ତି ଉଠାଇ ନ ଥିଲେ। କିନ୍ତୁ ୧୩ ଥର ବେଳକୁ କାହିଁକି ଅଭିଯୋଗ ଆଣୁଛନ୍ତି। ପ୍ରଥମ ଘଟଣାରୁ ବିରୋଧ କରିବା ଉଚିତ ଥିଲା ବୋଲି ବିଧାୟକ କହିଛନ୍ତି।

ଜଲନ୍ଧର ଡିଓସିସ୍‌ର ରୋମାନ୍ କାଥୋଲିକ୍ ବାଇସପ୍ ଫ୍ରାଙ୍କୋ ମୁଲକ୍କଲଙ୍କ ବିରୋଧରେ ଏଠାକାର ଜଣେ ନନ୍ ବଳାତ୍କାର ଅଭିଯୋଗ ଆଣିଛନ୍ତି। ୨୦୧୪ରୁ ୨୦୧୬ ମଧ୍ୟରେ ବାଇସପ୍ ତାଙ୍କୁ ୧୩ଥର ବଳାତ୍କାର କରିଥିବା ନନ୍ ଅଭିଯୋଗ ଆଣିଛନ୍ତି। ଜୁନ୍‌ରେ କୁରାଭିଲାନ୍‌ଗାଡ୍ ଥାନାରେ ମାମଲା ଦାଏର ହୋଇଛି। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ତଦନ୍ତ ଆରମ୍ଭ କରିଛି।

## ହ୍ୱାଟ୍ସଆପ୍ ପାଇଁ ଭାଙ୍ଗିଲା ବିବାହ

ନୂଆଦିଲ୍ଲୀ,୮।୯

ବର୍ତ୍ତମାନର ପିଢ଼ି ପକ୍ଷେ ପଡ଼ିଶା ଘରେ କ'ଣ ଚାଲିଛି ତାହା କହିବା ଅସମ୍ଭବ, କିନ୍ତୁ ଆମେରିକା ରାଷ୍ଟ୍ରପତି କ'ଣ ଖାଇଲେ କ'ଣ ପିନ୍ଧିଲେ ସେହି ଖବର ସମସ୍ତଙ୍କ ନିକଟରେ ରହିପାରୁଛି। ଆଜିକାଲିର ସୋସିଆଲ ମିଡିଆ ନିଶା ଦିନକୁ ଦିନ ଲୋକଙ୍କୁ ଘାଇଲା କରିବାରେ ଲାଗିଛି। ଏହା କିଭଳି ଭାବେ ଜଣଙ୍କ ବିବାହ ଭାଙ୍ଗିବାର କାରଣ ମଧ୍ୟ ପାଲଟିପାରେ ତାହା ଉତ୍ତରପ୍ରଦେଶର ଅମ୍‌ରୋହା ଜିଲାରେ ଏକ ଘଟଣା କ୍ରମରେ ଦେଖିବାକୁ ମିଳିଛି। ଜିଲାର ନୂଆଗାଉଁ ସଦତ୍ ଗ୍ରାମରେ ଗୁରୁବାର ଏକ ବିବାହ କାର୍ଯ୍ୟକ୍ରମ ଚାଲିଥିଲା। ବରଯାତ୍ରୀଙ୍କ ଅପେକ୍ଷାରେ ରହିଥିଲେ କନ୍ୟାପକ୍ଷ। କିନ୍ତୁ ଠିକଣା ସମୟରେ ପହଞ୍ଚି ନ ଥିଲେ ବରଯାତ୍ରୀ। ବିଳମ୍ବ ହେବାର କାରଣ ପଚାରି ବୁଝିବାରୁ ବିବାହ ଆଉ ହେବ ନାହିଁ ବୋଲି ଆସିଲା ଉତ୍ତର। ଆଉ ଏହାର କାରଣ ଥିଲା ଝିଅର ହ୍ୱାଟ୍ସଆପ୍ ଅଭ୍ୟାସ। ଝିଅ ଅନବରତ ହ୍ୱାଟ୍ସଆପ୍‌ରେ ବ୍ୟସ୍ତ ରହୁଥିବାରୁ ବିବାହ ଭାଙ୍ଗି ଦେଇଥିବା ବରପକ୍ଷ ସ୍ପଷ୍ଟ କରିଥିଲେ। ଏହାପରେ ଝିଅଙ୍କ ପିତା ବରପକ୍ଷ ବିରୋଧରେ ଯୌତୁକ ମାମଲା ଦାଏର କରିଥିବା ପୋଲିସ ସୂଚନା ଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଣ କରୁଥାଏ ମାଇପ ଆଗେ**
**ବୁଦ୍ଧି ନ ଆସଇ ପାଇକ ଆଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି,ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଟାଙ୍ଗରା ମୁଣ୍ଡରେ ମହଣ ପାତିଆ**
**ଉଞ୍ଚ କପାଳରେ ଟିକିଲି**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡିଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ, ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ, ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଅଳସୁଆ ଦେଶଙ୍କ ମଧ୍ୟରେ ଭାରତ

ନୂଆଦିଲ୍ଲୀ:



ଶାରୀରିକ ଭାବେ ସକ୍ରିୟ ନାଗରିକ ବିଷୟ ବିଚାରକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କେତେକ ଦେଶକୁ ଅଳସୁଆ ରାଷ୍ଟ୍ର ତାଲିକାଭୁକ୍ତ କରିଛି। ଭାରତ ଏହି ତାଲିକାର ୧୧୭ତମ ସ୍ଥାନରେ ରହିଛି। ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ମେଡିକାଲ୍ ଜର୍ନାଲ 'ଦି ଲାନ୍‌ସେଟ୍'ରେ ପ୍ରକାଶ ପାଇଛି। ଅଧିକ ସକ୍ରିୟ ରାଷ୍ଟ୍ର ଭାବରେ ଉଗାଣ୍ଡା ଏହି ତାଲିକାର ଶୀର୍ଷରେ ରହିଛି। ଏହାର ମାତ୍ର ୫.୫% ଲୋକ ଅତ୍ୟନ୍ତ ଅଳସୁଆ। ତେବେ କୁଏତର ୬୭% ଲୋକ ଆଦୌ ବ୍ୟାୟାମ କରୁ ନ ଥିବାରୁ ଏହି ତାଲିକାର ନିମ୍ନରେ ରହିଛି। ୧୬୮ ଦେଶଙ୍କୁ ନେଇ ଗଠିତ ଏହି ତାଲିକାର ୧୧୭ତମ ସ୍ଥାନରେ ଭାରତ ରହିଛି। ଭାରତର ୩୪% ଲୋକ ଶାରୀରିକ ଭାବେ ସକ୍ରିୟ ନୁହନ୍ତି। ଉକ୍ତ ତାଲିକାରେ ସ୍ଥାନ ପାଇଥିବା କୁଏତ୍, ଆମେରିକାନ୍ ସାମୋଆ, ସୌଦି ଆରବ ଏବଂ ଇରାକ୍‌ର ପ୍ରାପ୍ତ ବୟସ୍କ ଲୋକ ସଂଖ୍ୟାର ଅଧାରୁ ଅଧିକ ଆଦୌ କୌଣସି ବ୍ୟାୟାମ କରନ୍ତି ନାହିଁ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300, 7682826301
BRAHAMPUR 7682826307, 7377730723

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM, ANM, OT. Tech, DMLT, ICU, X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

9911436726, 9540938429

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 2% ବାର୍ଷିକ ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188
8556894339

SMS JOB
ବେଟିବଚାଓ ବେଟିପଢାଓ ଯୋଜନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168
07258995324

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେସନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527, +91 8126673652
ଠକମାନଙ୍କ ପ୍ରତି ସାବଧାନ

ଧନଲକ୍ଷ୍ମୀ ଫାଇନାନ୍ସ (Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ। ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ ୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
–ସକ୍ରେଟିସ୍



## ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ସମାରୋହ

# ‘ଖବରକାଗଜର ଧାରା ବଦଳୁଛି’





ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଉଦ୍‌ଘାଟନ କରୁଛନ୍ତି। ପାଖରେ ଅଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ଜିଲାପାଳ ରମେଶ ଚନ୍ଦ୍ର ରାଉତ(ଡାହାଣରୁ ଦ୍ୱିତୀୟ) ଓ ଅନ୍ୟ ଅତିଥିମାନେ।

ବାଲେଶ୍ୱର ଅଫିସ,୮।୯

ବର୍ତ୍ତମାନ ଖବରକାଗଜ ଦୁନିଆରେ ଧାରା ବଦଳୁଛି। ଡିଜିଟାଲାଇଜେଶନ୍ ପରେ ଅନେକ ପରିବର୍ତ୍ତନ ଆସିଛି। ପାକିସ୍ତାନ, ନେପାଳ, ଇଣ୍ଡୋନେସିଆ, ମାଲେସିଆ ଭଳି ଦେଶରେ ଛାପା ଗଣମାଧ୍ୟମର ପୁନର୍ଜନ୍ମ ଆରମ୍ଭ ହୋଇଛି। ଏ କ୍ଷେତ୍ରରେ ଅଗ୍ରଣୀ ଦେଶର ପାଠିକାପାଠକମାନେ ସେହି ସ୍ତରକୁ ଯାଇ ଖବର ପଢୁଛନ୍ତି। ଆମେରିକା ଭଳି ଦେଶରେ ରହୁଥିବା ଓଡ଼ିଆମାନେ ଏବେ ଇ-ପେପର ଦେଖି ମତାମତ ରଖୁଛନ୍ତି। ଖବରକାଗଜର ଏହି ନୂଆ ଧାରା ପାଠକଙ୍କ ଆଦର ବଢାଇଛି। ଆମ ପିଲାଙ୍କ ମଧ୍ୟରେ ସେଭଳି ପଠନ ଅଭ୍ୟାସ ରହିବା ଆବଶ୍ୟକ ବୋଲି ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ସମାରୋହ ବନ୍ଧୁମିଳନ ଅବସରରେ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ବ୍ରିଟ୍ କଲ୍ୟାଣମଣ୍ଡପରେ ଶନିବାର ଆୟୋଜିତ ସମାରୋହରେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, କବି ଶ୍ରୀଦେବ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସତପଥୀ ଉଦ୍‌ବୋଧନ ଦେଇ ଆହୁରି କହିଥିଲେ, ଗଣମାଧ୍ୟମର ପ୍ରତ୍ୟେକ ଓଡ଼ିଆଙ୍କ ମଧ୍ୟରେ ଭାଷା ପ୍ରତି ଭଲ ପାଇବା ରହିବା ଦରକାର। ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ବାଲେଶ୍ୱରବାସୀଙ୍କ ଅବଦାନ ଅତୁଳନୀୟ। ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଏ ମାଟିର ଭୂମିକା ସ୍ୱତନ୍ତ୍ର। ଏହାର କଳା ଓ ସଂସ୍କୃତିକୁ ଅନ୍ୟମାନେ ଅନୁକରଣ କରି ଆସୁଛନ୍ତି।

ଜିଲାପାଳ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ବିଧାନର ଚତୁର୍ଥସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖବରଦାତାମାନେ ନିରପେକ୍ଷତା ଅବଲମ୍ବନ କରି ଯେଉଁଠି ତ୍ରୁଟିବିଚ୍ୟୁତି ରହିଛି ଦୃଷ୍ଟିକୁ ଆଣିଲେ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିବ। ତଥ୍ୟଭିତ୍ତିକ ଖବର ପଢିବାକୁ ଭଲ ଲାଗେ ବୋଲି ସେ କହିଥିଲେ। ପୂର୍ବାଞ୍ଚଳ ଡିଆଇଜି ସିହ୍ନା କହିଥିଲେ, ସମାଜରେ ଅନେକ କଥା ରହିଛି, ଯାହାର ପରିବର୍ତ୍ତନ ଖବରକାଗଜ ମାଧ୍ୟମରେ ହୋଇପାରିବ। ଏକ ଉଦାହରଣ ଦେଇ ସିହ୍ନା କହିଥିଲେ, ଧରିତ୍ରୀ ଏକମାତ୍ର କାଗଜ ଯେ କି, ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର ଓ ଶୋଷଣ କରାଯିବା ସମ୍ପର୍କରେ ପାଠିକାପାଠକଙ୍କ ମତାମତକୁ ଆଧାର କରି ପ୍ରଥମେ ନିର୍ଭୀକ ଭାବେ ଖବର ପରିବେଷଣ କରିଥିଲା। ଏହାପରେ ସ୍ଥିତିରେ ସୁଧାର ଆସିଥିଲା। ଅନ୍ୟତମ ଅତିଥି କବି ଶ୍ରୀଦେବ କହିଥିଲେ, ଗଣମାଧ୍ୟମରେ ଖବର ପରିବେଷଣ ବେଳେ ଅନ୍ୟ ଭାଷାର ଯେଭଳି ବ୍ୟବହାର କରାଯାଉଛି ତାହା ଓଡ଼ିଆଙ୍କ ସ୍ୱାଭିମାନ ଉପରେ ପ୍ରଭାବ ପକାଉଛି। ଡ. ସୁବାସ ଚନ୍ଦ୍ର ପାତ୍ର ରାଜ୍ୟସ୍ତର ସଂସ୍କରଣରେ ଅଧିକ ଆଞ୍ଚଳିକ ଖବର ସ୍ଥାନିତ ହେଉ ବୋଲି ମତ ରଖିଥିଲେ। ସମାଜସେବୀ ସୁବାସିନୀ ଜେନା ଅବହେଳିତ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଖବରଦାତା ରଞ୍ଜନ ବାଗ୍ ‘ଓଡ଼ିଆ ସ୍କୁଲଗୁଡ଼ିକରେ ପିଲା ସଂଖ୍ୟା କମୁଥିବାରୁ ଓଡ଼ିଆ ପାଠକ ସଂଖ୍ୟା ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରୁଛି’ ବୋଲି କହିଥିଲେ। ଓଡ଼ିଆ ଭାଷାର ସୁରକ୍ଷା ଲାଗି ଜିଲାରେ ମୁକ୍ତ ଶିକ୍ଷାକେନ୍ଦ୍ର ସ୍ଥାପନ ହେଉ ବୋଲି ଆଇନଜୀବୀ ବିଜୟ ପାଣିଗ୍ରାହୀ ଗୁରୁତ୍ୱ ଦେଇଥିଲେ। ସାମାଜିକ କର୍ମୀ ଭଗବାନ ଦାସ ଅଧିକ ରୋଚକପୂର୍ଣ୍ଣ ଖବର ଏବଂ ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ଖବର ପରିବେଷଣ ବେଳେ ସତର୍କତା ଅବଲମ୍ବନ କରାଯାଉ ବୋଲି ମତ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଉଦ୍‌ବୋଧନ ଦେଇ ସତ୍ୟ ଓ ନିରପେକ୍ଷତାପୂର୍ଣ୍ଣ ଖବର ଧରିତ୍ରୀକୁ ଲୋକପ୍ରିୟ କରିଛି ବୋଲି ଉଲ୍ଲେଖ କରିଥିଲେ। ଏଫ୍‌ଏମ୍ ଜୁନିୟର କଲେଜର ଛାତ୍ର ଶୁଭମ୍ ପାଢ଼ୀ ତାଙ୍କ ବକ୍ତବ୍ୟରେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବନ୍ଧୁମିଳନ ସମାରୋହରେ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଓ ଅନ୍ୟ ବହୁ ବରିଷ୍ଠ ନାଗରିକ, ସାହିତ୍ୟିକ, ବୁଦ୍ଧିଜୀବୀ, ପାଠିକା ପାଠକ ଉପସ୍ଥିତ ଥିଲେ।

ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କବି ଅଞ୍ଜଳି ପଣ୍ଡା, ନୃତ୍ୟାଙ୍ଗନା ରୋନାଲିସା ପଣ୍ଡା, ଶିଳ୍ପୋଦ୍ୟୋଗୀ ସଂଗ୍ରାମ କୁମାର ଦାସ, ରୋଟାରିୟାନ୍ ଦେବେନ୍ଦ୍ର କୁମାର ଧଳ, ସାମାଜିକକର୍ମୀ ଯଶୋଦା ନନ୍ଦନ ଆଶ ଓ ନଦୀପୁତ୍ର ସୁଦର୍ଶନ ଦାସ ପ୍ରମୁଖଙ୍କୁ ଏହି ଅବସରରେ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରକାଗଜ ବିତରକ ସଂଘର ସଭାପତି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ସମ୍ପାଦକ ସତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବନ୍ଧୁମିଳନ ସମାରୋହ ପ୍ରାରମ୍ଭରେ ମାତୃ ବନ୍ଦନା ପରିବେଷଣ କରାଯାଇଥିଲା। ଉଦୀୟମାନ କଣ୍ଠଶିଳ୍ପୀ ପ୍ରଭୁପାଦ ଦେଶଭକ୍ତି ସଙ୍ଗୀତ ଗାନ କରିଥିଲେ। ଶ୍ରୀମା ଶ୍ରୀଅରବିନ୍ଦ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ନନ୍ଦିନୀ ଶତପଥୀ, ଦେବେନ୍ଦ୍ର ଶତପଥୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଜିଲା ପ୍ରତିନିଧି ମାନସ ବିଶ୍ୱାଳ, ମିଲିଅନ୍ ଡ୍ରିମ୍‌ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ, ରୋହିମା ନିଶା, ପ୍ରସାରଣ ପରିଚାଳକ ଆଲୋକ କାନୁନ୍‌ଗୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ‘ନାଚ୍’ ଅନୁଷ୍ଠାନ ପକ୍ଷରୁ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଧରିତ୍ରୀର ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବ୍ଲକ ପ୍ରତିନିଧି ବାଞ୍ଛାନିଧି ଦେ, ରବୀନ୍ଦ୍ର ମହାକୁଡ଼, ଉତ୍କଳବନ୍ଧୁ ପଣ୍ଡା, ସନ୍ତୋଷ ନାୟକ, ଶରତ ସାମଲ, ହରିଶଙ୍କର ପାଢ଼ୀ, ଶ୍ରୀକୃଷ୍ଣ ଗୁପ୍ତା, ସୁକାନ୍ତ ଗିରି, ପ୍ରଦୀପ ଦାସ, ଅରୂପ ଦାସ, ଜନ୍ମେଜୟ ମିଶ୍ର, ମନୋଜ ଦାଶ, ସନାତନ ମହାନ୍ତି, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଭଦ୍ରକ ଜିଲା ପ୍ରତିନିଧି ବିଭୁପ୍ରସାଦ ବେହେରାଙ୍କ ସମେତ ନାରାୟଣ ବାରିକ, ମନୋରଞ୍ଜନ ବାରିକ, କାଳିପଦ ରାୟ ଏବଂ ମୟୂରଭଞ୍ଜ ଜିଲା ପ୍ରତିନିଧି ରବିନାରାୟଣ ଚଲାନଙ୍କ ସମେତ ନିଳାଦ୍ରୀ ବିହାରୀ ଦଣ୍ଡପାଟ, କେନ୍ଦୁଝର ଜିଲାର ମାନସ ମହାନ୍ତି, ଶୁଭକାନ୍ତ ନାୟକ ଓ ସନ୍ତୋଷ ରାଉତ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ।

## ସମ୍ବର୍ଦ୍ଧିତ ପ୍ରତିଭା



ଅଞ୍ଜଳି ପଣ୍ଡା



ସୁଦର୍ଶନ ଦାସ



ସଂଗ୍ରାମ କୁମାର ଦାସ



ଯଶୋଦା ନନ୍ଦନ ଆଶ୍



ଦେବେନ୍ଦ୍ର କୁମାର ଧଳ



ରୋନାଲିସା ପଣ୍ଡା।

## ଉଦ୍‌ବୋଧନ ଦେଉଛନ୍ତି



ସୁବାସିନୀ ଜେନା



ବିଜୟ ପାଣିଗ୍ରାହୀ



ରଞ୍ଜନ ବାଗ



ଅର୍ଚ୍ଚନା ନନ୍ଦୀ



ଭଗବାନ ଦାସ



ଲକ୍ଷ୍ମୀଧର ବେହେରା



ଶ୍ରୀଦେବ



ସୁବାସ ଚନ୍ଦ୍ର ପାତ୍ର



ବନ୍ଧୁମିଳନରେ ‘ନାଚ୍’ ଅନୁଷ୍ଠାନ ପକ୍ଷରୁ ଶିଶୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।



ଉପସ୍ଥିତ ଅତିଥି, ପାଠିକାପାଠକ ଓ ଖବରଦାତା।

### ପୋଲିସ-ଆଇନଜୀବୀ ବିବାଦ: ଏକାଠି ହେଲେ ସମସ୍ତ ବାର୍ ପ୍ରତିନିଧି

# ବୁଧବାର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ ଅଫିସ, ୮।୯

ହାଇକୋର୍ଟ ଆଇନଜୀବୀଙ୍କୁ ପୋଲିସର ମାଡ଼ ଘଟଣାକୁ ନେଇ ଶନିବାର ହାଇକୋର୍ଟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ରାଜ୍ୟର ବିଭିନ୍ନ ଆଇନଜୀବୀ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକ ପରେ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଥିଲେ ଯେ, ଏହି ଘଟଣାରେ ଦୋଷୀ ପୋଲିସ ଅଧିକାରୀଙ୍କ ଗିରଫଦାରି ହିଁ ଏକମାତ୍ର ସମାଧାନର ବାଟ। ତାଙ୍କୁ ଗିରଫ କରା ନ ଗଲେ ଆଇନଜୀବୀମାନେ ଆନ୍ଦୋଳନରୁ ହଟିବେ ନାହିଁ। ତେଣୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ଆଉ ଏକ ବୈଠକ ବସି ପରବର୍ତ୍ତୀ ପର୍ଯ୍ୟପନ୍ଥା ସ୍ଥିର କରାଯିବ। ଏଥିସହ ଖୁବ୍‌ଶୀଘ୍ର ଆଇନଜୀବୀ ସଂଘର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଆଇନମନ୍ତ୍ରୀଙ୍କୁ ଭେଟି ଏହି ବିଷୟରେ ଆଲୋଚନା କରିବେ। ସେହିଭଳି ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଏକ ସ୍ୱତନ୍ତ୍ର ବେଞ୍ଚ ଏହାର ତଦନ୍ତ କରୁ ବୋଲି ସେ ଦାବି କରିଛନ୍ତି। ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ କୁମାର ନାୟକ କହିଛନ୍ତି ଯେ, ଆଇନଜୀବୀଙ୍କୁ ମାଡ଼ ଘଟଣା ନେଇ ପୋଲିସ ରୁଜୁ କରିଥିବା ମାମଲାରେ ୩୨୬ ଓ ୩୦୭ ଦଫା ଲାଗୁ କରାଯାଇଛି। ଏହି ଦୁଇଟି ଦଫାରେ ଗିରଫଦାରି ନିୟମ ଥିବାବେଳେ ପୋଲିସ କିଭଳି କେବଳ ନିଲମ୍ବନ କଲା? ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡାମାଡ଼ କରିବା ଘଟଣାରେ ପୋଲିସ ଯଦି ଅଭିଯୁକ୍ତଙ୍କୁ ୩୦୭ ଦଫାରେ ଗିରଫ କରୁଛି, ତେବେ ଆଇନଜୀବୀଙ୍କୁ ମାଡ଼ କ୍ଷେତ୍ରରେ କାହିଁକି ଏହି ନିୟମ ଲାଗୁ ହେବନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

### ସାଇବର ଅପରାଧ ରୋକିବାକୁ କ୍ରାଇମ୍‌ବ୍ରାଞ୍ଚର ନୂଆ ଆଡଭାଇଜରି

# ୱାଇ-ଫାଇ ସିକ୍ୟୁରିଟି, ଇ-ବ୍ୟାଙ୍କିଙ୍ଗ ସେଫ୍ଟି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ସାଇବର ଅପରାଧ ଦିନକୁଦିନ ବଢୁଥିବାରୁ ଏହାକୁ ରୋକିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଶନିବାର ଏକ ନୂଆ ଆଡଭାଇଜରି ଜାରି କରିଛି। ଏଥିରେ ୱାଇ-ଫାଇ ସିକ୍ୟୁରିଟି ଏବଂ ଇ-ବ୍ୟାଙ୍କିଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଏଟିଏମ୍ ଚୋରଙ୍କଠାରୁ ବର୍ତ୍ତିବା ପାଇଁ ମଧ୍ୟ ଏଥିରେ କିଛି ପରାମର୍ଶ ଦିଆଯାଇଛି।

ଏହି ଆଡଭାଇଜରିଗୁଡିକ ହେଲା, କମ୍ପ୍ୟୁଟରେ ଥିବା ପ୍ରତିଟି ଅପରେଟିଂ ସିଷ୍ଟମକୁ ମଝିରେ ମଝିରେ ଅନ୍‌ଇନ୍‌ଷ୍ଟଲ କରି ଅପ୍‌ଡେଟ୍ କରିବା ଦରକାର। କମ୍ପ୍ୟୁଟରରେ ଯେଉଁ ସବୁ ବ୍ରାଉଜର ବ୍ୟବହାର କରୁଛନ୍ତି ସେଥିରେ ପାସ୍‌ୱାର୍ଡ ପକାଇ ରଖନ୍ତୁ। କମ୍ପ୍ୟୁଟରରେ ଭଲ ଆଣ୍ଟି ଭାଇରସ୍ ପକାଇବା ଦରକାର। ଅନାବଶ୍ୟକ ପାଇରେଟେଡ୍ ସଫ୍ଟୱେର ବ୍ୟବହାର କରନ୍ତୁ ନାହିଁ। ଏହା ବ୍ୟବହାର କରିବା ଦ୍ୱାରା ବିଭିନ୍ନ ସାଇବର ଆଟାକ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଇଣ୍ଟରନେଟ୍‌ରେ କୌଣସି ପ୍ରକାର ଆପ ଡାଉନଲୋଡ କରିବା ସମୟରେ କିମ୍ବା ଫଟୋ ଆଟାଚମେଣ୍ଟ ସମୟରେ ଭାଇରସ ଓ ଟ୍ରୋଜାନ ଆଟାକ କରିବାର ସମ୍ଭାବନା ରହିଛି। ଏସବୁ କରିବା ସମୟରେ ଆଣ୍ଟିଭାଇରସକୁ ସ୍କାନ୍ କରିନେବା ଆବଶ୍ୟକ। କମ୍ପ୍ୟୁଟର ବ୍ୟବହାର ସମୟରେ ଷ୍ଟ୍ରଙ୍ଗ୍ ପାସ୍‌ୱାର୍ଡ ବ୍ୟବହାର କରିବା ସହ ସ୍ମଲ୍ ଓ କ୍ୟାପିଟାଲ ଅକ୍ଷରରେ ୧୦ ଡିଜିଟି ବିଶିଷ୍ଟ ଅକ୍ଷରରେ ଲେଖନ୍ତୁ। କମ୍ପ୍ୟୁଟର ଖୋଲିବା କିମ୍ବା ବନ୍ଦ କରିବା ସମୟରେ କୌଣସି ଅଜଣା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ। ମେଲରେ ଆସୁଥିବା କୌଣସି ଅଜଣା ୱେବ୍ ସାଇଟ୍‌କୁ କ୍ଲିକ୍ କରନ୍ତୁ ନାହିଁ। ଏହାସହ ଅନ୍ୟ ୱାଇ-ଫାଇ ବ୍ୟବହାର ନ କରିବା ସହ ୱାଇ-ଫାଇ ପାସ୍‌ୱାର୍ଡ ପ୍ରତିଦିନ ବଦଳାନ୍ତୁ। ଫେସବୁକ୍ ଓ ଅନ୍ୟ ସୋସିଆଲ ମିଡିଆରେ ଆସୁଥିବା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ। ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କୁ ନିଜର ବ୍ୟକ୍ତିଗତ ସୂଚନା ଦିଅନ୍ତୁ ନାହିଁ।

ଏହାସହ ବ୍ୟାଙ୍କିଙ୍ଗ ଠକେଇ ପାଇଁ ମଧ୍ୟ ସଚେତନ କରାଯାଇଛି। ଆକାଉଣ୍ଟକୁ ପ୍ରତିଦିନ ଚେକ୍ କରନ୍ତୁ। ସାଇବର କେଫ୍ ଓ ଶେୟାର କମ୍ପ୍ୟୁଟରରେ ଇ- ବ୍ୟାଙ୍କିଙ୍ଗ କରନ୍ତୁ ନାହିଁ। ପ୍ରତି ମାସରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ପାସ୍‌ୱାର୍ଡକୁ ବଦଳାନ୍ତୁ। ଏହାର ପାସ୍‌ୱାର୍ଡ ଭିନ୍ନ ଭିନ୍ନ ଅକ୍ଷରରେ ଦିଅନ୍ତୁ। ଗୋଟିଏ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଆକାଉଣ୍ଟ ବ୍ୟବହାର କରନ୍ତୁ। ବ୍ୟାଙ୍କିଙ୍ଗ ପାସ୍‌ୱାର୍ଡକୁ ବ୍ୟାଙ୍କ୍ କର୍ମଚାରୀଙ୍କ ବିନା ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ। ପ୍ରତିଦିନ ମୋବାଇଲ୍ ଆପ୍‌କୁ ଅପ୍‌ଡେଟ କରନ୍ତୁ। ଏହାସହ ଫୋନ୍‌ର ପିନ୍‌କୋଡ୍ ବିଭିନ୍ନ ଅକ୍ଷରରେ ଦିଅନ୍ତୁ। ଏହାକୁ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ।

ଏହି ଆଡଭାଇଜରିକୁ ପାଳନ କଲେ ବ୍ୟାଙ୍କ୍ ଠକେଇ ଓ ଅନ୍ୟ ସାଇବର ଅପରାଧରୁ ବର୍ତ୍ତିପାରିବେ ବୋଲି କୁହାଯାଇଛି।



ଯାହାର ହୃଦୟଟି ଭଲ, ସେ ଅଗାଧ ସମ୍ପତ୍ତିର ଅଧିକାରୀ।
- ସେକ୍ସପିୟର



■ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୪ର୍ଥ ସନ୍ଧ୍ୟା

# ମୁଗ୍ଧ କଲା କଥକ, ବେହେଲା ବାଦନ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ସୃଜନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ପ୍ରଖ୍ୟାତ କଥକ ନୃତ୍ୟଶିଳ୍ପୀ ପଣ୍ଡିତ ରାଜେନ୍ଦ୍ର ଗଙ୍ଗାନୀଙ୍କ କଥକ ନୃତ୍ୟରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ। ପ୍ରଥମ ପ୍ରସ୍ତୁତିରେ ସେ ଜଗନ୍ନାଥଙ୍କ ଜଣାଣ 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ' ପରିବେଷଣ କରିଥିଲେ। ତାଙ୍କ ନୃତ୍ୟାଭିନୟ ଯାଦୁରେ ସେ ପରିବେଶକୁ ସମ୍ପୂର୍ଣ୍ଣ ଜଗନ୍ନାଥମୟ କରିଦେଇଥିଲେ। ପରେ ପରେ ସେ ଦେବୀ ଦୁର୍ଗାଙ୍କ ଶକ୍ତି ଓ ମହତ୍ତ୍ୱ ଉପରେ ଆଧାରିତ 'ଦୁର୍ଗାସ୍ତୁତି' ଏବଂ ଜୟଦେବଙ୍କ ଗୀତ ଗୋବିନ୍ଦରୁ ଆଧାରିତ ଅଭିନୟ 'ଶ୍ରୀତ କୋମଳ କୁଚ ମଣ୍ଡଳ' ପରିବେଷଣ କରିଥିଲେ। ଅନ୍ତିମ ପ୍ରସ୍ତୁତିରେ ସେ ତିନ ତାଲ, ରାଗ ଚାରୁକେଶୀ ଲେହେରସରେ ଆବଦ୍ଧ ଧୃତ ଲୟ ପ୍ରଦର୍ଶନ କରିଥିଲେ। ପାଦଛନ୍ଦ ସହ ଘୁଙ୍ଗୁରର ନିକ୍ୱଣକୁ ନିଜର ଗାୟନ ଓ ତବଲା ବାଦନରେ ଅତି ଚମତ୍କାର ଭାବେ ପରିବେଷଣ କରି ସେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ତବଲାରେ ଯୋଗେଶ ଗଙ୍ଗାନୀ, ସିତାରରେ ରବି ଶଙ୍କର ଶର୍ମା, ସାରଙ୍ଗୀରେ ଆୟୁବ ଖାନ ଏବଂ କଣ୍ଠରେ ସାମିଉଲ୍ଲା ଖାନ୍ ସହଯୋଗ କରିଥିଲେ।

ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ଆମ୍ବି ସୁବ୍ରମଣ୍ୟମଙ୍କ ଦ୍ୱାରା କର୍ନାଟକୀ ସଙ୍ଗୀତରେ ଏକକ ବେହେଲା ବାଦନ। ତାଙ୍କ ପ୍ରସ୍ତୁତିରେ ଥିଲା ରାଗ ଆଭୋଗି ପରେ ପରେ ରାଗ ଚାରୁକେଶୀରେ ପଲ୍ଲବୀ ବାଦନ ଏବଂ ଶେଷରେ ତିଲାନା, ଯାହା ଶ୍ରୋତାମାନଙ୍କୁ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟନ୍ତ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ତାଙ୍କ ସହିତ ମୋରସିଙ୍ଗାରେ ସହଯୋଗ କରିଥିଲେ ସତ୍ୟସାଇ ଘଣ୍ଟଶାଳା ଏବଂ ମୃଦଙ୍ଗମ୍‌ରେ ଭି. ଭି. ରମଣମୂର୍ତ୍ତି। ଚତୁର୍ଥ ସନ୍ଧ୍ୟାର ଅତିଥିଭାବେ ଖ୍ୟାତିସମ୍ପନ୍ନ ଓଡ଼ିଶୀ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଣତି ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବୀପ୍ରସାଦ ମିଶ୍ର ସଞ୍ଚାଳନ କରିଥିଲେ।



ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟାକୁ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

## ଆଜିର ଆକର୍ଷଣ

ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟା। ଶେଷ ସନ୍ଧ୍ୟାରେ ନୃତ୍ୟ ବିଶାରଦ ଗୁରୁ ଲିଙ୍ଗରାଜ ବେହେରା ଓ ନାଟ୍ୟବିତ୍ ଡ. ସଚ୍ଚି ଦାସଙ୍କୁ ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୧୮ ପ୍ରଦାନ କରାଯିବ। ଏଥି ସହିତ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପାଇଁ ୪ ଯୁବ କଳାକାରଙ୍କୁ ନାଲ୍‌କୋ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୧୮ ପ୍ରଦାନ କରାଯିବ। ପୁରସ୍କାର ପ୍ରଦାନ ସାଙ୍ଗକୁ 'ସୃଜନ' ପକ୍ଷରୁ ନୃତ୍ୟନାଟିକା ପରିବେଷଣ କରାଯିବ। ରାଧାମୋହନ ଗଡ଼ନାୟକଙ୍କ କାବ୍ୟଧାରା ଆଧାରିତ ନୃତ୍ୟନାଟିକା 'ମାଟି' ପରିବେଷିତ ହେବ। ଏହାର ନୃତ୍ୟ ସଂଯୋଜନା ଦେଇଛନ୍ତି ଗୁରୁ ରତିକାନ୍ତ ମହାପାତ୍ର।



ନୃତ୍ୟଶିଳ୍ପୀ ପଣ୍ଡିତ ରାଜେନ୍ଦ୍ର ଗଙ୍ଗାନୀ କଥକ ନୃତ୍ୟ ପରିବେଷଣ କରୁଛନ୍ତି।



ଆମ୍ବି ସୁବ୍ରମଣ୍ୟମ୍‌ଙ୍କ ବେହେଲା ବାଦନ।

# ପ୍ଲାଷ୍ଟିକ ଫ୍ରି ଓଡ଼ିଶା ଅଭିଯାନ



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ୍‌ର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ବିଜିପୁର ୟୁଜିୟୁପି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ।






ଅଭିଯାନରେ ସାମିଲ ହୋଇଥିବା ପୁରୀ ଜିଲା କୋଣାର୍କ ମୂଷାପଦା ପ୍ରାଥମିକ ବିଦ୍ୟାଳୟ(ବାମ) ଏବଂ ବରଗଡ଼ ଜିଲା ରାଣାପ୍ରତାପ ହାଇସ୍କୁଲ(ଡାହାଣ)ର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ।



ଭୁବନେଶ୍ୱର ଉପକଣ୍ଠ ନହରକଣ୍ଟାସ୍ଥିତ ମହାରଥା ବିଦ୍ୟାପୀଠର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ପାଇଁ ସଚେତନ କରୁଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ କେ. ଚରଣ



@ ଚାନ୍ଦିନୀ



@ ନିତ୍ୟଜିତ୍



@ ମୋହନ



@ ପ୍ରିତମ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯାହାର ମନ ଉଦାର, ସେ ହିଁ ପ୍ରକୃତରେ ଉଚ୍ଚ ବଂଶ ଜାତ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି।
–ପ୍ଲାଟୋ

# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୯।୯।୨୦୧୮ (ରବିବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ତୋଷାଳୀ ପକ୍ଷରୁ ପଲିଥିନ୍ ବ୍ୟବହାର ନିବାରଣ ନିମନ୍ତେ ଶୋଭାଯାତ୍ରା, ରୁପାଲି ଛକ, ସକାଳ ୭ଟା ୩୦।
- ଖୁଦୁରୁକୁଣୀ ମହୋତ୍ସବ ତରଫରୁ ପୋଖରୀ ତୁଠରେ ବାଲୁକା ପୂଜା, ସୁନ୍ଦରପଦା ଓ କପିଳପ୍ରସାଦ, ସକାଳ ୯ଟା ୩୦।
- ଦିଲୀପ ବଳବନ୍ତରାୟଙ୍କ ଦ୍ୱାରା ରଚିତ ଦୁଇ କବିତା ସଙ୍କଳନ 'ବାପା' ଏବଂ 'ମରୁନୁ ମାଙ୍କଡ଼ ଓ ଅନ୍ୟାନ୍ୟ କବିତା'ର ଲୋକାର୍ପଣ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଦୟା-ଧର୍ମ-ସେବା ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ସାଧାରଣ ଅଧିବେଶନ, ବିଷ୍ଣୁ ମନ୍ଦିର ପରିସର, ଶହୀଦନଗର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଏସ୍‌ବିଆଇ କିଓସ୍କ ଅପରେଟର୍ସ ୟୁନିୟନର ପ୍ରତିଷ୍ଠା ଦିବସ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଷଷ୍ଠ ଜାତୀୟ ପାଠଚକ୍ର ଉଦ୍‌ଯାପନ, ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- କବିକନ୍ୟା ସ୍ମୃତି ସମ୍ମାନ ପ୍ରଦାନ ସମାରୋହ-୨୦୧୮ ଉଦ୍‌ଘାଟନ, ବୁଦ୍ଧ ମନ୍ଦିର ପରିସର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦। କବିତା ପାଠୋତ୍ସବ, ଅପରାହ୍ନ ୩ଟା।
- ନଟବର ସାମନ୍ତରାୟ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଜାତିଭିତ୍ତିକ ଆଟ୍ରୋସିଟି ଉଚ୍ଛେଦ ଦାବିରେ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ଅମିନ ସଂଘ, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ, କର୍ମଚାରୀ ଭବନ, ୟୁନିଟ୍-୫, ପୂର୍ବାହ୍ନ ୧୧ଟା।
- ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ପକ୍ଷରୁ ବାର୍ଷିକ ଗଣମାଧ୍ୟମ ସମ୍ମିଳନୀ 'କମ୍ୟୁନିକ୍-୧୮', ଏକ୍ସଆଇଏମ୍‌ବି ଅଡିଟୋରିୟମ୍, ଅପରାହ୍ନ ୨ଟା ୩୦।
- ଶ୍ରୀଶ୍ରୀ ଲକ୍ଷ୍ମୀ ମା'ଙ୍କ ୧୨୫ତମ ଜନ୍ମ ମହୋତ୍ସବ ଅବସରରେ ସନ୍ଧ୍ୟା ବିନତି ପ୍ରାର୍ଥନା, ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୫ଟା ୪୬। ସାଧାରଣ ସଭା, ରାତି ୭ଟା।
- ବ୍ଲିସ୍‌ଫୁଲ ଯୋଗ ସେଣ୍ଟର ପକ୍ଷରୁ ଏସିଆନ୍ ଗେମ୍ସରେ ୨ ରୌପ୍ୟ ପଦକ ବିଜୟିନୀ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା, ଯୋଗ ସେଣ୍ଟର ପରିସର, ପ୍ଲଟ୍ ନଂ. ୯୫୮/୨୨୫୩, ନ୍ୟୁ ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା।
- 'ପ୍ରତିକାର'ର ୫୨ତମ ସ୍ୱନକ୍ଷତ୍ର ଉତ୍ସବ ଓ ଓଡ଼ିଶା ପ୍ରତିଭା ସମ୍ମାନ-୨୦୧୮, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଡା. ଗୌରୀଶଙ୍କର ପଣ୍ଡାଙ୍କ ପ୍ରଥମ କବିତା ସଙ୍କଳନ 'ଯେତିକି ଦେଇଛୁ'ର ଉନ୍ମୋଚନ ଉତ୍ସବ, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।




- ସୃଜନ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସର ମିଳିତ ଆନୁକୂଲ୍ୟରେ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି ସଭା, ଝାଞ୍ଜିରୀମଙ୍ଗଳା ଠାକୁରାଣୀ ପୀଠ, ପୂର୍ବାହ୍ନ ୧୦ଟା ୩୦।
- ୩୧ତମ ରାଜ୍ୟ ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ଟେନିକୋଏଟ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବ, ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା ୩୦।
- ଓଏସ୍‌ଏଲ୍‌ଏସ୍‌ଏର ସ୍ଥାୟୀ କୋଠାର ଭିତ୍ତିପ୍ରସ୍ତର, 'ନୂଆ ସଂଯୋଗ'ର ଇ-ଉଦ୍‌ଘାଟନ ଓ ସ୍କୁଲ ଲିଗାଲ ଲିଟେରାସି କ୍ଲବରେ କମ୍ପ୍ୟୁଟରୀକରଣ, ଓଏସ୍‌ଏଲ୍‌ଏସ୍‌ଏ କୋଠା ନିକଟ, ସେକ୍ଟର-୧, ବିଡ଼ାନାସୀ, ଅପରାହ୍ନ ୩ଟା ୩୦।
- ଓଡ଼ିଆ ଚଳଚ୍ଚିତ୍ର 'ମା' ନୁହେଁ ପତିତା'ର ପ୍ରଥମ ପ୍ରଦର୍ଶନ, ଜୀବାନନ୍ଦ ପଦ୍ମାବତୀ ଅଡିଟୋରିୟମ୍, ସରୋଜିନୀ ହସ୍ପିଟାଲ, ଲିଙ୍କରୋଡ୍, ସନ୍ଧ୍ୟା ୬ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ନବମ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ଭାରତ ବିକାଶ ପରିଷଦର ଭାରତ କୋ ଜାନୋ ପ୍ରତିଯୋଗିତା, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ବର୍ଷା ସାହିତ୍ୟ ସଂସଦର କବିତା ଆସର, ସର୍ବମଙ୍ଗଳା ପାଠାଗାର, ଅପରାହ୍ନ ୪ଟା।

## ୧୦।୯।୨୦୧୮ (ସୋମବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।

### ପୁରୀ

- ଜିଲା ସୂଚନା ଅଧିକାର ଅଭିଯାନର କର୍ମଶାଳା, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।

## ୧୧।୯।୨୦୧୮ (ମଙ୍ଗଳବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ, ନୂଆଦିଲ୍ଲୀ ପକ୍ଷରୁ 'ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେଶନ୍ସ ଇନ୍ ଓଡ଼ିଶା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାଗୃହ, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଖ୍ରୀଷ୍ଟ ଚର୍ଚ୍ଚ ନିକଟ, ସକାଳ ୯ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଏବିଭିପି ପକ୍ଷରୁ ଛାତ୍ର ଅଧିକାର ସମାବେଶ ଅବସରରେ 'ଭୁବନେଶ୍ୱର ଚାଲ' ଶୋଭାଯାତ୍ରା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର୍ସ ଆସୋସିଏଶନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ପ୍ରଗତି ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା 'ହମ୍ ଔର୍ ତୁମ୍', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୧୨।୯।୨୦୧୮ (ବୁଧବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- 'ଦୃଷ୍ଟାନ୍ତ ସମ୍ମାନ-୨୦୧୮' ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ୧୩।୯।୨୦୧୮ (ଗୁରୁବାର)

### ଭୁବନେଶ୍ୱର

- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ପ୍ରାତଃ ୬ଟାରୁ ଆରମ୍ଭ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା ୩୦।
- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ବଡ଼ଗଡ଼ ପୂଜା ପେଣ୍ଡାଲ, ଅପରାହ୍ନ ୧ଟା।

## ୧୪।୯।୨୦୧୮ (ଶୁକ୍ରବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

## ୧୫।୯।୨୦୧୮ (ଶନିବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।




'ସ୍ମୃତିରେ ଶିବବ୍ରତ' କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ସଙ୍ଗୀତରେ ଝୁମିଲେ ଶ୍ରୋତା

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ନାଚ ସଜନୀ ନାଚରେ, ପ୍ରିୟା ବିନା ଝୁରେ ଖାଲି, ହାଏରେ ହାଏ ଗରଜେ ମେଘ, ନ ଯା ରାଧିକା ଏକା ଏକା ଭଳି ଚିରସବୁଜ ସଙ୍ଗୀତରେ ଝଙ୍କୃତ ହେଉଥିଲା ସୂଚନା ଭବନ। ଅବସର ଥିଲା ଦି ହେଭେନ୍‌ସ ଗ୍ରୁପ୍ ପକ୍ଷରୁ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ସ୍ମୃତିରେ ଶିବବ୍ରତ'। ଶିଳ୍ପୀମାନଙ୍କ ସୁମଧୁର କଣ୍ଠ ସାଙ୍ଗକୁ ଲୋକପ୍ରିୟ ଗୀତର ସଙ୍ଗମ ନିଆରା ପରିବେଶ ସୃଷ୍ଟି କରିଥିଲା। ମେଘ ବରଷିଲା ଟୁପୁରୁ ଟୁପୁରୁ, ହେ ଫଗୁଣ କାନ୍ଦନାରେ, ସପନ ମୋ ସରିଗଲା ଭଳି ଗୀତଗୁଡ଼ିକୁ କଣ୍ଠରେ ସଜାଇଥିଲେ ଶିବପ୍ରସାଦ, ଶ୍ରୀନିବାସ ରାଓ, ଆୟୁଷ୍ମାନ ପଣ୍ଡା, ସ୍ମରଣିକା ନାୟକ, ସନ୍ତୋଷ ଦାସ, ଦୁର୍ଗାଶ୍ରୀ, ପ୍ରତିତୀ ସାହୁ, ସୁଶାନ୍ତ ଓଲହିତା, ଗୀତାଞ୍ଜଳି କର ପ୍ରମୁଖ କଣ୍ଠଶିଳ୍ପୀ। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର, ସଂଗ୍ରାମ କେଶରୀ ପାଇକରାୟ, କବି ସୂର୍ଯ୍ୟ ଦେଓ, ଅନୁଷ୍ଠାନ ସଭାପତି ବିଜୟ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଓଏଏସ୍ ପ୍ରବେଶିକା ପରୀକ୍ଷା ଲାଗି ବଣିକର ସ୍ୱତନ୍ତ୍ର କୋଚିଂ

**ଭୁବନେଶ୍ୱର,୮।୯**

VANIK
Leading Institute for Bank PO, Clerical & SSC

ପ୍ରତିଯୋଗିତାମୂଳକ ପରୀକ୍ଷା କୋଚିଂ କ୍ଷେତ୍ରରେ ପ୍ରମୁଖ ପ୍ରତିଷ୍ଠାନ ବଣିକ୍ ଆଇଏଏସ୍ ପକ୍ଷରୁ ୨୦୧୮ ଓଡିଶା ପ୍ରଶାସନିକ ସେବା (ଓଏଏସ୍) ପ୍ରିଲିମିନାରୀ ପରୀକ୍ଷା ପାଇଁ ପ୍ରାକ୍ ପ୍ରସ୍ତୁତି ତାଲିମ୍ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୦ ଘଣ୍ଟାର ଶିକ୍ଷାଦାନ ସହ ଷ୍ଟଡି ମେଟେରିଆଲ୍, ଟେଷ୍ଟ, ଭିଏସ୍‌ଟି ଓ ପ୍ରଶ୍ନୋତ୍ତର ଆଲୋଚନାର ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଉନ୍ନତ ଭିତ୍ତିଭୂମି, ଉତ୍କୃଷ୍ଟ ଶିକ୍ଷାଦାନ ପ୍ରଣାଳୀ, ଷ୍ଟଡି ମେଟେରିଆଲ, ପରୀକ୍ଷା, ୨୪ ଘଣ୍ଟିଆ ପାଠାଗାର ସୁବିଧା ପ୍ରଦାନ କରାଯାଉଥିବା ବଣିକ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ ସୂଚନା ଦେଇଛନ୍ତି। ୧୦୦ ଛାତ୍ରୀଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା କୋଚିଂ ଟ୍ୱିନ ସିଟିର ୫ଟି ସେଣ୍ଟରରେ ଚାଲୁଛି। ଏଠାରେ ବର୍ତ୍ତମାନ ୧୫ ହଜାର ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ଆଇଏଏସ୍ , ଓଏଏସ୍, ବ୍ୟାଙ୍କିଂ, ଷ୍ଟାଫ୍ ସିଲେକ୍ସନ, ରେଲୱେ ଆଦି କୋଚିଂ କ୍ଷେତ୍ରରେ ଏହା ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବଣିକ ଆଇଏଏସ୍ ବିଭାଗୀୟ ମୁଖ୍ୟ ଭାବେ ପ୍ରମୋଦ ପାଢୀ କାର୍ଯ୍ୟ କରୁଛନ୍ତି। ଏଠାରେ ୫୦ରୁ ଅଧିକ ପ୍ରଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଓସିଏସ୍ ପ୍ରବେଶିକା ପାଇଁ ଛାତ୍ରୀଛାତ୍ରଙ୍କୁ ଏଠାରେ ପ୍ରସ୍ତୁତ କରାଯାଉଛି। ୨୦୧୫ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ପ୍ରତିଷ୍ଠାନର ୩୨ ଜଣ ଛାତ୍ରୀଛାତ୍ର ସଫଳ ହୋଇଥିବା ବେଳେ ୨୦୧୬ ପରୀକ୍ଷାରେ ୧୬ ଛାତ୍ରୀଛାତ୍ର ସଫଳ ହୋଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

## ଏସ୍‌ସିବି ମେଡିକାଲରେ ଆଉ ଏକ କେଳେଙ୍କାରୀ

# ଡେଙ୍ଗୁ ବେଡ୍ କିଣାରେ ଦୁର୍ନୀତି

**କଟକ ଅଫିସ, ୮।୯**

ଏସ୍‌ସିବି ମେଡିକାଲରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହେବାରେ ଲାଗିଛି। ରୋଗ ଓ ରୋଗୀଙ୍କ ନାଁରେ ମେଡିକାଲର ଅଧିକାରୀମାନେ କିଭଳି ବେଆଇନ କାର୍ଯ୍ୟ କରିଛନ୍ତି ତାହାର ପ୍ରମାଣ ଏବେ ଅଡିଟ୍ ରିପୋର୍ଟରୁ ଧରାପଡ଼ିଛି। ୨୦୧୫-୧୬ରେ ଡେଙ୍ଗୁ ୱାର୍ଡ ପାଇଁ ମେଡିକାଲ ପକ୍ଷରୁ କିଣାଯାଇଥିବା ବେଡ୍‌କୁ ନେଇ ଏକ ବଡ଼ଧରଣର ଅନିୟମିତତା ସାମ୍ନାକୁ ଆସିଛି। ଏଥିରେ ୩ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଡିଟ ପ୍ରାରମ୍ଭିକ ଆକଳନ କରିଛି।

ମିଳିଥିବା ସୂଚନାନୁସାରେ, ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ପାଇଁ ୧୦୦ଟି ବେଡ୍ କିଣାଯାଇଥିଲା। ପ୍ରତି ବେଡ୍‌ର ଦର ଥିଲା ୩ ହଜାର ଟଙ୍କା। ତେବେ ଶିଳ୍ପ ବିଭାଗ ଅଧୀନରେ ଥିବା ଇପିଏମ୍ (ଏକ୍ସପର୍ଟ ପ୍ରମୋଟିଂ ମାର୍କେଟିଂ)ର ଧାର୍ଯ୍ୟ ଦର ଅନୁଯାୟୀ ଏହି ବେଡ୍ କିଣାଯାଇଥିବା ମେଡିକାଲ ପକ୍ଷରୁ ଦର୍ଶାଯାଇଛି। ହେଲେ ୨୦୧୬-୧୭ ଜୁନ ଓ ଜୁଲାଇ ବେଳକୁ ଡେଙ୍ଗୁ ୱାର୍ଡ ଖୋଲିବା ସମୟରେ ମାତ୍ର ୯ଟି ବେଡ୍ ଥିବା ଦେଖିବାକୁ ମିଳିଥିଲା। ଡେଙ୍ଗୁ ୱାର୍ଡ ଦାୟିତ୍ୱରେ ଥିବା ଡାକ୍ତରମାନେ ପ୍ରତିବାଦ କରିବାରୁ ନୂଆ ପୁରୁଣା ମିଶାଇ ୩୫୦ଟି ବେଡ୍ ପୁନର୍ବାର ଯୋଗାଇ ଦିଆଯାଇଥିଲା। ଡେଙ୍ଗୁ ବେଡ୍ କ୍ରୟ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା। ତେବେ ତାହାକୁ ଅଡିଟ୍ ଧରିବା ପରେ ଏବେ ଖୋଲତାଡ଼ ଆରମ୍ଭ ହୋଇଛି।

### ଅଡିଟ ଧରିବା ପରେ ଖୋଲତାଡ଼




ଅନ୍ୟପକ୍ଷରେ ୨୦୧୩ରୁ ପ୍ରତିବର୍ଷ ଡେଙ୍ଗୁ ୱାର୍ଡ ପାଇଁ ବେଡ୍ କିଣାଯାଉଛି। ମାତ୍ର ପରବର୍ଷକୁ ସବୁ ବେଡ୍‌ର କୌଣସି ହିସାବ ନ ଥାଏ। କେବଳ ଡେଙ୍ଗୁ ବେଡ୍ କିଣା ନୁହେଁ, ଏହା ପୂର୍ବରୁ ଅଡିଟ୍ ଅନେକ ଦୁର୍ନୀତି ସାମ୍ନାକୁ ଆଣିଛି। ସେହିଭଳି ଭିଜିଲାନ୍ସରେ ମଧ୍ୟ ମାମଲା ରହିଛି। ବିଗତ ଦିନରେ ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥା ୟୁଜର୍ସ ଫି' ଆତ୍ମସାତ କରିଥିବା ଅଡିଟ୍ ଧରିଥିଲା। ସମ୍ପୃକ୍ତ ସଂସ୍ଥା ରୋଗୀମାନଙ୍କଠାରୁ ୟୁଜର୍ସ ଫି' ବାବଦରେ ଆଦାୟ କରିଥିବା ଟଙ୍କାକୁ ଅଭିନବ ଉପାୟରେ ହରିଲୁଟ କରୁଥିଲା। ଜଣେ ରୋଗୀ କୌଣସି ଏକ ପରୀକ୍ଷା ବାବଦକୁ ୩୫୦ ଟଙ୍କା ପୈଠ କରିଥିଲେ ଉକ୍ତ ସଂସ୍ଥା କମ୍ପ୍ୟୁଟର ଓ କାଗଜପତ୍ରରେ ଶୂନ କାଟିଦେଇ ମେଡିକାଲ ତହସିଲ୍‌ରେ ୩୫ ଟଙ୍କା ଜମା କରୁଥିଲା। ଏହାକୁ ଅଡିଟ୍ ଧରିବା ପରେ ଉକ୍ତ ଘରୋଇ ସଂସ୍ଥା ଏବେ କିସ୍ତିରେ ଟଙ୍କା ଫେରସ୍ତ ଦେଉଛି। ଅଦ୍ୟାବଧି ପ୍ରାୟ ୩ ଲକ୍ଷ ପାଖାପାଖି ଟଙ୍କା ଫେରାଇ ସାରିଲାଣି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସମ୍ପୃକ୍ତ ସଂସ୍ଥାକୁ ମେଡିକାଲ ପ୍ରଶାସନ ଅଦ୍ୟାବଧି କାର୍ଯ୍ୟରେ ନିୟୋଜିତ ରଖିଛି। ଉକ୍ତ ସଂସ୍ଥା ଭବିଷ୍ୟତରେ ଆଉ ଏକ ବଡ଼ଧରଣର ଦୁର୍ନୀତି କରିବାକୁ ମେଡିକାଲ କର୍ତ୍ତୃପକ୍ଷ ସୁଯୋଗ ଦେଉଛନ୍ତି ବୋଲି ସାମାଜିକ କର୍ମୀ ଉମେଶ ବିଶ୍ୱାଳ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, ଡେଙ୍ଗୁ ବେଡ୍ କିଣା ସମ୍ପର୍କରେ ଅଡିଟ୍ କେତେକ ଆପତ୍ତି ଉଠାଇଛି। ସେ ସମ୍ପର୍କରେ ତର୍ଜମା କରାଯାଉଛି। ତେବେ ଯେଉଁ ଘରୋଇ ସଂସ୍ଥା ୟୁଜର୍ସ ଫି' ଆତ୍ମସାତ କରିଥିଲା ଉକ୍ତ ସଂସ୍ଥାକୁ ନୋଟିସ ଜାରି କରାଯାଇଛି। ଅଡିଟ୍‌ରୁ ଯାହା ବାହାରୁଛି ଉକ୍ତ ସଂସ୍ଥାଠାରୁ ତାହା ଆଦାୟ କରାଯାଉଛି। ତେବେ କ'ଣ ପାଇଁ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇ ମେଡିକାଲରୁ ବାହାର କରାଯାଉ ନାହିଁ ସେ ସମ୍ପର୍କରେ ପଚାରିବାରୁ ପ୍ରଶାସନିକ ଅଧିକାରୀ ବେହେରା ନୀରବ ରହିଥିଲେ।




ମୂର୍ଚ୍ଛନା ପକ୍ଷରୁ ଶନିବାର ଭୁବନେଶ୍ୱର କଳାକେନ୍ଦ୍ରଠାରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# 'ଓଡ଼ିଶାରେ ତନ୍ତ୍ର ପରମ୍ପରା ଓ ଶ୍ରୀଜଗନ୍ନାଥ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ




ଆଲୋଚନାଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୮।୯(ବ୍ୟୁରୋ)**

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଶନିବାର 'ଓଡ଼ିଶାରେ ତନ୍ତ୍ର ପରମ୍ପରା ଓ ଶ୍ରୀଜଗନ୍ନାଥ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଅଭିଲେଖାଗାରଠାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅନୁଷ୍ଠାନ ସଭାପତି ପ୍ରଫେସର ନିତ୍ୟାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳାକାନ୍ତ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାରଙ୍ଗଧର ରାୟଗୁରୁ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ।

### 'ଇତିହାସ ପୃଷ୍ଠାରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ

ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଦ୍ୱାରା ସମ୍ପାଦିତ 'ଇତିହାସ ପୃଷ୍ଠାରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାସହ ସାରଙ୍ଗଧର ରାୟଗୁରୁଙ୍କ ଦ୍ୱାରା ରଚିତ ଇଂଲିଶ୍ ପୁସ୍ତକ 'ଦି ସାକ୍ରେଡ୍ ହେରିଟେଜ୍ ଅଫ୍ ଲର୍ଡ ଜଗନ୍ନାଥ', ଓଡ଼ିଆ ପୁସ୍ତକ 'ରତ୍ନ ସିଂହାସନରେ ଶ୍ରୀଦେବୀ' ଓ ପ୍ରଫେସର ଡ. ଧ୍ରୁବଚରଣ ନାୟକଙ୍କ ଦ୍ୱାରା ରଚିତ ପୁସ୍ତକ 'ପ୍ରତୀତୀ ଲଲାଟେ ପ୍ରତୀତିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭା ପରେ ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର 'ଶ୍ରୀଜଗନ୍ନାଥ ଚେତନାର ବିକାଶରେ ତନ୍ତ୍ରର ଭୂମିକା', ଡ. ଧ୍ରୁବଚରଣ ନାୟକ 'ଶ୍ରୀଜଗନ୍ନାଥ ଓ ତନ୍ତ୍ର ପରମ୍ପରା: ଏକ ଅନୁଶୀଳନ', ଡ. ଶରତ ଚନ୍ଦ୍ର ପରିଡ଼ା 'ତନ୍ତ୍ରାୟିତ ଶ୍ରୀଜଗନ୍ନାଥ ଚେତନାରେ ସ୍ତମ୍ଭ ଉପାସନା', ପଣ୍ଡିତ ପଦ୍ମନାଭ ମହାପାତ୍ର 'ତନ୍ତ୍ରପୀଠ ଶ୍ରୀକ୍ଷେତ୍ର–କୁଣ୍ଡଳିନୀର ଉତ୍ତରଣ ଓ ପଞ୍ଚ 'ମ'କାର ସାଧନ', ସୂର୍ଯ୍ୟମଣି ଖୁଣ୍ଟିଆ 'ତାନ୍ତ୍ରିକ ପରମ୍ପରାରେ ଯୋଗମାୟା ସୁଭଦ୍ରା' ଏବଂ ଡ. ଦୁର୍ଗାମାଧବ ପୃଷ୍ଟି 'ଶ୍ରୀମଦ୍ ଭାଗବତରେ ତନ୍ତ୍ରର ପ୍ରଭାବ' ଉପରେ ଆଲୋକପାତ କରିଥିଲେ। ମୋଟ ୧୦ଟି ନିବନ୍ଧ ଉପସ୍ଥାପନ କରାଯାଇଥିଲା। ଏଠାରେ ପଠିତ ତଥା ଆଲୋଚିତ ସମସ୍ତ ନିବନ୍ଧକୁ ନେଇ ପରିଷଦ ପକ୍ଷରୁ ଏକ ପୁସ୍ତକ ପ୍ରକାଶ କରାଯିବ ଏବଂ ଉକ୍ତ ପୁସ୍ତକ ପରବର୍ତ୍ତୀ କାର୍ଯ୍ୟକ୍ରମରେ ଉନ୍ମୋଚନ ହେବ। ଦୁଇଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ, ଚେନ୍ନାଇ ଓ କୋଲ୍‌କାତାରୁ ବହୁ ଗବେଷକ ଯୋଗଦେଇଛନ୍ତି।

# ଭୂମିପୂଜା ଉତ୍ସବ

**ବାରଙ୍ଗ,୮।୯(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଦେଉଳି ଗ୍ରାମରେ ଶନିବାର ମଧୁପୁର, ଦେଉଳି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇଥିଲେ। ୪୦ଲକ୍ଷ ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତତ୍ତ୍ୱାବଧାନରେ କରାଯିବ। ଏହାଦ୍ୱାରା ୨୨୦ ପରିବାର ଉପକୃତ ହୋଇପାରିବେ ବୋଲି ଜେଇ ଅଜୟ ମିଶ୍ର କହିଛନ୍ତି। ଜିଲା ପରିଷଦ ସଭ୍ୟା ସସ୍ମିତା ସାହୁ, ମଧୁପୁର ସରପଞ୍ଚ ସୁମୁନା ପ୍ରଧାନ ଓ ପୂର୍ବତନ ସମିତି ସଭ୍ୟ ଦୀପକ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

# ମାଟିକାନ୍ଥ ଭୁଶୁଡ଼ି ୨୪ ଛେଳି ମୃତ, ୬ ଆହତ

**ବାରଙ୍ଗ,୮।୯(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ମୁଣ୍ଡଳି ଗ୍ରାମ ବେହେରା ସାହିରେ ଉଷାରାଣୀ ବେହେରା ନାମ୍ନୀ ବିଧବା ମହିଳାଙ୍କ ଗୁହାଳ ମାଟିକାନ୍ଥ ଭୁଶୁଡ଼ି ୨୪ ଛେଳିଙ୍କ ମୃତ୍ୟୁ ଘଟିଛି। ଏଥିରେ ୬ଟି ଆହତ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଶନିବାର ସକାଳେ ଉଷାରାଣୀ ଗୁହାଳ ଖୋଲିବା ପରେ ଗୁହାଳର ଏକପାର୍ଶ୍ୱ କାନ୍ଥ ଛେଳିମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ କେତେଜଣ ପଡ଼ୋଶୀ ଯୁବକ ଆସି ଭଗ୍ନ ମାଟିକାନ୍ଥ ଭିତରୁ ଆହତ ଅବସ୍ଥାରେ ୬ଟି ଛେଳିଙ୍କୁ ଉଦ୍ଧାର କରିଥିଲେ। ବାକି ୨୪ଟି ଛେଳିଙ୍କ ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ପରେ ବାରଙ୍ଗ ପ୍ରାଣୀ ଚିକିତ୍ସକ ପି.କେ. ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଆହତ ଛେଳିଙ୍କ ଚିକିତ୍ସା କରିଥିବା ବେଳେ ରାମଦାସପୁର ରାଜସ୍ୱ ବିଭାଗ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର ଘଟଣାର ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷରେ ଛେଳି ରଖି ଉଷାରାଣୀ ପରିବାର ପ୍ରତିପୋଷଣ କରୁଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଯାହାର ଆଖି ନଷ୍ଟ ହୋଇଯାଉଛି ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
-ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ସାହିତ୍ୟ, ରାଜନୀତି କ୍ଷେତ୍ରରେ ଯଶସ୍ୱୀ ବ୍ୟକ୍ତିତ୍ୱ ଥିଲେ ଯଦୁନାଥ

ଭୁବନେଶ୍ୱର,୮।୯(ବ୍ୟୁରୋ): ସାହିତ୍ୟ ଏବଂ ରାଜନୀତି କ୍ଷେତ୍ରରେ ଜଣେ ଯଶସ୍ୱୀ ବ୍ୟକ୍ତିତ୍ୱ ଥିଲେ ସ୍ୱର୍ଗତ ଯଦୁନାଥ ଦାଶ ମହାପାତ୍ର। ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ତାଙ୍କ ଉଦ୍ୟମ ସର୍ବଦା ସ୍ମରଣୀୟ ହୋଇରହିବ ବୋଲି ଏଠାରେ ମତ ପ୍ରକାଶ ପାଇଛି। ଶନିବାର ସୂଚନା ଭବନଠାରେ ଯଦୁନାଥ ଦାଶ ମହାପାତ୍ର ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ସ୍ୱର୍ଗତ ଯଦୁନାଥଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଏହା କହିଥିଲେ। କାର୍ଯ୍ୟକ୍ରମରେ ଗବେଷକ ଡ. ରଜତ କୁମାର କର କହିଥିଲେ, ଯଦୁନାଥଙ୍କ ରାଜନୀତିରେ ସାହିତ୍ୟିକ ଉଦାରତା ଓ ହୃଦୟବତ୍ତା ରହିଥିଲା। ତାଙ୍କର ସମସ୍ତ ସୃଷ୍ଟି ନିଜ ଅନୁଭବ ଓ ଉପଲବ୍ଧିର ଦସ୍ତାବିଜ୍ ଥିଲା। ସେହିପରି ଔପନ୍ୟାସିକ ତଥା ଗାଳ୍ପିକ ଡ. ବିଭୂତି ପଟ୍ଟନାୟକ ଓ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଯୋଗଦେଇ ରାଜନୀତିର ପଙ୍କିଳ ପରିବେଶରେ ସେ ନିଜର ନିର୍ମଳତା ରକ୍ଷା କରିଥିଲେ ବୋଲି କହିଥିଲେ। ତାଙ୍କର ସମସ୍ତ କାର୍ଯ୍ୟରେ କବି ସୁଲଭ ପ୍ରାଣମୟତା ପରିଦୃଷ୍ଟ ହେଉଥିଲା। ତାରୁଣ୍ୟରେ ସୁଦୂର କଲିକତାରେ ସେ ଓଡ଼ିଆ ପତ୍ରିକା ସମ୍ପାଦନା ପରି ସାହସିକ ସୃଜନଶୀଳ କାର୍ଯ୍ୟରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଯଦୁନାଥଙ୍କ ସାହିତ୍ୟ କୃତିର ଗବେଷଣା, ମୂଲ୍ୟାୟନ ଓ ବିଶେଷ ଆଲୋଚନାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ସଂସ୍କୃତ ବିଦ୍ୱାନ ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ଶାରଳା ପୁରସ୍କାର ବିଜେତା କବି ହୃଷୀକେଶ ମଲ୍ଲିକ, ଶାରଳା ସାହିତ୍ୟ ସଂସଦ(କଟକ)ର ସଭାପତି ଇଂ. ପ୍ରଭାକର ସ୍ୱାଇଁ, ସୁଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାଶ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

### ନନ୍ଦନକାନନରେ ଗେଣ୍ଡାଳିଆ ମୃତ

ବାରଙ୍ଗ,୮।୯(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୭ନଂ. ଖୁଆଡ଼ରେ ଶନିବାର ଏକ ଗେଣ୍ଡାଳିଆ ପକ୍ଷୀର ମୃତ୍ୟୁ ଘଟିଛି। ଏହାର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୧୦କୁ ହ୍ରାସ ପାଇଛି। ଏହି ପକ୍ଷୀର ଲିଙ୍ଗ ନିରୂପଣ କରାଯାଇ ନ ଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ ଏଠାକାର ଡାକ୍ତରଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

### ମଣିଷ ପ୍ରେମର ପଥ ଆପଣେଇବା ଦରକାର: ରାଜ୍ୟପାଳ

ଭୁବନେଶ୍ୱର, ୮।୯(ବ୍ୟୁରୋ) ସେବାରେ ଦିବ୍ୟ ଆନନ୍ଦ ରହିଛି। ପ୍ରତ୍ୟେକ ମଣିଷ ଦିବ୍ୟତ୍ୱର ଆଧାର। ମାନବ ସେବା ହିଁ ପ୍ରକୃତରେ ଭଗବାନଙ୍କର ସେବା। ଏହି ସେବା ଯେତେ ସ୍ୱାର୍ଥ ରହିତ ହେବ, ସେବକ ସେତେ ଅମିୟ ଆନନ୍ଦ ପାଇପାରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ କହିଛନ୍ତି। ଶନିବାର ରାଜଭବନଠାରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ସେଣ୍ଟ ଜନ୍ ଆମ୍ବୁଲାନ୍ସର ଅଧ୍ୟକ୍ଷ ତଥା ରାଜ୍ୟପାଳ ଯୋଗଦେଇ ଏହା କହିଛନ୍ତି। ମଣିଷ ପ୍ରେମର ପଥ ଆପଣେଇବା ଦରକାର। ସେଣ୍ଟ ଜନ୍ ଆମ୍ବୁଲାନ୍ସ ସେବା ମାଧ୍ୟମରେ ଏହି ବାର୍ତ୍ତା ପ୍ରସାରିତ କରୁଛି ବୋଲି ରାଜ୍ୟପାଳ କହିଛନ୍ତି। ସେଣ୍ଟ ଜନ୍ ଆମ୍ବୁଲାନ୍ସର ଉପାଧ୍ୟକ୍ଷ ତଥା ଆରକ୍ଷୀ ମହାନିର୍ଦ୍ଦେଶକ(ଅଗ୍ନିଶମ) ବିଜୟ କୁମାର ଶର୍ମା, ଅବୈତନିକ ସମ୍ପାଦକ ତଥା କମିଶନର ଡ. ଜଗନ୍ନାଥ ମହାପାତ୍ର, ଅତିରିକ୍ତ କମିଶନର କାଳୀପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଆର୍. ଏସ୍. ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ଉଲ୍ଲେଖନୀୟ ସେବା ଓ ସହଯୋଗ ପାଇଁ ରାଜ୍ୟପାଳ ସେବା ସମ୍ମାନ, ସେଣ୍ଟ ଜନ୍ ମିତ୍ର, ହେମନ୍ତ ମେଡାଲ, ସେବାଶ୍ରୀ, ସେବକ ଶ୍ରୀ, ଜୀବନ ଜ୍ୟୋତି ଓ ସେଣ୍ଟ ଜନ୍ ପୁରସ୍କାର ପ୍ରଦାନ କରିଥିଲେ।

■ ହୋମଗାର୍ଡଙ୍କ ପୁଅଙ୍କୁ ଗୁଳିମାଡ଼ ଘଟଣା

# ଗୋଷ୍ଠୀ ବିବାଦରୁ ହୋଇଥିଲା ଗୁଳିମାଡ଼

ଭୁବନେଶ୍ୱର, ୮।୯(ବ୍ୟୁରୋ)

ହାମ୍‌ଗାର୍ଡ ପର୍ଶୁରାମ ଭୋଇଙ୍କ ପୁଅ ସୁଶାନ୍ତ କୁମାର ଭୋଇଙ୍କୁ ବାଙ୍କୁଆଳ ବାସୁଆଘାଇ ଓଭରବ୍ରିଜ ଉପରେ ଗୁଳିମାଡ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦକୁ କେନ୍ଦ୍ର କରି ଏହି ଗୁଳିମାଡ଼ ହୋଇଥିଲା। ଶହୀଦନଗର ପୋଲିସ ଏବଂ ସ୍ପେଶାଲ୍ ସ୍କ୍ୱାଡ୍ ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ପୋଲିସ ସେମାନଙ୍କ ପରିଚୟ ଗୋପନ ରଖିଥିବାବେଳେ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୨ ଜଣ ତାଙ୍କ ସହଯୋଗୀ ଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ବନ୍ଧୁକ ଏବଂ



ଗୁଳିମାଡର ଶିକାର ହୋଇଥିବା ସୁଶାନ୍ତ।

ଘଟଣା ଦିନ ବ୍ୟବହୃତ କାରକୁ ଜବତ କରିଛି। ଏହି ମାମଲାରେ ଆଉ ୪ଜଣଙ୍କ ସମ୍ପୃକ୍ତି ରହିଛି। ସେମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ

## ୩ ଗିରଫ, ୪ ଫେରାର

ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୂଚନା ମୁତାବକ, ଜନ୍ମାଷ୍ଟମୀର ଦୁଇ ଦିନ ପୂର୍ବରୁ ସୁଶାନ୍ତଙ୍କ ଗୋଷ୍ଠୀ ଗୁଳିମାଡ଼ କରିଥିବା ଗୋଷ୍ଠୀର ଏକ ପିଲାକୁ ମାଡ ମାରିଥିଲେ। ଏ ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଶେଷରେ ସମ୍ପୃକ୍ତ ଗୋଷ୍ଠୀ ସୁଶାନ୍ତଙ୍କ ଗୋଷ୍ଠୀର ମୁଖ୍ୟ ଟିଣ୍ଟୁଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଏପରି କି ଟିଣ୍ଟୁ ଏବଂ ସୁଶାନ୍ତଙ୍କ ଗତିବିଧି ଉପରେ ସେମାନେ ନଜର ରଖିଥିଲେ। ଗତ ୨ ତାରିଖରେ ଅଭିଯୁକ୍ତମାନେ ସୁଶାନ୍ତକୁ ଫୋନ୍ କରି ଏହି ମାମଲାର ସମାଧାନ ପାଇଁ ବାସୁଆଘାଇ ଓଭରବ୍ରିଜ୍ ନିକଟକୁ ଡାକିଥିଲେ। ସେଠାକୁ ସୁଶାନ୍ତ ଆସିବା ପରେ ଅଭିଯୁକ୍ତମାନେ ତାଙ୍କୁ ସେଠାରେ ଧମକ ଦେବା ସହିତ ମାଡ ମାରିଥିଲେ। ପରେ ଧରାପଡିଯିବା ଭୟରେ ତାଙ୍କୁ ଗୁଳି ମାଡ କରି ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କ ଫୋନ୍ ନମ୍ବରକୁ ଟ୍ରାକ୍ କରିବା ପରେ ସେମାନଙ୍କୁ ପୁରୀ ଓ ଧଉଳି ଅଞ୍ଚଳରୁ ଗିରଫ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ୨ ତାରିଖରେ ସୁଶାନ୍ତଙ୍କୁ କେହି ଫୋନ କରି ବାସୁଆଘାଇ ଓଭରବ୍ରିଜ ନିକଟକୁ ଡକାଇଥିଲେ। ସେ ସେଠାରେ ପହଞ୍ଚିବା ପରେ ଏକ କାରରେ ୪ ଯୁବକ ଆସି ତାଙ୍କୁ ମାରପିଟ କରିବା ସହ ଗୁଳିମାଡ଼ କରିଥିଲେ।

## ପ୍ଲାଷ୍ଟିକ ମୁକ୍ତ ପାଇଁ ମହିଳାଙ୍କ ଶୋଭାଯାତ୍ରା




ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ମହିଳାଙ୍କ ଶୋଭାଯାତ୍ରା।

ପାତ୍ରପଡା,୮।୯(ଡି.ଏନ.ଏ.)

ଭରତପୁରରେ ଶତାଧିକ ମହିଳା ଏକତ୍ରିତ ହୋଇ ନିଜ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ। ଶନିବାର ପୂର୍ବାହ୍ନରେ ଭରତପୁର ଅଞ୍ଚଳରେ ମହିଳା ସଙ୍ଗଠନଗୁଡିକ ସନ୍ତୋଷୀନଗରରୁ ସଚେତନ ଶୋଭାଯାତ୍ରାରେ ବାହାରି ଆୟୁର୍ବେଦିକ ହସ୍ପିଟାଲ ଛକ ଦେଇ ସ୍ଥାନୀୟ ବସ୍ତି ଅଞ୍ଚଳର ସମସ୍ତ ଦୋକାନୀଙ୍କୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ନିବେଦନ କରିଥିଲେ। ଏପରି କି ପ୍ଲାଷ୍ଟିକ ବ୍ୟବହାର କରିବା ଦ୍ୱାରା ଏହାର କୁପ୍ରଭାବ କିପରି ପଡୁଛି ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ପରେ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଲୋକେ ନିଜେ କିପରି ପ୍ଲାଷ୍ଟିକ ବ୍ୟବହାର କରିବେ ନାହିଁ ସେ ସମ୍ପର୍କରେ ମହିଳାମାନେ ଅଧିକ ଯତ୍ନବାନ ହେବେ ବୋଲି ସଂକଳ୍ପ କରିଥିଲେ। ଆଗାମୀଦିନରେ ଭରତପୁର ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଆଞ୍ଚଳିକ ମହିଳା ମହାସଂଘ, ଉତ୍କଳିକା ମହାସଂଘ ପକ୍ଷରୁ ଦୀପା ଦାସ, ମନ୍ଦାକିନୀ ସାମଲ, ନିର୍ମଳା ସାହୁ, ଗୀତା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡିଶାଠାରେ ଶନିବାର ଓଡିଆ ଚଳଚ୍ଚିତ୍ର 'କ୍ରିଷ୍ଣା'ର ଅଡିଓ ରିଲିଜ୍ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

ବିରୂପା କୂଳରୁ ମହିଳାଙ୍କ ମୃତଦେହ ଜବତ ଘଟଣା

# ହତ୍ୟା କରିଥିଲେ ଦ୍ୱିତୀୟ ସ୍ୱାମୀ

କଟକ ଅଫିସ, ୮।୯

ଜଗତପୁର ଥାନା ଅନ୍ତର୍ଗତ ଆଠମାଣିଆସ୍ଥିତ ବିରୂପା ନଦୀ କୂଳରୁ ଜୁଲାଇ ୧୧ରେ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା ପୋଲିସ। ମହିଳାଙ୍କ ତଣ୍ଟିରେ କଟା ଦାଗ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ମୃତା ମହିଳାଙ୍କ ପରିଚୟ ମିଳିପାରି ନ ଥିଲା। ଏହି ଘଟଣାକୁ ଦୁଇ ମାସ ପୂରିବାକୁ ବସିଥିବାବେଳେ ଏବେ ଘଟଣା ଉପରୁ ପରଦା ହଟାଇଛି ଜଗତପୁର ପୋଲିସ। ମୃତା ମହିଳା ହେଉଛନ୍ତି ଦେବକୀ ବେହେରା ଓରଫ ଅନି। ଦ୍ୱିତୀୟ ସ୍ୱାମୀ ସୁରେନ୍ଦ୍ର ବେହେରା ଓରଫ୍ ସୁରିଆ ତାଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଏଥିସହ ସୁରେନ୍ଦ୍ରଙ୍କଠାରୁ ଅନିଙ୍କ ଏକ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଜଗତପୁର ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା(୧୮୬/୧୮) ରୁଜୁ କରିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି। ସୂଚନା ଅନୁଯାୟୀ, ଉଭୟଙ୍କ ଘର କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମୌଦା ଅଞ୍ଚଳରେ। ଅନିଙ୍କୁ ତାଙ୍କ ପ୍ରଥମ ସ୍ୱାମୀ ଛାଡି ଦେଇଥିବାବେଳେ ସୁରେନ୍ଦ୍ର ମଧ୍ୟ ତାଙ୍କ ସ୍ତ୍ରୀଙ୍କୁ ଛାଡି ଦେଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ୨୦୧୭ ମାର୍ଚ୍ଚରେ ଜଗତସିଂହପୁର ଅଞ୍ଚଳରେ ଥିବା ଏକ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ପରେ ସୁରେନ୍ଦ୍ରଙ୍କ ସହ ତାଙ୍କ ଘରେ ରହିଥିଲେ। ବିବାହର କିଛି ମାସ ପରେ ଦୁହିଁଙ୍କ ମଧ୍ୟରେ ଥିବା ସମ୍ପର୍କରେ ଫାଟ ଦେଖାଦେଇଥିଲା। ବିଶେଷକରି ଆର୍ଥିକ ସ୍ଥିତିକୁ ନେଇ ପ୍ରତିଦିନ ଝଗଡା ହେଉଥିଲେ। ଏଥିରେ ସୁରେନ୍ଦ୍ର ଅତିଷ୍ଠ ହୋଇ ଅନିଙ୍କୁ ଜୀବନରୁ ମାରି ଦେବାକୁ ଯୋଜନା କରିଥିଲେ। ଗତ ଜୁଲାଇ ମାସରେ ରାଜମିସ୍ତ୍ରି କାମ କରିବା ପାଇଁ ସୁରେନ୍ଦ୍ର ଜଗତପୁର ଆସିଥିଲେ। ଜୁଲାଇ ୧୧ରେ ସେ ଅନିଙ୍କୁ ଫୋନ କରି ଜଗତପୁରରେ ରହିବାକୁ ଡାକିଥିଲେ। ଅନି ପହଞ୍ଚିବା ପରେ ଉଭୟ ମିଶି ମଦ ପିଇଥିଲେ। ଅନି ମୁଣ୍ଡ କ'ଣ ହୋଇଯାଉଥିବା କହିବାରୁ ସୁରେନ୍ଦ୍ର ତାଙ୍କୁ ମୁହଁ ଧୋଇ ଆସିବାକୁ କହି ଉଭୟେ ବାଇକରେ ବିରୂପା ନଦୀ କୂଳକୁ ଯାଇଥିଲେ। ଅନି ନଦୀ ପାଣିରେ ମୁହଁ ଧୋଉଥିବା ବେଳେ ସୁରେନ୍ଦ୍ର ଏକ ଧାରୁଆ ଛୁରିରେ ତାଙ୍କର ବେକ କାଟି ଦେଇଥିଲେ। ପରେ ଅନିଙ୍କୁ ସେଠାରେ ପକାଇ ଦେଇ ନିଜ ଗାଁ ମୌଦାକୁ ପଳାଇ ଯାଇଥିଲେ।

# ଅଜଗରର ତ୍ରୁଟିପୂର୍ଣ୍ଣ ଚିକିତ୍ସା

ଭୁବନେଶ୍ୱର, ୮।୯(ବ୍ୟୁରୋ)

ଶନିବାର ସମ୍ବଲପୁରରେ ଏକ ଅଜଗର ସାପକୁ ଜାଲରୁ ଉଦ୍ଧାର କରାଯାଇଥିଲା। ତାକୁ ଚିକିତ୍ସା କରାଯାଇ ତା'ର ପ୍ରାକୃତିକ ଆବାସସ୍ଥଳୀରେ ଛଡ଼ାଯାଇଛି। ତେବେ ସାପଟିର ତ୍ରୁଟିପୂର୍ଣ୍ଣ ଚିକିତ୍ସା କରାଯାଇଥିବା ଚିକିତ୍ସା ସମୟରେ ଉତ୍ତୋଳିତ ଏକ ଭିଡିଓରୁ ଜଣାପଡ଼ିଛି। ଏହାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ପୁନର୍ବାର ଉଦ୍ଧାର କରି ଆଣି ଅବ୍‌ଜରଭେଶନରେ ରଖିବାକୁ ମତ ଦେଇଛନ୍ତି।

ସାପଟିର ଚିକିତ୍ସା ବେଳେ ଡାକ୍ତର ଏକ ସିରିଞ୍ଜରେ ୫ମିଲିଲିଟର ଇଞ୍ଜେକ୍ସନ ଦେଇଥିଲେ, ଯାହାକି ଏକ ୭-୮ ଫୁଟ ଲମ୍ବର ଅଜଗର ସାପ ପାଇଁ ବହୁତ ଅଧିକ ଡୋଜ୍। ସାପ ଶରୀରର ଉପର ଅର୍ଦ୍ଧରେ ଇଞ୍ଜେକ୍ସନ ଦିଆଯାଇଛି, ଯାହାକି ସମ୍ପୂର୍ଣ୍ଣ ଭୁଲ। କାରଣ ସାପର ଯକୃତ, ଫୁସ୍‌ଫୁସ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଉପରିଭାଗରେ ରହିଥାଏ। ତେଣୁ ଉପରିଭାଗରେ ଇଞ୍ଜେକ୍ସନ ଦିଆଗଲେ ସିରିଞ୍ଜର ଛୁଞ୍ଚି ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ପ୍ରତି ବିପଦ ସୃଷ୍ଟି କରିଥାଏ। ସାଧାରଣତଃ ସାପମାନଙ୍କୁ ଲାଞ୍ଜରେ ଇଞ୍ଜେକ୍ସନ ଦିଆଯାଇଥାଏ। ଉକ୍ତ ଅଜଗର କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ହୋଇଥିବା ଓୟୁଏଟି ଭେଟେରିନାରି ସର୍ଜରୀ ମୁଖ୍ୟ ପ୍ରଫେସର ଡା. ଇନ୍ଦ୍ରମଣି ନାଥ କହିଛନ୍ତି। ଅଜଗର ସାପ ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ତଫସିଲ-୧ ଅନ୍ତର୍ଭୁକ୍ତ ପ୍ରାଣୀ। ଏହାର ଚିକିତ୍ସା ପାଇଁ ଚିକିତ୍ସକମାନେ ଅତ୍ୟନ୍ତ ଯତ୍ନବାନ ହେବା ଉଚିତ। ଯେହେତୁ ଓୟୁଏଟିର ସର୍ଜରୀ ବିଶେଷଜ୍ଞମାନେ ଏହି ଅଜଗରର ଜୀବନ ପ୍ରତି ବିପଦ ଆଶଙ୍କା କରିଛନ୍ତି ବନବିଭାଗ ତାକୁ ଖୋଜି ଆଣି କିଛିଦିନ ପାଇଁ ଅବ୍‌ଜରଭେଶନରେ ରଖିବା ଉଚିତ ବୋଲି ଖୋର୍ଦ୍ଧା ଜିଲା ଅବୈତନିକ ତତ୍ତ୍ୱାବଧାରକ ତଥା ସ୍ନେକ୍ ହେଲ୍‌ପଲାଇନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

# ୧୩ରେ ଭାରତ ପ୍ରତିଭା ସମ୍ମାନ

କଟକ ଅଫିସ, ୮।୯

ଜୟ ଭାରତ ଫାଉଣ୍ଡେଶନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ସମାଜରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ଏଥିପାଇଁ ଆସନ୍ତା ୧୩ ତାରିଖରେ ଶହୀଦଭବନରେ ଭାରତ ପ୍ରତିଭା ସମ୍ମାନ-୨୦୧୮ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋର ପୂର୍ବତନ ବରିଷ୍ଠ ଉପଦେଷ୍ଟା ତପନ ମିଶ୍ରଙ୍କୁ ଭାରତ ଗୌରବ ସମ୍ମାନ, ଲେଖକ ସୌଭାଗ୍ୟ କୁମାର ମିଶ୍ରଙ୍କୁ କଥା ଭାରତ ସମ୍ମାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଜେସି ମହାନ୍ତିଙ୍କୁ ସେବା ଭାରତ ସମ୍ମାନ, ରିତୁପର୍ଣ୍ଣା ପଣ୍ଡାଙ୍କୁ କ୍ରୀଡ଼ା ଭାରତ ସମ୍ମାନ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ସଂସ୍କୃତି ଭାରତ ସମ୍ମାନ ପ୍ରଦାନ କରାଯିବ। ଏଥିସହ ବାଣିଜ୍ୟ ବିଭାଗ ଛାତ୍ର ମଳୟ ପନ୍, ବିଜ୍ଞାନ ବିଭାଗ ଛାତ୍ରୀ ସୁପ୍ରଭା ଦାସ ଓ କଳା ବିଭାଗ ଛାତ୍ରୀ ମୋନାଲିସା ସ୍ୱାଇଁଙ୍କୁ ବିଦ୍ୟା ଭାରତ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଓସିଏ କ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଫାଉଣ୍ଡେଶନ ଉପଦେଷ୍ଟା ପ୍ରଫୁଲ୍ଲ ସିଂ, ଅଶ୍ୱିନୀ କୁମାର ଦାସ, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଲୋକସମ୍ପର୍କ ଅଧିକାରୀ ସୁଲଗ୍ନା ବାରିକ ଉପସ୍ଥିତ ଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିର:ରୋଷଘର ପେଯ ରାସ୍ତାରେ ଭାସୁଛି

ପୁରୁଣା ଭୁବନେଶ୍ୱର, ୮।୯(ଡି.ଏନ.ଏ.)-

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦୈନନ୍ଦିନ ନୀତିରେ ରୋଷଘରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରୋଷ ଘରେ ପ୍ରତ୍ୟହ ଅନ୍ନ ପ୍ରସାଦ ଓ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ଐତିହ୍ୟ ଶ୍ରୀଲିଙ୍ଗରାଜ ମନ୍ଦିରର ରୋଷଘରୁ ଏକ ପେଯ ନଳା ମେଘନାଦ ପାଚେରିକୁ ସଂଲଗ୍ନ ହୋଇଛି। ମୟୂରଗିରି ମନ୍ଦିର ସନ୍ନିକଟ ଶ୍ରୀଲିଙ୍ଗରାଜ ହାଟ ପାଖକୁ ନଳା ଦେଇ ପେଯ ପାଣି ରାସ୍ତାରେ ଭାସୁଛି। ପାଚେରିକୁ ଲାଗି ରହିଛି ଏକ କୁଣ୍ଡ। ମନ୍ଦିର ବାହାର କାର୍ଯ୍ୟ ବଏମ୍‌ସିର। ଏହି କୁଣ୍ଡଟି ଭାଙ୍ଗିଯିବା ସହ ଅନ୍ୟପକ୍ଷେ ପେଯ ନଳା ସଫା ନ ହେବାରୁ ଏହା ମଧ୍ୟ ଦେଇ ନିର୍ଗତ ରୋଷଘରର ଅନ୍ୟ ବର୍ଜ୍ୟବସ୍ତୁ ଜମା ହୋଇ ରହୁଛି। ଫଳରେ ପେଯ ଓ ବର୍ଜ୍ୟବସ୍ତୁ ପାଣି ଯୋଗୁ ସେଠାରେ ଦୁର୍ଗନ୍ଧ ବାହାରୁଛି। ଏହି ବାଟ ଦେଇ ଯିବାବେଳେ ପର୍ଯ୍ୟଟକମାନେ ନାକ ଟେକୁଛନ୍ତି। ଅନ୍ୟପକ୍ଷେ ସୋମବାର ଓ ଗୁରୁବାର ହାଟ ପାଳି ଦିନ ହାଟ ବ୍ୟବସାୟୀ ଏବଂ ଗ୍ରାହକମାନେ ଏହି ପେଯକୁ ମାଡି ଯିବା ଆସିବା କରୁଛନ୍ତି। ଏହାକୁ କେନ୍ଦ୍ରକରି ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ଦାବି ହେଉଛି। ଏ ନେଇ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ ପେଯ ନଳା ନେଇ ଅଭିଯୋଗ ଆସି ନ ଥିଲେ ହେଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା। ତେବେ ସୋମବାର ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ସ୍ଥାୟୀ ପ୍ରତିକାର ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ମେଘନାଦ ପାଚେରି ସଂଲଗ୍ନ ନଳାରୁ ପେଯ ଉଚ୍ଛୁଳି ରାସ୍ତାରେ ଭାସୁଛି।

# ଆରମ୍ଭ ହେଲା 'ନୋ ୟୋର ପୋଲିସ' ଅଭିଯାନ

ଭୁବନେଶ୍ୱର (ବ୍ୟୁରୋ)/ ବାରଙ୍ଗ (ଡି.ଏନ.ଏ.), ୮।୯

ପୋଲିସ ପ୍ରତି ପିଲାମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ଉଦ୍ଦେଶ୍ୟରେ କମିଶନରେଟ ପୋଲିସ ପକ୍ଷରୁ ଶନିବାରଠାରୁ ଆରମ୍ଭ ହୋଇଛି 'ନୋ ୟୋର ପୋଲିସ' ଅଭିଯାନ। ନନ୍ଦନକାନନ ଥାନା ଏବଂ କ୍ୟାପିଟାଲ ଥାନାରେ ଏହାର ଶୁଭାରମ୍ଭ କରିଛନ୍ତି ପୋଲିସ କମିଶନର ସତ୍ୟଜିତ ମହାନ୍ତି। ଏହି ଅବସରରେ କମିଶନର କହିଛନ୍ତି, ପିଲାମାନଙ୍କ ମନରେ ପୋଲିସ ପ୍ରତି ଭୟ ଓ ନକାରାତ୍ମକ ଚିନ୍ତାଧାରା ରହିଛି। ଏହାସହ ସେମାନେ ଯେଉଁ ବହି ପଢୁଛନ୍ତି କିମ୍ବା ଫିଲ୍ମ ଦେଖୁଛନ୍ତି ସେଥିରେ ସେମାନଙ୍କ ମନରେ ପୋଲିସ ପ୍ରତି ଅନ୍ୟ ଏକ ଧାରଣା ବସା କରି ରହିଛି। ରିୟଲ ପୋଲିସ ଏବଂ ରିଲ୍ ପୋଲିସ ମଧ୍ୟରେ ଆକାଶ ପାତାଳ ତଫାତ ରହିଛି। ରିଲ୍ ପୋଲିସ ଫିଲ୍ମରେ ଯାହା କରେ ତାହା ଏକ ସ୍ୱପ୍ନପୁରୀ ଭଳି। କିନ୍ତୁ ରିୟଲ ପୋଲିସ କ'ଣ ତାହା ଜାଣିବା ପାଇଁ ଏହି ଅଭିଯାନ କରାଯାଇଛି।

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ୬୦ ଛାତ୍ରୀଛାତ୍ର ନନ୍ଦନକାନନ ଥାନା ବୁଲିଥିଲେ। ସେହିଭଳି ୟୁନିଟ୍-୧ ସରକାରୀ ହାଇସ୍କୁଲର ୩୦ ଛାତ୍ରୀଛାତ୍ର କ୍ୟାପିଟାଲ ଥାନାକୁ ଯାଇ ପୋଲିସର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଜାଣିଥିଲେ। ଏଫଆଇଆର୍, ଚାର୍ଜଶିଟ୍, ଫାଇନାଲ୍ ରିପୋର୍ଟ, ରେକର୍ଡ ରୁମ୍, ସିଗ୍ନାଲ୍ ପ୍ରଣାଳୀ, ଲକ୍‌ଅପ୍ ଗୃହ, ମାଲଖାନା ଇତ୍ୟାଦି ବିଷୟରେ ସବିଶେଷ ବିବରଣୀ ଗ୍ରହଣ କରିବା



କ୍ୟାପିଟାଲ ଥାନାରେ ଆୟୋଜିତ 'ନୋ ୟୋର ପୋଲିସ' କାର୍ଯ୍ୟକ୍ରମରେ କମିଶନର ସତ୍ୟଜିତ ମହାନ୍ତି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ସହିତ ଛାତ୍ରୀଛାତ୍ରମାନେ ଉକ୍ତ ଥାନାରେ ଏସବୁକୁ ଦେଖିବାକୁ ସୁଯୋଗ ପାଇଥିଲେ। ସେମାନଙ୍କ ମନରେ ରହିଥିବା ଏକାଧିକ ପ୍ରଶ୍ନ ପୋଲିସ କମିଶନର ଓ ଡିସିପିଙ୍କୁ ପଚାରି ବୁଝିଥିଲେ।

ନନ୍ଦନକାନନ ଥାନାରେ ଭୁବନେଶ୍ୱର ଡିସିପି ଅନୁପ୍ ସାହୁ, କଟକ ଡିସିପି ଅଖିଳେଶ୍ୱର ସିଂ, ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ପୋଲିସ ବିଭାଗର ବିଭିନ୍ନ କାର୍ଯ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଚେୟାରମ୍ୟାନ୍ ଡା. ବିଜୟ କୁମାର ସାହୁ ପୋଲିସ ବିଭାଗକୁ ଅଭିନନ୍ଦନ ଜଣାଇ କହିଥିଲେ, ଏପରି ଏକ

■ ଥାନା ବୁଲିଲେ ସାଇ ଇଣ୍ଟରନ୍ୟାଶନାଲ, ୟୁନିଟ୍-୧ ସରକାରୀ ହାଇସ୍କୁଲ ଛାତ୍ରୀଛାତ୍ର

ସୁନ୍ଦର ଅଭିଯାନର ଆରମ୍ଭ ପାଇଁ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ତରଫରୁ ପ୍ରଥମେ ପ୍ରସ୍ତାବ ଦିଆଯାଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପୋଲିସ ବିଭାଗ ବିଷୟରେ ଅନେକ କିଛି ଜାଣିପାରିବେ ଓ ଭବିଷ୍ୟତରେ ଜଣେ ଜଣେ ଭଲ ପୋଲିସ ଅଫିସର୍ ହୋଇ ରାଷ୍ଟ୍ର ପାଇଁ କିଛି କରିବାର ସୁଯୋଗ ପାଇପାରିବେ। କ୍ୟାପିଟାଲ ଥାନାରେ ପିଲାମାନେ ବୁଲିବା ସମୟରେ ଥାନା ଅଧିକାରୀ ମାନସ ଗଡ଼ନାୟକ, ପୋଲିସ କମିଶନର ଓ ଡିସିପି ଉପସ୍ଥିତ ଥିଲେ। ୟୁନିଟ୍-୧ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ସୁନାରାମ ନାଏକ କହିଛନ୍ତି, ପୋଲିସ ପ୍ରତି ମୋର ଯେଉଁ ଧାରଣା ରହିଥିଲା ତାହା ଆଜି ଦୂର ହୋଇଛି। ଆମେ ପୋଲିସକୁ ନିଜର ବନ୍ଧୁଭାବେ ଏବେ ଭାବୁଛୁ। ଥାନାକୁ ଆସିବା ଦ୍ୱାରା ଥାନାରେ ପୋଲିସର କାର୍ଯ୍ୟ କିଭଳି ଓ ଆଇନ କାନୁନ ସମ୍ପର୍କରେ ଜାଣିବାକୁ ପାଇଲି। ଛାତ୍ରୀ ଶୁଭଶ୍ରୀ ପଣ୍ଡା କହିଛନ୍ତି, ଆମ ମନରେ ରହିଥିବା ଅନେକ ପ୍ରଶ୍ନର ଉତ୍ତର କମିଶନର ସାର ଦେଇଥିଲେ। ପୋଲିସ ପ୍ରତି ଯେଉଁ ଧାରଣା ରହିଥିଲା ତାହା ଏଠାକୁ ଆସିବା ପରେ ବଦଳିଗଲା।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ...... ସରକାର ବିପିଏଲ୍ କାର୍ଡଧାରୀ ମହିଳାମାନଙ୍କୁ ମାଗଣା ମୋବାଇଲ୍ ଯୋଗାଇଦେବାକୁ ଘୋଷଣା କରିଛନ୍ତି ?

୨– ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ନିକଟରେ...... ଶପଥ ନେଇଛନ୍ତି ?

୩ – ଦି ଜଏଣ୍ଟ ମିଲିଟାରି ଏକ୍ସରସାଇଜ 'ର୍ୟାପିଡ୍ ଟ୍ରାଇଡେଣ୍ଟ ୨୦୧୮' ପ୍ରଥମେ..... ଦେଶରେ ଆରମ୍ଭ କରାଗଲା ?

୪– 'ଅଟଳଜୀ ନେ କାହା' ପୁସ୍ତକର ଲେଖକ.... ?

୫– ଆମ ଦେଶରେ ସମୁଦାୟ....... ଟି ହାଇକୋର୍ଟ ରହିଛି ?

## ଗତ ସପ୍ତାହର ଉତ୍ତର

୧ ଫର୍ମୁଲା ୧ ରେସ୍

୨ ୧୯୦୯

୩ ଏପ୍ରିଲ ୨୩

୪ ରୁଷିଆ

୫ ବେଲାରୁଷ୍

## ଉତ୍ତର ଦାତା



ଶାଶ୍ୱତ ରଞ୍ଜନ ବେହେରା
ଢେଙ୍କାନାଳ



ଦିଲୀପ କୁମାର ପୁଜାହାରୀ
ସୁବର୍ଣ୍ଣପୁର

ୟୁଥ୍ ଆଲର୍ଟ



# ପାଦରେ ଫୋଟକା ହେଉଥିଲେ...

ଟାଇଟ୍ ଜୋତା ପିନ୍ଧିବା, ଅଧିକ ଚାଲିବା, ଷ୍ଟାଇଲ ପାଇଁ ବାରମ୍ବାର ନୂଆ ଜୋତା ବଦଳାଇବା ଆଦି ବିଭିନ୍ନ କାରଣରୁ ଅନେକ ଯୁବତୀଯୁବକଙ୍କଠାରେ ପାଦରେ ଫୋଟକା ହେଉଥିବା ଦେଖାଦେଇଥାଏ। ଏହା ପରବର୍ତ୍ତୀ ସମୟରେ ଜୋତା ପିନ୍ଧିବାରେ, ଚାଲିବାରେ ଖୁବ୍ କଷ୍ଟ ଦେଇଥାଏ। କେହି କେହି ଶୀଘ୍ର ଭଲ ହୋଇଯିବା ଲାଗି ଏହାକୁ ଫଟାଇବା ଯୋଗୁ ତାହା ଇନ୍‌ଫେକ୍ସନ ହୋଇ ଜଟିଳ ରୂପ ନେଇଥାଏ। ତେଣୁ ପାଦରେ ଫୋଟକା ହେଉଥିଲେ ଏହାକୁ ଭଲ କରିବା ଲାଗି ଫଟାଇବା କିମ୍ବା ଖଣ୍ଡିଆ କରିବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ବ୍ୟବହାର କରନ୍ତୁ ନଚେତ୍ କେତୋଟି ଘରୋଇ ଉପଚାର ବି ଆପଣାଇ ପାରିବେ...

**ଘିକୁଆଁରୀ:** ଯଦି ଆପଣଙ୍କ ପାଦରେ ଫୋଟକା ହୋଇଛି ଏବଂ ଜୋତା ପିନ୍ଧିବାରେ କିମ୍ବା ଚାଲିବାରେ କଷ୍ଟ ହେଉଛି ତେବେ ଉକ୍ତ ସ୍ଥାନରେ ଘିକୁଆଁରୀ ରସ ବା ଜେଲ୍ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଅନେକ ପ୍ରକାର ସମସ୍ୟାର ସମାଧାନ ଲାଗି ଘିକୁଆଁରୀ ଏକ ଭଲ ଔଷଧ। ଏହାର ଥଣ୍ଡା ଏବଂ ଆରୋଗ୍ୟ ଗୁଣ ଫୋଟକାରେ ହେଉଥିବା ଜଳାପୋଡ଼ା କଷ୍ଟ ସହ ଫୁଲା କମାଇବାରେ ସାହାଯ୍ୟ କରିଥାଏ। ଏହାକୁ ଲଗାଇବା ସମୟରେ ଅଳ୍ପ ପୋଡିବା ଏବଂ କୁଣ୍ଡାଇହେବା ଭଳି ଅନୁଭବ ହୋଇଥାଏ, ହେଲେ ଏଥିରେ ବ୍ୟସ୍ତ ହେବାର କାରଣ ନାହିଁ। ଦିନକୁ ଦୁଇଥର ଏହି ଜେଲ୍ ଫୋଟକା ଉପରେ ଲଗାନ୍ତୁ ଏବଂ ଶୁଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଗ୍ରୀନ୍ ଟି:** ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ଫୋଟକାର କଷ୍ଟ ଏବଂ ଫୁଲା କମାଇଥାଏ। ଏଥିରେ ଥିବା ଆଣ୍ଟି ଇନ୍‌ଫ୍ଲାମେଟୋରି ଗୁଣ ଫୋଟକା ସ୍ଥାନରେ ହେଉଥିବା ପୋଡ଼ାଜଳା କମ୍ କରେ। ଏକ ଗ୍ରୀନ୍‌ଟି ବ୍ୟାଗ୍‌କୁ ଗରମପାଣିରେ ବୁଡାନ୍ତୁ ଏବଂ ସେଥିରେ ସାମାନ୍ୟ ବେକିଂ ସୋଡା ପକାନ୍ତୁ। ଥଣ୍ଡା ହେବା ପରେ ଫୋଟକା ଉପରେ ଟି ବ୍ୟାଗକୁ ଲଗାଇ କିଛି ସମୟ ରଖନ୍ତୁ। ବେକିଂ ସୋଡ଼ାରେ ଥିବା ଆଣ୍ଟିସେପ୍ଟିକ ଗୁଣ ଇନ୍‌ଫେକ୍ସନ୍ ହେବାକୁ ଦେଇ ନ ଥାଏ।

**ଆପଲ୍ ସାଇଡର ଭିନେଗାର:** ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଏବଂ ଅନ୍ୟାନ୍ୟ ଉପାଦାନ ଫୋଟକାର କଷ୍ଟ ଏବଂ ଫୁଲା କମାଇବା ସହିତ ଇନ୍‌ଫେକ୍ସନର ଆଶଙ୍କା ଦୂର କରିଥାଏ। ତୁଳାରେ ଅଳ୍ପ ଆପଲ୍ ସାଇଡର ଭିନେଗାର ଆଣି ଫୋଟକା ଉପରେ ଲଗାନ୍ତୁ ଏବଂ କିଛି ସମୟ ରଖିବା ପରେ ଧୋଇଦିଅନ୍ତୁ। ଯଦିଓ ଏହାକୁ ଲଗାଇବା ସମୟରେ ଖୁବ୍ ପୋଡ଼ିଥାଏ ହେଲେ ଶୀଘ୍ର ଉପଶମ ମଧ୍ୟ ମିଳିଥାଏ।

**ଜଡ଼ାତେଲ:** ଅନେକ ସମୟରେ ଦେଖାଯାଏ, ଫୋଟକା ରହିଯିବା କାରଣରୁ ଧୀରେ ଧୀରେ ଟାଣ ହୋଇ ଲାଲ୍ ପଡି ଦରଜ ଏବଂ କୁଣ୍ଡାଇ ହେବା ଭଳି ସମସ୍ୟା ସୃଷ୍ଟିକରେ, ଯାହାକି ବେଶି କଷ୍ଟ ଦେଇଥାଏ। ଏହାକୁ ଦୂରକରିବା ଲାଗି ସବୁଠୁ ସହଜ ଏବଂ ସରଳ ଘରୋଇ ଉପଚାର ହେଉଛି ଜଡାତେଲ। ଏହାକୁ ରାତିରେ ଫୋଟକା ଉପରେ ଲଗାଇ ଶୋଇପଡନ୍ତୁ, ଦେଖିବେ ସକାଳେ କେତେ ଆରାମ ଲାଗିବ। ଦିନକୁ ୨–୩ ଥର ବ୍ୟବହାର କଲେ ଅଧିକ ଉପକୃତ ହୋଇପାରିବେ।

– ଏସବୁ ବ୍ୟତୀତ ସୋରିଷ ତେଲ, ପେଟ୍ରୋଲିୟମ୍ ଜେଲି ଆଦି ବି ଫୋଟକା ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।



**ସବୁଥିରେ ଅନ୍ୟଠାରୁ କିଛି ସ୍ପେଶାଲ କରିବାର ନିଶା ଯେମିତି ବର୍ତ୍ତମାନର ଯୁବପିଢ଼ିଙ୍କୁ ଘାରିଛି। ଯେଉଁଥିରୁ ବାଦ୍ ପଡ଼ିନି ସେମାନଙ୍କ ବାଇକ୍ ସିଲେକ୍ସନ। ମାର୍କେଟ୍‌ରେ ଯେଉଁ ଲାଟେଷ୍ଟ ମଡେଲ ବାଇକ୍ ଲଞ୍ଚ୍ କଲା ତାକୁ ପ୍ରଥମେ କିଣିବାକୁ ଚାହିଁ ରହୁଛନ୍ତି ସେମାନେ। କେବଳ ଏତିକି ନୁହେଁ, ନିଜ ବାଇକ୍‌କୁ ସବୁଠୁ ଡିଫରେଣ୍ଟ ଲୁକ୍ ଦେବା ଲାଗି ସେଥିରେ ଭଳିକି ଭଳି ଷ୍ଟିକରିଂ କରିବାକୁ ନେଇ ମଧ୍ୟ ସେମାନଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା...**

# ବାଇକ୍ ଷ୍ଟିକରିଂ କ୍ରେଜ୍











ବାଇକ୍ ବର୍ତ୍ତମାନର ଯୁବପିଢ଼ିଙ୍କ ପାଇଁ କେବଳ ଏକ ବାହାନର ଆବଶ୍ୟକତା ପୂରଣ କରୁଥିବା ସାମଗ୍ରୀରେ ସୀମିତ ହୋଇ ରହିନାହିଁ ବରଂ ଏହା ମଧ୍ୟ ପାଲଟିଛି ସେମାନଙ୍କର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ। ଅନ୍ୟମାନଙ୍କଠାରୁ ଭିନ୍ନ ଲାଗିବା ସକାଶେ ସେମାନେ ଭଳିକି ଭଳି ଷ୍ଟାଇଲିଶ୍ ବାଇକ୍ ମଡେଲ ବି ବ୍ୟବହାର କରୁଛନ୍ତି। ତେବେ କେବଳ ଏତିକି ନୁହେଁ, ସେମାନଙ୍କ ବାଇକ୍ ଫ୍ୟାଶନ ବରଂ ଏହାକୁ ଅଧିକ ଆଇକ୍ୟାଚି କରିବା ଲାଗି ଯେମିତି ସେମାନଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ଏମିତିରେ ବାଇକ୍ ଷ୍ଟିକରିଂ ପାଲଟିଛି ସେମାନଙ୍କ ପାଇଁ ବେଷ୍ଟ ଅପ୍ସନ। ଆଉ ଏହି ବାଇକ୍ ଷ୍ଟିକର ଲଭରଙ୍କ ଚାହିଦାକୁ ଆଖିଆଗରେ ରଖି ପ୍ରତି ସହରରେ ଷ୍ଟିକରିଂ ଦୋକାନ ମଧ୍ୟ ଖୋଲିଗଲାଣି, ଯେଉଁଠି ଇଚ୍ଛାନୁସାରେ ହ୍ୟାଣ୍ଡମେଡ୍ କିମ୍ବା କମ୍ପ୍ୟୁଟରାଇଜ୍ଡ ଷ୍ଟିକରିଂ କରାଯାଇପାରୁଛି। ଏହା ବ୍ୟତୀତ ବର୍ତ୍ତମାନ ଏଭଳି ଷ୍ଟିକର ଉଭୟ ମାର୍କେଟ୍‌ରେ ଏବଂ ଅନ୍‌ଲାଇନ୍‌ରେ ରେଡି ଟୁ ୟୁଜ୍ ଆକାରରେ ବି ମିଳୁଛି, ଯାହାକୁ ନିଜେ କିଣି ଆଣି ବାଇକ୍‌ରେ ପେଷ୍ଟ କରିପାରିବେ।

### ବର୍ତ୍ତମାନ ଅଧିକ ଡିମାଣ୍ଡରେ ଥିବା ବାଇକ୍ ଷ୍ଟିକର:

ବାଇକ୍‌କୁ ଅଧିକ ଆଇକ୍ୟାଚି କରିବା ଉଦ୍ଦେଶ୍ୟରେ କିଛି ଯୁବପିଢ଼ି ବାଇକ୍‌ର ବଡି ଉପରେ ବିଭିନ୍ନ କଲରର ଡଟ୍ କିମ୍ବା ଷ୍ଟ୍ରାଇପ୍ ଷ୍ଟିକରିଂ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ରାତିରେ ଅନ୍ୟ ଗାଡି କିମ୍ବା ଷ୍ଟ୍ରିଟ୍ ଲାଇଟ୍ ପଡି ଚକ୍ ଚକ୍ କରିବା ଲାଗି ରେଡିୟମ ଏବଂ ଅନ୍ୟ ସାଇନିଂ ଟେପ୍‌ରେ ଷ୍ଟିକରିଂ କରୁଛନ୍ତି। ସେହିପରି ଗାଡିକୁ ସମ୍ପୂର୍ଣ୍ଣ ନିଆରା ଲୁକ୍‌ଦେବା ଲାଗି ଅନେକେ ମଣିଷ ଖପୁରି ଭଳି ଡିଜାଇନ୍ ବା ସ୍କଲ ଷ୍ଟିକର ଲଗାଉଛନ୍ତି। ଏହା ମଧ୍ୟରେ ପିଷ୍ଟନ ସ୍କଲ, ଫୁ ସ୍କଲ, ଫ୍ଲେମ୍‌ହେଡ୍ ସ୍କଲ ଭଳି ଡିଜାଇନ୍‌କୁ ଯୁବପିଢି ବେଶି ପସନ୍ଦ କରୁଛନ୍ତି। ତା'ଛଡା ଏହାକୁ ଡେଞ୍ଜର ସିମ୍ବଲ ଭାବେ ଗ୍ରହଣ କରାଯାଉଥିବାରୁ ଅନେକେ ନିଜ ଗାଡିରେ କେହି ହାତ ନ ମାରିବା ଉଦ୍ଦେଶ୍ୟରେ ଏହାକୁ ଲଗାଉଛନ୍ତି। ତେବେ ଯୁବତୀମାନଙ୍କ ସବୁଠୁ ପସନ୍ଦ ହେଉଛି ଫ୍ଲୋରାଲ ଷ୍ଟିକରିଂ। ନିଜ ଗାଡିକୁ ସୁନ୍ଦର ତଥା ଆଇକ୍ୟାଚି କରିବାକୁ ଅନେକେ ବିଭିନ୍ନ କଣ୍ଟ୍ରାଷ୍ଟ କଲରର ଫ୍ଲୋରାଲ ଷ୍ଟିକର ଲଗାଉଛନ୍ତି। ଏମିତି କି ସାଇନର ବା ରେଡିୟମ ଫ୍ଲାଓ୍ୱାର ଷ୍ଟିକର ମଧ୍ୟ ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ ବାର୍ବି ଡଲ୍, ଟେଡି, ଫନି ଇମୋଜି ଷ୍ଟିକର ବି ସେମାନଙ୍କୁ ଭଲ ଲାଗୁଛି। ମ୍ୟୁଜିକ୍ ଲଭର ଯୁବପିଢ଼ି ଗିଟାର ଷ୍ଟିକର ବାଇକ୍‌ରେ ଲଗାଇବାକୁ ପସନ୍ଦ କରୁଛନ୍ତି। ଯେଉଁମାନେ ନିଜ ବାଇକ୍‌କୁ ଏକ କଳାତ୍ମକ ରୂପ ଦେବା ଲାଗି ଚାହୁଁଛନ୍ତି ସେମାନେ ଫିଦର କାଲିଗ୍ରାଫି ଷ୍ଟିକର ଲଗାଉଛନ୍ତି। ତେବେ ସ୍ପୋର୍ଟ୍ସ ବା ବାଇକ୍ ରେସିଂ ଆଦିରେ ରୁଚି ରଖୁଥିବା ଯୁବକମାନଙ୍କୁ କିନ୍ତୁ ରାଗିଂ ବୁଲ୍ ଡେକାଲ, ଲାୟନ, ଡ୍ରାଗନ ଷ୍ଟିକର, ବୁଲ୍, ହର୍ସ ଭଳି ଷ୍ଟିକର ବେଶି ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି। ସେହିପରି ହେଡ୍‌ଲାଇଟ୍ ଉପରେ ଆଖି ଷ୍ଟିକର ଲଗାଇବା ମଧ୍ୟ ଏବେ ଫ୍ୟାଶନ୍ ପାଲଟିଛି। ଏସବୁ ବ୍ୟତୀତ ନିଜ ପ୍ରିୟ ଠାକୁରଙ୍କ ଫଟୋ, ସୁପର ହିରୋ, ବିଭିନ୍ନ କୋଟ୍ କିମ୍ବା ଆୱାର୍‌ନେସ୍ ମେସେଜ୍ ଥିବା ଷ୍ଟିକର ବି ଅନେକେ ବାଇକ୍‌ରେ ଲଗାଉଥିବା ଦେଖିବାକୁ ମିଳୁଛି।

### କ'ଣ କରନ୍ତି ଏମାନେ...



**ସୌମ୍ୟରଞ୍ଜନ ଦାସ**(ଛାତ୍ର, ଅକ୍ସଫୋର୍ଡ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର)–କେବଳ ଦମ୍‌ଦାର ବାଇକ୍ ଚଲାଇବା ନୁହେଁ,ଏହାକୁ ଟିକେ ହଟ୍‌କେ ଲୁକ୍ ଦେବା ବି ମୋର ପସନ୍ଦ; ଯେଉଁଥିପାଇଁ ବାଇକ୍‌ରେ ଷ୍ଟିକର ଲଗାଇଛି। ସେଥିପାଇଁ ଏହା ଅଧିକ ଆଇକ୍ୟାଚି ହୋଇପାରୁଛି। ଆଉ ସାଙ୍ଗମାନେ ଯେତେବେଳେ ପ୍ରଶଂସା କରୁଛନ୍ତି ଖୁବ୍ ଖୁସି ଲାଗୁଛି।



**ମୌସୁମୀ ପରିଡା**(ଛାତ୍ରୀ, ଭୁବନେଶ୍ୱର)–ନିଜର ସବୁ ଜିନିଷକୁ ସଜାଇ ରଖିବାକୁ ମୋତେ ଭଲ ଲାଗେ। ଠିକ୍ ଯେମିତି ମୋ ସ୍କୁଟି। ଏହା ମୋର ସାଙ୍ଗ ଭଳି। କାରଣ ଏହା ବିନା କେଉଁଆଡେ ଯିବା ମୋ ପାଇଁ ମୁସ୍କିଲ୍। ତେଣୁ ଏହାକୁ ସବୁବେଳେ ଟିପ୍‌ଟିପ୍ ରଖେ। ଆଉ ଏହାକୁ ଅଧିକ ସୁନ୍ଦର କରିବା ଲାଗି ଭଗବାନ୍‌ଙ୍କ ଷ୍ଟିକର୍ ବି ଲଗାଇଛି।

## ପାଠକଙ୍କ ମତ

■ ଗତ ସପ୍ତାହରେ ପ୍ରକାଶିତ ଷ୍ଟ୍ରିଟ୍‌ଫୁଡ୍ ପ୍ରସଙ୍ଗରେ ଯୁବପିଢ଼ିଙ୍କ ହେଲ୍‌ଦି ଫୁଡ୍ ହାବିଟ୍ ସମ୍ପର୍କରେ ଜାଣି ଭଲ ଲାଗିଲା। ତେଲ, ମସଲା, ରାଗ ଏବଂ ଫୁଡ୍ କଲର ବ୍ୟବହୃତ ଏଣ୍ଡୁତେଣ୍ଡୁ ଖାଦ୍ୟ ପରିବର୍ତ୍ତେ ଯୁବପିଢ଼ି ଏଭଳି ସୁଷମ ଖାଦ୍ୟ ପସନ୍ଦ କରୁଥିବା ନିଶ୍ଚିତ ଭାବେ ଖୁସିର ବିଷୟ।

*– ଅଲିମା ନନ୍ଦ,*
*ଗୋପାଳପୁର*

■ ହ୍ରଦର ଜଳ ବି ରଙ୍ଗ ବଦଳାଇପାରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଜାଣନ୍ତୁ ଦୁନିଆ ସ୍ତମ୍ଭରୁ ପୃଥିବୀର ବିଭିନ୍ନ କୋଣରେ ଥିବା ଏଭଳି ବିରଳ ତଥ୍ୟ ସବୁ ଜାଣିବାକୁ ମିଳୁଛି।

– ଲକ୍ଷେଶ୍ୱରୀ ସୁତାର,
କେନ୍ଦ୍ରାପଡ଼ା

■ ବର୍ଷା ସମୟରେ ଆବଶ୍ୟକ ସତର୍କତା ସମସ୍ତଙ୍କ ପାଇଁ ଜରୁରୀ। ଏ ସମ୍ପର୍କରେ ଅବଗତ କରାଇଥିବାରୁ ଧନ୍ୟବାଦ।

– କୈବଲ୍ୟ ଆଚାର୍ଯ୍ୟ,
ନବରଙ୍ଗପୁର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitri-agamiasha @gmail.com

କଲେଜ ଖଟି

# ଇଣ୍ଟରନେଟ୍ ପ୍ରଭାବକୁ ନେଇ ଚର୍ଚ୍ଚା ଜୋର

ସରିଥାଏ କ୍ଲାସ୍। ବର୍ଷା ପାଗରେ କ୍ୟାମ୍ପସ୍ ବାହାରକୁ ବାହାରିବା ମୁସ୍କିଲ। ତେଣୁ ଫାଙ୍କା ସମୟରେ କ୍ଲାସ୍ ରୁମ୍ ବାହାରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗର କେତେଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜମିଥାଏ ଜୋର୍‌ଦାର ଖଟି। ଏଥର ଖୁଦୁରୁକୁଣୀ ପୂଜାରେ କିଏ କେତେ ବଡ଼ ମୂର୍ତ୍ତି ଆଣିଛନ୍ତି, କାହାର ପୂଜାସ୍ଥଳୀ କେତେ ସୁନ୍ଦର ଡେକୋରେଶନ୍ ହୋଇଛି ତାକୁ ନେଇ ଆଲୋଚନା ଚାଲିଥାଏ, ଆଉ ମୋବାଇଲରେ ଫଟୋ ବି ଦେଖାଚାଲିଥାଏ। ଗଣେଶପୂଜା ପାଖେଇ ଆସୁଥିବାରୁ ମାର୍କେଟ୍‌କୁ କେଉଁ ସବୁ ନୂଆ ଡ୍ରେସ୍ କଲେକ୍ସନ ଆସିଛି, ଏଥରର ଲାଟେଷ୍ଟ ଟ୍ରେଣ୍ଡ କ'ଣ, କିଏ କେମିତି ଡ୍ରେସ୍ ପିନ୍ଧିବ ଏବଂ କେଉଁଠାରୁ କିଣିବ ତାକୁ ନେଇ ଚାଲିଥାଏ ଆଲୋଚନା। ତେବେ ଏ ପାଗରେ ମାର୍କେଟ୍ ନ ଯାଇ ଅନ୍‌ଲାଇନରେ ଡ୍ରେସ୍ ମଗାଇଦେବା ବେଶି ସହଜ ବୋଲି କୁହନ୍ତି ଛାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା। ସତରେ ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ଗୋଟିଏ ସ୍ଥାନରେ ବସି ବିଶ୍ୱର ସମସ୍ତ ଖବର ଜାଣିବା, ପାଠପଢ଼ା, ମନୋରଞ୍ଜନ, ବ୍ୟାଙ୍କ୍, ଶପିଂ, ଟିକେଟ୍ ବୁକିଂ, ସାଙ୍ଗସାଥୀଙ୍କ ସହ ଯୋଗାଯୋଗଠାରୁ ଆରମ୍ଭକରି ବିଭିନ୍ନ ପ୍ରକାରର କାର୍ଯ୍ୟ ଖୁବ୍ ସହଜରେ କରିହେଉଛି। ଏହା ଯେମିତି ସାଜିଛି ସମସ୍ତଙ୍କ ଲାଗି ବିଶେଷକରି ଆମ ଭଳି ଯୁବପିଢ଼ିଙ୍କ ଲାଗି ବରଦାନ ସଦୃଶ ବୋଲି ସମସ୍ତେ ମତ ପ୍ରକାଶ କରନ୍ତି। ହେଲେ ଅପରପକ୍ଷେ ଦିନକୁ ଦିନ ଇଣ୍ଟରନେଟ୍‌ର ଅପବ୍ୟବହାର ବଢ଼ିବାରେ ଲାଗୁଛି, ଆଉ ଯାହାର ଶିକାର ହେଉଛନ୍ତି ଖୋଦ୍ ଯୁବପିଢ଼ି ବୋଲି କୁହନ୍ତି ଛାତ୍ରୀ ସ୍ମୃତିମୟୀ ବିଶ୍ୱାଳ। ତାଙ୍କ ମତରେ ବର୍ତ୍ତମାନ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଅଧିକାଂଶ ଯୁବତୀଯୁବକଙ୍କ ଜୀବନଶୈଳୀ ଉପରେ କୁପ୍ରଭାବ ପକାଉଥିବା ଦେଖିବାକୁ ମିଳିଛି। ଇଣ୍ଟରନେଟ୍ ସେମାନଙ୍କ ଲାଗି ମନୋରଞ୍ଜନର ଏକ ଅଂଶ ପାଲଟିଛି। ଅଧିକାଂଶ ସମୟରେ ସେମାନେ ମୋବାଇଲ ଧରି ଅନ୍‌ଲାଇନରେ ଗେମ୍ସ ଖେଳିବାରେ ବ୍ୟସ୍ତ ରହୁଛନ୍ତି। ଏହା ସେମାନଙ୍କ ବୌଦ୍ଧିକ ଏବଂ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି। ଫଳରେ ଯୁବସମାଜ ନିଜ ଉପରେ ନିୟନ୍ତ୍ରଣ ହରାଇ ଜୀବନ ହାରିବାକୁ ମଧ୍ୟ ପଛାଉନାହାନ୍ତି। ଉଦାହରଣ ସ୍ୱରୂପ ବ୍ଲୁହ୍ୱେଲ୍ ଏବଂ ମୋମୋ ଭଳି ଗେମ୍‌କୁ ନିଆଯାଇପାରେ। ଅନ୍ୟ ଜଣେ ଛାତ୍ରୀ ସ୍ୱର୍ଣ୍ଣମୟୀ ବିଶ୍ୱାଳ କୁହନ୍ତି, କେବଳ ଏତିକି ନୁହେଁ, ବର୍ତ୍ତମାନ ଇଣ୍ଟରନେଟ୍ ଦ୍ୱାରା ବିଭିନ୍ନ ଅଶ୍ଳୀଳ ଏବଂ ଫେକ୍ ଭିଡିଓ ମଧ୍ୟ ଭାଇରାଲ୍ ହେଉଛି, ଯାହାର ସମାଜ ଉପରେ କୁପ୍ରଭାବ ପଡୁଛି। ଏଭଳି ସାଇଟ୍‌ଗୁଡ଼ିକ ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯିବା ଉଚିତ ବୋଲି ମତ ଦିଅନ୍ତି ଭାଗ୍ୟଶ୍ରୀ ବେହେରା ଓ କଲ୍ଲୋଳିନୀ ଜେନା। ତେବେ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତା ଗୁରୁତ୍ୱ ବହନକରେ। ଏଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ଆବଶ୍ୟକତା ଅନୁଯାୟୀ ଏହାର ଠିକ୍ ବ୍ୟବହାର କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ପ୍ରକାଶ କରନ୍ତି ପଦ୍ମାଳୟା ପାଣିଗ୍ରାହୀ । ତଥାପି ଇଣ୍ଟରନେଟ୍‌ର ମାୟାଜାଲରେ ଫସିଥିବା ଯୁବତୀଯୁବକଙ୍କୁ ଏଥିରୁ ମୁକୁଳାଇବା ଲାଗି ସଚେତନତା ଜରୁରୀ ବୋଲି ମତ ଦିଅନ୍ତି ଛାତ୍ର ସମୀର କୁମାର ମହାପାତ୍ର।

**– ପ୍ରଭାତ କୁମାର ପାଣିଗ୍ରାହୀ**



ଖଟିରେ ମସ୍‌ଗୁଲ୍ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀଛାତ୍ର।



ଛତିଶଗଡ଼ର ଭରୁଓ୍ୱାଡିହି କଳା ଗାଁରେ ଥିବା ସରକାରୀ ସ୍କୁଲ ବର୍ଷକ ୩୬୫ ଦିନ ଖୋଲା ରହିଥାଏ। ଶିକ୍ଷାର ମହତ୍ତ୍ୱକୁ ଏଠାରେ ଗୁରୁତ୍ୱ ଦିଆଯାଇଛି। ୧ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ଥିବା ସରକାରୀ ସ୍କୁଲରେ ଏବେ ୫୪ ପିଲା ପାଠ ପଢୁଛନ୍ତି। ଗତ ୩ ବର୍ଷ ହେବ ପିଲାମାନଙ୍କର ବିକାଶକୁ ଲକ୍ଷ୍ୟ କରି ସବୁଦିନ ଖୋଲା ରହୁଛି ବୋଲି ଗାଁ ଲୋକେ ମତ ଦିଅନ୍ତି।



## ସଂକ୍ଷେପରେ

### ଭୋଡାଫୋନ ଆଇଡିଆରୁ ଛଟେଇ ହେବେ ୨୫୦୦ କର୍ମଚାରୀ




ନୂଆଦିଲ୍ଲୀ,୮।୯: ଭୋଡାଫୋନ ଓ ଆଇଡିଆର ମିଶ୍ରଣ ପରେ ନୂଆ ଭାବେ ଗଢ଼ି ଉଠିଥିବା କମ୍ପାନୀ ଭୋଡାଫୋନ ଆଇଡିଆ ଏହାର କର୍ମଚାରୀ ସଂଖ୍ୟା ହ୍ରାସ କରିବ। ନୂଆ କମ୍ପାନୀରେ ଥିବା ୧୭,୫୦୦ କର୍ମଚାରୀଙ୍କ ମଧ୍ୟରୁ ୨୫୦୦ଜଣଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନିଆଯାଇଛି। ଛଟେଇ କର୍ମଚାରୀଙ୍କ ମଧ୍ୟରୁ ଅନେକଙ୍କୁ ମୂଳ କମ୍ପାନୀ ଭୋଡାଫୋନ ଓ ଆଇଡିଆରେ ସାମିଲ କରାଯିବ ଏବଂ ଅବଶିଷ୍ଟଙ୍କୁ ପ୍ରାକୃତିକ ଦୁର୍ଘଟଣା ଭାବି ସେମାନଙ୍କ ଯତ୍ନ ନିଆଯିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଚ୍ଛେଦ ପ୍ୟାକେଜ ଘୋଷଣା କରାଯିବ।

### ଫ୍ଲିପ୍‌କାର୍ଟ-ୱାଲମାର୍ଟ ଚୁକ୍ତି ୧୦ ହଜାର କୋଟି ଆୟକର ପ୍ରଦାନ




ନୂଆଦିଲ୍ଲୀ,୮।୯: ଫ୍ଲିପକାର୍ଟର ୭୭ ପ୍ରତିଶତ ଶେୟାର କିଣିଥିବା ଆମେରିକାର ରିଟେଲ ଚେନ୍ ୱାଲମାର୍ଟ ଆୟକର ବାବଦରେ ୧୦ ହଜାର କୋଟି ଟଙ୍କା ଦେଇଛି। ଫ୍ଲିପ୍‌କାର୍ଟର ସମସ୍ତ ବକେୟା ଏହା ପରିଶୋଧ କରିବ ବୋଲି ୱାଲମାର୍ଟ କେନ୍ଦ୍ର ସରକାରଙ୍କୁ ପୂର୍ବରୁ ସ୍ପଷ୍ଟ କରିଥିଲା। ଫଳରେ କିଏ ଆୟକର ପ୍ରଦାନ କରିବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ଏବେ ସମସ୍ତ କଳ୍ପନାଜଳ୍ପନା ଶେଷ ହୋଇଛି। ୧୪୦୦ କୋଟି ଡଲାର ଶେୟାର ବିକ୍ରିକୁ ହିସାବକୁ ନେଇ ଆୟକର ସ୍ଥିର କରାଯାଇଛି। ଫ୍ଲିପ୍‌କାର୍ଟର ସମସ୍ତ ବକେୟା କମ୍ପାନୀ ପରିଶୋଧ କରିବ ବୋଲି ୱାଲମାର୍ଟ ମୁଖପାତ୍ର ପ୍ରକାଶ କରିଛନ୍ତି।

## ସରକାରୀ ଯୋଜନାରୁ ବଞ୍ଚିତ ସହରୀ ବାସହରା: ସୁପ୍ରିମକୋର୍ଟଙ୍କ କ୍ଷୋଭ

# ଓଡ଼ିଶା ସମେତ ୯ ରାଜ୍ୟକୁ ଜରିମାନା

ନୂଆଦିଲ୍ଲୀ, ୮।୯

■ତିନି ସପ୍ତାହ ମଧ୍ୟରେ ପଇଠ ହେବ

■ଦୁଇ ସପ୍ତାହରେ ଆକ୍ସନ୍ ପ୍ଲାନ୍ କରିବାକୁ ନିର୍ଦ୍ଦେଶ



ସମସ୍ତଙ୍କୁ ପକ୍କାଘର ଯୋଗାଇବା ଦେବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। କିନ୍ତୁ ଦେଶରେ ଏବେ ମଧ୍ୟ ଅନେକ ଲୋକ ମୁଣ୍ଡ ଗୁଞ୍ଜିବାକୁ ବାସଟିଏ ପାଉନାହାନ୍ତି। ଗାଁ ଗହଳି କଥା ଛାଡ଼, ସହରରେ ବାସହରାଙ୍କ ସଂଖ୍ୟା ଅନେକ। ସେମାନଙ୍କୁ ଘର ନିର୍ମାଣ ପାଇଁ ସହାୟତା ଯୋଗାଇଦେବା ସହ ଏସମ୍ପର୍କିତ କମିଟିରେ ସଭ୍ୟ ସମାଜର ସଦସ୍ୟଙ୍କୁ ସାମିଲ କରିବାକୁ ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନେକ ସ୍ଥାନରେ ଏହି ଆଦେଶ ଏଯାବତ୍ ପାଳନ ହୋଇନାହିଁ। ତେଣୁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର କ୍ଷୋଭପ୍ରକାଶ କରିଛନ୍ତି। ଓଡ଼ିଶା ସମେତ ୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଅବମାନନା ପାଇଁ ତିନି ସପ୍ତାହ ମଧ୍ୟରେ ହରିୟାଣା ସର୍ବାଧିକ ୫ ଲକ୍ଷ ଟଙ୍କା ଭରିବ।

ଶୁକ୍ରବାର ଶୁଣାଣିବେଳେ ଜଷ୍ଟିସ୍ ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ ସହରୀ ବାସହରାଙ୍କ ପାଇଁ ଚିନ୍ତାବ୍ୟକ୍ତ କରିଥିଲେ। ବାସଭବନ ଏକ ମୌଳିକ ଆବଶ୍ୟକତା। ସମସ୍ତଙ୍କୁ ଆବାସ ଯୋଗାଇବା ଲାଗି କେନ୍ଦ୍ର ସରକାର ଯୋଜନା କରିଥିବାରୁ ଏହାକୁ ସବୁ ରାଜ୍ୟ କାର୍ଯ୍ୟକାରୀ କରିବାକୁ ବାଧ୍ୟ। କାହିଁକି ନା ଘର ନ ଥିବା ଲୋକ ନିଜକୁ ମଧ୍ୟ ରକ୍ଷା କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରବଳ ବର୍ଷିବା ପରେ କୋର୍ଟ ଓଡ଼ିଶା, ଝାଡ଼ଖଣ୍ଡ, ଚଣ୍ଡିଗଡ଼, ହିମାଚଳପ୍ରଦେଶ, ମଣିପୁର, ଗୋଆ, ମିଜୋରାମ୍, ମେଘାଳୟ ଓ ତ୍ରିପୁରା ସମେତ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଲକ୍ଷେ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ହରିୟାଣାକୁ ମଧ୍ୟ ଲକ୍ଷେ ଟଙ୍କା ଆର୍ଥିକ ଦଣ୍ଡ ଦିଆଯାଇଥିଲା। କିନ୍ତୁ ସହରୀ ବାସହରାଙ୍କୁ ଆବଶ୍ୟକ ସହଯୋଗ ଯୋଗାଇବା ନିମିତ୍ତ ଗଠିତ କମିଟିରେ ସଭ୍ୟ ସମାଜର ସଦସ୍ୟଙ୍କ ନାମ ନ ଥିବାରୁ ଏହାକୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ କୋର୍ଟ କହିଛନ୍ତି। ଉତ୍ତରାଖଣ୍ଡ ଆର୍ଥିକ ଦଣ୍ଡରୁ ବର୍ତ୍ତିଯାଇଛି। ବନ୍ୟା ଯୋଗୁ ଏହି ରାଜ୍ୟରେ ପରିସ୍ଥିତି ଜଟିଳ ହୋଇଥିବାରୁ ସୁପ୍ରିମକୋର୍ଟ ଏହାକୁ ଜରିମାନା କଲେ ନାହିଁ। ସୁପ୍ରିମକୋର୍ଟ ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କ ନିକଟରେ ତିନି ସପ୍ତାହ ମଧ୍ୟରେ ଜରିମାନା ଅର୍ଥ ପଇଠ ହେବ। ଆଗକୁ ଶୀତଋତୁ ଆସୁଛି। ଏହା ପୂର୍ବରୁ ସହରୀ ବାସହରାଙ୍କୁ ଘର ଯୋଗାଇ ଦିଆ ନ ଗଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ ଚେତାବନୀ ଦେଇଛନ୍ତି। ଏନେଇ ଦୁଇ ସପ୍ତାହ ମଧ୍ୟରେ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩୧ ପୂର୍ବରୁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଇତିମଧ୍ୟରେ ବାସହରା ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପରିଚୟପତ୍ର ପ୍ରଦାନ ଏବଂ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସହାୟତା ଯୋଗାଇଦିଆଯିବ।

## ଆଶାଙ୍କୁ ୮୫



ମୁମ୍ବାଇ: ଦୀର୍ଘ ୬ ଦଶନ୍ଧି ଧରି ନିଜର ସୁମଧୁର କଣ୍ଠସ୍ୱରରେ ଶ୍ରୋତାଙ୍କୁ ବାନ୍ଧି ରଖିଥିବା ଗାୟିକା ଆଶା ଭୋସ୍‌ଲେ ଶନିବାର ୮୫ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିପାଇଁ ଲକ୍ଷ ଲକ୍ଷ ଶ୍ରୋତା ଓ ପ୍ରଶଂସକ ଏହି ମେଲୋଡି କୁଇନ୍‌ଙ୍କୁ ତାଙ୍କର ଯାଦୁକରୀ କଣ୍ଠସ୍ୱର ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିବା ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ବିଶେଷକରି ତାଙ୍କ ପ୍ରତି ସମ୍ମାନ ଜଣାଇ ହ୍ୟୁଷ୍ଟନ୍‌ଠାରେ ଏକ ଷ୍ଟେଜ୍ ଶୋରେ ଗୀତ ଗାଇଥିବା ଶଙ୍କର ମହାଦେବନ୍‌ଙ୍କୁ ଆଶା ଧନ୍ୟବାଦ ଜଣାଇ ଟୁଇଟ୍ କରିଛନ୍ତି। ଠିକ୍ ମାସକ ତଳେ ସେ ରିୟଲିଟି ଶୋ 'ଡ୍ୟାନ୍ସ ଦିୱାନେ'ରେ ଅଂଶଗ୍ରହଣ କରି ଅଭିନେତ୍ରୀ କାଜୋଲ୍ ଏବଂ ମାଧୁରୀ ଦୀକ୍ଷିତ୍‌ଙ୍କ ସହିତ ଏକ ସ୍ମରଣୀୟ ଫ୍ରେମ୍ ତିଆରି କରିପାରିଛନ୍ତି। ବଲିଉଡ୍ ସହ ଜଡ଼ିତ ସର୍ବାଧିକ ଗ୍ରହଣୀୟ ଗାୟିକାଙ୍କ ମଧ୍ୟରେ ଆଶା ଅନ୍ୟତମ।

# ଖାଲରେ ଫସିଲା ହାତୀ

କେନ୍ଦୁଝର/ ଚମ୍ପୁଆ, ୮।୯ (ସ୍ୱ.ପ୍ର./ଡି.ଏନ୍.ଏ)


ଖାଲରେ ପଡ଼ିଥିବା ହାତୀପଲ।

■ଆକ୍ରମଣରେ ୨ ଜଣ ଆହତ

■ନାକେଦମ୍ ହେଲେ ବନ କର୍ମଚାରୀ

ଭୂୟାଁ ଓ ଜୁଆଙ୍ଗ ପୀଢ ବନାଞ୍ଚଳ ସିଂହପୁର ଗ୍ରାମ ବନ୍ଧସାହିରେ ଥିବା ବିଲରେ ଶୁକ୍ରବାର ରାତିରେ ହାତୀପଲ ପଶି ଧାନ ଫସଲ ଖାଉଥିବା ବେଳେ ୨ ହାତୀ ଏକ ଖାଲରେ ପଡ଼ିଯାଇଥିଲେ। ଖାଲରେ ପାଣି ଭର୍ତ୍ତି ଥିବାରୁ ବାହାରି ପାରି ନ ଥିଲେ। ଗ୍ରାମବାସୀ ଖବର ଦେବା ପରେ ବନ ବିଭାଗ କର୍ମଚାରୀ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୨ ହାତୀଙ୍କ ଉଦ୍ଧାର କାର୍ଯ୍ୟ କରିଥିଲେ। ପାଖାପାଖି ୧ ଘଣ୍ଟା ଉଦ୍ୟମ ପରେ ଗୋଟିଏ ହାତୀ ବାହାରି ଜଙ୍ଗଲକୁ ପଳାଇଥିଲା। ଅନ୍ୟ ଦନ୍ତାହାତୀକୁ ଉଦ୍ଧାର କରିବା ପାଇଁ ବନ ବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ପରେ ଉକ୍ତ ଖାଲରେ କାଠ ପକାଇ ଉଦ୍ଧାର କରାଯାଇଥିଲା। ହାତୀଟି ଖାଲରୁ ବାହାରି ଜଙ୍ଗଲକୁ ଧାଇଁ ପଳାଇବାକୁ ଉଦ୍ୟମ କରିବା ବେଳେ ଜଣେ ଫରେଷ୍ଟର ହାବୁଡ଼ରେ ପଡିଯାଇଥିଲେ। ଫଳରେ ହାତୀଟି ଫରେଷ୍ଟରଙ୍କୁ କଚାଡି ଦେଇ ପଳାଇଥିଲା। କାଦୁଅ ମାଟି ଯୋଗୁ ଅଳ୍ପକେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଆହତ ଫରେଷ୍ଟରଙ୍କୁ ଜିଲା ମୁଖ୍ୟଡାକ୍ତରଖାନାକୁ ଅଣାଯାଇଥିଲା।

ଚମ୍ପୁଆ ବନାଞ୍ଚଳର ହୁପଶି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ତାଙ୍କ ନାମ ଜୟନ୍ତୀ ମହାନ୍ତ। ଦନେଇ ଗାଡିଆରେ ଧନେଶ୍ୱର ମୁଣ୍ଡା, ଡବଲ ମୁଣ୍ଡା, ସୁରମଣି ମୁଣ୍ଡା, ବିପିନ ଦେହୁରୀ, କେଶବ ଦେହୁରୀ, ସୁଧାଂଶୁ ଦେହୁରୀ, ଛତିଶ ମହାନ୍ତ ଓ ଶଙ୍କର୍ଷଣ ମହାନ୍ତଙ୍କ ଘରକୁ ହାତୀ ପଲ ଭାଙ୍ଗି ଦେଇଛନ୍ତି। ଏ ନେଇ ହୁପଶିଠାରେ ଗ୍ରାମବାସୀ କାଳିକାପ୍ରସାଦ ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାଏକଙ୍କୁ ୩ ଘଣ୍ଟା ଅଟକ ରଖିଥିଲେ। ଲିଖିତ ପ୍ରତିଶ୍ରୁତି ପରେ ଗ୍ରାମବାସୀ ତାଙ୍କୁ ଛାଡିଥିଲେ। ବର୍ତ୍ତମାନ ଗାଡାସାହିରେ ୨୪ ଓ ମୁକୁନ୍ଦପୁରରେ ୧୨ଟି ହାତୀ ରହିଥିବା ଜଣାଯାଇଛି। କେନ୍ଦୁଝର ବନଖଣ୍ଡରେ ୧୬୦ ହାତୀ ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ବୁଲୁଛନ୍ତି। ସର୍ବାଧିକ ଚମ୍ପୁଆ ବନାଞ୍ଚଳରେ ୭୪ଟି ହାତୀ ରହିଛନ୍ତି। କୀର୍ତ୍ତନ ବିହାରୀ ଜେନା, ନିର୍ମାଣ କୃଷକ ସଂଘ ସଦସ୍ୟ କହିଛନ୍ତି ଯେ, ଜଳସେଚନର ସୁବିଧା ନ ଥିବାରୁ ବର୍ଷା ଜଳରେ ଚାଷୀ ଚାଷ କାର୍ଯ୍ୟ କରିଥିଲେ। ଭଲ ଅମଳ କରିବା ଆଶା ରଖିଛନ୍ତି। ଏଭଳି ସମୟରେ ହାତୀ ଉପଦ୍ରବ ଚାଷୀଙ୍କ ଆଶା ଉପରେ ଆଶଙ୍କା ସୃଷ୍ଟି କରୁଛି। ଫସଲର ସୁରକ୍ଷା କରିବା ସହ କ୍ଷତିପୂରଣ ଦିଆଯିବା ଉଚିତ।

## ମହିଳାଙ୍କୁ ବଳାତ୍କାର ପରେ ଯୁବକଙ୍କ ଆତ୍ମହତ୍ୟା

ଭାପୁର,୮।୯(ଡି.ଏନ୍.ଏ.)

ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିବା ପରେ ବଳାତ୍କାରୀ ଯୁବକ ଜଣକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଶନିବାର ସକାଳେ ସମ୍ପୃକ୍ତ ଯୁବକଙ୍କ ଝୁଲନ୍ତା ମୃତଦେହ ଏକ ଗଛରୁ ଉଦ୍ଧାର କରାଯାଇଛି। ଘଟଣା ଘଟିଛି ନୟାଗଡ ଜିଲା ଫତେଗଡ ଥାନା ଅଞ୍ଚଳରେ। ଏ ନେଇ ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳା (୪୫) ଶୁକ୍ରବାର ରାତିରେ ଶୋଇଥିବାବେଳେ ନିମପାଟଣା ଗ୍ରାମର ସତ୍ୟଜିତ ଦାସ (୨୮)ନାମକ ଯୁବକ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ମହିଳା ଚିତ୍କାର କରିବାରୁ ନିକଟରେ ଶୋଇଥିବା ତାଙ୍କ ସ୍ୱାମୀ ଉଠି ପଡିଥିଲେ। ଫଳରେ ସତ୍ୟଜିତ୍ ତାଙ୍କ ମୋବାଇଲ ଓ ସାଇକେଲ ଛାଡି ଦୌଡି ପଳାଇଥିଲେ। ଶନିବାର ସକାଳେ ସତ୍ୟଜିତ୍‌ଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଲୋକଲଜ୍ଜାରୁ ରକ୍ଷା ପାଇବା ପାଇଁ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ତାଙ୍କ ମୃତ୍ୟୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଶନିବାର ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରି ଫତେଗଡ଼ ଥାନାରେ ୧୭୨/୧୮ରେ ମାମଲା ରୁଜୁ କରାଯାଇ ମହିଳାଙ୍କୁ ଡାକ୍ତରୀମାଇନା ପାଇଁ ଭାପୁର ଡାକ୍ତରଖାନା ପଠାଯାଇଥିଲା। ସେହିପରି ସତ୍ୟଜିତ୍‌ଙ୍କ ମୃତଦେହ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ଡାକ୍ତରଖାନା ପଠାଇଛି। ଏ ନେଇ ଫତେଗଡ ଥାନା ପୋଲିସ ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରଣ ବୋଝ ନେଲା ମହିଳା ଚାଷୀଙ୍କ ଜୀବନ

ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି, ୮।୯(ବି.ପ୍ର/ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଲମତାଗୁଡା ପଞ୍ଚାୟତ ଆଉଁଲିଗୁମ୍ମା ଗ୍ରାମର ପଦ୍ମାବତୀ ମୁଦୁଲି ଋଣ ବୋଝ ଓ ଚାଷ କ୍ଷତି ସହି ନ ପାରି ଶନିବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।

ଆଉଁଲିଗୁମ୍ମା ଗାଁର ମାଧବ ମୁଦୁଲିଙ୍କ ସ୍ତ୍ରୀ ପଦ୍ମାବତୀ ୧୦ ଜଣ ମହିଳାଙ୍କ ସହ ମିଶି ଶ୍ରୀରାମ ଏସଏଚ୍‌ଜି ଗଠନ କରି ସ୍ପନ୍ଦନା ସ୍ଫୁଟି ଫାଇନାନ୍ସ ଲିମିଟେଡ ସହ ୨ଟି ଘରୋଇ ସଂସ୍ଥାରୁ ଋଣ ନେଇଥିଲେ। ପଦ୍ମା ୨୦୧୭ ଡିସେମ୍ବର ୨୭ତାରିଖରେ ୨୦ ହଜାର ୬ ଟଙ୍କା ଏବଂ ୨୦୧୮ ଏପ୍ରିଲ ୧୦ରେ ୧୦ ହଜାର ଟଙ୍କା ଋଣ ନେଇଥିଲେ। ରାଶନ ଓ ପନିପରିବା ଦୋକାନ କରିବା ଉଦ୍ଦେଶ୍ୟରେ ପଦ୍ମା ଋଣ ନେଇଥିଲେ। କିନ୍ତୁ ଏହାକୁ ଚାଷ କାର୍ଯ୍ୟରେ ଲଗାଇଥିଲେ। ଋଣ ଟଙ୍କାର ସୁଧ ହାର ବାର୍ଷିକ ୨୪ ପ୍ରତିଶତରୁ ଅଧିକ ଥିଲା। ପ୍ରତି ସପ୍ତାହରେ ସୁଧ ସହ ମୂଳଧନରୁ କିଛି ଟଙ୍କା ପରିଶୋଧ କରିବାକୁ ଫାଇନାନ୍ସ ସଂସ୍ଥା ମହିଳାମାନଙ୍କ ସହ ଚୁକ୍ତି କରିଥିଲେ। ପ୍ରତି ମାସରେ ୧୬୬୦ ଟଙ୍କା ସଂସ୍ଥାକୁ ଦେବାକୁ ପଡୁଥିଲା। ୧୫ ଦିନରେ ଥରେ ଉକ୍ତ ସଂସ୍ଥାର କର୍ମଚାରୀ ଆସି ଋଣ ଟଙ୍କାର କିସ୍ତି ଆଦାୟ କରି ନେଉଥିଲେ। ତେବେ ପଦ୍ମା କିସ୍ତି ଟଙ୍କା ଦେଇ ପାରି ନ ଥିଲେ। ଟଙ୍କା ନ ଦେଲେ ଘରେ ତାଲାପକାଇ ଦେବୁ ବୋଲି ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ତାଙ୍କୁ ଧମକ ଦେଉଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ମାଧବଙ୍କ ୩ ଏକର ୮୭ ସେଣ୍ଟ ଚାଷ ଜମିର ଧାନ ଫସଲରେ ରୋଗ ଲାଗି ନଷ୍ଟ ହୋଇ ଯାଇଥିଲା। ଏପଟେ ଋଣ ବୋଝ ଅନ୍ୟ ପକ୍ଷେ ଫସଲ ନଷ୍ଟ ଯୋଗୁ ସେ ଚିନ୍ତାଗ୍ରସ୍ତ ହୋଇ ପଡିଥିଲେ। ଫାଇନାନ୍ସ ସଂସ୍ଥାର ଋଣ ଆଦାୟ ବ୍ୟବସ୍ଥା ଓ ଚାପକୁ ସହ୍ୟ କରିନପାରି ଶୁକ୍ରବାର କୀଟନାଶକ ଖାଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଖାତିଗୁଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତେନ୍ତୁଲିଖୁଣ୍ଟି ଡାକ୍ତରଖାନା ପରେ ନବରଙ୍ଗପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି।

■ଛାତ୍ରୀଙ୍କୁ ଯୌନ ନିର୍ଯାତନା

## ଜେଲ୍ ଗଲେ ପ୍ରଧାନଶିକ୍ଷକ

ନୀଳଗିରି, ୮।୯(ଡି.ଏନ.ଏ.)

ନୀଳଗିରି ସହର ଉପକଣ୍ଠ ନିଜଗଡ ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟ ୫ମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଯୌନ ନିର୍ଯାତନା ଦେଇଥିବା ଶନିବାର ଅଭିଯୋଗ ହୋଇଛି। ପୀଡ଼ିତା ବାପାଙ୍କ ଅଭିଯୋଗ ପୋଲିସ ପୋକ୍ସୋ ଆଦି ବିଭିନ୍ନ ଦଫାରେ ମାମଲା (ନଂ.୨୧୩/୧୮) ରୁଜୁ କରି ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ପଣ୍ଡାଙ୍କୁ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କୁ ଜିଲା ଅତିରିକ୍ତ ସେସନ୍ସ କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଗୁରୁବାର ପ୍ରଧାନ ଶିକ୍ଷକ ଛାତ୍ରୀଙ୍କୁ ଅଫିସ ରୁମ୍ ସଫା କରିବାକୁ ଡାକିଥିଲେ। ଅନ୍ୟମାନଙ୍କ ଅନୁପସ୍ଥିତରେ ଅଫିସ ରୁମ ଭିତରେ ଛାତ୍ରୀଙ୍କୁ ମୋବାଇଲରେ ଅଶ୍ଳୀଳ ଭିଡିଓ ଦେଖାଇ ଯୌନ ନିର୍ଯାତନା ଦେଇଥିଲେ। ଛାତ୍ରୀ ଜଣଙ୍କ ଭୟଭୀତ ହୋଇଯାଇଥିଲେ। ଶୁକ୍ରବାର ସେ ପାଠ ପଢିବା ପାଇଁ ବିଦ୍ୟାଳୟକୁ ଯାଇ ନ ଥିଲେ। ବାପା ରାତିରେ ତାଗିଦ କରି ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ କେଲେଙ୍କାରୀ ସମ୍ପର୍କରେ କହି ପାଠ ନ ପଢିବା ପାଇଁ କହିଥିଲେ। ଶନିବାର ପୂର୍ବାହ୍ନରେ ପିଡୀତାଙ୍କ ବାପା, ମା' ଓ କେତେକ ଗ୍ରାମବାସୀ ମିଳିତ ହୋଇ ବିଦ୍ୟାଳୟରେ ପହଞ୍ଚି ଏବାବଦରେ ଅଭିଯୁକ୍ତ ଶିକ୍ଷକଙ୍କୁ ପଚାରିବାରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ପହଞ୍ଚି ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାକୁ ଆଣିଥିଲେ।

## ଯୁବକଙ୍କୁ ଛୁରାମାଡ଼ ଘଟଣା ଅଭିଯୁକ୍ତ ଗଲେ ଜେଲ

ଭୁବନେଶ୍ୱର, ୮।୯(ବ୍ୟୁରୋ)

| | SECIC/ NGR-04 of 2018-19 | Protection to Mahanadi Right Embankment near Nilamadhaba Temple at Kantilo | 334.28 | 334300/- (On-line) | 10000/- (On-line) | "A" Class & "Special" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ NGR-05 of 2018-19 | Protection to Mahanadi Right Bank from Dankarisahi to Kalapat Temple including construction of four Nos. of spur | 293.65 | 293700/- (On-line) | 10000/- (On-line) | "B" Class & "A" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |
| | SECIC/ PID-01 of 2018-19 | Protection to Village Tigiria on right bank of river Luna in Kanas Block of Puri District. | 267.96 | 268000/- (On-line) | 10000/- (On-line) | "B" Class & "A" Class | 11.09.2018 at 11.00 AM | 25.09.2018 upto 5.00 PM | 26.09.2018 at 11.00 AM | 11 (Eleven) Calendar Months |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
32160/11/0007/1819 Superintending Engineer, Central Irrigation Circle



“ସାନିଆ ମିର୍ଜା ଓ ମୋ ଔରସରୁ ଜନ୍ମଲାଭ କରିବାକୁ ଥିବା ସନ୍ତାନ ସମ୍ଭବତଃ ତୃତୀୟ ଦେଶର ନାଗରିକତ୍ୱ ଗ୍ରହଣ କରିବ।

–ଶୋଏବ ମଲିକ, ପାକିସ୍ତାନ କ୍ରିକେଟର



“ଆଣ୍ଠୁରେ ଆଘାତ ପାଇଁ ୟୁଏସ ଓପନ୍ ସେମିଫାଇନାଲ ମ୍ୟାଚରୁ ଓହରି ଯାଇଥିଲେ ମଧ୍ୟ ମୁଁ ଖୁବ୍‌ଶୀଘ୍ର ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିବି।

–ରାଫାଲ ନାଡାଲ, ସ୍ପାନିଶ୍ ଟେନିସ୍ ଖେଳାଳି

# ବୋଲିଂ, ବ୍ୟାଟିଂରେ ଭାରତ ଫେଲ୍

**ଲଣ୍ଡନ, ୮।୯**

ଏଠାରେ ଚାଲିଥିବା ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ବୋଲିଂ ଓ ବ୍ୟାଟିଂରେ ଭାରତ ଫେଲ୍ ମାରିଛି। ପ୍ରଭାବହୀନ ବୋଲିଂର ସୁଯୋଗ ନେଇ ଏକଦା ୧୮୧ ରନରେ ୭ ଉଇକେଟ ହରାଇଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୨ ରନ କରିବାକୁ ସକ୍ଷମ ହୋଇଛି। ପରେ ଖରାପ ବ୍ୟାଟିଂ କରି ଭାରତ ଶନିବାର ଦ୍ୱିତୀୟ ଦିବସ ଶେଷସୁଦ୍ଧା ୧୭୪ ରନରେ ୬ଟି ଉଇକେଟ ହରାଇ ବିପଦରେ ପଡ଼ିଛି। ଦୁର୍ବଳ ଫର୍ମ ଜାରି ରଖି ଓପନର ଶିଖର ଧାୱନ ୩ ରନ କରି ଆଉଟ ହୋଇଛନ୍ତି। ଅନ୍ୟତମ ଓପନର ଲୋକେଶ ରାହୁଲ ମଧ୍ୟ ତିଷ୍ଠିପାରି ନାହାନ୍ତି। ଦ୍ୱିତୀୟ ଉଇକେଟରେ ୬୪ ରନ ସଂଗ୍ରହ ପରେ ସେ ୩୭ କରି ସାମ୍ କୁରାନଙ୍କ ବଲ୍‌ରେ ବୋଲ୍ଡ ହୋଇଛନ୍ତି। ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ଆଉଟ ହେବା ଭାରତ ପାଇଁ ଧକ୍କା ସଦୃଶ ହୋଇଛି। ୧୦୧ ବଲ୍‌ର ସାମ୍ନାକରି ପୂଜାରା ୫ ଚୌକା ସହ ୩୭ ରନରେ ଜେମ୍ସ ଆଣ୍ଡରସନଙ୍କ ଦ୍ୱାରା ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଅଜିଙ୍କ୍ୟ ରାହାନେ ଖାତା ଖୋଲିପାରି ନାହାନ୍ତି। ଆତ୍ମବିଶ୍ୱାସର ସହ ଖେଳୁଥିବା ଅଧିନାୟକ ବିରାଟ କୋହଲି ୪୯ ଓ ଉଇକେଟ କିପର ରିଷଭ ପନ୍ତ ୫ ରନ କରି ଆଉଟ ହୋଇଛନ୍ତି। ଏଥିସହ କୋହଲି ୧୮ ହଜାର ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିବାରେ ବିଶ୍ୱର ଦ୍ରୁତତମ ଖେଳାଳି ହୋଇଛନ୍ତି। ଜୀବନର ପ୍ରଥମ ଟେଷ୍ଟ ଖେଳୁଥିବା ହନୁମା ବିହାରି ୨୫ ଓ ରବୀନ୍ଦ୍ର ଜାଡେଜା ୮ ରନରେ ଅପରାଜିତ ରହିଛନ୍ତି। ଇଂଲଣ୍ଡ ପ୍ରଥମ ଇନିଂସଠାରୁ ଭାରତ ୧୫୮ ରନ ପଛରେ ରହିଛି। ଇଂଲଣ୍ଡ ପକ୍ଷରୁ ଆଣ୍ଡରସନ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ ଏବଂ ବ୍ରଡ୍ ଓ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ପୂର୍ବରୁ ୩ଟି ଟେଷ୍ଟ ହାରି ଭାରତ ସିରିଜ ହାତଛଡ଼ା କରି ସାରିଛି।

## ପଞ୍ଚମ ଟେଷ୍ଟ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୯୮/୭ରୁ ଖେଳିଥିବା ଇଂଲଣ୍ଡ ଶନିବାର ଲୋୟର ଅର୍ଡର ବ୍ୟାଟ୍ସମ୍ୟାନଙ୍କ ସହାୟତାରେ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ଜୋସ ବଟଲର ଓ ଷ୍ଟୁଆର୍ଟ ବ୍ରଡ୍ ଭାରତୀୟ ବୋଲରଙ୍କୁ ନାକେଦମ୍ କରି ଦଳୀୟ ସ୍କୋର ୩୩୨ରେ ପହଞ୍ଚାଇଥିଲେ। ବଟଲର ଓ ଆଦିଲ ରଶିଦଙ୍କ ୮ମ ଉଇକେଟ ଯୋଡ଼ିରେ ୩୩ ରନ ଯୋଗ ହୋଇଥିଲା। ରଶିଦ ୧୫ ରନ କରି ବୁମ୍ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଷ୍ଟୁଆର୍ଟ ବ୍ରଡ୍ କ୍ରିଜକୁ ଆସିବାପରେ ଭାରତୀୟ ବୋଲରମାନେ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ବ୍ରଡ୍ ଓ ବଟଲର ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଇଂଲଣ୍ଡ ସ୍କୋରକୁ ୩୦୪ରେ ପହଞ୍ଚାଇ ଦେଇଥିଲେ। ୯ମ ଉଇକେଟରେ ୯୮ ରନ ଯୋଡ଼ିବା ପରେ ବ୍ରଡ୍ ୩୮ ରନ କରି ଆଉଟ ହୋଇଥିଲେ। ବ୍ରଡ୍‌ଙ୍କୁ ରାହୁଲଙ୍କ ହାତରେ କ୍ୟାଚ କରାଇ ରବୀନ୍ଦ୍ର ଜାଡେଜା ଭାରତକୁ ଏହି ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ବଟଲର ୮୯ ରନ କରିଥିବାବେଳେ ଜାଡେଜାଙ୍କ ୪ର୍ଥ ଶିକାର ବନିଥିଲେ। ବଟଲର ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ଭାରତ ପକ୍ଷରୁ ଜାଡେଜା ୪ଟି ଏବଂ ବୁମ୍ରା ଓ ଇଶାନ୍ତ ଶର୍ମା ୩ଟି ଲେଖାଏ ଉଇକେଟ ନେଇଥିଲେ।



ଏକ ପୁଲ୍ ଶର୍ଟ ଖେଳୁଛନ୍ତି ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୩୨/ଅଲଆଉଟ (ବଟଲର–୮୯, କୁକ୍–୭୧, ଅଲୀ–୫୦, ବ୍ରଡ୍–୩୮, ଜାଡେଜା–୪/୭୯, ଇଶାନ୍ତ–୩/୬୨, ବୁମ୍ରା–୩/୮୩)। **ଭାରତ ପ୍ରଥମ ଇନିଂସ:** ୧୭୪/୬ (କୋହଲି–୪୯, ପୂଜାରା–୩୭, ଲୋକେଶ–୩୭, ବିହାରି–୨୫*, ଆଣ୍ଡରସନ–୨/୨୦, ଷ୍ଟୋକ୍ସ–୨/୪୪)।

# ଡବଲ ଟ୍ରାପରେ ଅଙ୍କୁରଙ୍କୁ ସ୍ୱର୍ଣ୍ଣ

**ଚାଙ୍ଗୱାନ(ଦକ୍ଷିଣ କୋରିଆ),୮।୯**

ଭାରତୀୟ ଶୁଟର ଅଙ୍କୁର ମିତଲ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱ ଶୁଟିଂ ଚାମ୍ପିୟନଶିପ୍‌ରେ କ୍ୟାରିୟରର ଶ୍ରେଷ୍ଠ ସଫଳତା ପାଇଛନ୍ତି। ପୁରୁଷ ଡବଲ ଟ୍ରାପ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ବହୁବାର ବିଶ୍ୱକପ୍ ପଦକ ଜିତିଥିବା ଶୁଟର ଅଙ୍କୁର ୧୫୦ରୁ ୧୪୦ ସ୍କୋର କରିଥିଲେ। ଚାଇନିଜ ଶୁଟର ୟିୟାଙ୍ଗ ୟାଙ୍ଗ ଓ ସ୍ଲୋଭାକିଆର ହୁବର୍ଟ ଆନ୍ଦ୍ରେଜ ସମାନ ସ୍କୋର ହାସଲ କରିଥିଲେ। ଏଣୁ ପଦକ ନିର୍ଣ୍ଣୟ ଲାଗି ଶୁଟ୍‌ଆଉଟ ପର୍ଯ୍ୟାୟର ସହାୟତା ନିଆଯାଇଥିଲା। ଏଥିରେ ଭାରତୀୟ ଶୁଟର ଅଙ୍କୁର ୪–୩ ବ୍ୟବଧାନରେ ବିଜୟୀ ହୋଇଥିଲେ। ଶୁଟଆଉଟ୍‌ର ୨ୟ ରାଉଣ୍ଡରେ ପରାସ୍ତ ହୋଇ ସ୍ଲୋଭାକିଆ ଶୁଟରଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏଥିପୂର୍ବରୁ ଅଙ୍କୁର ଦଳଗତ ଇଭେଣ୍ଟରେ ମହମ୍ମଦ ଅସାବ ଓ ଶାର୍ଦ୍ଦୁଳ ଭିହାନଙ୍କ ସହ ମିଶି ବ୍ରୋଞ୍ଜ ପଦକ ଜିତିଥିଲେ। ଶନିବାର ଅନ୍ୟ ଦୁଇଟି ଇଭେଣ୍ଟରେ ଦୁଇ ଭାରତୀୟ ମହିଳା ଶୁଟର ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସପ୍ତମ ଦିନ ଶେଷସୁଦ୍ଧା ଭାରତର ପଦକ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ଏଥିରେ ୭ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ୬ ବ୍ରୋଞ୍ଜ ପଦକ ରହିଛି।

## ସଂକ୍ଷେପରେ

### କାଉଣ୍ଟି ଖେଳିବେ ବିଜୟ୍



**ନୂଆଦିଲ୍ଲୀ, ୮।୯(ପି.ଟି.):** ସିନିୟର ଭାରତୀୟ ଓପନର୍ ମୁରଲୀ ବିଜୟ୍ କାଉଣ୍ଟି କ୍ରିକେଟ୍ ଖେଳିବେ। ଇଂଲିଶ କାଉଣ୍ଟି ଚାମ୍ପିୟନଶିପ୍ ଡିଭିଜନ–୧ରେ ଏସେକ୍ସ କ୍ଲବ ପକ୍ଷରୁ ବିଜୟ୍ ୩ଟି ମ୍ୟାଚ୍ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖରାପ ପ୍ରଦର୍ଶନ ଲାଗି ୩୪ ବର୍ଷୀୟ ବିଜୟ୍‌ଙ୍କୁ ଗସ୍ତ ଅଧାରୁ ଦଳରୁ ବାଦ୍ ଦିଆଯାଇଥିଲା। ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଯୋଗାଯୋଗରେ ରହିବା ଲାଗି ବିସିସିଆଇ ବିଜୟ୍‌ଙ୍କ ପାଇଁ କାଉଣ୍ଟି ବନ୍ଦୋବସ୍ତ କରିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୧୦ରୁ ଟ୍ରେଣ୍ଟବ୍ରିଜରେ ନଟିଂହାମଶାୟର ବିପକ୍ଷ ୪ ଦିବସୀୟ ମ୍ୟାଚ୍‌ରୁ ବିଜୟ୍ କାଉଣ୍ଟି ଅଭିଯାନ ଆରମ୍ଭ କରିବେ।

### ପ୍ରଥମ ବାଉଟ୍ ଜିତିଲେ ନୀରଜ

**ନୂଆଦିଲ୍ଲୀ, ୮।୯(ପି.ଟି.):** ପେସାଦର ଭାରତୀୟ ବକ୍ସର ନୀରଜ ଗୋୟାତ ଶନିବାର ଇର୍ନେଷ୍ଟୋ କାର୍ଡୋନା ସାଞ୍ଚେଜଙ୍କୁ ହରାଇ ଦେଇଛନ୍ତି। ନୂଆ ପ୍ରମୋଟର ଲି ବାକ୍ସଟର ସହ ଚୁକ୍ତି କରିବା ପରେ ଏହା ତାଙ୍କର ପ୍ରଥମ ବିଜୟ। ଡବ୍ଲ୍ୟୁବିସି ଏସିଆ ପାସିଫିକ ୱେଲଟରୱେଟ ଟାଇଟଲ ଅଧିକାରୀ ଗୋୟତ କାନାଡାର ଏଡମଣ୍ଟନଠାରେ ସାଞ୍ଚେଜଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ରେ କୌଣସି ଟାଇଟଲ ନ ଥିଲା। ତାଙ୍କ ପ୍ରମୋଶନ ଦାୟିତ୍ୱରେ ପୂର୍ବରୁ ଭାରତର ଆଇଓଏସ୍ ବକ୍ସିଂ ପ୍ରମୋଶନ ଥିଲା। ଏହି ୨୮ ବର୍ଷୀୟ ବକ୍ସର ଏପର୍ଯ୍ୟନ୍ତ ୧୪ ମୁକାବିଲା ଖେଳିଥିବାବେଳେ ୯ରେ ବିଜୟ ଲାଭ କରିଛନ୍ତି। ହରିୟାଣା ବକ୍ସର ଆଗାମୀ ନଭେମ୍ବର କିମ୍ବା ଡିସେମ୍ବରରେ ପୁଣି ଥରେ ରିଙ୍ଗକୁ ଓହ୍ଲାଇ ପାରନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ପ୍ରତିପକ୍ଷ ଖେଳାଳି ଧାର୍ଯ୍ୟ କରାଯାଇନାହିଁ।

### ଫାଇନାଲ ରାଉଣ୍ଡରେ ଓଡ଼ିଶା

**ଭୁବନେଶ୍ୱର, ୮।୯ (ସ୍ପୋର୍ଟ୍ସ ବ୍ୟୁରୋ):** ବିହାରର ପାଟ୍‌ନାଠାରେ ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର (ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ) ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧–୦ ଗୋଲରେ ପଶ୍ଚିମବଙ୍ଗକୁ ପରସ୍ତ କରିଛି। ଦଳ ପକ୍ଷରୁ ଅଜୟ୍ ଟପ୍ପୋ ୭୫ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହି ବିଜୟ ଫଳରେ ଓଡ଼ିଶା ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛି।



ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତୀୟ ହକି ଦଳର ସଦସ୍ୟଭାବେ ବ୍ରୋଞ୍ଜ ପଦକ ଜିତିଥିବା ବୀରେନ୍ଦ୍ର ଲାକ୍ରା ଶନିବାର ଭୁବନେଶ୍ୱର ଫେରିବା ପରେ ତାଙ୍କୁ ସ୍ୱାଗତ କରାଯାଉଛି। ନିକଟରେ ଅଛନ୍ତି ହକି ପ୍ରତିଭା ଦୀପସାନ ତିର୍କୀ।

# ସର୍ବିୟାରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ ଭାରତ

**ନୂଆଦିଲ୍ଲୀ, ୮।୯ (ପି.ଟି.)**

ଭାରତର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ସର୍ବିୟା ଗସ୍ତ କରିବ। ଦଳ ସେଠାରେ ୧୯ବର୍ଷରୁ କମ୍ ସର୍ବିୟା ଦଳ ବିପକ୍ଷରେ ଦୁଇଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ଚଳିତମାସ ୧୩ ଓ ୧୭ରେ ଏହି ମ୍ୟାଚ ଖେଳାଯିବ। ଭାରତର ଏହି ଫୁଟ୍‌ବଲ ଟିମ୍ ନିକଟରେ କ୍ରୋଏସିଆରେ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳି ଫେରିଛି। ଏଥିରେ ଆୟୋଜକ ଦେଶ ବ୍ୟତୀତ ଫ୍ରାନ୍ସ ଓ ସ୍ଲୋଭେନିଆ ଦଳ ଅଂଶଗ୍ରହଣ କରିଥିଲେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ତରଫରୁ ଖେଳାଳିଙ୍କ ଦକ୍ଷତା ବୃଦ୍ଧି ଅଭିପ୍ରାୟ ନେଇ ଏହି ଟୁର୍‌ର ଆୟୋଜନ କରାଯାଇଛି।

# ଭାରତ–ମାଳଦ୍ୱୀପ ମୁକାବିଲା ଆଜି

**ଢାକା, ୮।୯(ପି.ଟି.)**

ବାଂଲାଦେଶରେ ଚାଲିଥିବା ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ରବିବାର ମାଳଦ୍ୱୀପକୁ ଭେଟିବ। ଏଥିପୂର୍ବରୁ ଭାରତ ତା'ର ପ୍ରଥମ ମୁକାବିଲାରେ ଶ୍ରୀଲଙ୍କାକୁ ୨–୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ପୂର୍ବରୁ ଭାରତ ଓ ମାଳଦ୍ୱୀପ ପରସ୍ପର ୧୮ଥର ସାମ୍ନାସାମ୍ନି ହୋଇଥିବାବେଳେ ଭାରତ ୧୩ଥର ବାଜିମାତ୍ କରିଛି। ସେହିଭଳି ମାଳଦ୍ୱୀପ ୨ଟି ମ୍ୟାଚ୍‌ରେ ବିଜୟସ୍ୱାଦ ଚାଖିଛି। ଶେଷଥର ପାଇଁ ଦୁଇ ଦଳ ୨୦୧୫–୧୬ ସାଫ୍ ଚାମ୍ପିୟନଶିପ୍‌ରେ ପରସ୍ପରକୁ ଭେଟିଥିଲେ। ଏଥିରେ ଭାରତ ୩–୨ ଗୋଲରେ ବିଜୟୀ ଲାଭ କରିଥିଲା।

# ଅଷ୍ଟ୍ରେଲିଆ ଏ' ୨୯୦/୬

**ବେଙ୍ଗାଲୁରୁ, ୮।୯ (ପି.ଟି.)**

ଅଧିନାୟକ ମିଚେଲ ମାର୍ଶଙ୍କ ଦାୟିତ୍ୱପୂର୍ଣ୍ଣ ଅପରାଜିତ ୮୬ ରନ ସହାୟତାରେ ଭାରତ ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ଏ' ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୯୦ ରନ କରିଛି। ସ୍ଥାନୀୟ ଅଲୁରସ୍ଥିତ କେଏସ୍‌ସିଏ କ୍ରିକେଟ ଗ୍ରାଉଣ୍ଡରେ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ଏ' ଏକଦା ୧୮୦ ରନରେ ୬ଟି ଉଇକେଟ ହରାଇ ସାରିଥିଲା। ମାର୍ଶ ଓ ମାଇକେଲ ନେସେର (୪୪ ବ୍ୟାଟିଂ) ୭ମ ଉଇକେଟରେ ଅପରାଜିତ ୧୧୦ ରନ ଯୋଗ କରି ଦଳର ସ୍ଥିତିକୁ ମଜଭୁତ କରିଛନ୍ତି। ମାର୍ଶ ୧୫୧ଟି ବଲ୍ ଖେଳି ୧୩ ଚୌକା ଲଗାଇଥିବାବେଳେ ୧୦୮ ବଲ୍ ଖେଳିଥିବା ନେସେର ୬ ଚୌକା ମାରିଛନ୍ତି। ଭ୍ରମଣକାରୀ ଦଳର ମିଡଲ ଅର୍ଡର ବିପର୍ଯ୍ୟୟ ଘଟିବା ପୂର୍ବରୁ ୩ ନମ୍ବର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ୍ (୬୮) ଏବଂ ଓପନର କର୍ଟିସ ପ୍ୟାଟରସନ (୪୮) ଦ୍ୱିତୀୟ ଉଇକେଟରେ ୯୨ ରନ ଯୋଗ କରିପାରିଥିଲେ। ଭାରତ ଏ' ଦଳର ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ (୨/୬୮) ଓ ବାମହାତୀ ରକ୍ଷଣଶୀଳ ବୋଲର ଶାବାଜ ନଦିମ (୨/୬୪) ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମ (୧/୬୦) ଓ ରଜନୀଶ ଗୁରୁବାନୀ (୧/୫୦) ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ଏ':** ୨୯୦/୬ (ମିଚେଲ ମାର୍ଶ–୮୬*, ଟ୍ରାଭିସ ହେଡ୍–୬୮ ; ଶାବାଜ ନଦିମ–୨/୬୪, କୁଲଦୀପ–୨/୬୮)।

■ ଟାଟା ଷ୍ଟିଲ୍ ଫ୍ରେଣ୍ଡଶିପ୍ ଫୁଟବଲ

# ବ୍ୟୁରୋକ୍ରାଟ୍ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)**

ଟାଟା ଷ୍ଟିଲ୍ ଫ୍ରେଣ୍ଡଶିପ୍ ଫୁଟବଲ ଟୁର୍ନାମେଣ୍ଟର ୧୨ତମ ସଂସ୍କରଣ ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଟାଟା ଷ୍ଟିଲ୍ ଏକାଦଶକୁ ୧–୦ ଗୋଲରେ ହରାଇ ବ୍ୟୁରୋକ୍ରାଟ୍ ଏକାଦଶ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଏସ.ଡି.ଦୁର୍ଗା ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପ୍ରଥମ ସେମିଫାଇନାଲରେ ବ୍ୟୁରୋକ୍ରାଟ୍ ଏକାଦଶ ୪–୦ ଗୋଲରେ ଲିଡର୍ସ ଏକାଦଶକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଟାଟା ଷ୍ଟିଲ୍ ଏକାଦଶ ଟାଇବ୍ରେକର ୫–୪ ଗୋଲରେ ମିଡିଆ ଏକାଦଶକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧–୧ ଗୋଲରେ ବରାବର ରହିଥିଲା।

ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସିନିୟର ବ୍ୟୁରୋକ୍ରାଟ୍ସ ଓ ଖବରଦାତାମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ସଚିବ ସୁରେଶ ମହାପାତ୍ର, କେବିକେର ମୁଖ୍ୟ ପ୍ରଶାସକ ଏସ.ପି.ଠାକୁର, ବିଜନେଶ୍ ଷ୍ଟାଣ୍ଡାର୍ଡର ରେସିଡେଣ୍ଟ ଏଡିଟର ଦିଲୀପ ଶତପଥୀ, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ସଭାପତି କେ.ରବି, ସିନିୟର ଜର୍ନାଲିଷ୍ଟ ଶ୍ରୀମୟ କର, ତପନ ମିଶ୍ର, ଏମବିସି ଟିଭି ଏଡିଟର ଦିଲୀପ ବିଷୋଇ, ଟାଟା ଷ୍ଟିଲ୍ (ଏସଇଜେଡ୍) ଚେୟାରମ୍ୟାନ ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଦୁଇ ସେମିଫାଇନାଲରେ ଯଥାକ୍ରମେ ବ୍ୟୁରୋକ୍ରାଟ୍ ଦଳର କେ. ପ୍ରଦୀପ ଓ ଟାଟା ଷ୍ଟିଲ୍‌ର ରାକେଶ ଭରଦ୍ୱାଜ ଏବଂ ଫାଇନାଲରେ ଟାଟା ଷ୍ଟିଲ୍‌ର ଦିଗ୍‌ଜା ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଦଳର ରାଜୀବ ସେଠ୍ ଶ୍ରେଷ୍ଠ ଗୋଲକିପର, ବ୍ୟୁରୋକ୍ରାଟ୍‌ର ଶାଶ୍ୱତ ମିଶ୍ର ଶ୍ରେଷ୍ଠ ଡିଫେନ୍ସ, ମିଡିଆ ଏକାଦଶର ବିକାଶ ମାରାଣ୍ଡି ଶ୍ରେଷ୍ଠ ଫରୱାର୍ଡ, ଲିଡର୍ସ ଇଲେଭେନର ଅରୁଣ ସାହୁ ଫେୟାର ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ, ବ୍ୟୁରୋକ୍ରାଟ୍‌ର ସୁରେଶ ମହାପାତ୍ର ଶ୍ରେଷ୍ଠ ହାଫ୍, ସେହି ଦଳର ବଲୱନ୍ତ ସିଂ ସର୍ବାଧିକ ସ୍କୋରର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଶୃଙ୍ଖଳିତ ଦଳଭାବେ ବ୍ୟୁରୋକ୍ରାଟ୍ ଏକାଦଶକୁ ପୁରସ୍କୃତ କରାଯାଇଥିଲା।



ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।





ଟାଟା ଷ୍ଟିଲ୍ ଫ୍ରେଣ୍ଡଶିପ୍ ଫୁଟବଲରେ ଚାମ୍ପିୟନ୍ ହୋଇଥିବା ବ୍ୟୁରୋକ୍ରାଟ ଏକାଦଶ।

# ବାଂଲାଦେଶ ବିପକ୍ଷରୁ ଭାରତୀୟ ହକିର ଅଭିଯାନ

**ନୂଆଦିଲ୍ଲୀ, ୮।୯(ପି.ଟି.)**

## ୟୁଥ୍ ଅଲିମ୍ପିକ୍ସ

ଆସନ୍ତା ମାସ ପ୍ରଥମ ସପ୍ତାହରେ ଆର୍ଜେଣ୍ଟିନାର ବୁଏନ୍ସ ଏରେନାରେ ହେବାକୁ ଥିବା ୟୁଥ୍ ଅଲିମ୍ପିକ୍ସରେ ଭାରତୀୟ ବାଳକ ହକି ଦଳ ଅକ୍ଟୋବର ୭ରେ ବାଂଲାଦେଶ ବିପକ୍ଷରୁ ଖେଳି ତା'ର ଅଭିଯାନ ଆରମ୍ଭ କରିବ। ଅପରପକ୍ଷରେ ସେହିଦିନ ଭାରତୀୟ ବାଳିକା ହକି ଦଳ ମଧ୍ୟ ତା'ର ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରିୟାକୁ ଭେଟିବ। ବିକାଶ ସାଗର ପ୍ରସାଦଙ୍କ ନେତୃତ୍ୱାଧୀନ ଭାରତୀୟ ବାଳକ ଦଳ ପୁଲ୍–ବି'ରେ ସ୍ଥାନ ପାଇଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଯଥାକ୍ରମେ ଅଷ୍ଟ୍ରିୟା, କେନିଆ, ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଶେଷରେ କାନାଡାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଭାରତୀୟ ବାଳିକା ଦଳ ପୁଲ୍–ଏ'ରେ ଉରୁଗୁଏ, ଭାନୁଆଟୁ, ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ପାଞ୍ଚଜଣ ଖେଳାଳିଙ୍କୁ ନେଇ ଫାଇଭ–ଏ–ସାଇଡ୍ ଫର୍ମାଟ୍‌ରେ ୟୁଥ୍ ଅଲିମ୍ପିକ୍ସରେ ମ୍ୟାଚ୍ ଖେଳାଯିବ।

# ନେତୃତ୍ୱ ହରାଇଲେ ରାଇନା

**ଲକ୍ଷ୍ନୌ, ୮।୯:** ଭେଟେରାନ ବ୍ୟାଟ୍ସମ୍ୟାନ ସୁରେଶ ରାଇନାଙ୍କୁ ଉତ୍ତର ପ୍ରଦେଶ ରଣଜୀ ଦଳର ନେତୃତ୍ୱ ହରାଇବାକୁ ପଡ଼ିଛି। ରାଇନାଙ୍କ ବଦଳରେ ଆକାଶଦୀପ ନାଥଙ୍କୁ ଆଗାମୀ ସିଜନ ଲାଗି ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ରଥମ ଶ୍ରେଣୀ କ୍ରିକେଟରେ ଖରାପ ଫର୍ମ ଯୋଗୁ ତାଙ୍କୁ ଏଭଳି ଅବସ୍ଥା ଭୋଗିବାକୁ ପଡ଼ିଛି। ଗତ ସିଜନରେ ସେ ୯ ଇନିଂସ୍‌ରେ ମାତ୍ର ୧୧.୬୬ ଆଭରେଜରେ ୧୦୫ ରନ୍ କରିଥିଲେ। ଅନ୍ୟପକ୍ଷରେ ଆକାଶଦୀପ ନାଥ ଦଳ ପାଇଁ ସର୍ବାଧିକ ରନ୍ କରିଥିଲେ। ସେ ୪୩ ଆଭରେଜରେ ୩୮୭ ରନ୍ କରିଥିଲେ। କିନ୍ତୁ ବିଜୟ ହଜାରେ ଟ୍ରଫିରେ ରାଇନା ଅଧିନାୟକ ରହିବେ ବୋଲି ଜଣାପଡ଼ିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୯/୨୦୧୮ | Bhubaneswar, Sunday, September 9/ 2018


### ■ ବସ୍ ମାଲିକଙ୍କ ମନମୁଖି କାର୍ଯ୍ୟ, ପ୍ରଶାସନ ଚୁପ୍

# ୨ଦିନ ହେଲା ପୁରୀ-ଭୁବନେଶ୍ୱର ବସ୍ ଚଳାଚଳ ଠପ୍

**ପୁରୀ ଅଫିସ, ୮।୯**

ପୁରୀ ଏବଂ ଭୁବନେଶ୍ୱର ବସ ମାଲିକଙ୍କ ମନମୁଖି କାର୍ଯ୍ୟ ପାଇଁ ହିନସ୍ତା ହେଉଛନ୍ତି ଯାତ୍ରୀ। କେତେବେଳେ ମନଇଚ୍ଛା ବସ୍ ଚଳାଚଳ ବନ୍ଦ କରୁଛନ୍ତି ପୁଣି କେତେବେଳେ ଯାତ୍ରୀଙ୍କୁ ଜୁଲମର ଅଭିଯୋଗ ଆସୁଛି। ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଶୁକ୍ରବାରଠାରୁ ଘରୋଇ ବସ୍ ମାଲିକମାନେ ଭୁବନେଶ୍ୱର-ପୁରୀ ମଧ୍ୟରେ ସେମାନଙ୍କ ବସ ଚଳାଚଳ ବନ୍ଦ କରିଛନ୍ତି। ଫଳରେ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ବସ୍ ମାଲିକ ନିଜ ସ୍ୱାର୍ଥ ପାଇଁ ଜନସାଧାରଣଙ୍କୁ ହଇରାଣ କରୁଥିବା ବେଳେ ଜିଲା ପ୍ରଶାସନ ହାତବାନ୍ଧି ବସିଛି। ଦୁଇ ସଂଘ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଯାତ୍ରୀମାନେ ଦାବି କରିଛନ୍ତି।

ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଯାତ୍ରୀ ବସ ଯୋଗେ ପୁରୀ-ଭୁବନେଶ୍ୱର ମଧ୍ୟରେ ଯାତାୟାତ କରୁଛନ୍ତି। ଭୁବନେଶ୍ୱର ବସ ମାଲିକ ଏବଂ ପୁରୀ ବସ ମାଲିକଙ୍କ ମଧ୍ୟରେ ଗତ ଦୁଇ ବର୍ଷ ହେଲା ବସ୍‌ର ସମୟ ସାରଣୀ (ପରିମଟରେ ନିର୍ଦ୍ଧାରିତ ସମୟ)କୁ ନେଇ ବିବାଦ ଲାଗି ରହିଛି। ୨ବର୍ଷ ମଧ୍ୟରେ ପ୍ରାୟ ୫ରୁ ୬ଥର ବସ ଚଳାଚଳ ବନ୍ଦ ହେଲାଣି। ବସ ମାଲିକମାନେ ପ୍ରଶାସନ ଓ ପରିବହନ ବିଭାଗକୁ କୌଣସି ପୂର୍ବ ସୂଚନା ନ ଦେଇ ନିଜ ସ୍ୱାର୍ଥ ପାଇଁ ହଠାତ ପୁରୀ-ଭୁବନେଶ୍ୱର ମଧ୍ୟରେ ବସ ଚଳାଚଳକୁ ବନ୍ଦ କରି ଦେଉଛନ୍ତି। ବସ୍ ଚଳାଚଳ ସମୟକୁ ନେଇ ଭୁବନେଶ୍ୱର ବସ ମାଲିକ ସଂଘ ଏବଂ ପୁରୀ ଘରୋଇ ବସ ମାଲିକ ସଂଘ ମଧ୍ୟରେ ଏବେ ପୁଣି ବିବାଦ ତୀବ୍ର ହୋଇଛି। ପ୍ରଶାସନକୁ କୌଣସି ସୂଚନା ନ ଦେଇ ଶୁକ୍ରବାରଠାରୁ ବସ୍ ମାଲିକ ହଠାତ୍ ପୁରୀ ଏବଂ ଭୁବନେଶ୍ୱର ମଧ୍ୟରେ ଘରୋଇ ବସ ଚଳାଚଳ ବନ୍ଦ କରି ଦେଇଛନ୍ତି। ପୁରୀ-କଟକ ବସ୍ ଚଳାଚଳ ସ୍ୱାଭାବିକ ରହିଛି। ପୁରୀ-କଟକ ବସ୍‌ଗୁଡିକ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନ ଯାଇ କଳ୍ପନାରୁ କଟକ ଯାଉଛି।

ଭୁବନେଶ୍ୱର ବସ୍ ମାଲିକ ସଂଘ ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ପୁରୀ ବସ୍ ମାଲିକମାନେ ପୁରୀ ବସଷ୍ଟାଣ୍ଡରେ ସେମାନଙ୍କ ବସ୍‌କୁ ୨୫ମିନିଟ ଯାତ୍ରୀ ଉଠାଇବାକୁ ସମୟ ଦେଉଛନ୍ତି। ଆମ ବସ୍‌କୁ ୩ମିନିଟ ସମୟ ଦେଇ ଘଉଡାଇ ଦେଉଛନ୍ତି। ଗତ ୨ବର୍ଷ ମଧ୍ୟରେ ଏଭଳି ୧୦ଥର ବିବାଦ ହେଲାଣି। ସେମାନେ ଆମ ବସ୍ ଅଟକାଇବା ପରେ ଆମେ ସେମାନଙ୍କ ବସକୁ ଅଟକାଇଛୁ। ପୁରୀ ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ଲୋକନାଥ ପାଣି କହିଛନ୍ତି, ଭୁବନେଶ୍ୱର ବସ୍ ମାଲିକ କୌଣସି ସରକାରୀ ନୀତି ନିୟମକୁ ପାଳନ କରୁନାହାନ୍ତି। ଗତ ୮ମାସ ତଳେ ପୋଲିସ ଆଇଜିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇ ପରମିଟ ସମୟ ଅନୁଯାୟୀ ଚାଲିବାକୁ ସ୍ଥିର ହୋଇଥିଲା। କିନ୍ତୁ ଭୁବନେଶ୍ୱର ବସ୍ ମାଲିକ ମାନିଲେ ନାହିଁ। ସେହିପରି ପୁରୀ ଡେପୁଟି କମାଣ୍ଡାଣ୍ଟ (ହୋମଗାର୍ଡ) ଲିଙ୍ଗରାଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଯେଉଁ ନିଷ୍ପତ୍ତି ହେଲା ତାହାକୁ ମଧ୍ୟ ମାନିଲେ ନାହିଁ। ଭୁବନେଶ୍ୱର ବସ୍ ମାଲିକ ସବୁ ବିବାଦ ସୃଷ୍ଟି କରୁଛନ୍ତି। ଭୁବନେଶ୍ୱର ବସଷ୍ଟାଣ୍ଡରେ ଆମ ଗାଡିକୁ ୨ରୁ ୩ ମିନିଟ ରଖି ସେମାନେ ଘଉଡାଉଛନ୍ତି। ପ୍ରଶାସନ ମଧ୍ୟ ଏହି ବିବାଦରେ ବାରମ୍ବାର ହସ୍ତକ୍ଷେପ କରି ବିରକ୍ତ ହୋଇଗଲାଣି। ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ପୁରୀ-ଭୁବନେଶ୍ୱର ମଧ୍ୟରେ ବସ ବନ୍ଦଥିବା ଜାଣିନାହିଁ।






# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର

**ଭୁବନେଶ୍ୱର, ୮।୯(ବ୍ୟୁରୋ)**

## ଥାନାରେ ପ୍ରେମିକ ଅଟକ

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଯୁବକ ଜଣକ ପରିବାର ସହ ନୟାପଲ୍ଲୀ ରେଣ୍ଟାଲ କଲୋନୀ ଅଞ୍ଚଳରେ ରହୁଥିଲେ। ସେ ଏକ ଘରୋଇ ସଂସ୍ଥାରେ ଚାକିରି କରିବା ସମୟରେ ଜଗତ୍‌ସିଂହପୁର ଜିଲାର ଉକ୍ତ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ନୟାପଲ୍ଲୀ ସାଲିଆସାହିରେ ଏକ ଘର ଭଡା ନେଇ ରହୁଥିଲେ। ୩ମାସ ଧରି ଦୁହେଁ ଉକ୍ତ ଘରେ ରହିଥିଲେ। ଯୁବତୀ ବିବାହ ପାଇଁ କହିବାରୁ ସମ୍ପୃକ୍ତ ଯୁବକ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ଚାଲିଥିଲେ। ଶେଷରେ ଯୁବତୀ ବିବାହ ପାଇଁ ଜିଦ୍ ଧରିବାରୁ ଯୁବକ ଜଣକ ତାଙ୍କୁ ଘରୁ ବାହାର କରି ତାଲା ପକାଇ ଦେଇଥିଲେ। ଯୁବତୀ ନ୍ୟାୟ ପାଇଁ ଯୁବକଙ୍କ ରେଣ୍ଟାଲ କଲୋନୀସ୍ଥିତ ଘରକୁ ଯାଇଥିଲେ ମଧ୍ୟ ସେଠାରେ ତାଙ୍କ ପରିବାର ଲୋକେ ବାହାର କରି ଦେଇଥିଲେ। ଅନ୍ୟ ଉପାୟ ନ ପାଇ ଯୁବତୀ ଜଣକ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଯାହାର ଆଖି ନଷ୍ଟ ହୋଇଯାଉଛି ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।

-ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ମୋରମ ଚାଲଣ ରୋକିବାକୁ ଦାବିପତ୍ର



**ନରସିଂହପୁର,୮।୯(ସ୍ୱ.ପ୍ର.):** ନରସିଂହପୁର ତହସିଲ ଅଧୀନ ରେଗେଡ଼ା ଗ୍ରାମ ନିକଟ ପାହାଡ଼ରୁ ବେଆଇନ ମୋରମ ଚୋରା ଚାଲାଣ କରାଯାଉଛି। ହେଲେ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଫଳରେ ଅଞ୍ଚଳର ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ରେଗେଡା ଗ୍ରାମ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ଅଞ୍ଚଳର ଜଣେ ବ୍ୟକ୍ତି ନିଜର ଜେସିବି ମେଶିନ ଦ୍ୱାରା ମୋରୁମ ଖୋଳି ମନଇଚ୍ଛା ବିକ୍ରି କରୁଛନ୍ତି। ଏହି ପାହାଡ଼ ତହସିଲ ତରଫରୁ ନିଲାମ ହୋଇନାହିଁ। ତେଣୁ ଏହି ଚୋରାଚାଲାଣ ସମ୍ପର୍କରେ ସେମାନେ ଯୋଡମୁ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ହେଁ ପଥର ମାଫିଆଙ୍କ ପ୍ରତି ଆରଆଇଙ୍କ ଭିତିରିଆ ସମର୍ଥନ ଥିବାରୁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଶନିବାର କ୍ରିକେଟ କ୍ଲବ ଯୁବକ ସଂଘ ସଭାପତି ରାଜିବ ଲୋଚନ ଦାଶଙ୍କ ସମେତ ଶତାଧିକ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହି ଚୋରାଚାଲାଣକୁ ତୁରନ୍ତ ରୋକିବାକୁ ଦାବି କରିଛନ୍ତି। ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ଦାବିପତ୍ର ଗ୍ରହଣ କରିଥିଲେ।ଏ ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

### ୩୭ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ

**ଲଳିତଗିରି,୮।୯(ସ୍ୱ.ପ୍ର):** ମାହାଙ୍ଗା ଥାନା ଅଧୀନ ଲଳିତଗିରି ପଞ୍ଚାୟତର ଗଙ୍ଗାଧର ଗ୍ରାମରେ ଶୁକ୍ରବାର ରାତିରେ ମାହାଙ୍ଗା ଥାନା ପୋଲିସ ଚଢ଼ାଉ କରି ୩୭ ଲିଟରରୁ ଊର୍ଦ୍ଧ୍ୱ ଚୋରା ବିଦେଶୀ ମଦ ସହ ଏକ ଫ୍ରିଜର ଜବତ କରିଛି। ଏସଆଇ ଶୁଭ୍ରାନ୍ତ ଜେନା, ଏଏସଆଇ ପ୍ରଦୀପ୍ତ ତ୍ରିପାଠୀ, ମନୋରଞ୍ଜନ ସାମଲ ଓ କନଷ୍ଟେବଲ ଅଶୋକ ବେହେରା ପ୍ରମୁଖ ଗ୍ରାମର ଶରତ ଚନ୍ଦ୍ର ଦାସ(କାଳିଆ)ଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ଦେଶୀ ଆସକା ଫର୍ଟି ୧୨ ଲିଟର, ବିଦେଶୀ ୨୫ ଲିଟର ସହ ଏକ ଫ୍ରିଜର ଜବତ କରାଯାଇଥିଲା। କାଳିଆ ପୋଲିସକୁ ଚକମା ଦେଇ ଖସି ଯାଇଥିବା ଜଣାଯାଇଛି। ମଦ ଜବତ ହୋଇଥିବା ଘର ଜଣେ ସରକାରୀ ଡିଲରଙ୍କ ବୋଲି ଜଣାଯାଇଛି। ଏନେଇ ମାହାଙ୍ଗା ପୋଲିସ ପକ୍ଷରୁ ଏକ ମାମଲା ନଂ-୧୬୭/୧୮ ରୁଜୁ ହୋଇଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ

**ଆଠଗଡ଼,୮।୯(ସ୍ୱ.ପ୍ର.):** ଆଠଗଡ଼ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଲୋକ ଅଦାଲତକୁ ଉଦ୍‌ଘାଟନ କରିବା ସହ ୬ଟି ମୋଟରଯାନ ଦୁର୍ଘଟଣାର ଫଇସଲା କରି ୨୬ଲକ୍ଷ ୭ହଜାର ଟଙ୍କା ଆଦାୟ କରିଥିଲେ। ଏସ୍‌ଡିଜେଏମ୍ ଶାଶ୍ୱତୀ ମିଶ୍ର ୮ଟି ଫୌଜଦାରି ମାମଲା ଫଇସଲା କରିଥିଲେ। ୨ଟି ବ୍ୟାଙ୍କ ମାମଲାରୁ ୩୦ହଜାର ୪୨୩ଟଙ୍କା ଆଦାୟ ହୋଇଥିଲା। ତହସିଲଦାରଙ୍କ ପକ୍ଷରୁ ୫୯୮ଟି ମାମଲା ଫଇସଲା କରାଯାଇ ୯୨ହଜାର ୪୮୪ଟଙ୍କା ଆଦାୟ କରାଯାଇଥିଲା। ଆଠଗଡ ଅଦାଲତର ସମସ୍ତ କର୍ମଚାରୀ ସହାୟତା କରିଥିଲେ। ଆଇନ ସେବା ସମିତି ସହାୟିକା ରାଜଶ୍ରୀ ମହଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ତାଲୁକ ଆଇନ ସେବା ସଂସ୍ଥା ଆନୁକୁଲ୍ୟରେ ତିଗିରିଆ ସିଭିଲ କୋର୍ଟ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସଂସ୍ଥାର ଅଧକ୍ଷା ତଥା ବିଚାରପତି ସୌଦାମିନୀ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ୟୁକୋ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ ନୂଆପାଟଣା ଶାଖା ଓ ତହସିଲ ଅଫିସ୍ ତିଗିରିଆ ଏବଂ କୋର୍ଟର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ଏଥିରେ ୧୦୧ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୯୯୪୩ଟଙ୍କା ଆଦାୟ ହୋଇଥିଲା। ବ୍ୟାଙ୍କମାନେ ବିଭିନ୍ନ ମାମଲା ବାବଦରେ ୧୩,୫୦୦ଟଙ୍କା ଆଦାୟ କରିଥିଲେ। ଏଥିସହିତ ୭ଟି ଫୌଜଦାରି ମାମଲା ଫଇସଲା କରାଯାଇଥିଲା।

■ ଉପଯୁକ୍ତ ଚିକିତ୍ସା ସେବା ନ ପାଇ କର୍କଟ ପୀଡ଼ିତାଙ୍କ ମୃତ୍ୟୁ

# ଡାକ୍ତରଙ୍କୁ ଦାୟୀ କଲେ ପରିବାର

**ମାହାଙ୍ଗା/ଲଳିତଗିରି,୮।୯(ସ୍ୱ.ପ୍ର.)**



ଅସୁସ୍ଥ ଗୀତାଞ୍ଜଳିଙ୍କୁ ଧରି ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

■ ରାସ୍ତା ଅବରୋଧ ପରେ କଟକ ପଠା ଯାଇଥିଲା

■ କ୍ଷତିପୂରଣ ଦାବିରେ ପୁଣି ରାସ୍ତା ଅବରୋଧ

ଜଣେ ଡାକ୍ତରଙ୍କ ଅବହେଳା ଯୋଗୁ କଟକ ଜିଲା ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ଶୁକ୍ଳେଶ୍ୱର ଗ୍ରାମର କରୁଣାକର ଜେନାଙ୍କ ବଡ଼ ଝିଅ ଗୀତାଞ୍ଜଳି ଜେନା(୧୭)ଙ୍କ ଶନିବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏଭଳି ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଗୀତାଞ୍ଜଳିଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ଡାକ୍ତରଙ୍କୁ ଦାୟୀ କରିଛନ୍ତି। ତେଣୁ ତାଙ୍କୁ କଠୋର ଦଣ୍ଡ ଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗୀତାଞ୍ଜଳିଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ପୁଣି ସନ୍ଧ୍ୟାରେ ଓସ୍ତମୂଳ ଛକଠାରେ ସାଲେପୁର-ଛତିଆ ରାସ୍ତା ଅବରୋଧ କରିଛନ୍ତି। ଖବର ଲେଖାହେବାବେଳକୁ ରାସ୍ତା ଅବରୋଧ ଜାରି ରହିଥିଲା।

ସୂଚନା ଅନୁସାରେ, ଗୀତାଞ୍ଜଳି ଦେଢ ମାସ ହେବ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହା ଜଣାପଡିବା ପରେ ପରିବାର ଲୋକେ କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଚିକିତ୍ସା କରା ନ ଯାଇ ମାହାଙ୍ଗା ମେଡିକାଲ ଜରିଆରେ ଆସିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହାପରେ ପରିବାର ପକ୍ଷରୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ପୁନର୍ବାର କଟକ ନିଆଯାଇଥିଲା। କିନ୍ତୁ ଏଥର ସେଠାରେ ଗୀତାଞ୍ଜଳିଙ୍କୁ ଚିକିତ୍ସା କରା ନ ଯାଇ ବଡ଼ ମେଡିକାଲର ହେମାଟୋଲୋଜି ବିଭାଗକୁ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ହେମାଟୋଲୋଜି ବିଭାଗରେ ୮ ଦିନ ଚିକିତ୍ସା କରାଯାଇଥିଲା। ତେବେ ତାଙ୍କ ନିକଟରେ ସରକାରଙ୍କ ସ୍ୱାସ୍ଥ୍ୟବୀମା କାର୍ଡ କିମ୍ବା ଅର୍ଥ ନ ଥିବାରୁ ଅଧିକ ଚିକିତ୍ସା କରାଯାଇ ନ ଥିଲା। ଫଳରେ ପରିବାର ଲୋକେ ଝିଅକୁ ଧରି ଘରକୁ ପଳାଇ ଆସିଥିଲେ। ପୁନର୍ବାର ୧୫ ଦିନ ପରେ ଗୀତାଞ୍ଜଳିଙ୍କ ଦେହ ଖରାପ ହେବାରୁ ପରିବାର ଲୋକେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ସାକ୍ଷାତ କରି ସହାୟତା ପାଇଁ ନିବେଦନ କରିଥିଲେ। ମନ୍ତ୍ରୀ ଜେନା ସହାୟତା ଦେବାପାଇଁ ଏକ ପତ୍ର ଲେଖିଥିଲେ। କିନ୍ତୁ କଟକ ବଡ଼ ମେଡିକାଲରେ ଚିକିତ୍ସିତ କରିଥିବା ଡାକ୍ତର ଏହି ପତ୍ରକୁ ଗ୍ରହଣ କରି ନ ଥିଲେ। ଫଳରେ ଶୁକ୍ରବାର ଗୀତାଞ୍ଜଳିଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ପୁଣି ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ରକ୍ତହୀନତା ହୋଇଥିବା କହି ବଡ଼ ମେଡିକାଲର ମେଡିସିନ ବିଭାଗକୁ ପଠାଇ ଦେଇଥିଲେ। ରୋଗିଣା ଝିଅକୁ ଧରି ବାପା ପହଞ୍ଚିଲାବେଳକୁ ଅପରାହ୍ନ ୨ଟା ହୋଇ ଯାଇଥିଲା। ଏହି ସମୟରେ ସେଠାରେ ଦାୟିତ୍ୱରେ ଥିବା ଜଣେ ଡାକ୍ତର ଏବେ ହୋଇପାରିବ ନାହିଁ ସନ୍ଧ୍ୟାରେ ଆସିଲା ପରେ ଯାହା କହିବି ବୋଲି କହି ଚାଲି ଯାଇଥିଲେ। ସନ୍ଧ୍ୟାରେ ଡାକ୍ତର ଜଣଙ୍କ ଆସିବା ପରେ ପୀଡ଼ିତାଙ୍କ ବାପା ଡାକ୍ତରଙ୍କୁ ଝିଅର ଚିକିତ୍ସା ନିମନ୍ତେ ଯେତେ କାକୁତି ମିନତି ହେଲେ ମଧ ସେ ସୋମବାର ଆସିବାକୁ କହିଥିଲେ। ବାଧହୋଇ ଗୀତାଞ୍ଜଳିଙ୍କୁ ଧରି ବାପା ରାତିରେ ବହୁ କଷ୍ଟରେ ଘରେ ପହଞ୍ଚିଥିଲେ। ଏହି ଘଟଣା ଗାଁରେ ପ୍ରଚାର ହେବାପରେ ଗ୍ରାମବାସୀ ଉତ୍ତେଜିତ ହୋଇ ଶନିବାର ଖନ୍ଦୋଳ ଓସ୍ତମୂଳ ଛକଠାରେ ଅସୁସ୍ଥ ଗୀତାଞ୍ଜଳିଙ୍କୁ ଧରି ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ମାହାଙ୍ଗା ବ୍ଲକ ଅଧକ୍ଷ ଶରତ ନାୟକ ଓ ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଗୀତାଞ୍ଜଳିଙ୍କୁ ଚିକିତ୍ସା ପାଇଁ ଅପରାହ୍ନରେ ପୁଣି ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ପଠାଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା। ତେବେ କଟକ ବଡ଼ ମେଡିକାଲରେ ପହଞ୍ଚିବାର କିଛି ସମୟ ପରେ ଗୀତାଞ୍ଜଳିଙ୍କ ମୃତ୍ୟୁ ହୋଇ ଯାଇଥିଲା।



ଗୋବରୀ ନଦୀରେ ସୃଷ୍ଟି ହୋଇଥିବା ଘାଇ।

■ ଗୋବରୀ ନଦୀରେ ୧୫ ଫୁଟର ଘାଇ

## ବହୁ ଗ୍ରାମ ଜଳମଗ୍ନ ହେବା ଆଶଙ୍କା

**ମାହାଙ୍ଗା/ଲଳିତଗିରି,୮।୯(ସ୍ୱ.ପ୍ର.)**

ଲଗାଣ ବର୍ଷା ଯୋଗୁ ଗୋବରୀ ନଦୀରେ ବନ୍ୟା ସୃଷ୍ଟି ହୋଇଛି। ଫଳରେ ହଜାର ହଜାର ହେକ୍ଟର ଧାନ ଜମି ଜଳମଗ୍ନ ହୋଇଥିବାବେଳେ ଶନିବାର ଚାହାପଡା ଗ୍ରାମର ସେଠୀସାହି ନିକଟରେ ଲକ୍‌ର ଉଭୟ ପାର୍ଶ୍ୱରେ ୧୫ ଫୁଟର ଘାଇ ହୋଇଛି। ଘାଇ ହେବା ଦ୍ୱାରା ଚାହାପଡ଼ା ସମେତ ଜଲେଶ୍ୱରପୁର, ଶ୍ରୀକୃଷ୍ଣପୁର, ମାହାଙ୍ଗା ଓ ଉଷୁମା ଆଦି ପଞ୍ଚାୟତର ବହୁ ଗ୍ରାମ ଜଳମଗ୍ନ ହେବା ଆଶଙ୍କା ଦେଖାଦେଇଛି। ଶୁକ୍ରବାର ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ଏହି ଲକ ନିକଟ ବନ୍ଧ ଉପର ଦେଇ ବନ୍ୟାଜଳ ଚାହାପଡା ଗ୍ରାମକୁ ପ୍ରବେଶ କରିଥିଲା। ଏ ସମ୍ପର୍କରେ କଟକ ଡ୍ରେନେଜ ବିଭାଗକୁ ଖବର ଦିଆଯାଇଥିବାବେଳେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଲକର ଉଭୟ ପାର୍ଶ୍ୱ ବନ୍ଧ ଧୋଇ ଯାଇ ଘାଇ ସୃଷ୍ଟି ହୋଇ ବନ୍ୟାଜଳ ଗାଁକୁ ପ୍ରବେଶ କରିଛି। ଘଟଣା ସମ୍ପର୍କରେ ଶନିବାର ସ୍ଥାନୀୟ ଜନପ୍ରତିନିଧି ଓ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ସେମାନେ ଡ୍ରେନେଜ ବିଭାଗ ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ କଟକ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ ରାଉତ ପହଞ୍ଚି ଘାଇ ସ୍ଥଳ ପରିଦର୍ଶନ କରିବା ସହ ଏହାକୁ ଶୀଘ୍ର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ଜଳ ବନ୍ଧରତଳିଆ ଅଞ୍ଚଳରେ ଥିବା ବାରବାଟୀ, ଗୋବିନ୍ଦପୁର, ବ୍ରହ୍ମଗଦା, ଭଁରାଜ, ମଲ୍ଲୀପୁରା, ସୁଲତାନପୁର, ଜହଳ, କାହ୍ନପୁର, ରଘୁନାଥ ନଗର, ବୁଦ୍ଧୁକୁନିଆ, କଏରପୁର ଓ ଉଷୁମା ଆଦି ବହୁ ଗ୍ରାମ ପ୍ରତି ବିପଦ ସୃଷ୍ଟି କରିଛି। ରବିବାର ସୁଦ୍ଧା ଘାଇ ମରାମତି କରା ନ ଗଲେ ପରିସ୍ଥିତି ଭୟଙ୍କର ହେବ। ଅନ୍ୟପକ୍ଷରେ ଏହି ବନ୍ୟାଜଳ ବରଦିଆ ଗ୍ରାମରେ ପ୍ରବେଶ କରିବା ଦ୍ୱାରା ଗାଁର ଦଳିତ ସାହି ରାସ୍ତା ଉପରେ ପାଣି ଚାଲିଥିବା ଦେଖିବାକୁ ମିଳିଛି। ଗ୍ରାମର ସମୀର ଜେନା, ଚିତ୍ତରଞ୍ଜନ ମଲିକ ଓ ମଧୁସୂଦନ ମଲିକଙ୍କ ଘର କାନ୍ଥ ପଡିଯାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ଦାବି: ଛାତ୍ରୀଛାତ୍ରଙ୍କ ଧାରଣା

**ରଘୁନାଥପୁର, ୮।୯(ଡି.ଏନ.ଏ.)**

ଜଗତ୍‌ସିଂହପୁର ଶିକ୍ଷା ଜିଲା ଅନ୍ତର୍ଗତ ଇସାଣିବ୍ରହ୍ମପୁର ଚନ୍ଦ୍ରଶେଖର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ର ଶନିବାର ଧାରଣା ଦେଇଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାବେଳେ ଶିକ୍ଷା ବିଭାଗ କେଉଁ ନ୍ୟାୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ପ୍ରମୋଦ କିଶୋର ଚଇନିଙ୍କୁ ବଦଳି କରିଛନ୍ତି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ସୂଚନାଯୋଗ୍ୟ ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ପାଠ ପଢାଇବାକୁ ବର୍ତ୍ତମାନ ୨ ଜଣ ଶିକ୍ଷକ ଅଛନ୍ତି। ଖେଳ ଶିକ୍ଷକ ଓ ସଂସ୍କୃତ ଶିକ୍ଷକ ଅବସର ନେବା ସହ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ଦୀର୍ଘଦିନ ହେବ ଛୁଟିରେ ଅଛନ୍ତି। ସେହିପରି ଜଣେ କଳା ଶିକ୍ଷୟିତ୍ରୀ ଛୁଟିରେ ଅଛନ୍ତି। ଏପରି ସ୍ଥଳେ ଉକ୍ତ ଶିକ୍ଷକଙ୍କୁ କାହିଁକି ବଦଳି କରାଗଲା ବୋଲି ଛାତ୍ରୀଛାତ୍ରମାନେ ଯୁକ୍ତି ବାଢିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସୁଶାନ୍ତ କୁମାର ସେଠୀ, ଏସଏମସି ଚେୟାରମ୍ୟାନ ଜ୍ୟୋତିରଞ୍ଜନ ଦାସ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚି ପୁନର୍ବାର ଘଟଣା ସମ୍ପର୍କରେ ଡିଇଓଙ୍କୁ ଅବଗତ କରାଇବାର ପ୍ରତିଶ୍ରୁତି ଦେଇଥିଲେ। ପରେ ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ରମାନେ ଧାରଣାରୁ ହଟି ଥିଲେ।

■ ବିରୂପା କୂଳରୁ ମହିଳାଙ୍କ ମୃତଦେହ ଜବତ ଘଟଣା

## ହତ୍ୟା କରିଥିଲେ ଦ୍ୱିତୀୟ ସ୍ୱାମୀ

**କଟକ ଅଫିସ, ୮।୯**

ଜଗତପୁର ଥାନା ଅନ୍ତର୍ଗତ ଆଠମାଣିଆସ୍ଥିତ ବିରୂପା ନଦୀ କୂଳରୁ ଜୁଲାଇ ୧୧ରେ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା ପୋଲିସ। ମହିଳାଙ୍କ ତଣ୍ଟିରେ କଟା ଦାଗ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ ମୃତା ମହିଳାଙ୍କ ପରିଚୟ ମିଳିପାରି ନ ଥିଲା। ଏହି ଘଟଣାକୁ ଦୁଇ ମାସ ପୂରିବାକୁ ବସିଥିବାବେଳେ ଏବେ ଘଟଣା ଉପରୁ ପରଦା ହଟାଇଛି ଜଗତପୁର ପୋଲିସ। ମୃତା ମହିଳା ହେଉଛନ୍ତି ଦେବକୀ ବେହେରା ଓରଫ ଅନି। ଦ୍ୱିତୀୟ ସ୍ୱାମୀ ସୁରେନ୍ଦ୍ର ବେହେରା ଓରଫ୍ ସୁରିଆ ତାଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଏଥିସହ ସୁରେନ୍ଦ୍ରଙ୍କଠାରୁ ଅନିଙ୍କ ଏକ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଜଗତପୁର ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା(୧୮୬/୧୮) ରୁଜୁ କରିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି। ସୂଚନା ଅନୁଯାୟୀ, ଉଭୟଙ୍କ ଘର କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମୌଦା ଅଞ୍ଚଳରେ। ଅନିଙ୍କୁ ତାଙ୍କ ପ୍ରଥମ ସ୍ୱାମୀ ଛାଡି ଦେଇଥିବାବେଳେ ସୁରେନ୍ଦ୍ର ମଧ ତାଙ୍କ ସ୍ତ୍ରୀଙ୍କୁ ଛାଡି ଦେଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ୨୦୧୭ ମାର୍ଚ୍ଚରେ ଜଗତସିଂହପୁର ଅଞ୍ଚଳରେ ଥିବା ଏକ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ପରେ ସୁରେନ୍ଦ୍ରଙ୍କ ସହ ତାଙ୍କ ଘରେ ରହିଥିଲେ। ବିବାହର କିଛି ମାସ ପରେ ଦୁହିଁଙ୍କ ମଧ୍ୟରେ ଥିବା ସମ୍ପର୍କରେ ଫାଟ ଦେଖାଦେଇଥିଲା। ବିଶେଷକରି ଆର୍ଥିକ ସ୍ଥିତିକୁ ନେଇ ପ୍ରତିଦିନ ଝଗଡା ହେଉଥିଲେ। ଏଥିରେ ସୁରେନ୍ଦ୍ର ଅତିଷ୍ଠ ହୋଇ ଅନିଙ୍କୁ ଜୀବନରୁ ମାରି ଦେବାକୁ ଯୋଜନା କରିଥିଲେ। ଗତ ଜୁଲାଇ ମାସରେ ରାଜମିସ୍ତ୍ରି କାମ କରିବା ପାଇଁ ସୁରେନ୍ଦ୍ର ଜଗତପୁର ଆସିଥିଲେ। ଜୁଲାଇ ୧୧ରେ ସେ ଅନିଙ୍କୁ ଫୋନ କରି ଜଗତପୁରରେ ରହିବାକୁ ଡାକିଥିଲେ। ଅନି ପହଞ୍ଚିବା ପରେ ଉଭୟ ମିଶି ମଦ ପିଇଥିଲେ। ଅନି ମୁଣ୍ଡ କ'ଣ ହୋଇଯାଉଥିବା କହିବାରୁ ସୁରେନ୍ଦ୍ର ତାଙ୍କୁ ମୁହଁ ଧୋଇ ଆସିବାକୁ କହି ଉଭୟେ ବାଇକରେ ବିରୂପା ନଦୀ କୂଳକୁ ଯାଇଥିଲେ। ଅନି ନଦୀ ପାଣିରେ ମୁହଁ ଧୋଉଥିବା ବେଳେ ସୁରେନ୍ଦ୍ର ଏକ ଧାରୁଆ ଛୁରିରେ ତାଙ୍କର ବେକ କାଟି ଦେଇଥିଲେ। ପରେ ଅନିଙ୍କୁ ସେଠାରେ ପକାଇ ଦେଇ ନିଜ ଗାଁ ମୌଦାକୁ ପଳାଇ ଯାଇଥିଲେ।

# ପେଟ୍ରୋଲ ପମ୍ପ ଆଗରେ ବିଜେଡିର ପ୍ରତିବାଦ

**ବାଙ୍କୀ,୮।୯(ସ୍ୱ.ପ୍ର.)**



ମାହାଙ୍ଗା ବିଜେଡି କର୍ମୀମାନେ ଏକ ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ କରୁଛନ୍ତି।



ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି କର୍ମୀ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦେଇଛନ୍ତି।

ତୈଳଦର ବୃଦ୍ଧିକୁ ନେଇ ଚାରିଆଡ଼େ ତାତି ବଢ଼ିବାରେ ଲାଗିଛି। ଶନିବାର ବିଭିନ୍ନ ପେଟ୍ରୋଲ ପମ୍ପ ଆଗରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ କେନ୍ଦ୍ର ଭାଜପା ସରକାରଙ୍କ ଉପରେ ବର୍ଷିଛନ୍ତି। କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରି ନାହାନ୍ତି ବୋଲି କର୍ମୀମାନେ ଅଭିଯୋଗ କରିଛନ୍ତି। ବାଙ୍କୀ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ବାଙ୍କୀରେ ଥିବା ଗୋପୀନାଥ ପେଟ୍ରୋଲ ପମ୍ପଠାରେ ସକାଳ ୧୦ଟାରୁ ୧୨ଟ ପର୍ଯ୍ୟନ୍ତ ୨ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାଙ୍କୀ ଯୁବ ଜନତା ଦଳ ସଭାପତି ସନ୍ତୋଷ କୁମାର ରଣାଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡିଜେଲ୍, ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି ଜନସାଧାରଣଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ରଣା, ପ୍ରଦୀପ ପୃଷ୍ଟି, ସୁବାସ ଚନ୍ଦ୍ର ପାଢୀ, ବାଙ୍କୀ ନଗର ପାଳ ଅକ୍ଷୟ ପ୍ରଧାନ, ଜିଲା ପିରଷଦ ସଭ୍ୟ ତ୍ରିଲୋଚନ ରାଉତ, ମାନସ ମହାପାତ୍ର, ଡମପଡା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ଟଙ୍କଧର ମନ୍ତ୍ରୀ, ସନାତନ ବେହେରା ଓ ବାଉରୀ ବନ୍ଧୁ ସେଠୀଙ୍କ ସମେତ ଶତାଧିକ କର୍ମୀ ସାମିଲ୍ ହୋଇ ପ୍ରତିବାଦ କରିଥିଲେ।

**ମାହାଙ୍ଗା/ଲଳିତଗିରି,(ସ୍ୱ.ପ୍ର):** ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଅଲିଯୋଡ଼ାସ୍ଥିତ ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମାହାଙ୍ଗା ବିଜୁ ଜନତା ଦଳ ସଭାପତି ରାଜ କିଶୋର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷ ଶରତ ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସମ୍ପାଦକ ଭିକାରୀ ଚରଣ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, କେଶବ ବେହେରା, ସରପଞ୍ଚ ସନ୍ଧ୍ୟାରାଣୀ ମହାନ୍ତି, ଶଶିଭୂଷଣ ଷଡ଼ଙ୍ଗୀ, ରାକେଶ ସାହୁ ଓ ଆଲୋକ ବାରିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ଆଠଗଡ଼,(ସ୍ୱ.ପ୍ର.):** ତୈଳଦର ବୃଦ୍ଧି ପ୍ରତିବାଦରେ ଆଠଗଡ ବିଜେଡି ପକ୍ଷରୁ ବ୍ଲକରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକର ବେଟିଆ, ବାଉଁଶ ଦଣ୍ଡା, ରାଧା

### ଚାରିଆଡ଼େ ତୈଳ ଦର ତାତି

ଗୋବିନ୍ଦପୁର, ବୀରକିଶୋରପୁର ଓ ଖୁଣ୍ଟକଟାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ପୃଥକ୍‌ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ କଟକ ଜିଲା ବିଜୁ ଜନତା ଦଳ ଉପସଭାପତି ନୃସିଂହ ଚରଣ ମହାପାତ୍ର, ଜିଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ବ୍ଲକ ସଭାପତି ରବୀନ୍ଦ୍ର ନାଥ ରାଉତ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ଜିଲା ମହିଳା ବିଜୁ ଜନତା ଦଳ ଉପସଭାପତି ଅଶାନ୍ତି ବେହେରା, ଜିଲା ପରିଷଦ ସଦସ୍ୟା ଜାନକୀଲତା ନାଏକ, ନଗର ବିଜୁ ଯୁବ ଜନତା ଦଳ ସଭାପତି ରାକେଶ ଦାଶ, ଏନଏସି ଅଧକ୍ଷା ସୁଚିତ୍ରା ସାହୁ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ ଓ ପ୍ରଦୀପ ଦାସଙ୍କ ସମେତ ବହୁଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଯୁବ, ମହିଳା ଓ ଛାତ୍ର ବିଜେଡି ପକ୍ଷରୁ ବାହାବଲପୁର, ନରେନ୍ଦ୍ରପୁର ଓ ନିଶ୍ଚିନ୍ତକୋଇଲି କଲେଜଛକ ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଓଝା, ଜତିନ୍ଦ୍ର ଜେନା, ସମିତି ସଭ୍ୟ କଲାମ ଖାଁ, ଜିଲାପରିଷଦ ସଭ୍ୟା ସବିତା ଓଝା, ସରପଞ୍ଚ ରବୀନ୍ଦ୍ର ସେଠୀ,, ବିଭୂତି ଭୂଷଣ ଷଣ୍ଢ, ସୁଶାନ୍ତ ମଲିକ, ବିଜୁ ଯୁବବାହିନୀ ଉପଦେଷ୍ଟା ପତିତପାବନ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଦେବେନ୍ଦ୍ର ସାହୁ, ହିମାଂଶୁ ମହାନ୍ତି ଓ ଜିଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡାଙ୍କ ସମେତ ବହୁ ଲୋକ ପ୍ରତିନିଧି ଏବଂ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ମହିଳା, ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ନୂଆପାଟଣା ପଙ୍କାଳ ଛକସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତିଗିରିଆ ବିଜୁ ଜନତା ଦଳ ସଭାପତି ଅଜିତ ଧୀରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୂପା ଦଳେଇ, ଉପାଧକ୍ଷ ଗୌରହରି ପରିଡ଼ା, ଭାଗିରଥୀ ନନ୍ଦ, ଦୁଇ ଜିଲାପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ରଶ୍ମିତା ମହାଳିକ, ବ୍ଲକ ବିଜେଡି ସଭାନେତ୍ରୀ ସବିତା ବେହେରା, ହରେନ୍ଦ୍ର ଦଳେଇ ଓ ପ୍ରଦୀପ ବେହେରାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ରଘୁନାଥପୁର, (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ପୁରଣ ଓଡ଼ପଡା ଓ ଜଇପୁର ପେଟ୍ରୋଲ ପମ୍ପ ନିକଟରେ ବିଜେଡି ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଏଥିରେ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଯୁବ ସଭାପତି ସ୍ୱଦେଶ ଦାସ, ଛାତ୍ର ସଭାପତି ଯୋସେଫ ସ୍ୱାଇଁ, ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ, ଉମ୍ବରୁଧର ବେହେରା, ବାସନ୍ତୀ ସାହୁ, ଶୁଭ୍ରାନ୍ତ କୁମାର ସ୍ୱାଇଁ ଓ ବିଦ୍ୟାଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଭାସ୍କର ପଟ୍ଟନାୟକ, ବାରିକ ନିରଞ୍ଜନ ଅର୍ପଣ, ଗୌତମ ପାଲିତ, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ବିଜେଡି ପକ୍ଷରୁ ଗୋପାଳପୁର ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ କରାଯାଇଛି। ଏଥିସହ ପଞ୍ଚାୟତ ସମିତି ଉପାଧକ୍ଷ ସଦାନନ୍ଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା କରାଯାଇଛି। ବ୍ଲକ ଅଧକ୍ଷା ଅନସୂୟା ନାଏକ, ରବୀନ୍ଦ୍ର ସାହୁ, ପ୍ରଦୀପ୍ତ ସ୍ୱାଇଁ, ରଘୁପତି ମହାନ୍ତି, ସଞ୍ଜୟ ସ୍ୱାଇଁ, ବିଜୁ କୃଷକ ଜନତା ସଭାପତି ସର୍ବେଶ୍ୱର ସ୍ୱାଇଁ, ଇଂ.ସଞ୍ଜୟ କୁମାର ସ୍ୱାଇଁ ଓ ପରମାନନ୍ଦ ସେଠୀ ପ୍ରମୁଖଙ୍କ ସମେତ ଛାତ୍ର, ଯୁବ ଏବଂ ମହିଳା ବିଜେଡି କର୍ମୀ ଯୋଗଦେଇ ପ୍ରତିବାଦ କରିଥିଲେ।



ଯାହାର ମନ ଉଦାର, ସେ ହିଁ ପ୍ରକୃତରେ ଉଚ୍ଚ ବଂଶ ଜାତ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି।
–ପ୍ଲାଟୋ



## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୯।୯।୨୦୧୮ (ରବିବାର)

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ତୋଷାଳୀ ପକ୍ଷରୁ ପଲିଥିନ୍ ବ୍ୟବହାର ନିବାରଣ ନିମନ୍ତେ ଶୋଭାଯାତ୍ରା, ରୁପାଲି ଛକ, ସକାଳ ୭ଟା ୩୦।
- ଖୁଦୁରୁକୁଣୀ ମହୋତ୍ସବ ତରଫରୁ ପୋଖରୀ ତୁଠରେ ବାଲୁକା ପୂଜା, ସୁନ୍ଦରପଦା ଓ କପିଳପ୍ରସାଦ, ସକାଳ ୯ଟା ୩୦।
- ଦିଲୀପ ବଳବନ୍ତରାୟଙ୍କ ଦ୍ୱାରା ରଚିତ ଦୁଇ କବିତା ସଙ୍କଳନ 'ବାପା' ଏବଂ 'ମରୁନୁ ମାଙ୍କଡ଼ ଓ ଅନ୍ୟାନ୍ୟ କବିତା'ର ଲୋକାର୍ପଣ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଦୟା-ଧର୍ମ-ସେବା ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ସାଧାରଣ ଅଧିବେଶନ, ବିଷ୍ଣୁ ମନ୍ଦିର ପରିସର, ଶହୀଦନଗର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଏସ୍‌ବିଆଇ କିଓସ୍କ ଅପରେଟର୍ସ ୟୁନିୟନର ପ୍ରତିଷ୍ଠା ଦିବସ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଷଷ୍ଠ ଜାତୀୟ ପାଠଚକ୍ର ଉଦ୍‌ଯାପନ, ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- କବିକନ୍ୟା ସ୍ମୃତି ସମ୍ମାନ ପ୍ରଦାନ ସମାରୋହ-୨୦୧୮ ଉଦ୍‌ଘାଟନ, ବୁଦ୍ଧ ମନ୍ଦିର ପରିସର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦। କବିତା ପାଠୋତ୍ସବ, ଅପରାହ୍ନ ୩ଟା।
- ନଟବର ସାମନ୍ତରାୟ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଜାତିଭିତ୍ତିକ ଆଟ୍ରୋସିଟି ଉଚ୍ଛେଦ ଦାବିରେ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ଅମିନ ସଂଘ, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ, କର୍ମଚାରୀ ଭବନ, ୟୁନିଟ୍-୫, ପୂର୍ବାହ୍ନ ୧୧ଟା।
- ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ପକ୍ଷରୁ ବାର୍ଷିକ ଗଣମାଧ୍ୟମ ସମ୍ମିଳନୀ 'କମ୍ୟୁନିକ୍-୧୮', ଏକ୍ସଆଇଏମ୍‌ବି ଅଡିଟୋରିୟମ୍, ଅପରାହ୍ନ ୨ଟା ୩୦।
- ଶ୍ରୀଶ୍ରୀ ଲକ୍ଷ୍ମୀ ମା'ଙ୍କ ୧୨୫ତମ ଜନ୍ମ ମହୋତ୍ସବ ଅବସରରେ ସନ୍ଧ୍ୟା ବିନତି ପ୍ରାର୍ଥନା, ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୫ଟା ୪୬। ସାଧାରଣ ସଭା, ରାତି ୭ଟା।
- କ୍ଲିସ୍‌ଫୁଲ ଯୋଗ ସେଣ୍ଟର ପକ୍ଷରୁ ଏସିଆନ୍ ଗେମ୍ସରେ ୨ ରୌପ୍ୟ ପଦକ ବିଜୟିନୀ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା, ଯୋଗ ସେଣ୍ଟର ପରିସର, ପ୍ଲଟ୍ ନଂ. ୯୫୮/୨୨୫୩, ନ୍ୟୁ ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା।
- 'ପ୍ରତିକାର'ର ୫୨ତମ ସ୍ୱନକ୍ଷତ୍ର ଉତ୍ସବ ଓ ଓଡ଼ିଶା ପ୍ରତିଭା ସମ୍ମାନ-୨୦୧୮, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଡା. ଗୌରୀଶଙ୍କର ପଣ୍ଡାଙ୍କ ପ୍ରଥମ କବିତା ସଙ୍କଳନ 'ଯେତିକି ଦେଇଛୁ'ର ଉନ୍ମୋଚନ ଉତ୍ସବ, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।




- ସୃଜନ ଏବଂ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସର ମିଳିତ ଆନୁକୂଲ୍ୟରେ ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି ସଭା, ଝାଞ୍ଜିରୀମଙ୍ଗଳା ଠାକୁରାଣୀ ପୀଠ, ପୂର୍ବାହ୍ନ ୧୦ଟା ୩୦।
- ୩୧ତମ ରାଜ୍ୟ ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ଟେନିକୋଏଟ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବ, ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା ୩୦।
- ଓଏସ୍‌ଏଲ୍‌ଏସ୍‌ଏର ସ୍ଥାୟୀ କୋଠାର ଭିତ୍ତିପ୍ରସ୍ତର, 'ନୂଆ ସଂଯୋଗ'ର ଇ-ଉଦ୍‌ଘାଟନ ଓ ସ୍କୁଲ ଲିଗାଲ ଲିଟେରାସି କ୍ଲବରେ କମ୍ପ୍ୟୁଟରୀକରଣ, ଓଏସ୍‌ଏଲ୍‌ଏସ୍‌ଏ କୋଠା ନିକଟ, ସେକ୍ଟର-୧, ବିଡ଼ାନାସୀ, ଅପରାହ୍ନ ୩ଟା ୩୦।
- ଓଡ଼ିଆ ଚଳଚ୍ଚିତ୍ର 'ମା' ନୁହେଁ ପତିତା'ର ପ୍ରଥମ ପ୍ରଦର୍ଶନ, ଜାବାନନ୍ଦ ପଦ୍ମାବତୀ ଅଡିଟୋରିୟମ୍, ସରୋଜିନୀ ହସ୍ପିଟାଲ, ଲିଙ୍କରୋଡ୍, ସନ୍ଧ୍ୟା ୬ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ନବମ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଭାରତ ବିକାଶ ପରିଷଦର ଭାରତ କୋ ଜାନୋ ପ୍ରତିଯୋଗିତା, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ବର୍ଷା ସାହିତ୍ୟ ସଂସଦର କବିତା ଆସର, ସର୍ବମଙ୍ଗଳା ପାଠାଗାର, ଅପରାହ୍ନ ୪ଟା।

### ୧୦।୯।୨୦୧୮ (ସୋମବାର)

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।

**ପୁରୀ**

- ଜିଲା ସୂଚନା ଅଧିକାର ଅଭିଯାନର କର୍ମଶାଳା, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।

### ୧୧।୯।୨୦୧୮ (ମଙ୍ଗଳବାର)

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ, ନୂଆଦିଲ୍ଲୀ ପକ୍ଷରୁ 'ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେଶନ୍ସ ଇନ୍ ଓଡ଼ିଶା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାଗୃହ, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଖ୍ରୀଷ୍ଟ ଚର୍ଚ୍ଚ ନିକଟ, ସକାଳ ୯ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଏବିଭିପି ପକ୍ଷରୁ ଛାତ୍ର ଅଧିକାର ସମାବେଶ ଅବସରରେ 'ଭୁବନେଶ୍ୱର ଚାଲ' ଶୋଭାଯାତ୍ରା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର୍ସ ଆସୋସିଏଶନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ପ୍ରଗତି ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା 'ହମ୍ ଔର୍ ତୁମ୍', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### ୧୨।୯।୨୦୧୮ (ବୁଧବାର)

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- 'ଦୃଷ୍ଟାନ୍ତ ସମ୍ମାନ-୨୦୧୮' ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

### ୧୩।୯।୨୦୧୮ (ଗୁରୁବାର)

**ଭୁବନେଶ୍ୱର**

- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ପ୍ରାତଃ ୬ଟାରୁ ଆରମ୍ଭ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା ୩୦।
- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ବଡ଼ଗଡ଼ ପୂଜା ପେଣ୍ଡାଲ, ଅପରାହ୍ନ ୧ଟା।

### ୧୪।୯।୨୦୧୮ (ଶୁକ୍ରବାର)

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

### ୧୫।୯।୨୦୧୮ (ଶନିବାର)

**ଭୁବନେଶ୍ୱର**

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

## ଦବିଲା ରାସ୍ତା, ନିମ୍ନମାନର କାମ ଅଭିଯୋଗ



ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଖାଲ।

**କଟକ ଅଫିସ, ୮।୯**

ମର୍କତନଗର ସେକ୍ଟର-୯ ଅଞ୍ଚଳରେ ଶନିବାର ମୁଖ୍ୟରାସ୍ତା ଦବିଯାଇ ବଡ଼ ଗାତ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତା ଦବିଥିବା ଦେଖି ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଏପରି ବିପଜ୍ଜନକ ପରିସ୍ଥିତିକୁ ଦେଖି ଲୋକେ ରାସ୍ତାର ଦୁଇପାର୍ଶ୍ୱକୁ ବନ୍ଦ କରି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)କୁ ଖବର ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ କର୍ପୋରେଟର ଗିରିବାଳା ବେହେରା ଓ ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣ ନିମ୍ନମାନର କରାଯାଇଥିବା ଅଭିଯୋଗ ଆଣି ପ୍ରତିବାଦ ଜଣାଇଥିଲେ। ତୁରନ୍ତ ରାସ୍ତାର ମାନ ଯାଞ୍ଚ କରାଯିବାକୁ ସେମାନେ ଦାବି କରିଥିଲେ। ଉତ୍ତେଜନା ଲାଗି ରହିଥିବାବେଳେ ଘଟଣାସ୍ଥଳରେ ଆର୍‌ଆଣ୍ଡବି, ପିଡବ୍ଲୁଡି ଓ ସ୍ୱେରେଜ୍ ବିଭାଗର ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ଲୋକେ ହେଟାବାଘକୁ ପିଟି ମାରିଦେଲେ

**ଫୁଲନଖରା, ୮।୯ (ଡି.ଏନ୍.ଏ.)**



କଟକ ସଦର ଥାନା ଅଧୀନ ଉତ୍ତମାପୁର ଓ କାଜିପାଟଣା ଗ୍ରାମକୁ ଗୁରୁବାର ରାତିରେ ଦୁଇଟି ହେଟାବାଘ ପଶି ଆସିଥିଲା। ଫଳରେ ଗ୍ରାମବାସୀ ହେଟାବାଘକୁ ମାରିବା ପାଇଁ ଠେଙ୍ଗା ଧରି ଗୋଡାଇଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ଗୋଟିଏ ହେଟାବାଘ ଗ୍ରାମ ନିକଟରେ ବୁଲୁଥିବାବେଳେ ଗ୍ରାମବାସୀ ପିଟି ପିଟି ତାକୁ ମାରି ଦେଇଛନ୍ତି। ପରେ ମୃତ ହେଟାବାଘକୁ ନିକଟସ୍ଥ କୁଆଖାଇ ନଦୀପଠାରେ ପିଙ୍ଗି ଦେଇଥିବା ଦେଖିବାକୁ ମିଳିଛି।

■ ଏସ୍‌ସିବି ମେଡିକାଲରେ ଆଉ ଏକ କେଳେଙ୍କାରୀ

# ଡେଙ୍ଗୁ ବେଡ୍ କିଣାରେ ଦୁର୍ନୀତି

**କଟକ ଅଫିସ, ୮।୯**

ଏସ୍‌ସିବି ମେଡିକାଲରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହେବାରେ ଲାଗିଛି। ରୋଗ ଓ ରୋଗୀଙ୍କ ନାଁରେ ମେଡିକାଲର ଅଧିକାରୀମାନେ କିଭଳି ବେଆଇନ କାର୍ଯ୍ୟ କରିଛନ୍ତି ତାହାର ପ୍ରମାଣ ଏବେ ଅଡିଟ୍ ରିପୋର୍ଟରୁ ଧରାପଡ଼ିଛି। ୨୦୧୫-୧୬ରେ ଡେଙ୍ଗୁ ୱାର୍ଡ ପାଇଁ ମେଡିକାଲ ପକ୍ଷରୁ କିଣାଯାଇଥିବା ବେଡ୍‌କୁ ନେଇ ଏକ ବଡ଼ଧରଣର ଅନିୟମିତତା ସାମ୍ନାକୁ ଆସିଛି। ଏଥିରେ ୩ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଡିଟ ପ୍ରାରମ୍ଭିକ ଆକଳନ କରିଛି।

ମିଳିଥିବା ସୂଚନାନୁସାରେ, ମେଡିକାଲ ପକ୍ଷରୁ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ପାଇଁ ୧୦୦ଟି ବେଡ୍ କିଣାଯାଇଥିଲା। ପ୍ରତି ବେଡ୍‌ର ଦର ଥିଲା ୩ ହଜାର ଟଙ୍କା। ତେବେ ଶିଳ୍ପ ବିଭାଗ ଅଧୀନରେ ଥିବା ଇପିଏମ୍ (ଏକ୍ସପର୍ଟ ପ୍ରମୋଟିଂ ମାର୍କେଟିଂ)ର ଧାର୍ଯ୍ୟ ଦର ଅନୁଯାୟୀ ଏହି ବେଡ୍ କିଣାଯାଇଥିବା ମେଡିକାଲ ପକ୍ଷରୁ ଦର୍ଶାଯାଇଛି। ହେଲେ ୨୦୧୬-୧୭ ଜୁନ ଓ ଜୁଲାଇ ବେଳକୁ ଡେଙ୍ଗୁ ୱାର୍ଡ ଖୋଲିବା ସମୟରେ ମାତ୍ର ୯ଟି ବେଡ୍ ଥିବା ଦେଖିବାକୁ ମିଳିଥିଲା। ଡେଙ୍ଗୁ ୱାର୍ଡ ଦାୟିତ୍ୱରେ ଥିବା ଡାକ୍ତରମାନେ ପ୍ରତିବାଦ କରିବାରୁ ନୂଆ ପୁରୁଣା ମିଶାଇ ୩୫୦ଟି ବେଡ୍ ପୁନର୍ବାର ଯୋଗାଇ ଦିଆଯାଇଥିଲା। ଡେଙ୍ଗୁ ବେଡ୍ କ୍ରୟ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା। ତେବେ ତାହାକୁ ଅଡିଟ୍ ଧରିବା ପରେ ଏବେ ଖୋଲତାଡ଼ ଆରମ୍ଭ ହୋଇଛି।

**ଅଡିଟ ଧରିବା ପରେ ଖୋଲତାଡ଼**

ଅନ୍ୟପକ୍ଷରେ ୨୦୧୩ରୁ ପ୍ରତିବର୍ଷ ଡେଙ୍ଗୁ ୱାର୍ଡ ପାଇଁ ବେଡ୍ କିଣାଯାଉଛି। ମାତ୍ର ପରବର୍ଷକୁ ସବୁ ବେଡ୍‌ର କୌଣସି ହିସାବ ନ ଥାଏ। କେବଳ ଡେଙ୍ଗୁ ବେଡ୍ କିଣା ନୁହେଁ, ଏହା ପୂର୍ବରୁ ଅଡିଟ୍ ଅନେକ ଦୁର୍ନୀତି ସାମ୍ନାକୁ ଆଣିଛି। ସେହିଭଳି ଭିଜିଲାନ୍ସରେ ମଧ୍ୟ ମାମଲା ରହିଛି। ବିଗତ ଦିନରେ ମେଡିକାଲରେ ନିୟୋଜିତ ଏକ ଘରୋଇ ସଂସ୍ଥା ୟୁଜର୍ସ ଫି' ଆତ୍ମସାତ କରିଥିବା ଅଡିଟ୍ ଧରିଥିଲା। ସମ୍ପୃକ୍ତ ସଂସ୍ଥା ରୋଗୀମାନଙ୍କଠାରୁ ୟୁଜର୍ସ ଫି' ବାବଦରେ ଆଦାୟ କରିଥିବା ଟଙ୍କାକୁ ଅଭିନବ ଉପାୟରେ ହରିଲୁଟ କରୁଥିଲା। ଜଣେ ରୋଗୀ କୌଣସି ଏକ ପରୀକ୍ଷା ବାବଦକୁ ୩୫୦ ଟଙ୍କା ପୈଠ କରିଥିଲେ ଉକ୍ତ ସଂସ୍ଥା କମ୍ପ୍ୟୁଟର ଓ କାଗଜପତ୍ରରେ ଶୂନ କାଟିଦେଇ ମେଡିକାଲ ତହସିଲ୍‌ରେ ୩୫ ଟଙ୍କା ଜମା କରୁଥିଲା। ଏହାକୁ ଅଡିଟ୍ ଧରିବା ପରେ ଉକ୍ତ ଘରୋଇ ସଂସ୍ଥା ଏବେ କିସ୍ତିରେ ଟଙ୍କା ଫେରସ୍ତ ଦେଉଛି। ଅଦ୍ୟାବଧି ପ୍ରାୟ ୩ ଲକ୍ଷ ପାଖାପାଖି ଟଙ୍କା ଫେରାଇ ସାରିଲାଣି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସମ୍ପୃକ୍ତ ସଂସ୍ଥାକୁ ମେଡିକାଲ ପ୍ରଶାସନ ଅଦ୍ୟାବଧି କାର୍ଯ୍ୟରେ ନିୟୋଜିତ ରଖିଛି। ଉକ୍ତ ସଂସ୍ଥା ଭବିଷ୍ୟତରେ ଆଉ ଏକ ବଡ଼ଧରଣର ଦୁର୍ନୀତି କରିବାକୁ ମେଡିକାଲ କର୍ତ୍ତୃପକ୍ଷ ସୁଯୋଗ ଦେଉଛି ବୋଲି ସାମାଜିକ କର୍ମୀ ଉମେଶ ବିଶ୍ୱାଳ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, ଡେଙ୍ଗୁ ବେଡ୍ କିଣା ସମ୍ପର୍କରେ ଅଡିଟ୍ କେତେକ ଆପତ୍ତି ଉଠାଇଛି। ସେ ସମ୍ପର୍କରେ ତର୍ଜମା କରାଯାଉଛି। ତେବେ ଯେଉଁ ଘରୋଇ ସଂସ୍ଥା ୟୁଜର୍ସ ଫି' ଆତ୍ମସାତ କରିଥିଲା ଉକ୍ତ ସଂସ୍ଥାକୁ ନୋଟିସ ଜାରି କରାଯାଇଛି। ଅଡିଟ୍‌ରୁ ଯାହା ବାହାରୁଛି ଉକ୍ତ ସଂସ୍ଥାଠାରୁ ତାହା ଆଦାୟ କରାଯାଉଛି। ତେବେ କ'ଣ ପାଇଁ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇ ମେଡିକାଲରୁ ବାହାର କରାଯାଉ ନାହିଁ ସେ ସମ୍ପର୍କରେ ପଚାରିବାରୁ ପ୍ରଶାସନିକ ଅଧିକାରୀ ବେହେରା ନୀରବ ରହିଥିଲେ।



କଟକ ସାରଳା ଭବନରେ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିୟାଡର ଶନିବାର ସନ୍ଧ୍ୟାରେ ମଣିପୁର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଜାଗୋଇ ରାସ।

## କଂଗ୍ରେସର ବୈଠକ, ବାମଦଳ ପକ୍ଷରୁ ଶୋଭାଯାତ୍ରା

**କଟକ ଅଫିସ, ୮।୯**

ତୈଳ ଦର ଆକାଶ ଛୁଆଁ। ଦେଶରେ ଦରଦାମ ବଢ଼ିଚାଲିଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହୋଇଛି। ଏଥିପାଇଁ ମୋଦି ସରକାରକୁ ଦାୟୀ କରି ତାଙ୍କ ଜନବିରୋଧୀ ନୀତି ବିରୋଧରେ ଆସନ୍ତା ୧୦ ତାରିଖକୁ କଂଗ୍ରେସ ଭାରତ ବନ୍ଦ ଡକରା ଦେଇଛି। ଏହାକୁ ସମର୍ଥନ ଦେଇଛି ବାମଦଳ ସମେତ ବିଭିନ୍ନ ବିରୋଧୀ ଦଳ। ତେବେ ଆନ୍ଦୋଳନକୁ ସଫଳ କରିବା ପାଇଁ ଶନିବାର କଟକ ନଗର (ଜିଲା) କଂଗ୍ରେସ ପକ୍ଷରୁ ସଭାପତି ଇଂ. ମହମ୍ମଦ ମୋକିମ୍‌ଙ୍କ ଅଧ୍ୟକ୍ଷତାରେ ପୁରୀଘାଟସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ସହରର ୫୯ଟି ୱାର୍ଡର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଉକ୍ତଦିନ ଜିଲାର ସମସ୍ତ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରି, ରେଲ୍‌ୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଆକାଶବାଣୀ କାର୍ଯ୍ୟାଳୟ, ବ୍ୟାଙ୍କ୍, ଦୋକାନବଜାର ଆଦି ସମ୍ମୁଖରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନିଆଯାଇଛି।




କଟକ କଲେଜ ଛକଠାରେ ବାମଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଅନ୍ୟପକ୍ଷରେ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ବାମଦଳଗୁଡ଼ିକର ଏକ ମିଳିତ ଶୋଭାଯାତ୍ରା କଟକ କଲେଜଛକଠାରୁ ବାହାରି ହାଓଡ଼ା ମୋଟର ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସାମିଲ୍ ହୋଇଥିବା ନେତା ଓ କର୍ମୀମାନେ କେନ୍ଦ୍ରର ଭାଜପା ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ଲୋକଙ୍କୁ ଆନ୍ଦୋଳନ ସମ୍ପର୍କରେ ଅବଗତ କରାଇଥିଲେ। ସିପିଆଇ ରାଜ୍ୟ ସହସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର, ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ସିପିଆଇ(ଏମ୍) ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ ଓ ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଏହାର ନେତୃତ୍ୱ ନେଇଥିଲେ।

**ଭାରତ ବନ୍ଦ ସଫଳ ପାଇଁ ପ୍ରସ୍ତୁତି**

## ଭାରତ ବନ୍ଦ ପାଇଁ ନଗର କଂଗ୍ରେସର ସଜବାଜ

**କଟକ ଅଫିସ, ୮।୯:** ପେଟ୍ରୋଲ ଓ ଡିଜେଲ୍‌ର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୧୦ ତାରିଖରେ ଭାରତ ବନ୍ଦ ଡାକରା ଦେଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଓ ଏନ୍‌ଏସି ଅଞ୍ଚଳରେ ବନ୍ଦକୁ ସଫଳ କରିବା ପାଇଁ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏ ନେଇ ସଭାପତି ଗୁରୁପଦ ନନ୍ଦଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଲିଙ୍କ୍‌ରୋଡଠାରେ ଜିଲାର ସମସ୍ତ ଦଳୀୟ ନେତା, କର୍ମୀ ଏବଂ ଜନସାଧାରଣ ଆନ୍ଦୋଳନରେ ସାମିଲ୍ ହେବା ସହ ସଫଳ କରାଇବାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ପୁଷ୍ପା ସାମଲ, ଦୀପକ ପରିଡା, ଦିଲୀପ ମହାନ୍ତି, ଶାନ୍ତାୟନ ମିଶ୍ର, ଅଶୋକ ସ୍ୱାଇଁ, ଅନିଲ ବେଉରା, ରବୀନ୍ଦ୍ର ବେହେରା, ଶୋଭା ସିଂ, ଅନ୍ନପୂର୍ଣ୍ଣା ସାହୁ, ମନୋରଞ୍ଜନ ଖଟୁଆ ପ୍ରମୁଖ ଯୋଗଦେଇଥିଲେ।

## ଓଏଭିଏସ୍ ଶିକ୍ଷକ ନିଯୁକ୍ତିରେ ଭିନ୍ନକ୍ଷମଙ୍କୁ ଅବହେଳା

**କଟକ ଅଫିସ, ୮।୯**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭିଏସ୍) ନିଯୁକ୍ତିରେ ଭିନ୍ନକ୍ଷମମାନଙ୍କ ପ୍ରତି ଗୁରୁତର ଅବହେଳା କରାଯାଇଛି। ଏ ସଂକ୍ରାନ୍ତରେ ଭିନ୍ନକ୍ଷମତ ଆବେଦନାକାରୀମାନେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଓ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାପଡିଛି ଯେ, ଆଦର୍ଶ ବିଦ୍ୟାଳୟ ନିମନ୍ତେ ଟ୍ରେନ୍‌ଡ ଗ୍ରାଜୁଏଟ୍ ଟିଚର (ଟିଜିଟି) ସୋସିଆଲ ଷ୍ଟଡିଜ୍‌ରେ ୧୪୦ଟି ଏବଂ ଓଡ଼ିଆ ବିଷୟରେ ୭୨ଟି ପଦବୀ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୮ ଜୁନ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସୋସିଆଲ୍ ଷ୍ଟଡିଜ୍ ପାଇଁ ଭିନ୍ନକ୍ଷମଙ୍କ ଲାଗି ୩ଟି ଓ ଓଡ଼ିଆରେ ୨ଟି ପଦବୀ ସଂରକ୍ଷିତ ଥିଲା। ଅନ୍‌ଲାଇନ ଟେଷ୍ଟ ମାଧ୍ୟମରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁ ନିମନ୍ତେ ଡକାଯାଇଥିଲା। ଜୁଲାଇ ୨୭ରେ ଇଣ୍ଟରଭ୍ୟୁ ସରିଥିଲେ ମଧ୍ୟ ଏହାର ଫଳାଫଳ ସିଟ୍ ପ୍ରକାଶ ପାଇବାର ୩୯ ଦିନ ବିଳମ୍ବ ଅର୍ଥାତ୍ ସେପ୍ଟେମ୍ବର ୫ରେ ବାହାରିଥିଲା। ତେବେ ସୋସିଆଲ ଷ୍ଟଡିଜ୍‌ରେ ୧୩୩ଜଣ ଓ ଓଡ଼ିଆରେ ୫୫ଜଣଙ୍କ ପାଖକୁ ନିଯୁକ୍ତିପତ୍ର ଇମେଲ୍ ଜରିଆରେ ପଠାଯିବା ସହ ବିଭାଗୀୟ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ହୋଇଥିଲା। କିନ୍ତୁ କୌଣସି ଭିନ୍ନକ୍ଷମ ପ୍ରାର୍ଥୀଙ୍କ ନିକଟକୁ ଏଯାଏ ନିଯୁକ୍ତିପତ୍ର ପଠାଯାଇ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଶିକ୍ଷକ ପଦବୀ ଲାଗି ଆବେଦନ ସମୟରେ ଭିନ୍ନକ୍ଷମଙ୍କ ନିମନ୍ତେ କୌଣସି ଦେୟ ନ ଥିବାବେଳେ ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦୦ ଟଙ୍କା ଦେବାକୁ ପଡ଼ିଥିଲା। ଏହାକୁ ନେଇ ଭିନ୍ନକ୍ଷମତ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

**ବିଭାଗୀୟ ନିର୍ଦ୍ଦେଶକ ଓ କମିଶନରଙ୍କ ନିକଟରେ ଅଭିଯୋଗ**



ଯାହାର ଆଖି ନଷ୍ଟ ହୋଇଯାଉଛି ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
-ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଟାଙ୍ଗୀ(କଟକ),୮।୯(ଡି.ଏନ୍.ଏ.)-** ବିଦ୍ୟୁତ୍ ଆଘାତରେ ଟାଙ୍ଗୀ ଥାନା ଅଧୀନ ହଳଦୀବସନ୍ତ ଗ୍ରାମର ଅଭୟ କୁମାର ବେଉରା(୩୮)ଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଅଞ୍ଚଳରେ ଇଲେକ୍ଟ୍ରିସିଆନ୍ ଭାବେ ଜଣାଶୁଣା ଅଭୟ ନିଜ ଘରର ପଙ୍ଖା ମରାମତି କରିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୧୮) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ବିମଳ କୁମାର ବାରିକ କହିଛନ୍ତି।

### ୱାରେଣ୍ଟ ବଳରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୮।୯-** ୱାରେଣ୍ଟ ବଳରେ ବାଦାମବାଡି ପୋଲିସ ଶନିବାର ସ୍ଥାନୀୟ ବଳଭଦ୍ରପୁର ଅଞ୍ଚଳର ଶରତ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ୨୦୧୬ରେ ବାଦାମବାଡି ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତ ଥିଲେ ଶରତ। ଏହି ମାମଲା କଟକ ଏସ୍‌ଡିଜେଏମ୍ କୋର୍ଟରେ ବିଚାରଧୀନ ଅଛି। ତେବେ ଉକ୍ତ ମାମଲାର ବିଚାର ପାଇଁ କୋର୍ଟରେ ହାଜର ହେବାକୁ ଶରତଙ୍କୁ ନୋଟିସ୍ ଜାରି ହୋଇଥିଲେ ମଧ ସେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ଶରତଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରିବା ସହ ତାଙ୍କୁ ଗିରଫ କରିବା ପାଇଁ ବାଦାମବାଡି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

### ଅଟୋ ନେଇ ଚାଳକ ଫେରାର

**କଟକ ଅଫିସ, ୮।୯-** ଅଟୋ ନେଇ ଜଣେ ଚାଳକ ଫେରାର୍ ହୋଇଯାଇଛନ୍ତି। ଏ ନେଇ ଅଟୋ ମାଲିକ ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର ଅଞ୍ଚଳର ଦୀପକ ବେହେରା ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୀପକଙ୍କର କିଛି ଯାତ୍ରୀବାହୀ ଅଟୋ ଅଛି। କିଛିଦିନ ହେବ ଜଣେ ବ୍ୟକ୍ତି ଦୀପକଙ୍କ ପାଖକୁ ଆସି ତାଙ୍କ ଅଟୋ ଚଳାଇବା ପାଇଁ କହିଥିଲେ। ଦୀପକ ତାଙ୍କ କଥାରେ ରାଜି ହୋଇ ତାଙ୍କୁ କାର୍ଯ୍ୟରେ ରଖିଥିଲେ। ଚାଳକ ଜଣଙ୍କ ଶୁକ୍ରବାର ସକାଳୁ ଅଟୋ ନେଇ କାର୍ଯ୍ୟକୁ ଯାଇଥିବା ବେଳେ ଆଉ ଫେରି ନ ଥିଲେ। ଚାଳକଙ୍କ ମୋବାଇଲକୁ ଫୋନ୍ କରିଥିଲେ ମଧ ଏହା ସୁଇଚ୍ ଅଫ ଥିଲା। ସବୁଆଡେ ଖୋଜାଖୋଜି କରିବା ପରେ ଚାଳକଙ୍କ ପତ୍ତା ନ ପାଇବାରୁ ଦୀପକ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୪/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

■ ବିରୂପା କୂଳରୁ ମହିଳାଙ୍କ ମୃତଦେହ ଜବତ ଘଟଣା

# ହତ୍ୟା କରିଥିଲେ ଦ୍ୱିତୀୟ ସ୍ୱାମୀ

**କଟକ ଅଫିସ, ୮।୯**

ଜଗତପୁର ଥାନା ଅନ୍ତର୍ଗତ ଆଠମାଣିଆସ୍ଥିତ ବିରୂପା ନଦୀ କୂଳରୁ ଜୁଲାଇ ୧୧ରେ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା ପୋଲିସ। ମହିଳାଙ୍କ ତଣ୍ଟିରେ କଟା ଦାଗ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ ମୃତା ମହିଳାଙ୍କ ପରିଚୟ ମିଳିପାରି ନ ଥିଲା। ଏହି ଘଟଣାକୁ ଦୁଇ ମାସ ପୂରିବାକୁ ବସିଥିବାବେଳେ ଏବେ ଘଟଣା ଉପରୁ ପରଦା ହଟାଇଛି ଜଗତପୁର ପୋଲିସ। ମୃତା ମହିଳା ହେଉଛନ୍ତି ଦେବକୀ ବେହେରା ଓରଫ ଅନି। ଦ୍ୱିତୀୟ ସ୍ୱାମୀ ସୁରେନ୍ଦ୍ର ବେହେରା



ଓରଫ୍ ସୁରିଆ ତାଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଏଥିସହ ସୁରେନ୍ଦ୍ରଙ୍କଠାରୁ ଅନିଙ୍କ ଏକ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଜଗତପୁର ପୋଲିସ ଆଇପିସି ଦଫା ୩୦୨ରେ ଏକ ମାମଲା(୧୮୬/୧୮) ରୁଜୁ କରିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି। ସୂଚନା ଅନୁଯାୟୀ, ଉଭୟଙ୍କ ଘର କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ମୌଦା ଅଞ୍ଚଳରେ। ଅନିଙ୍କୁ ତାଙ୍କ ପ୍ରଥମ ସ୍ୱାମୀ ଛାଡି ଦେଇଥିବାବେଳେ ସୁରେନ୍ଦ୍ର ମଧ ତାଙ୍କ ସ୍ତ୍ରୀଙ୍କୁ ଛାଡି ଦେଇଥିଲେ। ଉଭୟଙ୍କ ମଧରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ୨୦୧୭ ମାର୍ଚ୍ଚରେ ଜଗତସିଂହପୁର ଅଞ୍ଚଳରେ ଥିବା ଏକ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ପରେ ସୁରେନ୍ଦ୍ରଙ୍କ ସହ ତାଙ୍କ ଘରେ ରହିଥିଲେ। ବିବାହର କିଛି ମାସ ପରେ ଦୁହିଁଙ୍କ ମଧରେ ଥିବା ସମ୍ପର୍କରେ ଫାଟ ଦେଖାଦେଇଥିଲା। ବିଶେଷକରି ଆର୍ଥିକ ସ୍ଥିତିକୁ ନେଇ ପ୍ରତିଦିନ ଝଗଡା ହେଉଥିଲେ। ଏଥିରେ ସୁରେନ୍ଦ୍ର ଅତିଷ୍ଠ ହୋଇ ଅନିଙ୍କୁ ଜୀବନରୁ ମାରି ଦେବାକୁ ଯୋଜନା କରିଥିଲେ। ଗତ ଜୁଲାଇ ମାସରେ ରାଜମିସ୍ତ୍ରି କାମ କରିବା ପାଇଁ ସୁରେନ୍ଦ୍ର ଜଗତପୁର ଆସିଥିଲେ। ଜୁଲାଇ ୧୧ରେ ସେ ଅନିଙ୍କୁ ଫୋନ କରି ଜଗତପୁରରେ ରହିବାକୁ ଡାକିଥିଲେ। ଅନି ପହଞ୍ଚିବା ପରେ ଉଭୟ ମିଶି ମଦ ପିଇଥିଲେ। ଅନି ମୁଣ୍ଡ କ'ଣ ହୋଇଯାଉଥିବା କହିବାରୁ ସୁରେନ୍ଦ୍ର ତାଙ୍କୁ ମୁହଁ ଧୋଇ ଆସିବାକୁ କହି ଉଭୟେ ବାଇକରେ ବିରୂପା ନଦୀ କୂଳକୁ ଯାଇଥିଲେ। ଅନି ନଦୀ ପାଣିରେ ମୁହଁ ଧୋଉଥିବା ବେଳେ ସୁରେନ୍ଦ୍ର ଏକ ଧାରୁଆ ଛୁରିରେ ତାଙ୍କର ବେକ କାଟି ଦେଇଥିଲେ। ପରେ ଅନିଙ୍କୁ ସେଠାରେ ପକାଇ ଦେଇ ନିଜ ଗାଁ ମୌଦାକୁ ପଳାଇ ଯାଇଥିଲେ।



ବ୍ରାହ୍ମଣଝରିଲୋ କଲେଜ ଫାଟକ ସମ୍ମୁଖରେ ଆନ୍ଦୋଳନ କରୁଥିବା ଅଧାପକ ଓ ଛାତ୍ରୀଛାତ୍ର।

## କଲେଜ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଫୁଲନଖରା, ୮।୯(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅଧୀନ କୁରାଙ୍ଗପ୍ରଧାନ ପଞ୍ଚାୟତର ବ୍ରାହ୍ମଣଝରିଲୋ କଲେଜ ଫାଟକ ସମ୍ମୁଖରେ ଶନିବାର ବ୍ଲକଗ୍ରାଣ୍ଟ ଅଧାପିକା, ଅଧାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିବା ସହ ଧାରଣାରେ ବସିଥିଲେ। ଏହାକୁ ସମର୍ଥନ କରି କଲେଜର ଛାତ୍ରୀଛାତ୍ରମାନେ ମଧ ଧାରଣାରେ ସାମିଲ ହୋଇଥିଲେ। ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଡାକରାରେ ୪୮୮ ବର୍ଗ ଅନୁଦାନପ୍ରାପ୍ତ ବ୍ଲକଗ୍ରାଣ୍ଟ ଅଧାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି।




କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟୋରିୟମରେ ସାହିତ୍ୟ ଏକାଡେମୀ ଏବଂ ସ୍ନାତକୋତ୍ତର ଓଡିଆ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସ ସମ୍ମାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

■ ପ୍ରଧାନଶିକ୍ଷକଙ୍କ ବଦଳି ପ୍ରତିବାଦ

## ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

**କଟକ ସଦର, ୮।୯(ଡି.ଏନ୍.ଏ.)**

କିଶୋର ନଗର ଥାନା ଅଧୀନ ଇଶାଣୀ ବ୍ରହ୍ମପୁର ପଞ୍ଚାୟତ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କିଶୋର ଚଇନିଙ୍କ ଅନ୍ୟତ୍ର ବଦଳି ପ୍ରତିବାଦରେ ଶନିବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟ ପରିସରକୁ ଯାଇପାରି ନ ଥିଲେ। ପ୍ରଧାନଶିକ୍ଷକ ଚଇନିଙ୍କୁ ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ଏକ ସ୍କୁଲକୁ ବଦଳି କରାଯାଇଛି। ଏହି ବଦଳି ଆଦେଶକୁ ରଦ୍ଦ କରିବା ପାଇଁ ଅଭିଭାବକମାନେ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କିଛି ଫଳ ମିଳି ନ ଥିଲା। ଶେଷରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ବାଧ ହୋଇଛନ୍ତି ବୋଲି ଅନେକ ଅଭିଭାବକ ଗଣମାଧମ ପ୍ରତିନିଧିଙ୍କୁ କହିଛନ୍ତି। ଖବରପାଇ ରଘୁନାଥପୁର ବିଆରସିସି ଅନୱାର ହୁସେନ ଧାରଣାସ୍ଥଳରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ ସୁଦ୍ଧା ସମାଧାନର ବାଟ ବାହାରିପାରିନାହିଁ। ବଦଳି ଆଦେଶ ବାତିଲ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସିଆରସିସିଙ୍କୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, କଟକ ଜିଲା ଏହି ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀଙ୍କ ନିୟନ୍ତ୍ରଣରେ ରହିଛି।



ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

### କାରକୁ ଧକ୍କା ଦେଲା ବସ୍

**ଫୁଲନଖରା, ୮।୯(ଡି.ଏନ୍.ଏ.)**

କଟକସଦରଥାନାଅଧୀନଡାହାଳିଆବାଗ ନିକଟରେ ଶନିବାର ମଧାହ୍ନ ପ୍ରାୟ ୧ଟାରେ ଏକ କାରକୁ ପଛରୁ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି। କାର୍‌ଟି ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ପଛରୁ ବସ୍ ଧକ୍କା ଦେଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ଥାନାକୁ ନେବା ସହ ଚାଳକଙ୍କୁ ଅଟକ ରଖିଛି।

### ନୂତନ କୋଠଘର ଶିଳାନ୍ୟାସ

**ଚୌଦ୍ୱାର, ୮।୯(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ପାଞ୍ଚ ପରଗଣା ତୈଳିକ ବୈଶ୍ୟ ସମାଜର ନୂତନ କୋଠଘର ଶିଳାନ୍ୟାସ ଉତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ଚୌଦ୍ୱାର-ମଣ୍ଡାପଡା ରାସ୍ତାର ପୋଟଳେଇ ମନ୍ଦିର ଅନତିଦୂରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କୋଠଘରର ଶିଳାନ୍ୟାସ କରିଥିଲେ। ତୈଳିକ ବୈଶ୍ୟ ସମାଜର ସଭାପତି ଦୟାନିଧି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ସଭାପତି ଦାମୋଦର ସାହୁ, କୈଳାସ ଚନ୍ଦ୍ର ବେହେରା, ପ୍ରେମଚାନ୍ଦ ନାୟକ, ଶିକ୍ଷାବିତ୍ ସଦାନନ୍ଦ ସାହୁ, ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, କାଉନସିଲର କରୁଣାକର ସାହୁ, ବିଷ୍ଣୁ ଚରଣ ପରିଡା, କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ବିଶ୍ୱାଳଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିଷ୍ଣୁ ଚରଣ ସାହୁ ସ୍ୱାଗତ ଭାଷଣ ଓ ପରମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

■ ଡ୍ରିମ୍‌ସ ପଲିଟେକନିକ୍‌ରେ ସ୍ୱାଗତ ଉତ୍ସବ

## ସ୍ୱପ୍ନ ସାକାର ପାଇଁ ସଂକଳ୍ପ ଲୋଡ଼ା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କଟକ ଅଫିସ, ୮।୯**

ଡ୍ରିମ୍‌ସ ଡିପ୍ଲୋମା ଇଞ୍ଜିନିୟରିଂ (ପଲିଟେକନିକ)ରେ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ 'ଆରମ୍ଭ' ଶନିବାର କ୍ୟାମ୍ପସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରିକେଟ ତାରକା ଦେବାଶିଷ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଲେ, ପ୍ରତ୍ୟେକ ସ୍ୱପ୍ନଦ୍ରଷ୍ଟା ହେବା ଆବଶ୍ୟକ। ତେବେ ଏହାକୁ ସାକାର କରିବା ପାଇଁ ଦୃଢ ସଂକଳ୍ପ, ଏକାଗ୍ରତା ଓ ଶୃଙ୍ଖଳା ଲୋଡା। ଛାତ୍ରୀଛାତ୍ରମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କମଳାକାନ୍ତ ମିଶ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ ନିର୍ଦ୍ଦେଶକ ପ୍ରଫେସର ଲୋକନାଥ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷାନୁଷ୍ଠାନର ପ୍ରୋ ଚେୟାରମ୍ୟାନ୍ ଇଂ. ଦୁର୍ଗାପ୍ରସାଦ ରଥ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅଧକ୍ଷା ତପସ୍ୱିନୀ ସାହୁ ସ୍ୱାଗତ ଭାଷଣ ଏବଂ ଅଧାପକ ଦେବବ୍ରତ ପତି ଓ ଅଧାପିକା ମିହିତା ମଧୁସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା ପ୍ରଗତି ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା।

## ମାସିକ ପତ୍ରିକାର ବାର୍ଷିକ ଉତ୍ସବ

**ଚୌଦ୍ୱାର, ୮।୯ (ଡି.ଏନ.ଏ.)**

ଚୌଦ୍ୱାର ପୌର ଟାଉନ୍ ହଲ୍‌ରେ ମାସିକ ପତ୍ରିକା ସତ୍ୟ ଅପରାଧ କାହାଣୀର ପଞ୍ଚଦଶ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ବିଜୟ ଭୂଷଣ ପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଦୀପକ ପାତ୍ର, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଅସୀମ ଅମିତାଭ ଦାସ ଯୋଗଦେଇଥିଲେ। ଏହି ଅବସରରେ ସତ୍ୟ ଅପରାଧ କାହାଣୀ ପୁସ୍ତକର ସେପ୍ଟେମ୍ବର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଅଭ୍ୟର୍ଥନା କମିଟି ଅଧକ୍ଷ ପ୍ରଦୀପ ସାହୁ ଅତିଥି ପରିଚୟ ଓ ପତ୍ରିକାର ସମ୍ପାଦକ ଆଲୋକ କୁମାର ନାୟକ ବିବରଣୀ ପ୍ରଦାନ କରିଥିଲେ। ପତ୍ରିକାର ପରିଚାଳିକା ରଶ୍ମିତା ପତି, ସହଯୋଗୀ ସମ୍ପାଦିକା ଲହରିକା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଟି. ସୌରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କମଳାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ତୈଳ ଦର ବୃଦ୍ଧିର ପ୍ରତିବାଦ

**କଟକ ଅଫିସ, ୮।୯**

ତୈଳ ଦର ବୃଦ୍ଧି ପ୍ରତିବାଦରେ ଶନିବାର ସହରର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ବିଜୁ ଜନତା ଦଳ। ପେଟ୍ରୋଲ ଦର ବୃଦ୍ଧି ଯୋଗୁ କ'ଣ ସମସ୍ୟା ସୃଷ୍ଟି ହେଉଛି ଓ ଏଥିପାଇଁ ଦାୟୀ କିଏ ସେ ସମ୍ପର୍କରେ କର୍ମୀମାନେ ସାଧାରଣ ଲୋକଙ୍କୁ ଜଣାଇବା ସହ ଲିଫ୍‌ଲେଟ୍ ବାଣ୍ଟିଛନ୍ତି। ଗଣ୍ଡରପୁର ପେଟ୍ରୋଲ ପମ୍ପ ସମ୍ମୁଖରେ କଟକ-ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ଶତାଧିକ କର୍ମୀ କେନ୍ଦ୍ର ସରକାର ଜନବିରୋଧୀ ସରକାର ବୋଲି କହି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ସେହିପରି କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଶତାଧିକ ବିଜୁ ଜନତା ଦଳର କର୍ମୀ ଗଣେଶ ଘାଟ ପେଟ୍ରୋଲ ପମ୍ପ ନିକଟରେ କେନ୍ଦ୍ର ସରକାର ବିରୋଧୀ ନାରାବାଜି କରିଥିଲେ। କୁଆଡେ ଗଲା ପ୍ରଧାନମନ୍ତ୍ରୀଙ୍କ ଅଚ୍ଛେ ଦିନ୍ ବୋଲି ବିଧାୟକ ପ୍ରଶ୍ନ କରିବା ସହ ଆଗାମୀ ଦିନରେ ତୈଳ ବୃଦ୍ଧି ରୋକିବା ଦିଗରେ କେନ୍ଦ୍ର ସରକାର ସଚେତନ ନ ହେଲେ ପ୍ରତିବାଦ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି ବିଧାୟକ। କଟକ କଲେଜ ଛକ ପେଟ୍ରୋଲ ପମ୍ପ ନିକଟରେ ବିଜୁ ଯୁବ ଜନତା ଦଳର ମହାସଚିବ ଶିଶିର ପରିଜା ଶୋଭାଯାତ୍ରାରେ ନେତାଜୀ ଷ୍ଟାଚ୍ୟୁ ପର୍ଯ୍ୟନ୍ତ ଯାଇ ତୈଳ ଦର ବୃଦ୍ଧି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟୀ ଓ ଭାରତୀୟ ଜନତା ପାର୍ଟି ତୈଳ ଦର ବୃଦ୍ଧି କରାଇ ନିର୍ବାଚନୀ ପାଣ୍ଠି ଗୋଟାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ କହିଛନ୍ତି ଯେ, ସାରା ସହରରେ ବିଜୁ ଜନତା ଦଳ ପେଟ୍ରୋଲ ଦର ବୃଦ୍ଧି ନେଇ ଯେଉଁଭଳି ପ୍ରତିବାଦ କରୁଛି ତାହା କେବଳ ଲୋକଦେଖାଣିଆ। ଦୀର୍ଘବର୍ଷ ଧରି ରାଜ୍ୟରେ ଶାସନ ଦାୟିତ୍ୱରେ ଥିବା ବିଜେଡି ଦୁର୍ନୀତିର ଗନ୍ତାଘର। ରାଜ୍ୟରେ ତୈଳ ଦର ଉପରେ ଟ୍ୟାକ୍ସ ହ୍ରାସ କଲେ ତୈଳ ଦର କମିଯାଆନ୍ତା। ହେଲେ ଏହା ନ କରି ବିଜୁ ଜନତା ଦଳ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ କରି ରାଜନୀତି କରୁଛି ବୋଲି ସେ କହିଛନ୍ତି।




ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଶନିବାର କଟକ କଲେଜ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

■ ତୈଳ ଦର ବୃଦ୍ଧିର ପ୍ରତିବାଦ

# ବିଭିନ୍ନ ପେଟ୍ରୋଲ ପମ୍ପରେ ବିଜେଡିର ବିକ୍ଷୋଭ

**କଟକ ସଦର/ ଫୁଲନଖରା/ ଖୁଣ୍ଟୁଣୀ/ କଣ୍ଟାପଡା/ ନିଆଳି/ ଚୌଦ୍ୱାର/ ଟାଙ୍ଗୀ (କଟକ) ୮।୯(ଡି.ଏନ୍.ଏ.)**

ତୈଳଦର ବୃଦ୍ଧି ପ୍ରତିବାଦରେ କଟକ ସଦର ବିଜେଡି ପକ୍ଷରୁ କଟକ-ପାରାଦୀପ ରାସ୍ତାପାର୍ଶ୍ୱ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତୀକ ଧାରଣା ଦିଆଯାଇଥିଲା। କନ୍ଦରପୁରଠାରେ କାଳିନ୍ଦୀ ସ୍ୱାଇଁ, ହୃଦାନନ୍ଦ ଆଚାର୍ଯ୍ୟ, କିଶୋର ସାହୁ, ଯତୀନ ରାଉଳ, ନିମାଇଁ ମହାପାତ୍ର, ବାବୁଲି ସାହୁ ଓ ବିଶ୍ୱରଞ୍ଜନ ମହାନ୍ତି ଧାରଣା ଦେଇଥିଲେ। ସେହିପରି କମରପଦା, ଅର୍ଦ୍ଧିଲ, ସୋମପୁର, ନାହାଭଙ୍ଗା, ୪୨ ମୌଜାର ଗୋବିନ୍ଦପୁର ଓ ବ୍ରହ୍ମପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି କର୍ମୀମାନେ ଧାରଣା ଦେଇଥିଲେ।

କଟକ ସଦର ଥାନା ଅଧୀନ ଗୋପାଳପୁର ପେଟ୍ରୋଲ ପମ୍ପଠାରେ ପୂର୍ବତନ କର୍ପୋରେଟର ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ଛାତ୍ର ବିଜେଡି ସମ୍ପାଦକ ଅବିନାଶ ବେହେରାଙ୍କ ସହ ଅନ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ପାଇକସାହି ଓ ବାଲିକୁଦା ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଆଠଗଡ ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳ ପକ୍ଷରୁ ଖୁଣ୍ଟୁଣୀ ବଜାରଠାରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଖୁଣ୍ଟୁଣୀ ସରପଞ୍ଚ ଫୁଲ ବେହେରା, ସମିତିସଭ୍ୟା ରୀନା ଦଳେଇ, କୈଳାସ ଚନ୍ଦ୍ର ଦାସ, ବିପିନ ବିହାରୀ ପ୍ରଧାନ, ନୃସିଂହ ସାହୁ, ସୁରେଶ ଦଳେଇ, ରଞ୍ଜନ ବେହେରା ଓ ଦେବେନ୍ଦ୍ର ସାହୁଙ୍କ ସହ ଶତାଧିକ କର୍ମୀ ଧାରଣାରେ ବସିଥିଲେ। ଏଥିସହ କପୁରସିଂ ଓ କୁସପଙ୍ଗୀ ପେଟ୍ରୋଲ ପମ୍ପ ସମ୍ମୁଖରେ ମଧ ଧାରଣା ଦିଆଯାଇଥିଲା।




ତୈଳଦର ବୃଦ୍ଧି ପ୍ରତିବାଦରେ ନିଆଳିର ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଣ୍ଟାପଡା ବିଜେଡି ପକ୍ଷରୁ ବାଇରୋଇ ନିକଟରେଥିବା ପେଟ୍ରେଲ ପମ୍ପ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଣ୍ଟାପଡା ବ୍ଲକ ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରାଙ୍କ ନେତୃତ୍ୱରେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ଦାସ, ଅନସୂୟା ରାୟ, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଉପାଧକ୍ଷ ସୁଦର୍ଶନ ରାଉତରାୟ, ସରପଞ୍ଚ ଦିଲୀପ ସ୍ୱାଇଁ, ବିଭୂତି ସ୍ୱାଇଁ, ସୁବ୍ରତ ପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି କର୍ମୀମାନେ କଣ୍ଟାପଡା ବଜାରରୁ ଶୋଭାଯାତ୍ରାରେ ବାହାରି ପେଟ୍ରାଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ତୈଳଦର ବୃଦ୍ଧି ପ୍ରତିବାଦରେ ନିଆଳି ବିଜେଡି ପକ୍ଷରୁ ନିଆଳିରେ ଥିବା ପେଟ୍ରୋଲ୍ ପମ୍ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆମ୍ବାର ଅଧକ୍ଷ ଆଦିତ୍ୟ ପାଣିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ତୈଳଦର ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପ୍ରତିବାଦ ସଭାରେ ଜିଲାପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ପ୍ରକାଶ ମହାନ୍ତି, ଜଟାଧାରୀ ସ୍ୱାଇଁ, ବିଷ୍ଣୁଚରଣ ସ୍ୱାଇଁ, ଅନ୍ତର୍ଯାମୀ ବଡ୍ଡୁ, ମାନଭଞ୍ଜନ ବେହେରା, ସୋମନାଥ ମିଶ୍ର, ଭାଗ୍ୟଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ବିଜେଡି ତରଫରୁ ଚୌଦ୍ୱାର କଳିଙ୍ଗଛକ ଓ ବ୍ୟାରେଜ ରୋଡସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ୨ଘଣ୍ଟା ଧରି ଶାନ୍ତିପୂର୍ଣ୍ଣ ହରତାଳ କରାଯାଇଛି। ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, ଚୌଦ୍ୱାର-କଟକ ବିଜେଡି ସଂଯୋଜକ ଆରତ ରଞ୍ଜନ ବିଶ୍ୱାଳ, ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, କାଉନସିଲର କରୁଣାକର ସାହୁ ଓ ବିଷ୍ଣୁଚରଣ ପରିଡାଙ୍କ ନେତୃତ୍ୱରେ ଏହି ହରତାଳ କରାଯାଇଥିଲା।

ଟାଙ୍ଗୀ-ସାଲେପୁର ବିଜେଡି ପକ୍ଷରୁ ୨ଘଣ୍ଟିଆ ବିକ୍ଷୋଭ ଓ ପ୍ରତିବାଦ ସଭା ସ୍ଥାନୀୟ ରଥ ପେଟ୍ରୋଲ ପମ୍ପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ-ଛାତ୍ର-ମହିଳା ଜନତା ଦଳର ଆହ୍ୱାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା, ଗରୁଡଗାଁ ସରପଞ୍ଚ ସୁବୋଧ କୁମାର ସାମଲ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ମିର୍ଜା ଇସ୍ରାଇଲ ବେଗ୍, ତ୍ରିଲୋଚନ ବେହେରା ଓ ପରମାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉପଭୋକ୍ତାଙ୍କୁ ସଚେତନ କରିବା ନିମନ୍ତେ ପ୍ରଚାରପତ୍ର ବଣ୍ଟନ ସହ ଆବଶ୍ୟକ ହେଲେ ତୈଳ ବ୍ୟବହାର ବର୍ଜନ ଭଳି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରଶାନ୍ତ ସୂଚନା ଦେଇଥିଲେ ।



ଯାହାର ଆଖି ନଷ୍ଟ ହୋଇଯାଉଛି ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
-ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଟାଙ୍ଗୀ(ଖୋର୍ଦ୍ଧା),୮।୯(ଡି.ଏନ.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର କୁହୁଡ଼ି ପୂର୍ତ୍ତବିଭାଗ ରାସ୍ତାରେ ଜଣେ ମହିଳାଙ୍କ ବେକରୁ ୨ଟି ସୁନାଚେନ୍ ଲୁଟ୍ ହୋଇଥିବା ଖବର ମିଳିଛି । ଶନିବାର ସକାଳେ କୁହୁଡ଼ି ଗ୍ରାମ ବରଗାଡ଼ିଆ ସାହିର କୁମାରୀ ଜେନା ଚଣ୍ଡୀହରଦେବଙ୍କ ମନ୍ଦିରରେ ପୂଜା ସାରି ଚାଲି ଚାଲି ଗ୍ରାମକୁ ଫେରୁଥିଲେ। ଏ ସମୟରେ ୨ ଲୁଟେରା ବାଇକ୍‌ରେ ଆସି ତାଙ୍କୁ ରାସ୍ତାରେ ଅଟକାଇଥିଲେ । ତେବେ କୁମାରୀ ପାଟି କରିବାରୁ ବନ୍ଧୁକରେ ତାଙ୍କ ମୁଣ୍ଡକୁ ଆଘାତ କରିବା ଫଳରେ ସେ ତଳେ ପଡ଼ିଯାଇଥିଲେ । ତାଙ୍କ ବେକରୁ ୨ଟି ଚେନ୍ ଲୁଟି ଦୁର୍ବୃତ୍ତମାନେ ପଳାଇଯାଇଥିଲେ । ସ୍ଥାନୀୟ ଲୋକେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ଭୂତତ୍ତ୍ୱ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା



ଖୋର୍ଦ୍ଧା ଅଫିସ,୮।୯: ଖୋର୍ଦ୍ଧା ପି.ଏନ. କଲେଜ ପରିସରରେ ଯୁକ୍ତ ୩ ଭୂତତ୍ତ୍ୱ ବିଭାଗର ପ୍ରଥମବର୍ଷର ଛାତ୍ରୀଛାତ୍ରମାନଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାଶ ମୁଖ୍ୟଅତିଥି ଓ କିଟ୍ ବିଶ୍ୱବିଦ୍ୟାଳୟର ମ୍ୟାନେଜର ଭିକାରୀ ଚରଣ ଗୁରୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜିତୁ ମିତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଭୂତତ୍ତ୍ୱ ବିଭାଗର ରେଜଲ୍ଟ ଭଲ ହେଉଛି। ପରିଶ୍ରମ ନ କଲେ ରେଜଲ୍ଟ ଖରାପ ହେବ ଏଥିରେ ସନ୍ଦେହ ନାହିଁ ବୋଲି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ବିଦ୍ୟାଧର ବେହେରା ଅଧକ୍ଷତା କରିଥିବାବେଳେ ବିଭାଗୀୟ ମୁଖ୍ୟ ସୁଶାନ୍ତ କୁମାର ସାମଲ, ଛାତ୍ରୀଛାତ୍ର ମାଧବ, ତନ୍ମୟ ଓ ପ୍ରୀତି ଏହାକୁ ପରିଚାଳନା କରୁଥିଲେ। ଏଥିରେ 'ଜିଓ କୋମ' ପୁସ୍ତକ ଉନ୍ମୋଚନ ହୋଇଥିଲା।

### ୬ ମହିଳା ପାଇଲେ ନେଶନ ବିଲ୍ଡର ଆୱାର୍ଡ

ଖୋର୍ଦ୍ଧା ଅଫିସ,୮।୯: ଇନର ହୁଇଲ କ୍ଲବର ଖୋର୍ଦ୍ଧା ପକ୍ଷରୁ ନେଶନ ବିଲ୍ଡର ଆୱାର୍ଡ ରୋଟାରୀ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ରୋଟାରୀ କ୍ଲବର ସଭାପତି ଦେବ ପ୍ରସାଦ ମଜୁମଦାର, ମୁଖ୍ୟବକ୍ତା ରୂପେ ରୋଟାରିୟାନ ନରସିଂହପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଇନର ହୁଇଲ କ୍ଲବର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦିକା ଭାରତୀ ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର, ଗାୟତ୍ରୀ ପଟ୍ଟନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଅର୍ଚ୍ଚନା ରାଉତରାୟ, ସସ୍ମିତା ସାହୁ, ଶିକ୍ଷୟିତ୍ରୀ ସୁଜାତାରାଣୀ ଜେନା ପ୍ରମୁଖ ସମ୍ମାନିତ ହୋଇଛନ୍ତି।

### ଆନ୍ତର୍ଜାତିକ ସାକ୍ଷରତା ଦିବସ



ବୋଲଗଡ଼,୮।୯(ଡି.ଏନ.ଏ.): ବୋଲଗଡ଼ ବ୍ଲକ ଟିକାତାଲସ୍ଥିତ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଛି । ପାନନଗରସ୍ଥିତ ସମ୍ପର୍କ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ଓ ବଜାର ପରିକ୍ରମା କରିଥିଲେ। ସାମାଜିକକର୍ମୀ ବିଜୟ କୁମାର ତାରେଣିଆଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବୋଲଗଡ଼ ବିଇଓ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟଅତିଥି ଓ ପରମାନନ୍ଦ ମହାବିଦ୍ୟାଳୟର ଅଧାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବୋଲଗଡ଼ ଏବିଇଓ ନାରାୟଣ ଛୁଆଳସିଂହ ଓ ସିଆର୍‌ସିସି ଦୁର୍ଗା ପ୍ରସାଦ ସୁବୁଦ୍ଧି ଯୋଗଦେଇଥିଲେ । ଏହି ସଭାରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ନିରକ୍ଷରତା ବିରୁଦ୍ଧରେ ବିଜୟ କୁମାର ତାରେଣିଆ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ, ଶିକ୍ଷକ ବିଦ୍ୟାଧର ସାହୁ ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ପାଣିରେ ବୁଡିଛି ଧାନ ଫସଲ

ବେଗୁନିଆ,୮।୯(ଡି.ଏନ.ଏ.)



କୃଷି ଅଧିକାରୀମାନେ ଜଳ ମଗ୍ନ ଫସଲ ସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି।

- ସ୍ଥିତି ଅନୁଧ୍ୟାନ କଲେ କୃଷି ଅଧିକାରୀ
- ପେଟ ଚିନ୍ତାରେ ଚାଷୀ
- ରବି ଫସଲ କିଟ୍ ଯୋଗାଇବା ପାଇଁ ଦାବି

ମହାନଦୀରେ ବନ୍ୟା ଜଳ ଆସି କେତେକ ଚାଷୀଙ୍କର ଧାନ ଫସଲ ପ୍ରାୟ ୧୦ ଦିନ ପାଣିରେ ବୁଡି ରହିଛି। ଏଥିଯୋଗୁ ୮ ଶହ ଏକର ଜମିରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ପେଟ ଚିନ୍ତା ଘାରିଥିବା ବେଳେ ମାଗଣାରେ ବିଭାଗ ପକ୍ଷରୁ ରବି ଫସଲ କିଟ୍ ଯୋଗାଇବାକୁ ଦାବି ହେଉଛି।

ବେଗୁନିଆ ବ୍ଲକ ବାଘମାରୀଠାରୁ ବାଙ୍କୀ ମହାନଦୀକୁ ଯାଇଥିବା ଉପ ନଦୀରେ ବନ୍ୟା ଜଳ ଆସି ଚାଷ ଜମିକୁ ପ୍ରଭାବିତ କରିଛି। ଏଥିରେ ପୋଡାଡିହ, ସିମୋର ଓ ସାରୁଅ ପଞ୍ଚାୟତର କେତେଜଣ ଚାଷୀଙ୍କର ଧାନ ଫସଲ ପାଣିରେ ବୁଡି ରହିଛି। ଫଳରେ ବହୁଦିନ ଧରି ଧାନ ତଳିଗୁଡିକ ପାଣି ବୁଡି ରହିବାରୁ ପଚି ନଷ୍ଟ ହୋଇଗଲାଣି। ଆଗାମୀଦିନରେ କ'ଣ ଖାଇବେ କେମିତି ବଞ୍ଚିବେ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଏ ନେଇ ଖୋର୍ଦ୍ଧା ଜିଲା ଉପ କୃଷି ନିର୍ଦ୍ଦେଶକ ଭାସ୍କର ବାରିକ, ଯୋଜନା ଅଧିକାରୀ ସୁବ୍ରତ କୁମାର ରଥଙ୍କ ସହ ବେଗୁନିଆ ସହକାରୀ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାରେ ଚାଷୀମାନେ ସେମାନଙ୍କ ଦାବି ଉପସ୍ଥାପନା କରିଥିଲେ। ଏପରି କି ଆମର ଧାନ ଫସଲ ସବୁ ଉଜୁଡିଲା। ରବି ଫସଲ କରି ଗୁଜୁରାଣ ମେଣ୍ଟାଇବାକୁ ଆମକୁ ମାଗଣାରେ କୋଳଥ ଓ ବିରି କିଟ୍ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉ। ସୂଚନାଥାଉ କି ୨୦୧୨ରୁ ଏହି ବ୍ଲକ ଚାଷୀଙ୍କୁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। କେତେବେଳେ ରୋଗପୋକ, ବନ୍ୟାଜଳ ତ ଆଉ କେତେବେଳେ ଅଦିନିଆ ବର୍ଷା। କ୍ରମାଗତ ଭାବେ ଖରିଫ ଋତୁ ଆରମ୍ଭରୁ ଚାଷ କାର୍ଯ୍ୟରେ ପ୍ରକୃତିର ଦାଉରୁ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଉଛି। ଏଥିଯୋଗୁ ମଧ ଋଣ ଭାର ବୃଦ୍ଧି ପାଉଛି। ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିତି ଦିନିଆ କୃଷି ବ୍ୟବସ୍ଥା ଯୋଗାଇ ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏ ସଂକ୍ରାନ୍ତରେ କୃଷି ଉପନିର୍ଦ୍ଦେଶକ ବାରିକ କୁହନ୍ତି, ଜଳ ମଗ୍ନ ହୋଇ ରହିଥିବା ଚାଷ ଜମିକୁ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟକୁ ଜିଲାପାଳ ଓ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗକୁ ପଠାଇବା ପାଇଁ ପ୍ରକ୍ରିୟା ଜାରି ରହିଛି।

## ମୁଣ୍ଡିଆରେ ବିସ୍ଫୋରଣକୁ ବିରୋଧର ପ୍ରତିବାଦ
# ପୋଡ଼ି ଦେଲେ ଦୋକାନ

ଖୋର୍ଦ୍ଧା ଅଫିସ,୮।୯

ଖୋର୍ଦ୍ଧା ତହସିଲ ତାପଙ୍ଗ ମୁଣ୍ଡିଆରେ ବେଆଇନ ବିସ୍ଫୋରଣ ହୋଇଆସୁଛି। ଏହାର ପ୍ରତିବାଦ ଉଠିବା ପରେ ପଥର ମାଫିଆ ଉତ୍ତେଜିତ ହୋଇପଡିଛନ୍ତି। ସେକ୍ ନାଜମିର ଓ ଫକି ରୁଦ୍ଦିନଙ୍କ ଫାଷ୍ଟଫୁଡ୍ ଦୋକାନ ନିକଟରେ ଶନିବାର ରାତିରେ ୮ରୁ ଊର୍ଦ୍ଧ୍ୱ ସିରିଜ୍ ବୋମାମାଡ ହୋଇଥିଲା। ଏପରି କି ମାଫିଆମାନେ ପେଟ୍ରୋଲ ଢ଼ାଳି ଦୋକାନରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଫାଷ୍ଟଫୁଡ୍ ଦୋକାନରେ ପ୍ରାୟ ୨୦ ହଜାରୁ ଊର୍ଦ୍ଧ୍ୱ ଟଙ୍କାର ଉପକରଣ ନଷ୍ଟ ହୋଇଯାଇଛି। ନାଜମିର ଓ ରୁଦ୍ଦିନଙ୍କ ଫାଷ୍ଟଫୁଡ୍ ଦୋକାନରୁ ୮୮୫ ଟଙ୍କା ଜୋର ଜବରଦସ୍ତ ନେଇ ଯାଇଛନ୍ତି। ସେଖ୍ ନାଜମିରଙ୍କ ମୁଣ୍ଡ ଓ ଛାତିରେ ୨ଟି ବନ୍ଧୁକ ଲଗାଇ ଜୀବନରେ ମାରି ଦେବାକୁ ଧମକ ଦେଇଛନ୍ତି। ଗାଁଲୋକ ସହଯୋଗ କରୁଥିବାରୁ ସେମାନଙ୍କୁ ଡିନାମାଇଟ୍ ଲଗାଇ ଉଠାଇ ଦେବାକୁ ଚେତାବନୀ ଦେଇଛନ୍ତି। ସାଙ୍ଗ ସାହଜାହାନକୁ ମଧ୍ୟ ବଇଦ ସହ ନ ବୁଲିବାକୁ ପରାମର୍ଶ ଦେଇଛନ୍ତି। ଏଭଳି ଘଟଣା ପରେ ଶନିବାର ରାତ୍ର ୧୦ଟା୨୦ମିନିଟ୍‌ରେ ଖୋର୍ଦ୍ଧା ସଦର ଥାନାରେ ସେକ୍ ନାଜମିର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଏପରି ଅଭିଯୋଗ ତାପଙ୍ଗ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାଁରେ ଆସିଛି। ସନ୍ଧ୍ୟାରେ ତାପଙ୍ଗ ଅଞ୍ଚଳର ବ୍ୟକ୍ତି ଜଣକ ଆସି ଗାଳିଗୁଲଜ କରିଥିଲେ। କିଛି ସହଯୋଗଙ୍କୁ ରାତି ପ୍ରାୟ ସାଢ଼େ ୮ଟାରେ ଆଣି ବୋମାମାଡ, ଦୋକାନରେ ନିଆଁ ଲଗାଇ ଚାଲିଯାଇଥିବା ଅଭିଯୋଗ ରହିଛି।

# ମୃତ୍ୟୁ ପୂର୍ବରୁ ଚକ୍ଷୁଦାନ ପାଇଁ ସଚେତନତା



ଚକ୍ଷୁଦାନ ପାଇଁ ସଚେତନତା ଶୋଭାଯାତ୍ରା।

ଖୋର୍ଦ୍ଧା ଅଫିସ,୮।୯

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ଜନ ସ୍ୱାସ୍ଥ୍ୟାଧିକାରୀ ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଶନିବାର ୩୩ ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି। ଏ ଅବସରରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଆଶାକର୍ମୀ, ଖୋର୍ଦ୍ଧା ସ୍କୁଲ ଅଫ ନର୍ସିଂ ଓ ସ୍କୁଲ ଅଫ ନର୍ସିଂର ଛାତ୍ରୀମାନେ ଭାଗ ନେଇ ମୃତ୍ୟୁ ପୂର୍ବରୁ ଚକ୍ଷୁଦାନ କରିବାକୁ ସଚେତନତା କରିଥିଲେ। ଏହି ଶୋଭାଯାତ୍ରାକୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡା. ବିଶ୍ୱନାଥ ପାଢୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷେ ଜାତୀୟ ଚକ୍ଷୁଦାନ ପକ୍ଷ ଅବସରରେ ଅନୁଷ୍ଠିତ ସଭାରେ ସିଡିଏମଓ ଭାରତୀ ଭୂଷଣ ବରାଳ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ଡା. ପାଢ଼ୀ, ଜିଲା ଅନ୍ଧତ୍ୱ କାର୍ଯ୍ୟକ୍ରମର ପରିଚାଳକ ଡା. ବିଜୟ ପ୍ରସନ୍ନ ମହାନ୍ତି, ଜିଲାର ସମସ୍ତ ଚକ୍ଷୁ ସହାୟକ ପ୍ରମୁଖ ଯୋଗ ଦେଇଥିଲେ। ମୃତ୍ୟୁ ନିଶ୍ଚିତ ଜାଣିବା ପରେ ଚକ୍ଷୁଦାନ କରିବାକୁ ଆଶା କର୍ମୀମାନେ ଲୋକମାନଙ୍କୁ ବୁଝାନ୍ତୁ ବୋଲି କୁହାଯାଇଥିଲା। ଚଳିତବର୍ଷ ଖୋର୍ଦ୍ଧା ଜିଲାରେ ୨୦୧୮ ମାର୍ଚ୍ଚରେ ୬୮୫ ଚକ୍ଷୁ ଖୋର୍ଦ୍ଧା ଜିଲାରେ ସଂଗୃହୀତ ହୋଇଛି। ଚକ୍ଷୁଦାନ ପକ୍ଷ ଅବସରରେ ଚକ୍ଷୁଦାନ କରିଥିବା ମୃତକଙ୍କ ପରିବାରର ସଦସ୍ୟ ପିତୁକୁଳିର ପ୍ରମୋଦ ବାରିକ, ରାଉତପଡାର ସୁଦର୍ଶନ ପରିଡା, କଣ୍ଟାବାଡର ସୁରେନ୍ଦ୍ର କୁମାର ପଣ୍ଡା, କଟକ ବାଙ୍କୀର ସତ୍ୟ ରଞ୍ଜନ ସାହୁ ପ୍ରମୁଖ ୪ଜଣଙ୍କୁ ସଚେତନତା ଓ ମାନପତ୍ର ଦିଆଯାଇଥିଲା। ରବିବାର ଏହି ପକ୍ଷ ଉଦ୍‌ଯାପିତ ହେବ।

# ଜଳିଗଲା କାର: ନେଇଗଲେ ଟଙ୍କା, ଅଳଙ୍କାର

ଖୋର୍ଦ୍ଧା ଅଫିସ,୮।୯



ଜଳିଯାଇଥିବା କାର।

ଖୋର୍ଦ୍ଧା ସହର ପୁରୁଣା ଦମକଳ ଛକ ନିକଟସ୍ଥ ରାଧାବଲ୍ଲଭ ସାହି ରାସ୍ତା ଉପରେ ରହିଥିବା ନଂ. ଓଡି ୩୩ କ୍ୟୁ ୬୩୮୩ ମାରୁତି ସିଆଜ କାର ଶନିବାର ଅପରାହ୍ନରେ ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଥିଲା। କିଏ ନିଆଁ ଲଗାଇଲା ନାଁ ଆପେ ଆପେ ଲାଗି ଜଳିଥିଲା ସେନେଇ କିଛି ସ୍ପଷ୍ଟ ହୋଇନି। ତେବେ କାର ଜଳିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ମୁହଁ ଖୋଲିବାକୁ ସମସ୍ତେ ନାରାଜ। ଉଭୟପାର୍ଶ୍ୱରେ ଘର, ରାସ୍ତାରେ କାର ଜଳିବା ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ପଡିଥିଲେ। ଖବରପାଇ ଖୋର୍ଦ୍ଧା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଲିଭାଇଥିଲେ। ନିଆଁ ଲିଭିବା ପରେ ଜଣେ ଯୁବକ ଅତର୍କିତ ଭାବେ କାରର ଡିକିରୁ ପୋଡି ଯାଇଥିବା ଲକ୍ଷାଧିକ ଟଙ୍କା, ସୁନା, ରୁପା ଅଳଙ୍କାର ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି। କାରଟି ପୁଲିନ ମାର୍ଥାଙ୍କ ନାଁରେ ଥିବାବେଳେ ଜଣେ ମହିଳା ଏହାକୁ ବ୍ୟବହାର କରୁଥିଲେ ବୋଲି କୁହାଯାଉଛି। ଚର୍ଚ୍ଚାରେ କେତେଦୂର ସତ୍ୟତା ରହିଛି ତା'ର ତଦନ୍ତ ଚାଲୁ ରହିଛି ବୋଲି ଆଇଆଇସି ରଣଜିତ ସାହୁ କହିଛନ୍ତି। ଠେଙ୍ଗାହାଟ ସ୍ନେହଲତା ପ୍ରଧାନଙ୍କ ଅଭିଯୋଗକ୍ରମେ ନଂ. ୩୭୫/୧୮ରେ ମାମଲା ରୁଜୁ ହୋଇଛି।

## ଭଉଣୀର ଦେହ ଖରାପ କହି ବାଇକ୍ ଲୁଟ୍

ଖୋର୍ଦ୍ଧା ଅଫିସ,୮।୯: ଭଉଣୀର ଦେହ ଗୁରୁତର। ଯାନବାହାନର ସୁବିଧା ନାହିଁ। ଡେରି କଲେ କିଛି ବି ଅସୁବିଧା ହୋଇପାରେ। ଡାକ୍ତରଖାନାକୁ ନ ନେଲେ ବଞ୍ଚି ନ ପାରେ। ଆଗ ଛକରୁ ଆଣି ଡାକ୍ତରଖାନାକୁ ଶୀଘ୍ର ନେବେ କହି ବାଇକ ଲୁଟି ନେଲେ ଲୁଟେରା। ଲୁଟେରାର ଅଭିନୟକୁ ବୁଝି ନ ପାରି ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ନଂ. ଓଡି୦୨ ଏଜ ୭୧୦୯ ପଲସର ବାଇକ୍‌ର ଚାବି ଦେଇଥିଲେ। ପରେ ନିଜର ବାଇକ୍ ଚୋରି ହୋଇଥିବା ଜାଣି ପାରି ଖୋଳତାଡ କରିଥିଲେ। ଏପରି କି ଲୁଟେରଙ୍କୁ ଧରିବା ସହ ବାଇକକୁ ମଧ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଲୁଟେରାଙ୍କ ନାଟକୀୟ ଢଙ୍ଗରେ ଲୁଟ୍ ପରେ ଅଚିହ୍ନା ଲୋକଙ୍କୁ ସହଯୋଗ କରିବାକୁ ଏବେ ଭୟ ଲାଗିଲାଣି। ପ୍ରାପ୍ତ ସୂଚନା ଅନୁସାରେ, ସାନ ହନୁଆଡ ଗ୍ରାମ ବସନ୍ତ ବରାଳଙ୍କ ପୁଅ ଲିଲେସ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଅଛନ୍ତି। ସେ ଗତ ୨ ତାରିଖରେ ମହାବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ କଲେଜ ରୋଡ କୁମାରାଙ୍ଗ ଛକ ନିକଟରେ ଜଣେ ଅଜଣା ଯୁବକ ଭେଟ ହୋଇଥିଲା। ଭେଟ ସମୟରେ ବିଶ୍ୱାସ ଭାଜନର କଥା କହି ନାଟକୀୟ ଢଙ୍ଗରେ ବାଇକ ଚୋରାଇ ନେଇଥିଲେ ଟାଙ୍ଗୀ ଥାନା ସୋରଣ ଗ୍ରାମର ସୁନୀଲ ଦଳେଇ। ଫେରିବାରେ ଡେରିହେବାରୁ ଲିଲେସ ବ୍ୟତିବ୍ୟସ୍ତ ହୋଇ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ଦଫା ୩୭୯ ରେ ନଂ. ୨୦୭/୧୮ରେ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ଲିଲେସ ଜାଣିବାକୁ ପାଇଥିଲେ ବାଇକଟି ସୋରଣ ଅଞ୍ଚଳରେ ରଖାଯାଇଛି। ସୁନୀଲ ନାମକ ଯୁବକ ତାଙ୍କଠାରୁ ବାଇକ୍‌ଟି ଲୁଟ୍ କରି ନେଇଛନ୍ତି। ବାଇକ ଲୁଟ୍ ଘଟଣା ସମ୍ପର୍କରେ ଲିଲେସ୍ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଶନିବାର ବାଇକ ଉଦ୍ଧାର ସହ ଅଭିଯୁକ୍ତକୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସୁନୀଲଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଣପୁର ଜେଲ ଯିବାକୁ ପଡିଛି।

# ପେଟ୍ରୋଲ୍ ଦର ବୃଦ୍ଧି ପ୍ରତିବାଦରେ ବିଜେଡିର ଜନଜାଗରଣ

ବାଲୁଗାଁ,୮।୯ (ଡ଼ି.ଏନ୍.ଏ.)



ପେଟ୍ରୋଲ, ଡିଜେଲ ଦରବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବିକ୍ଷୋଭ।

ସମ୍ପ୍ରତି ଗତ କିଛିଦିନ ବ୍ୟବଧାନରେ ପେଟ୍ରୋଲ ଡ଼ିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରତିବାଦରେ ଚିଲିକା ବିଜେଡ଼ି ତରଫରୁ ଶନିବାର ବାଲୁଗାଁ ବଜାର ପେଟ୍ରୋଲ୍ ପମ୍ପଠାରେ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ସଭାପତିତ୍ୱରେ ପୂର୍ବାହ୍ନ ୧୦ଟାରୁ ୧୨ ଘଟିକା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଚିଲିକା ବ୍ଲକ୍ ପର୍ଯ୍ୟବେକ୍ଷକ ଅଜିତ୍ କୁମାର ରାଉତ, ବାଲୁଗାଁ ଏନ୍‌ଏସି ଯୁବବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ, ଚିଲିକା ବ୍ଲକ୍ ସଭାପତି ଦେବେନ୍ଦ୍ରନାଥ ସାମନ୍ତସିଂହାର, ବାଣପୁର ବ୍ଲକ୍ ସଭାପତି ଭବାନୀଶଙ୍କର ବଳିଆରସିଂହ, ବାଲୁଗାଁ ଏନ୍‌ଏସି ଉପାଧ୍ୟକ୍ଷ ଅଜୟ କୁମାର ଦାସ, ଯୁବ ବିଜେଡ଼ି ସଭାପତି ମହେଶ ବିଶ୍ୱାଳ ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ। ୨୦୧୪ ମସିହାରୁ ଲଗାତର ତୈଳଦର ବୃଦ୍ଧି କରି ସାଧାରଣ ଜନତାଙ୍କୁ ଶୋଷଣ କରିବା ସହିତ ତୈଳ କମ୍ପାନୀକୁ ମୁନାଫା ଯୋଗାଇ ଚାଲିଥିବା କେନ୍ଦ୍ର ସରକାର ବିରୋଧରେ ତୀବ୍ର ସମାଲୋଚନା କରାଯାଇଥିଲା । ଏଥିସହ ପ୍ରତ୍ୟେକ ଯାନବାହନ ଆରୋହୀଙ୍କୁ ଅଟକାଇ କେନ୍ଦ୍ର ସରକାରଙ୍କ ଏହି ଅଜବ ନୀତି ବିଷୟରେ ଲିଫ୍‌ଲେଟ୍ ବଣ୍ଟନ କରି ଅବଗତ କରାଯାଇଥିଲା । ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ଡିଜେଲ୍ ଓ ପେଟ୍ରୋଲର ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଙ୍ଗୀର ବିଜୁ ଯୁବଛାତ୍ର ଓ ମହିଳା ତରଫରୁ ଶନିବାର ପୂର୍ବାହ୍ନରେ ଟାଙ୍ଗୀ ପେଟ୍ରୋଲ ପମ୍ପଠାରେ ଏହି ପ୍ରତିକାତ୍ମକ ବିକ୍ଷୋଭ ହୋଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ଲକ୍ ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲା ସମ୍ପାଦକ ରଘୁନାଥ ସାହୁ, ବ୍ଲକ୍ ସଭାପତି ସୁରେନ୍ଦ୍ର କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ସଭ୍ୟା ରିସ୍ମା ମାନ୍ଧାତା, ଗୀତାଞ୍ଜଳି ପାଟଶାଣୀ, ଯୁବ ବିଜେଡି ସଭାପତି ନୀଳକଣ୍ଠ ବେହେରା, ସରପଞ୍ଚ ସୁପ୍ରଭା ମହାପାତ୍ର, ସମିତି ସଭ୍ୟ ଶାନ୍ତନୁ ପ୍ରଧାନ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଗେଡିଆପଲ୍ଲୀ ବଜାରରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

ବେଗୁନିଆ,୮।୯ (ଡି.ଏନ.ଏ.)

ବେଗୁନିଆ ଥାନା ବୋଲଗଡ ବ୍ଲକ ଅଧୀନ ଗେଡିଆପଲ୍ଲୀ ବଜାରରେ ଶନିବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିବା ଜଣାପଡିଛି। ବେଗୁନିଆ ଓ ଧଳାପଥର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତକୁ ଆଣିଛି। ତେବେ ରିପୋର୍ଟ ଲେଖାଗଲା ବେଳକୁ ଥାନାରେ କୌଣସି ମାମଲା ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ରାତି ପ୍ରାୟ ୮ଟା ହେବ ହଠାତ୍ ୨ ଗୋଷ୍ଠୀ ମଧ୍ୟରେ କଥା କଟାକଟି, ହୋ ହଲ୍ଲା, ମାରପିଟ ପରେ କାଚ ବୋତଲ ଭଙ୍ଗାରୁଜା ଆଦି ଘଟିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖି ମାତ୍ର ଅଧଘଣ୍ଟାଏ ମଧ୍ୟରେ ବଜାର ଶୂନଶାନ ହୋଇଯାଇଥିଲା। ଏହି ଘଟଣାରେ କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳର ୨ ଜଣ ବ୍ୟକ୍ତି ଜଡିତ ଥିବା ବେଳେ ସ୍ଥାନୀୟ ଗେଡିଆପଲୀ ଅଞ୍ଚଳର କେତେଜଣ ଯୁବକ ସାମିଲ ଥିବା ପୋଲିସ କହୁଛି। ହେଲେ ପ୍ରକୃତ ରହସ୍ୟକୁ ପର୍ଦ୍ଦାଫାଶ କରାଯାଇ ପାରିନାହିଁ। ମାତ୍ର ମଦ ପିଇବାକୁ ନେଇ ଏଭଳି ଘଟଣା ଘଟି ଥାଇ ପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣି ପାରିଛି। ଅନ୍ୟପକ୍ଷରେ ବୈଦେଶ୍ୱର ଥାନା ଅଞ୍ଚଳର ୨ ଜଣ ଗଣ୍ଡଗୋଳ ଘଟାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଅନ୍ୟ ଜଣଙ୍କୁ ଉତ୍ତ୍ୟକ୍ତ ଲୋକେ କାବୁ କରି ପ୍ରାୟ ଏକ ଘଣ୍ଟା ଅଟକାଇ ରଖିଥିଲେ। କିଛି ସମୟ ପରେ ବୈଦେଶ୍ୱର ଅଞ୍ଚଳର କେତେଜଣ ଲୋକ ଆସି ଅଟକ ବ୍ୟକ୍ତିଙ୍କୁ ପୋଲିସ ଉପସ୍ଥିତିରେ ଉଦ୍ଧାର କରିନିଜ ଗ୍ରାମକୁନେଇ ଯାଇଥିଲେ।

## ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ୨୭ ଦିନରେ
# ରାଷ୍ଟ୍ରୀୟ ଲୋକ ଅଦାଲତ ବାତିଲ

ଖୋର୍ଦ୍ଧା ଅଫିସ,୮।୯

ଖୋର୍ଦ୍ଧା ଜିଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ୨୭ ଦିନରେ ପହଞ୍ଚିଛି। ଦାବିପୂରଣ ନ ହୋଇଥିବାରୁ ଆନ୍ଦୋଳନ ଚାଲୁ ରହିଛି। ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଓକିଲଙ୍କ ଷ୍ଟ୍ରାଇକ ଯୋଗୁ ବାତିଲ ହୋଇଯାଇଛି। ଅନ୍ୟପକ୍ଷେ ଶୁକ୍ରବାର ପୂର୍ବତନ ସଭାପତି ଶକ୍ତି ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ସହ ଆଇନମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଡକାଇବେ ବୋଲି ପ୍ରତିଶ୍ରୁତି ମିଳିଛି। ଏହି ପ୍ରତିନିଧି ଦଳରେ ସଂଘର ଉପସଭାପତି ଜୁଲ ଫିକର ଅଲ୍ଲୀ, ଆଇନଜୀବୀ ପ୍ରଫୁଲ୍ଲ ମହାନ୍ତି, ବୁଦ୍ଧଦେବ ମହାପାତ୍ର, ରଜନୀକାନ୍ତ ପଟ୍ଟନାୟକ, ଶିଶିର ପରିଡା ପ୍ରମୁଖ ଥିଲେ। ପ୍ରକାଶଥାଉ କି ଖୋର୍ଦ୍ଧା ଜିଲା ଗଠନର ୨୫ ବର୍ଷ ପୂର୍ତ୍ତିରେ ରୌପ୍ୟ ଜୟନ୍ତୀ ପାଳନ ଆରମ୍ଭ ହୋଇଛି। ହେଲେ ଜିଲା ସଦର ମହକୁମାକୁ ତା'ର ହକ ଦିଆଯାଉନାହିଁ। ଏଭଳିସ୍ଥିତିରେ ଜିଲା ସଦର ମହକୁମାର ହକ୍ ପାଇଁ ଅଗଷ୍ଟ ୧୩ରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲା।

## ପ୍ଲାଷ୍ଟିକ ବର୍ଜନ ସଚେତନତା ଅଭିଯାନ

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.): ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ପ୍ଲାଷ୍ଟିକ ବର୍ଜନ ସଚେତନତା ଆରମ୍ଭ ହୋଇଛି। ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଆରମ୍ଭ ହୋଇଛି। ତାଳଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପ୍ରଧାନ ଶିକ୍ଷକ ବିଦ୍ୟୁଲତା ମହାରଣା ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀର ଭୟାବହତା ସମ୍ପର୍କରେ କହିଥିଲେ। ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ପାତ୍ର ଓ ଦୀନବନ୍ଧୁ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ପୁରୀ ଏମ୍‌ପିଙ୍କୁ ବିରୋଧ
# ପ୍ରତିବାଦ କଲା ଭାଜପା ଯୁବମୋର୍ଚ୍ଚା

ଖୋର୍ଦ୍ଧା ଅଫିସ/ବାଲୁଗାଁ,୮।୯(ଡି.ଏନ.,ଏ.)




ସଭାରେ ଉପସ୍ଥିତ ଅତିଥିମାନେ।




ଏମ୍‌ପିଙ୍କ ଗସ୍ତକୁ ବିରୋଧ କରି ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବାଣପୁର ବିଜ୍ଞାପିତ ପରିଷଦର ନୂତନ କାର୍ଯ୍ୟାଳୟ ଓ ଶହୀଦ କୃତ୍ତିବାସ କଲ୍ୟାଣ ମଣ୍ଡପ ପରି ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ଶନିବାର ଅପରାହ୍ନରେ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କୁ ବିରୋଧ କରାଯାଇଛି। ଭାଜପାର ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀମାନେ ପ୍ଲାକାର୍ଡ ଓ ବ୍ୟାନର ଲେଖାଥିବା ଏମ୍‌ପି ତୁମେ ଫେରିଯାଅ ଦେଖାଇଥିଲେ। ବାଣପୁର ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ଶାନ୍ତିଶୃଙ୍ଖଳାର ସହ ଉନ୍ନୟନ କାର୍ଯ୍ୟର ପ୍ରକଳ୍ପଗୁଡିକ ପୁରୀ ଏମ୍‌ପି ମିଶ୍ରଙ୍କ ଦ୍ୱାରା ଲୋକାର୍ପିତ ହୋଇପାରିଛି।

ପ୍ରାପ୍ତ ସୂଚନା ଅନୁସାରେ, ବାଣପୁର ବାସିନ୍ଦା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଘରୋଇ କଲ୍ୟାଣ ମଣ୍ଡପରେ ଅଯଥା ଖର୍ଚ୍ଚାନ୍ତ ହେଉଥିଲେ। ସହରବାସୀଙ୍କର ଅସୁବିଧାକୁ ଲକ୍ଷ୍ୟ କରି ଦେଢ ବର୍ଷ ପୂର୍ବେ ଐତିହାସିକ ପଲଟଣ ପଡିଆ ନିକଟରେ ୬୨ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣମଣ୍ଡପର ନିର୍ମାଣ ଶୁଭାରମ୍ଭ ହୋଇଥିଲା। ସେହିପରି ବଦି ପୋଖରୀ ନିକଟରେ ବିଜ୍ଞାପିତ ପରିଷଦ ପକ୍ଷରୁ ୯୩ ଲକ୍ଷ ଟଙ୍କା ବ୍ୟୟରେ ବିଜ୍ଞାପିତ ପରିଷଦର ନୂତନ କାର୍ଯ୍ୟାଳୟ ଅନୁରୂପ ଭାବେ ଲୋକାର୍ପିତ ହୋଇଛି। ଏ ଅବସରରେ ପଲଟଣ ପଡିଆରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଏମ୍‌ପି ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣପୁର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ଜେନା, ଉପାଧ୍ୟକ୍ଷ ଦାଶରଥି ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନିଆଳ, ବାଣପୁର ବ୍ଲକ ଅଧ୍ୟକ୍ଷା ରିତା ସେଠୀ, ବାଲୁଗାଁ ଏନଏସିର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମାଝି, ବିଜେଡି ପର୍ଯ୍ୟବେକ୍ଷକ ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କର ବିକାଶ ମୂଳକ କାର୍ଯ୍ୟର ଟିପ୍ପଣୀ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ତଥା ପରିଷଦର ପୂର୍ବତନ କର୍ମଚାରୀ ବଂଶୀଧର ରାଉତଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡିର ଯୁବ ନେତା ବିକ୍ରମ କେଶରୀ ଜେନାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଘଟଣା

### ଜେଲ ଗଲେ ଏନ୍‌ଜିଓ ମୁଖ୍ୟ

ନିମାପଡ଼ା,୮।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳରେ ଗତ ଶୁକ୍ରବାର ଜଣେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରି ଗିରଫ ହୋଇଥିବା ଅଭିଯୁକ୍ତ ତଥା ଏନଜିଓ ମୁଖ୍ୟଙ୍କୁ ଶନିବାର ଜେଲ ଯିବାକୁ ପଡିଛି। ଗିରଫ ଏମ୍‌ଡି ଜଣକ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଭାଗୀରଥି ପ୍ରଧାନ। ପୋଲିସ ବଳାତ୍କାରର ଶିକାର ହୋଇଥିବା ଶିକ୍ଷୟିତ୍ରୀ ଓ ଭାଗୀରଥିଙ୍କୁ ଶନିବାର ନିମାପଡ଼ା ମେଡିକାଲରେ ଡାକ୍ତରୀମାଇନା କରିଥିଲେ। ଏହାପରେ ଏନଜିଓ ମୁଖ୍ୟଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲେ। ପ୍ରକାଶ ଥାଉକି, ଜନୈକା ଶିକ୍ଷୟିତ୍ରୀଙ୍କୁ ତାଙ୍କ ସଂସ୍ଥାରୁ ମୋଟା ଅଙ୍କର ଋଣ ଦେବାକୁ କହି ଏନଜିଓ ସଂସ୍ଥାର ମୁଖ୍ୟ ଶିକ୍ଷୟିତ୍ରୀଙ୍କଠାରୁ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା, ଚେକ୍ ଠକି ନେଇଛନ୍ତି। ଋଣ ପ୍ରଲୋଭନ ଦେଖାଇ ତାଙ୍କ ସହ ପୂର୍ବରୁ ବଳାତ୍କାର କରିବା, ଚଞ୍ଚକତା କରି ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲିଂ କରିଥିବା ସମ୍ପର୍କରେ ଶିକ୍ଷୟିତ୍ରୀ ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

### ଗଛରେ ପିଟି ହେଲା ବାଇକ ଚାଳକ ମୃତ, ୧ଗୁରୁତର

ନିମାପଡ଼ା,୮।୯(ଡି.ଏନ୍.ଏ.): ବାଲିପାଟଣା ରାସ୍ତାର ଚଅାଁରପଦାଛକ ନିକଟରେ ଶୁକ୍ରବାର ରାତିରେ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟିହୋଇ ପାଣିଖାଲରେ ପଡିଯାଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡିଛି। ସେ ହେଲେ କଟକ ଜିଲା ଓଲଟପୁର ଥାନା ସଳେଇ ଅଡ଼ଶପୁର ଗ୍ରାମର ସନ୍ତୋଷ କୁମାର ପାତ୍ର(୩୦) ଏବଂ ଆହତ ବ୍ୟକ୍ତି ଜଣକ ହେଲେ ନିମାପଡା ଥାନା ଶ୍ରୀମୁଖ ଗ୍ରାମର ବିକାଶ ସାହୁ(୨୨)। ସନ୍ତୋଷ ଓ ବିକାଶ ମିଶି ବାଇକ୍(ଓଡି୦୨ବିଟି୦୫୭୦)ରେ ସଳେଇ ଅଡ଼ଶପୁର ଗ୍ରାମରୁ ଶୁକ୍ରବାର ବିଳମ୍ବିତ ରାତିରେ ନିମାପଡା ଅଭିମୁଖେ ଆସୁଥିବା ବେଳେ ଚଅାଁରପୁଦା ଛକ ନିକଟ ବୁଲାଣି ରାସ୍ତାକଡ଼ରେ ଥିବା ଗଛରେ ବାଇକଟି ପିଟି ହୋଇ ପାଣିଖାଲରେ ପଡିଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଆହତ ବାଇକ ଆରୋହୀଦ୍ୱୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିମାପଡା ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଦୁଇଗୋଡ ଭାଙ୍ଗିଯାଇ ଗୁରୁତର ହୋଇଥିବା ବିକାଶଙ୍କୁ ଓଲଟପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ଏସମ୍ପର୍କରେ ମୃତ ସନ୍ତୋଷଙ୍କ ମାମୁ ବେଦପୁର ଗ୍ରାମର ରାଜେନ୍ଦ୍ର ଖଟୋଇ ଶନିବାର ନିମାପଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ ନଂ ୨୫୭/୧୮ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଛି।

■ପ୍ରଶାସନିକ ସମନ୍ୱୟ ଅଭାବ

# ଶ୍ରୀମନ୍ଦିରରୁ ହଟୁନାହାନ୍ତି ମାଗେତା

ପୁରୀ ଅଫିସ, ୮।୯

ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ଲାଗି ଏବେ ଜୋର୍‌ଦାର ପ୍ରୟାସ ଚାଲିଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଅଧିକ କ୍ରିୟାଶୀଳ ହୋଇପଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ମନ୍ଦିର ଭିତରେ ସ୍ୱଚ୍ଛତା ଏବଂ ଶୃଙ୍ଖଳା କିପରି ଆସିପାରିବ ସେ ଦିଗରେ ବିଭିନ୍ନ ପ୍ରକାର କଟକଣା ଜାରି କରାଯାଇଛି। ଅନେକ ସଂସ୍କାରମୂଳକ କାମ ମଧ୍ୟ ହାତକୁ ନିଆଯାଇଛି। ଧୀରେ ଧୀରେ ଶ୍ରୀମନ୍ଦିର ସଂସ୍କାର ଅଭିମୁଖୀ ହେଉଥିବାବେଳେ ଏବେ ମାଗେତା (ମନ୍ଦିର ଭିତରେ ଭକ୍ତଙ୍କୁ ଟଙ୍କା, ପଇସା ମାଗୁଥିବା ବ୍ୟକ୍ତି)ଙ୍କ ଉତ୍ପାତ ବୃଦ୍ଧି ପାଇଛି। ଭକ୍ତଙ୍କୁ କୌଣସି ପ୍ରକାର ଶୋଷଣ କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ ସେମାନେ ମାନୁନାହାନ୍ତି। ସେହିପରି ସିଂହଦ୍ୱାର ସମ୍ମୁଖରେ ଭିକାରିଙ୍କ ଜୁଲମ୍‌ରେ ମଧ୍ୟ ଅତିଷ୍ଠ ହୋଇପଡୁଛନ୍ତି ଭକ୍ତ। ପ୍ରଶାସନିକ ସମନ୍ୱୟ ଅଭାବରୁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି। ଆଇକନିକ ସିଟି ତାଲିକାରେ ରହିଛି ପୁରୀ। ଏହି ଯୋଜନାରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ବିକାଶ ପାଇଁ ଏକାଧିକ



ନିଷ୍ପତ୍ତି ନିଆଯାଇଛି। ପ୍ରାୟ ବର୍ଷକ ପୂର୍ବେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମନ୍ଦିର ପରିସରରେ ଭକ୍ତଙ୍କ ଲାଗି ସୁସ୍ଥ ବାତାବରଣ ସୃଷ୍ଟି କରାଯିବ। ମନ୍ଦିର ଭିତରୁ ମାଗେତାଙ୍କୁ ତଡ଼ାଯିବ। ସେହିପରି ମନ୍ଦିର ଚତୁଃପାର୍ଶ୍ୱରୁ ଷଣ୍ଢ ଏବଂ ସିଂହଦ୍ୱାରରେ ବସୁଥିବା ଭିକାରିଙ୍କୁ ହଟାଯିବ। ଏମିତି ଅନେକ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଜିଲା ପ୍ରଶାସନ, ପୌର ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଏହିସବୁ ନିଷ୍ପତ୍ତି ଆଜି ପର୍ଯ୍ୟନ୍ତ ଫଳପ୍ରଦ ହୋଇପାରୁ ନାହିଁ। ମନ୍ଦିର ଭିତରୁ ମାଗେତା କିମ୍ୱା ସିଂହଦ୍ୱାରରୁ ହଟୁନାହାନ୍ତି ଭିକାରି। ମନ୍ଦିର ଚତୁଃପାର୍ଶ୍ୱ ଏବଂ ବଡ଼ଦାଣ୍ଡରେ ମାଳ ମାଳ ହୋଇ ବୁଲୁଛନ୍ତି ଷଣ୍ଢ।

### ତିକ୍ତ ଅନୁଭୂତି ସାଉଣ୍ଟୁଛନ୍ତି ଭକ୍ତ

ଏହିଭଳି ପରିସ୍ଥିତିରେ ବର୍ତ୍ତମାନ ପୁଣି ଜୋର୍ ଧରିଛି ଶ୍ରୀମନ୍ଦିର ସଂସ୍କାର ଓ ଶୃଙ୍ଖଳା ପ୍ରସଙ୍ଗ। ଏହାକୁ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ବି ହୋଇଛି। ଶ୍ରୀମନ୍ଦିର ପରିସରରେ ଭକ୍ତଙ୍କୁ ଶୋଷଣ ନେଇ କଟକଣା ଲଗାଇଛନ୍ତି ସୁପ୍ରିମ୍‌କୋର୍ଟ। ହେଲେ ଏହାକୁ ମାନୁନାହାନ୍ତି ମାଗେତା। ପ୍ରତିଦିନ ବହୁ ସଂଖ୍ୟାରେ ମାଗେତା ମନ୍ଦିର ଭିତରେ ବୁଲି ଭକ୍ତଙ୍କୁ ଟଙ୍କା, ପଇସା ମାଗୁଛନ୍ତି। ଏପରି କି ଭକ୍ତଙ୍କୁ ଜୁଲମ୍ କରିବା ସହ ଗାଳିମନ୍ଦ ମଧ୍ୟ କରୁଛନ୍ତି। ଏମାନଙ୍କୁ ତଡ଼ିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍କ୍ୱାଡ୍ ଗଠନ କରାଯାଇଛି। ହେଲେ ସ୍କ୍ୱାଡ୍ ସଦସ୍ୟଙ୍କୁ ବି ଏମାନେ ଚକ୍‌ମା ଦେଉଛନ୍ତି। ସ୍କ୍ୱାଡ୍ ସଦସ୍ୟଙ୍କୁ ଦେଖିବା ମାତ୍ରେ ମାଗେତାମାନେ ଲୁଚି ଯାଉଛନ୍ତି। ବିଶେଷକରି ପର୍ବପର୍ବାଣି ଦିନରେ ଏମାନଙ୍କ ସଂଖ୍ୟା ଢେର ଅଧିକ ରହୁଛି। ଗତ ରବିବାର ଜନ୍ମାଷ୍ଟମୀ ଅବସରରେ ବହୁସଂଖ୍ୟାରେ ମାଗେତା ଭକ୍ତଙ୍କୁ ଜୁଲମ୍ କରୁଥିବା ଖବର ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପହଞ୍ଚିଥିଲା। ଏହାପରେ ଚଢାଉ କରାଯାଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାଗେତାଙ୍କୁ ଧରି ଅଟକ ରଖାଯାଇଥିଲା। ପରେ ସେମାନଙ୍କୁ ତାଗିଦ କରାଯାଇ ଛାଡି ଦିଆଯାଇଥିଲା। ଏହାର କୌଣସି ପ୍ରଭାବ ସେମାନଙ୍କ ଉପରେ ପଡି ନ ଥିଲା। ଏହା ପରଦିନ ନନ୍ଦୋତ୍ସବରେ ବି ଏକାଧିକ ମାଗେତାଙ୍କୁ ଧରିଥିଲା ପ୍ରଶାସନ।

ସେହିପରି ସିଂହଦ୍ୱାର ସମ୍ମୁଖରେ ଭିକାରିଙ୍କ ଉତ୍ପାତ ବି ଦିନକୁ ଦିନ ବଢିବାରେ ଲାଗିଛି। ପଇସା ପାଇଁ ସେମାନେ ଭକ୍ତଙ୍କ ପୋଷାକପତ୍ର ବି ଟଣାଘୋଷରା କରୁଛନ୍ତି। ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଟଙ୍କା, ପଇସା ଦେବାକୁ ବାଧ୍ୟ ହେଉଛନ୍ତି ସିନା ହେଲେ ଶ୍ରୀକ୍ଷେତ୍ରରୁ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି। ପ୍ରତିଦିନ ମନ୍ଦିର ଭିତରେ ଏବଂ ସିଂହଦ୍ୱାର ସମ୍ମୁଖରେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଆଇକନିକ ସିଟି ଯୋଜନାରେ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହା ଏବେ ଶୀତଳଭଣ୍ଡାରରେ ରହିଯାଇଛି। ଫଳସ୍ୱରୂପ ଏହାର ପରିଣାମ ଭୋଗୁଛନ୍ତି ଭକ୍ତ।




ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇ ଶନିବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।

### ଶ୍ରୀମନ୍ଦିରରେ ବିଭିନ୍ନ ବର୍ଗର ଲୋକେ ଭିକ୍ଷାବୃତ୍ତି କରୁଛନ୍ତି

ପୁରୀ ଅଫିସ, ୮।୯

ଶ୍ରୀମନ୍ଦିରରେ ଆବହମାନ କାଳରୁ ଭିକ୍ଷାବୃତ୍ତି ଚାଲିଛି। ମହିଳା, ପୁରୁଷଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଭିକ୍ଷା ମାଗିବାର ନଜିର ରହିଛି। କିନ୍ତୁ ଏମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବର୍ଗର ଅର୍ଥାତ୍ ବ୍ରାହ୍ମଣ ବେଶଧାରୀ ମାଗେତା ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଅଭିହିତ କରାଯିବା ଠିକ୍ ନୁହେଁ। ଏହା ସମଗ୍ର ବ୍ରାହ୍ମଣ ସମ୍ପ୍ରଦାୟକୁ ଜନସାଧାରଣରେ ନିନ୍ଦିତ କରିବା ଭଳି ହେଉଛି। ତେଣୁ ଏଥିରୁ ମନ୍ଦିର ପ୍ରଶାସନ ଦୂରେଇ ରହିବାକୁ ମୁକ୍ତିମଣ୍ଡପ ସଦସ୍ୟ ଦୁର୍ଗାପ୍ରସାଦ ମହାପାତ୍ର ଓ ସୂର୍ଯ୍ୟନାରାୟଣ ରଥ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ଶ୍ରୀମନ୍ଦିରରେ ଭିକ୍ଷା ବୃତ୍ତି କରୁଥିବାବେଳେ ମନ୍ଦିର ପ୍ରଶାସନ କେତେଜଣ ମାଗେତାଙ୍କୁ ଅଟକ ରଖି ପରେ ଛାଡି ଦେଇଥିଲା। ଏମାନେ ବ୍ରାହ୍ମଣ ବେଶଧାରୀ ମାଗେତା ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା।

■ଏସ୍‌ସିଏସରେ ସ୍ୱୟଂଶାସିତ ମାନ୍ୟତା, ଆଫିଲିଏଶନ ନ ଥିବା ପ୍ରସଙ୍ଗ

# ତେଜିଲା ଛାତ୍ର ଆନ୍ଦୋଳନ, କ୍ୟାମ୍ପସରେ ହୋହଲ୍ଲା

ପୁରୀ ଅଫିସ, ୮।୯

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ) କଲେଜର ସ୍ୱୟଂଶାସିତ ମାନ୍ୟତା ଏବଂ ସ୍ନାତକୋତ୍ତର (ପିଜି) ଓ ଏମ୍‌ଫିଲ ଅନୁବନ୍ଧନ (ଆଫିଲିଏଶନ) ନ ଥିବା ପ୍ରସଙ୍ଗକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଶତାଧିକ ଛାତ୍ରୀଛାତ୍ର ଏହାର ପ୍ରତିବାଦରେ କ୍ୟାମ୍ପସ ପରିସରରେ ହୋହଲ୍ଲା କରିଥିଲେ। ଶତାଧିକ ଛାତ୍ରୀଛାତ୍ର କଲେଜ ପ୍ରଶାସନିକ କୋଠା ଗେଟରେ ତାଲା ଦେଇ ପାଟିତୁଣ୍ଡ

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କରିଥିଲେ। ପରେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ର ସଂସଦ ସଭାପତି ରବି ନାରାୟଣ ନାୟକ, ସମ୍ପାଦକ ରୋଷନ ମହାନ୍ତି, ଉପସଭାପତି ବିଶାଳ ମହାନ୍ତିଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ତୁରନ୍ତ କଲେଜର ସ୍ୱୟଂଶାସିତ ମାନ୍ୟତା ନବୀକରଣ ଏବଂ ପିଜି ଓ ଏମ୍‌ଫିଲ ପାଠ୍ୟକ୍ରମର ଆଫିଲିଏଶନ ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବଂ କଲେଜ ଅଧ୍ୟକ୍ଷଙ୍କୁ ଛାତ୍ରୀଛାତ୍ରମାନେ ଦୁଇଟି ପୃଥକ ଦାବି ପ୍ରଦାନ କରିଥିଲେ। ଚଳିତ ମାସ ଶେଷ ସୁଦ୍ଧା ସ୍ୱୟଂଶାସିତ ମାନ୍ୟତା ନବୀକରଣ ଏବଂ ପିଜି ଓ ଏମ୍‌ଫିଲ ପାଠ୍ୟକ୍ରମର ଆଫିଲିଏଶନ ଆଣିବା ଲାଗି ସେମାନେ ଦାବି କରିଛନ୍ତି। ନଚେତ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।




ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମହିଳାମାନେ ଏସ୍‌ପି ଅଫିସ୍ ଘେରାଉ କରିଛନ୍ତି।

■ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ ଘଟଣା

# ଗ୍ରାମବାସୀଙ୍କ ଏସ୍‌ପି ଅଫିସ ଘେରାଉ

ପୁରୀ ଅଫିସ, ୮।୯

ସଦର ଥାନା ଅଧୀନ ଛଇତନା ଦକ୍ଷିଣ ସାହିର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିଶାମଣି କାନୁନ୍‌ଗୋଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶନିବାର ଗ୍ରାମର ଶତାଧିକ ମହିଳା, ପୁରୁଷ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ସୂଚନା ମୁତାବକ, ଅଗଷ୍ଟ ୩୧ ସନ୍ଧ୍ୟାରେ ନିଶାମଣି ଘରେ ଏକାକୀ ଥିଲେ। ଏହି ସମୟରେ ଗ୍ରାମର କେତେଜଣ ଯୁବକ ହଠାତ୍ ଘରେ ପଶି ତାଙ୍କ ପୁଅକୁ ଖୋଜିଥିଲେ। ପରେ ସେମାନେ ନିଶାମଣିଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

■ଏସସିଏସରେ ବିଚିତ୍ର ଶିକ୍ଷାଦାନ ବ୍ୟବସ୍ଥା

# ଅତିଥି ଅଧ୍ୟାପକଙ୍କ କାନ୍ଧରେ ଶିକ୍ଷାର ଭାର

ପୁରୀ ଅଫିସ, ୮।୯

- ■୮୨ ପଦବୀରେ ଅଛନ୍ତି ୩୫ ଅଧ୍ୟାପକ
- ■କମୁଛି ଗୁଣାତ୍ମକ ଶିକ୍ଷାର ମାନ
- ■ଜୁଲୋଜି, ସୋସିଓଲୋଜି ଓ କମ୍ପ୍ୟୁଟର ସାଇନ୍ସରେ ନାହାନ୍ତି ଅଧ୍ୟାପକ

ଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭିତରେ ରହିଛି ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) କଲେଜ। ଗତ କିଛି ବର୍ଷ ହେବ କଲେଜରେ ପାଠପଢା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ବିଚିତ୍ର ଶିକ୍ଷାଦାନ ବ୍ୟବସ୍ଥା ଏବେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଛିଡା କରିଛି। ଅଧାରୁ ଅଧିକ ପଦବୀ ଫାଙ୍କା ପଡିଥିବା ବେଳେ ଶିକ୍ଷାଦାନର ଭାର ଏବେ ଅତିଥି ଅଧ୍ୟାପକଙ୍କ କାନ୍ଧରେ ରହିଛି। ଏଭଳି ବିଚିତ୍ର ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। କଲେଜର ଜୁଲୋଜି (ପ୍ରାଣୀ ବିଜ୍ଞାନ) ବିଭାଗରେ ଗତ କିଛି ବର୍ଷ ଧରି ଅଧ୍ୟାପକ ନାହାନ୍ତି। ବଟାନୀ (ଉଦ୍ଭିଦ ବିଜ୍ଞାନ) ବିଭାଗର ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଜୁଲୋଜି ବିଭାଗର ଦାୟିତ୍ୱରେ ରହିଛନ୍ତି। ଯୁକ୍ତ ୩ ସମ୍ମାନ (ଅନର୍ସ) ଓ ସ୍ନାତକୋତ୍ତର(ପିଜି) ଛାତ୍ରୀଛାତ୍ରଙ୍କୁ ଅତିଥି ଅଧ୍ୟାପକ ପଢାଉଛନ୍ତି। ସେହିଭଳି ସୋସିଓଲୋଜି, କମ୍ପ୍ୟୁଟର ସାଇନ୍ସ ଏବଂ ପରିବେଶ ବିଜ୍ଞାନରେ କୌଣସି ଅଧ୍ୟାପକ ନାହାନ୍ତି। ଓଡ଼ିଆ ବିଭାଗରେ ଉଭୟ ପିଜି ଓ ଏମ୍‌ଫିଲ ପାଠ୍ୟକ୍ରମ ରହିଛି। ୭ଟି ପଦବୀରୁ ୬ଟି ଖାଲିପଡିଛି। ଇଂଲିଶରେ ମଧ୍ୟ ସେହି ଏକା ସମସ୍ୟା। ୯ଟି ପଦବୀରୁ ୬ଟି ଖାଲିପଡିଛି। ୨୦୧୭ରେ ବାଣିଜ୍ୟରେ ଏମଫିଲ ପାଠ୍ୟକ୍ରମ ଖୋଲିଥିଲା। ଏହି ବିଭାଗରେ ୮ରୁ ୫ ପଦବୀ ଖାଲିପଡିଛି। ରସାୟନ ବିଜ୍ଞାନରେ ୬ଟି ପଦବୀରୁ ୩ ଫାଙ୍କା ରହିଛି। ଅର୍ଥନୀତିରେ ୫ରୁ ୩, ଶିକ୍ଷା ବିଭାଗରେ ୬ରୁ ୨, ଭୂଗୋଳରେ ୫ରୁ ୨, ଇତିହାସରେ ୫ରୁ ୪, ଗଣିତରେ ଗୋଟିଏ ପଦବୀ, ଫିଲୋଶଫିରେ ୩ରୁ ୨ଟି, ରାଜନୀତି ବିଜ୍ଞାନ ଓ ମନସ୍ତତ୍ତ୍ୱ ବିଜ୍ଞାନରେ ଗୋଟିଏ ଲେଖାଏ ପଦବୀ ଖାଲିପଡିଥିବା କଲେଜ ସୂତ୍ରରୁ ଜଣାପଡିଛି। ବିଭିନ୍ନ ବିଭାଗରେ ୨୫ରୁ ଊର୍ଦ୍ଧ୍ୱ ଅତିଥି ଅଧ୍ୟାପକ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଧ୍ୟାପକ ନ ଥିବାରୁ ଦିନକୁ ଦିନ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି।

ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କୁହନ୍ତି, କଲେଜର ଅର୍ଦ୍ଧାଧିକ ବିଭାଗରେ ପଦବୀ ଖାଲି ପଡିଛି। ଏନେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଜଣାଯାଇଛି। ଖାଲି ପଡିଥିବା ପଦବୀରେ ଅତିଥି ଅଧ୍ୟାପକ ରଖିବା ଲାଗି ଯୋଜନା ଚାଲିଛି।

# ୧୦ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ

ପୁରୀ ଅଫିସ, ୮।୯

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଶ୍ରୀକ୍ଷେତ୍ର ଓଡ଼ିଆ ସାହିତ୍ୟ ଓ ଶୈକ୍ଷିକ ବିକାଶ ମଞ୍ଚ ଏବଂ ଉତ୍କଳ ସ୍ୱାଭିମାନ ମଞ୍ଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ୧୦ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଶନିବାର ଅନାବରଣ ହୋଇଛି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏଥିରେ ସତ୍ୟବାଦୀ ପଞ୍ଚସଖା ଓ ଜାତୀୟସ୍ତରର ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରହିଛି। ଏଥିସହିତ ମନ୍ତ୍ରୀ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଲାଗି ଭିତ୍ତିପ୍ରସ୍ତର ଏବଂ ଅତିରିକ୍ତ ଶ୍ରେଣୀଗୃହ ଓ ବହୁମୁଖୀ ସାଧନା କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଆଇଇଟିର ଅଧ୍ୟକ୍ଷ ହୃଷୀକେଶ ବେଉରା ସଭାପତିତ୍ୱ କରିଥିଲେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରତାପ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଡ. ସତ୍ୟକାମ ମିଶ୍ର, ନିମାଇଁ ଚରଣ ସ୍ୱାଇଁ, ରଘୁନାଥ ମହାପାତ୍ର, ପ୍ରଫେସର ରବୀନ୍ଦ୍ର ପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ହୋତା, ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ମହାନ୍ତି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବଳଭଦ୍ର ପୂଜାପଣ୍ଡା ବିବରଣୀ ପାଠ, ଅଧ୍ୟାପକ ପ୍ରଭାକର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ଅଧ୍ୟାପକ ସନ୍ତୋଷ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ଉନ୍ମୋଚିତ ହୋଇଥିବା ୧୦ ମହାପୁରୁଷଙ୍କ ପ୍ରତିମୂର୍ତ୍ତୀ।

# ନବମ ଦିନରେ ହୁଏ ବିସର୍ଜନ

ପୁରୀ ଅଫିସ, ୮।୯

### ନରସିଂହ ୟୁଥ୍ ଆସୋସିଏଶନ

ଗଣେଶ ପୂଜାକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଏହି ପ୍ରସ୍ତୁତିରେ ନିଜକୁ ସାମିଲ କରିଦେଇଛି ପୁରୀର ପୁରାତନ କ୍ଲବ ନରସିଂହ ୟୁଥ୍ ଆସୋସିଏଶନ (ବଡ଼ଜାଗା)। ମାଟିଆପଡ଼ାସ୍ଥିତ ଏହି କ୍ଲବ ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗଣେଶ ପୂଜା କରିଆସୁଛି। ଭାଇଚାରାକୁ ଭଲ ପାଉଥିବା ଏହି କ୍ଲବ ସମସ୍ତଙ୍କୁ ସାଥୀରେ ନେଇ ଆଗକୁ ବଢିବାକୁ ଉଦ୍ୟମ ଜାରି ରଖିଛି। ସାହିବାସିନ୍ଦାଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗରେ ପ୍ରତିବର୍ଷ ବେଶ୍ ଜାକଜମକରେ ଗଣେଶ ପୂଜା କରାଯାଉଛି। ଚଳିତବର୍ଷ ବିବେଶ୍ ଧୂମ୍‌ଧାମରେ ପୂଜା କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି କ୍ଲବ ସଦସ୍ୟମାନେ। ୯ ଦିନରେ ମୂର୍ତ୍ତି ବିସର୍ଜନ କ୍ଲବର ସ୍ୱତନ୍ତ୍ରତା ବୋଲି କୁହନ୍ତି ଆସୋସିଏଶନ ସଭାପତି ପ୍ରଦୀପ୍ତ କୁମାର ନାୟକ।

### ଆକର୍ଷଣ ସାଜିବ ମୂର୍ତ୍ତି

ସଭାପତିଙ୍କ ସୂଚନା ମୁତାବକ, ଚଳିତବର୍ଷ ପୂଜା ପାଇଁ ପ୍ରାୟ ୨ରୁ ୨.୫ ଲକ୍ଷ ଟଙ୍କା ବଜେଟ ରଖାଯାଇଛି। ସବୁବେଳେ ପୂଜାକୁ ସରସ ସୁନ୍ଦର କରିବା ଉପରେ ଆମ କ୍ଲବ ନଜର ଦେଇଆସିଛି। ମାଟିଆପଡ଼ା ଛକସ୍ଥିତ ଅସ୍ଥାୟୀ ପୂଜାମଣ୍ଡପରେ ପ୍ରାୟ ୧୦ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ତିଆରି ଚାଲିଛି, ଯାହାକି ପୁରୀର ଆକର୍ଷଣୀୟ ମୂର୍ତ୍ତି ହେବ। ଶିଳ୍ପୀ ଚିତ୍ତରଞ୍ଜନ ମହାରଣା ମୂର୍ତ୍ତି ନିର୍ମାଣ କରୁଥିବାବେଳେ ତାଙ୍କୁ ପ୍ରିୟତମା ମହାରଣା



### ଆସୁଛି ଗଣେଶ ପୂଜା

ଓ ସଞ୍ଜୁଲତା ନାଥ ସହାୟତା କରୁଛନ୍ତି।

### ଶୋଭାଯାତ୍ରାରେ ବୁଲିବ ଓଟ, ଘୋଡ଼ା

ଭସାଣି ଶୋଭାଯାତ୍ରାକୁ ଆକର୍ଷଣୀୟ କରାଯିବାକୁ ଲକ୍ଷ୍ୟ ରହିଛି। ୯ମ ଦିନରେ ଅର୍ଥାତ୍ ସେପ୍ଟେମ୍ବର ୨୧ରେ ଠାକୁରଙ୍କ ବିସର୍ଜନ କରାଯିବ। ଭସାଣି ଶୋଭାଯାତ୍ରାରେ ଘଣ୍ଟ, ଡିଜେ, ପଞ୍ଜାବୀ ବାଜା, ସିଂହବାଜା ସାଙ୍ଗକୁ ଓଟ ଓ ଘୋଡ଼ା ମୁଖ୍ୟ ଆକର୍ଷଣ ସାଜିବେ। ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିବ। ଶାନ୍ତିଶୃଙ୍ଖଳାର ସହ ଏହି ଶୋଭାଯାତ୍ରା ମାଟିଆପଡ଼ା ଛକସ୍ଥିତ ପୂଜା ମଣ୍ଡପରୁ ବାହାରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବ। ସେଠାରୁ ଫେରି ବାଲିଘାଟ ଛକ ପର୍ଯ୍ୟନ୍ତ ଯିବା ପରେ ଶୋଭାଯାତ୍ରା ବନ୍ଦ ରହିବ। ଏହାପରେ ନୂଆନଈରେ ମୂର୍ତ୍ତି ବିସର୍ଜନ କରାଯିବ।

### ୧୦୦ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ

କ୍ଲବ ଘର ପୂର୍ବରୁ ମାଟିଆପଡ଼ା ଛକ ଉପରେ ଥିଲା। ମାତ୍ର ଟ୍ରାଫିକ ସମସ୍ୟା ଯୋଗୁ ତାକୁ ଭାଙ୍ଗି ଦିଆଯାଇ ତିନି ମହଲା ବିଶିଷ୍ଟ ନୂତନ କ୍ଲବ ଘର ନିର୍ମାଣ ହୋଇଛି। ଏବେ ୨୧ ଫୁଟର ମହାବୀର ମନ୍ଦିର ତିଆରି ଚାଲିଛି। ପ୍ରାୟ ୩ ମାସ ମଧ୍ୟରେ ଏହି ମନ୍ଦିର କାମ ସମ୍ପୂର୍ଣ୍ଣ ହେବା ପରେ ଗୋଟିଏ ଦିନରେ କ୍ଲବର ନୂତନ ଗୃହ ଓ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି। ଏହି ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଚାଲିବ। ଏହି ଅବସରରେ ପୁରୀର ପ୍ରାୟ ୧୦୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଅସହାୟ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯିବ। ଗୋଟିଏ ଦିନ ଭଜନ ସମାରୋହ, ଗୋଟିଏ ଦିନ ମେଲୋଡି ଏବଂ ଗୋଟିଏ ଦିନ ସୁନ୍ଦରାକାଣ୍ଡ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ସଭାପତି କହିଛନ୍ତି।

### ସାମାଜିକ ସେବାକୁ ଗୁରୁତ୍ୱ

କ୍ଲବ ସଦସ୍ୟମାନେ ସର୍ବଦା ସାମାଜିକ ସେବା ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ପବିତ୍ର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ସଫେଇ ମଧ୍ୟ କରନ୍ତି। ଏହାବ୍ୟତୀତ ରଥଯାତ୍ରା ସମୟରେ କ୍ଲବ ସଦସ୍ୟମାନେ ସ୍ୱେଚ୍ଛାସେବୀ କାମ କରିଥାନ୍ତି। ଯାନବାହନ ନିୟନ୍ତ୍ରଣଠାରୁ ଆରମ୍ଭ କରି ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ଓ ପାନୀୟ ମଧ୍ୟ ବଣ୍ଟନ କରିଥାନ୍ତି।

### କ୍ଲବ ସଦସ୍ୟ

କ୍ଲବ ସଭାପତି ପ୍ରଦୀପ୍ତ କୁମାର ନାୟକ, ସମ୍ପାଦକ ଗଣନାରାୟଣ ବେହେରା, କୋଷାଧ୍ୟକ୍ଷ ଚୌଧୁରୀ ଅଭିରାମ ମହାପାତ୍ର, ତ୍ରିଲୋଚନ ରାଉତ, ସଞ୍ଜୀବ ନାୟକ, ଦେବୀ ପ୍ରସାଦ ନାୟକ, ଚନ୍ଦ୍ରକାନ୍ତ ପରିଡ଼ା, ରମେଶ ଗୋଚ୍ଛାୟତ, ସତ୍ୟନାରାୟଣ ନାୟକ, ଦେବୀପ୍ରସାଦ ସାହୁ ପ୍ରମୁଖ କ୍ଲବର କର୍ମକର୍ତ୍ତା ରହିଛନ୍ତି।



ଯାହାର ଆଖି ନଷ୍ଟ ହୋଇଯାଉଛି ସେ ଅନ୍ଧ
ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
-ନେତାଜୀ ସୁଭାଷ ଚନ୍ଦ୍ର ବୋଷ



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୯।୯।୨୦୧୮ (ରବିବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ତୋଷାଳୀ ପକ୍ଷରୁ ପଲିଥିନ୍ ବ୍ୟବହାର ନିବାରଣ ନିମନ୍ତେ ଶୋଭାଯାତ୍ରା, ରୁପାଲି ଛକ, ସକାଳ ୭ଟା ୩୦।
- ଖୁଦୁରୁକୁଣୀ ମହୋତ୍ସବ ତରଫରୁ ପୋଖରୀ ତୁଠରେ ବାଲୁକା ପୂଜା, ସୁନ୍ଦରପଦା ଓ କପିଳପ୍ରସାଦ, ସକାଳ ୯ଟା ୩୦।
- ଦିଲୀପ ବଳବନ୍ତରାୟଙ୍କ ଦ୍ୱାରା ରଚିତ ଦୁଇ କବିତା ସଙ୍କଳନ 'ବାପା' ଏବଂ 'ମରୁନୁ ମାଙ୍କଡ଼ ଓ ଅନ୍ୟାନ୍ୟ କବିତା'ର ଲୋକାର୍ପଣ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଦୟା-ଧର୍ମ-ସେବା ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ସାଧାରଣ ଅଧିବେଶନ, ବିଷ୍ଣୁ ମନ୍ଦିର ପରିସର, ଶହୀଦନଗର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଏସ୍‌ବିଆଇ କିଓସ୍କ ଅପରେଟର୍ସ ୟୁନିୟନର ପ୍ରତିଷ୍ଠା ଦିବସ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଷଷ୍ଠ ଜାତୀୟ ପାଠଚକ୍ର ଉଦ୍‌ଯାପନ, ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- କବିକନ୍ୟା ସ୍ମୃତି ସମ୍ମାନ ପ୍ରଦାନ ସମାରୋହ-୨୦୧୮ ଉଦ୍‌ଘାଟନ, ବୁଦ୍ଧ ମନ୍ଦିର ପରିସର, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦। କବିତା ପାଠୋତ୍ସବ, ଅପରାହ୍ନ ୩ଟା।
- ନଟବର ସାମନ୍ତରାୟ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ଜାତିଭିତ୍ତିକ ଆଟ୍ରୋସିଟି ଉଚ୍ଛେଦ ଦାବିରେ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ରାଜ୍ୟ ଅମିନ ସଂଘ, ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ, କର୍ମଚାରୀ ଭବନ, ୟୁନିଟ୍-୫, ପୂର୍ବାହ୍ନ ୧୧ଟା।
- ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ପକ୍ଷରୁ ବାର୍ଷିକ ଗଣମାଧ୍ୟମ ସମ୍ମିଳନୀ 'କମ୍ୟୁନିକ୍-୧୮', ଏକ୍ସଆଇଏମ୍‌ବି ଅଡିଟୋରିୟମ୍, ଅପରାହ୍ନ ୨ଟା ୩୦।
- ଶ୍ରୀଶ୍ରୀ ଲକ୍ଷ୍ମୀ ମା'ଙ୍କ ୧୨୫ତମ ଜନ୍ମ ମହୋତ୍ସବ ଅବସରରେ ସନ୍ଧ୍ୟା ବିନତି ପ୍ରାର୍ଥନା, ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୫ଟା ୪୬।

  ସାଧାରଣ ସଭା, ରାତି ୭ଟା।
- ବ୍ଲିସ୍‌ଫୁଲ ଯୋଗ ସେଣ୍ଟର ପକ୍ଷରୁ ଏସିଆନ୍ ଗେମ୍ସରେ ୨ ରୌପ୍ୟ ପଦକ ବିଜୟିନୀ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧନା, ଯୋଗ ସେଣ୍ଟର ପରିସର, ପ୍ଲଟ୍ ନଂ. ୯୫୮/୨୨୫୩, ନ୍ୟୁ ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା।
- 'ପ୍ରତିକାର'ର ୫୨ତମ ସ୍ୱନକ୍ଷତ୍ର ଉତ୍ସବ ଓ ଓଡ଼ିଶା ପ୍ରତିଭା ସମ୍ମାନ-୨୦୧୮, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଡା. ଗୌରୀଶଙ୍କର ପଣ୍ଡାଙ୍କ ପ୍ରଥମ କବିତା ସଙ୍କଳନ 'ଯେତିକି ଦେଇଛୁ'ର ଉନ୍ମୋଚନ ଉତ୍ସବ, ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।




- ସୃଜନ ଏବଂ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାବାସର ମିଳିତ ଆନୁକୂଲ୍ୟରେ ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରସ୍ତୁତି ସଭା, ଝାଞ୍ଜିରୀମଙ୍ଗଳା ଠାକୁରାଣୀ ପୀଠ, ପୂର୍ବାହ୍ନ ୧୦ଟା ୩୦।
- ୩୧ତମ ରାଜ୍ୟ ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ଟେନିକୋଏଟ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବ, ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା ୩୦।
- ଓଏସ୍ଏଲ୍ଏସ୍ଏର ସ୍ଥାୟୀ କୋଠାର ଭିତ୍ତିପ୍ରସ୍ତର, 'ନୂଆ ସଂଯୋଗ'ର ଇ-ଉଦ୍‌ଘାଟନ ଓ ସ୍କୁଲ ଲିଗାଲ ଲିଟେରାସି କ୍ଲବରେ କମ୍ପ୍ୟୁଟରୀକରଣ, ଓଏସ୍ଏଲ୍ଏସ୍ଏ କୋଠା ନିକଟ, ସେକ୍ଟର-୧, ବିଡ଼ାନାସୀ, ଅପରାହ୍ନ ୩ଟା ୩୦।
- ଓଡ଼ିଆ ଚଳଚ୍ଚିତ୍ର 'ମା' ନୁହେଁ ପତିତା'ର ପ୍ରଥମ ପ୍ରଦର୍ଶନ, ଜୀବାନନ୍ଦ ପଦ୍ମାବତୀ ଅଡିଟୋରିୟମ୍, ସରୋଜିନୀ ହସ୍ପିଟାଲ, ଲିଙ୍କରୋଡ୍, ସନ୍ଧ୍ୟା ୬ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଇଣ୍ଡିଆ ଥିଏଟର ଅଲିମ୍ପିଆଡ୍‌ର ନବମ ସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ଭାରତ ବିକାଶ ପରିଷଦର ଭାରତ କୋ ଜାନୋ ପ୍ରତିଯୋଗିତା, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ବର୍ଷା ସାହିତ୍ୟ ସଂସଦର କବିତା ଆସର, ସର୍ବମଙ୍ଗଳା ପାଠାଗାର, ଅପରାହ୍ନ ୪ଟା।

## ୧୦।୯।୨୦୧୮ (ସୋମବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।

### ପୁରୀ

- ଜିଲା ସୂଚନା ଅଧିକାର ଅଭିଯାନର କର୍ମଶାଳା, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।

## ୧୧।୯।୨୦୧୮ (ମଙ୍ଗଳବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ, ନୂଆଦିଲ୍ଲୀ ପକ୍ଷରୁ 'ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେଶନ୍ସ ଇନ୍ ଓଡ଼ିଶା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭାଗୃହ, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ଖ୍ରୀଷ୍ଟ ଚର୍ଚ୍ଚ ନିକଟ, ସକାଳ ୯ଟା।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଏବିଭିପି ପକ୍ଷରୁ ଛାତ୍ର ଅଧିକାର ସମାବେଶ ଅବସରରେ 'ଭୁବନେଶ୍ୱର ଚାଲ' ଶୋଭାଯାତ୍ରା, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର୍ସ ଆସୋସିଏଶନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ପ୍ରଗତି ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା 'ହମ୍ ଔର୍ ତୁମ୍', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୧୨।୯।୨୦୧୮ (ବୁଧବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- 'ଦୃଷ୍ଟାନ୍ତ ସମ୍ମାନ-୨୦୧୮' ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ୧୩।୯।୨୦୧୮ (ଗୁରୁବାର)

### ଭୁବନେଶ୍ୱର

- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ପ୍ରାତଃ ୬ଟାରୁ ଆରମ୍ଭ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା ୩୦।
- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା, ବଡ଼ଗଡ଼ ପୂଜା ପେଣ୍ଡାଲ, ଅପରାହ୍ନ ୧ଟା।

## ୧୪।୯।୨୦୧୮ (ଶୁକ୍ରବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

## ୧୫।୯।୨୦୧୮ (ଶନିବାର)

### ଭୁବନେଶ୍ୱର

- ସ୍ୱାମୀ ଶ୍ରୀଚିଦାନନ୍ଦ ସରସ୍ୱତୀଙ୍କ ଦଶମ ପୁଣ୍ୟତିଥି ଆରାଧନା ଦିବସ ପାଳନ, ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକନଗର, ପ୍ରାତଃ ୬ଟାରୁ ଆରମ୍ଭ।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ ସନ୍ଧ୍ୟା, ବଡ଼ଗଡ଼ ପୂଜା ପେଣ୍ଡାଲ, ସନ୍ଧ୍ୟା ୬ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆସୋସିଏଶନ ପରିସର, ଇନ୍ଦିରା ପାର୍କ ପଛ, ଶହୀଦନଗର, ରାତି ୭ଟା।

■ ଲଘୁଚାପଜନିତ ଲଗାଣ ବର୍ଷା

# ୩ଦିନ ହେଲା ପାଣିଘେରରେ ୬ପରିବାରର ୫୦ ଲୋକ



ପାଣିଘେରରେ ରହିଥିବା ଲୋକେ।

**ଗୋପ, ୮।୯ (ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ଗୋପ ପଞ୍ଚାୟତ ସ୍ଥିତ ୪ନଂ ୱାର୍ଡ଼ ମୁସ୍‌ଲିମ୍ ବସ୍ତିରେ ଦୀର୍ଘଦିନ ଧରି ୬ଟି ପରିବାରର ୫୦ରୁ ଊର୍ଦ୍ଧ୍ୱ ଲୋକ ପାଣିଘେରରେ ରହିଥିଲେ ମଧ୍ୟ ଏମାନଙ୍କ ନିକଟରେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିପାରି ନାହିଁ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀଙ୍କ ନିକଟରେ ପୃଥକ୍ ପୃଥକ୍ ଅଭିଯୋଗ କରାଯାଇଥିଲେ ବି କୌଣସି ସୁଫଳ ମିଳିପାରି ନାହିଁ। ଏନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋପ ପଞ୍ଚାୟତ ସ୍ଥିତ ୪ନଂ ୱାର୍ଡ଼ ମୌଲାନା ମହଲାରେ ବସବାସ କରୁଥିବା ଏହି ଲୋକମାନେ ପାଣି ଘେରରେ ରହିଛନ୍ତି। ଜଳ ନିଷ୍କାସନ ହେବା ପାଇଁ ବ୍ୟବସ୍ଥା ନ ଥିବାରୁ ଏହି ସମସ୍ୟା ଦେଖାଦେଇଥିବା ଇମ୍ରାନ୍ ଅଲ୍ଲୀ, ପରସା ବିବି, ମହମ୍ମଦ ବାବୁ, ମେହେରୁନ୍ ବିବି, ମହମ୍ମଦ ସକିର୍ ପ୍ରମୁଖ ଅଭିଯୋଗ କରିଛନ୍ତି। ବର୍ଷାଜଳ ଜମିରହିବା ଫଳରେ ଏହି ପରିବାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିବା ବେଳେ ନିକଟରେ ଜନୈକ ମହିଳା ପ୍ରସବ ଜନିତ ପୀଡ଼ା ଅନୁଭବ କରିବା ପରେ ସେହି ମହିଳାଙ୍କୁ କାନ୍ଧରେ ଭାର କରି ଡାକ୍ତରଖାନା ନେଇଥିବା ଅଭିଯୋଗ କରିଛନ୍ତି।

■ ବିଜେଡିର ତୈଳଦର ବୃଦ୍ଧି ପ୍ରତିବାଦ

# ନିମାପଡ଼ା-ଗୋପରେ ପେଟ୍ରୋଲପମ୍ପ ଆଗରେ ଧାରଣା



ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି କର୍ମୀମାନେ ଧାରଣା ଦେଇଛନ୍ତି।

**ନିମାପଡ଼ା, ୮।୯ (ଡି.ଏନ୍.ଏ.)**

ତୈଳଦର ବୃଦ୍ଧିକୁ ନେଇ ଶୁକ୍ରବାର ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବିଭିନ୍ନ ପେଟ୍ରୋଲ ପମ୍ପରେ ବିକ୍ଷୋଭ କରାଯାଇଥିବାବେଳେ ଶନିବାର ନିମାପଡା ଏବଂ ଗୋପର ବିଭିନ୍ନ ପେଟ୍ରୋଲପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିମାପଡା ବ୍ଲକର ଖେଲାରହରିଶପୁର, ଚାରିଛକ, ବଳଙ୍ଗା, ହରିପୁର ସମେତ ୭ଟି ପେଟ୍ରୋଲପମ୍ପ ଆଗରେ ଶତାଧିକ କର୍ମୀ ଓ ନେତୃବୃନ୍ଦ ଧାରଣାରେ ବସିଥିଲେ। ଏଥିରେ ଏନଏସି ଅଧ୍ୟକ୍ଷ ସନାତନ ପ୍ରଧାନ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ସେହିପରି ଗୋପ ବ୍ଲକର କୁସୁପୁର, ଗଣେଶ୍ୱରପୁର, ଜମରା ଆଦି ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗୋପ ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ପ୍ରଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ମନଦୀପ ପାଇକରାୟ, ଜ୍ଞାନରଞ୍ଜନ ବେହେରା, ପୁରୀ ଜିଲା ଛାତ୍ର ବିଜେଡି ଉପସଭାପତି ଯୋଗେନ୍ଦ୍ର ବେହେରା, ସୀତାବ୍ ଆଲାମ୍ ଶେଖ୍ ପ୍ରମୁଖ ଯୋଗଦେଇଥିଲେ।

# ବିଧାୟକଙ୍କୁ ୬ଦଫା ଦାବିପତ୍ର

**ନିମାପଡ଼ା, ୮।୯ (ଡି.ଏନ୍.ଏ.)**

ନିମାପଡ଼ା ବ୍ଲକର ୩୨ଟି ଗ୍ରାମପଞ୍ଚାୟତରେ ନିଯୁକ୍ତ ହୋଇଥିବା ୩୨ଜଣ ଆସାଇନିଙ୍ଗ ୟୁଥ କର୍ମଚାରୀମାନେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ୬ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆସାଇନିଙ୍ଗ ୟୁଥ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବ୍ଲକ ୟୁଥ କର୍ମଚାରୀ ସଂଘ ପକ୍ଷରୁ ବିଧାୟକଙ୍କ ଠାରେ ଦାବି କରାଯାଇଛି। ସଂଘର ନିମାପଡ଼ା ବ୍ଲକ ଶାଖାର ସଭାପତି ଶୁଭ୍ରମଣ୍ୟମ ବେହେରା, ଉପସଭାପତି ଦୀପ୍ତିରଞ୍ଜନ ମଙ୍ଗରାଜ, ସମ୍ପାଦକ ରମାକାନ୍ତ ପ୍ରଧାନ, ସହସମ୍ପାଦକ କାମେନି ନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏକ ଟିମ ବିଧାୟକ ଦାଶଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଆସାଇନିଙ୍ଗ କର୍ମଚାରୀଙ୍କୁ ମାସିକ ବେତନ, କର୍ମଚାରୀମାନଙ୍କୁ ନିଯୁକ୍ତିଭିତ୍ତିକ ପ୍ରମାଣପତ୍ର, ପଞ୍ଚାୟତ ସମିତି ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯିବା, ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତରେ ବାହାରୁଥିବା ବିଭିନ୍ନ ନିଯୁକ୍ତିରେ ଆସାଇନିଙ୍ଗ ୟୁଥ କର୍ମଚାରୀମାନଙ୍କୁ ଅଗ୍ରାଧିକାର ଦିଆଯିବା ଦାବିଗୁଡିକ ଅନ୍ତର୍ଭୁକ୍ତ।

■ 'ଓଡ଼ିଶାରେ ତନ୍ତ୍ର ପରମ୍ପରା ଓ ଶ୍ରୀଜଗନ୍ନାଥ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

# 'ଇତିହାସ ପୃଷ୍ଠାରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ୮।୯ (ବ୍ୟୁରୋ)**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଶନିବାର 'ଓଡ଼ିଶାରେ ତନ୍ତ୍ର ପରମ୍ପରା ଓ ଶ୍ରୀଜଗନ୍ନାଥ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଅଭିଲେଖାଗାରଠାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅନୁଷ୍ଠାନ ସଭାପତି ପ୍ରଫେସର ନିତ୍ୟାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳାକାନ୍ତ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାରଙ୍ଗଧର ରାୟଗୁରୁ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଦ୍ୱାରା ସମ୍ପାଦିତ 'ଇତିହାସ ପୃଷ୍ଠାରେ ଶ୍ରୀଜଗନ୍ନାଥ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାସହ ସାରଙ୍ଗଧର ରାୟଗୁରୁଙ୍କ ଦ୍ୱାରା ରଚିତ ଇଂଲିଶ୍ ପୁସ୍ତକ 'ଦି ସାକ୍ରେଡ୍ ହେରିଟେଜ୍ ଅଫ୍ ଲର୍ଡ ଜଗନ୍ନାଥ', ଓଡ଼ିଆ ପୁସ୍ତକ 'ରତ୍ନ ସିଂହାସନରେ ଶ୍ରୀଦେବୀ' ଓ ପ୍ରଫେସର ଡ. ଧ୍ରୁବଚରଣ ନାୟକଙ୍କ ଦ୍ୱାରା ରଚିତ ପୁସ୍ତକ 'ପ୍ରତୀତୀ ଲଲାଟେ ପ୍ରତୀତିଙ୍କା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଭା ପରେ ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର 'ଶ୍ରୀଜଗନ୍ନାଥ ଚେତନାର ବିକାଶରେ ତନ୍ତ୍ରର ଭୂମିକା', ଡ. ଧ୍ରୁବଚରଣ ନାୟକ 'ଶ୍ରୀଜଗନ୍ନାଥ ଓ ତନ୍ତ୍ର ପରମ୍ପରା: ଏକ ଅନୁଶୀଳନ', ଡ. ଶରତ ଚନ୍ଦ୍ର ପରିଡ଼ା 'ତନ୍ତ୍ରାୟିତ ଶ୍ରୀଜଗନ୍ନାଥ ଚେତନାରେ ସ୍ତମ୍ଭ ଉପାସନା', ପଣ୍ଡିତ ପଦ୍ମନାଭ ମହାପାତ୍ର 'ତନ୍ତ୍ରପୀଠ ଶ୍ରୀକ୍ଷେତ୍ର-କୁଣ୍ଡଳିନୀର ଉତ୍ତରଣ ଓ ପଞ୍ଚ 'ମ'କାର ସାଧନ', ସୂର୍ଯ୍ୟମଣି ଖୁଣ୍ଟିଆ 'ତାନ୍ତ୍ରିକ ପରମ୍ପରାରେ ଯୋଗମାୟା ସୁଭଦ୍ରା' ଏବଂ ଡ. ଦୁର୍ଗାମାଧବ ପୃଷ୍ଟି 'ଶ୍ରୀମଦ୍ ଭାଗବତରେ ତନ୍ତ୍ରର ପ୍ରଭାବ' ଉପରେ ଆଲୋକପାତ କରିଥିଲେ। ମୋଟ ୧୦ଟି ନିବନ୍ଧ ଉପସ୍ଥାପନ କରାଯାଇଥିଲା। ଏଠାରେ ପଠିତ ତଥା ଆଲୋଚିତ ସମସ୍ତ ନିବନ୍ଧକୁ ନେଇ ପରିଷଦ ପକ୍ଷରୁ ଏକ ପୁସ୍ତକ ପ୍ରକାଶ କରାଯିବ ଏବଂ ଉକ୍ତ ପୁସ୍ତକ ପରବର୍ତ୍ତୀ କାର୍ଯ୍ୟକ୍ରମରେ ଉନ୍ମୋଚନ ହେବ। ଦୁଇଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ, ଚେନ୍ନାଇ ଓ କୋଲ୍‌କାତାରୁ ବହୁ ଗବେଷକ ଯୋଗଦେଇଛନ୍ତି।

# ଉତ୍ତର ଚିଲିକା ମତ୍ସ୍ୟଜୀବୀ ମହାସଂଘର ବୈଠକ

**କଣାସ, ୮।୯ (ସ୍ୱ.ପ୍ର.)**

କଣାସ ବ୍ଲକ୍ ଅନ୍ତର୍ଗତ କଉଡିଖିଣି ଗ୍ରାମରେ ଶୁକ୍ରବାର ପଦ୍ମଲୋଚନ ବେହେରାଙ୍କ ସଭାପତିତ୍ୱରେ ଉତ୍ତର ଚିଲିକା ମତ୍ସ୍ୟଜୀବୀ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପାଇଁ ମତ୍ସ୍ୟଜୀବୀମାନେ ଦାବି କରିବା ସହ ଅଣ ମତ୍ସ୍ୟଜୀବୀମାନେ ଜୋର ଜବରଦସ୍ତ ଚିଙ୍ଗୁଡି ଘେରି କରିଥିବା କହିଛନ୍ତି। ଫଳରେ କେତେକ ମତ୍ସ୍ୟଜୀବୀ ନିଜ ବେଉସା ହରାଉଥିବା ବେଳେ ଅନ୍ୟ କେତେଜଣ ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ ଯାଇ ନିର୍ଯାତନା ହେଉଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ଘେରିମୁକ୍ତ କରିବା ଓ ଚିଲିକାରେ ସିପ୍ଲେନ ନ ଉଡ଼ାଇବା ପାଇଁ ମତ୍ସ୍ୟଜୀବୀମାନେ ବୈଠକରେ ଦାବି କରିଥିଲେ। ଏହି ବୈଠକରେ ବାବୁଲା ବେହେରା, ଭାଗୀରଥି ବେହେରା, ଭବାନୀ ବେହେରା, ହରମୋହନ ବେହେରା, ଅନାମ ବେହେରା, ଲକ୍ଷ୍ମଣ ବେହେରା ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତିମାନେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏଥିରେ ୨୯ଟି ମୌଜାର ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ।

# ସାଇ ସଂଗଠନର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର

**କୋଣାର୍କ, ୮।୯ (ଡି.ଏନ୍.ଏ.)**

କୋଣାର୍କସ୍ଥିତ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସତ୍ୟସାଇ ସଂଗଠନର ସଂଯୋଜକ ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଁକାର ଓ ବେଦଧ୍ୱନି ଉଚ୍ଚାରଣ ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସେବାସଂଗଠନ ପ୍ରଶାନ୍ତି ନିଳୟମର ମୁଖ୍ୟ ସୁରେଶ ଭଞ୍ଜନାଗର ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ନିମାପଡ଼ା, ଅସ୍ତରଙ୍ଗ, କାକଟପୁର, ଗୋପ, ଚନ୍ଦନପୁର ପ୍ରଭୃତି ସ୍ଥାନରୁ ସଂଗଠନର ସଦସ୍ୟମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନାତନ ସାରଥିର ସମ୍ପାଦକ ଡ.ସୁଧାଂଶୁ ନାୟକ, ସୁବ୍ରତ ବିଶୋଇ, ପ୍ରଶିକ୍ଷକ ଅବକାଶ ମଲ୍ଲିକ, ସରୋଜ ବାରିକ, ଜିଲା ସଂଯୋଜକ ଶକ୍ତି ମିଶ୍ର ଏବଂ କୋଣାର୍କ ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ରାମକୃଷ୍ଣ ମହାନ୍ତି, ବାମଦେବ ଆଲୁକ, କୈଳାସ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।



ସାଇ ସଂଗଠନର କର୍ମକର୍ତ୍ତାମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଦିଆଯାଉଛି।

■ ବେଦପୁର ମୌଜା ଜମିଜମା ସମସ୍ୟା

# ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭେଟିବ କମିଟି

**ଗୋପ, ୮।୯ (ଡି.ଏନ୍.ଏ.)**

ଗୋପ ତହସିଲ ଅଧୀନ ବେଦପୁର ମୌଜାର ୧୫୦ଏକରରୁ ଊର୍ଦ୍ଧ୍ୱ ଜମି ଦୀର୍ଘ ଦିନ ଧରି ବେବନ୍ଦୋବସ୍ତ ହୋଇ ପଡ଼ି ରହିଛି। ଏନେଇ ବହୁବାର ପ୍ରତିବାଦ କରାଯାଇଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଛି। ଏହି କ୍ରମରେ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ପକ୍ଷରୁ ବେଦପୁର ପଞ୍ଚାୟତ ସ୍ଥିତ ମା' ଖଡଗେଶ୍ୱରୀଙ୍କ ପୀଠରେ ଶନିବାର ଏକ ଜରୁରୀ ବୈଠକ ଆବାହକ ରାଧାଶ୍ୟାମ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ସହ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କମିଟି ଭେଟିବାକୁ ନିଷ୍ପତ୍ତି ହୋଇଛି।

ପ୍ରକାଶ ଯେ, ଗୋପ ତହସିଲ ଅଧୀନ ବେଦପୁର ରାଜସ୍ୱ ମୌଜାର ଅଧିବାସୀଙ୍କ ପାଖରେ ସ୍ଥାୟୀ ଜମିପଟ୍ଟା ନ ଥିବା ଯୋଗୁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଦୀର୍ଘ ୬ବର୍ଷ ଧରି ବରିଷ୍ଠ ନାଗରିକ, ଜନ କଲ୍ୟାଣ ମଞ୍ଚର କର୍ମକର୍ତ୍ତାମାନେ ବାରମ୍ବାର ସ୍ଥାୟୀ ପଟ୍ଟା ପାଇଁ ଦାବି କରି ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ପଟ୍ଟା ମିଳିପାରିନାହିଁ। ଏ ନେଇ ବୋର୍ଡ଼ ଓ ରେଭିନ୍ୟୁ ପତ୍ର ସଂଖ୍ୟା ନଂ ୩୮୦୪୦ ୫ଡିସେମ୍ବର ୨୦୧୬ରେ ବେଦପୁର ମୌଜାର ମ୍ୟୁଟେସନ ଧାରାରେ କାର୍ଯ୍ୟ କରି ଭୂମି ମାଲିକମାନଙ୍କୁ ପଟ୍ଟା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସ୍ଥାୟୀ ପଟ୍ଟା ନ ମିଳିବା ଫଳରେ ଏହି ମୌଜାରେ ବସବାସ କରୁଥିବା ହଜାର ହଜାର ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସରକାରୀ ଯୋଜନାରେ ବିଜୁ ପକ୍କାଘର ଆବାସ ଯୋଜନା, ମୋ କୁଡ଼ିଆ, ଜମି ବିକ୍ରି ଖର୍ଦ୍ଦ, ଭାଇ ଭାଗ ବଣ୍ଟନ ପତ୍ର ଓ ଛାତ୍ରୀଛାତ୍ର ପଢ଼ା ନିମନ୍ତେ ଆବଶ୍ୟକ ହେଉଥିବା ବିଭିନ୍ନ ଜାତିଗତ ପ୍ରମାଣ ପତ୍ର ମିଳିବାରେ ସମସ୍ୟା ଦେଖାଦେଇଛି। ଏହି ବୈଠକରେ ଭଗବାନ ପାତ୍ର, ରବିନାରାୟଣ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ମିଶ୍ର, ଜଟାଧାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।